# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୦/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, May 20/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**୨୦୨୩ ଡିସେମ୍ବରରେ ଅଯୋଧ୍ୟା ମନ୍ଦିରରେ ସ୍ଥାପନ ହେବ ରାମ ଲାଲାଙ୍କ ମୂର୍ତ୍ତି**

ଅଯୋଧ୍ୟାରେ ଭବ୍ୟ ରାମମନ୍ଦିରର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଗେଇ ଚାଲିଛି। ୨୦୨୩ ଡିସେମ୍ବରରେ ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସେହି ମାସରେ ମନ୍ଦିରରେ ରାମ ଲାଲାଙ୍କ ମୂର୍ତ୍ତି ସ୍ଥାପନ ହେବା ଯୋଜନା ରହିଛି ବୋଲି ଶ୍ରୀରାମ ମନ୍ଦିର ନିର୍ମାଣ କମିଟିର ଅଧକ୍ଷ ନୃପେନ୍ଦ୍ର ମିଶ୍ର କହିଛନ୍ତି। ଗର୍ଭଗୃହ ସମେତ ୩ ମହଲା ବିଶିଷ୍ଟ ମନ୍ଦିର ଓ ୫ ମଣ୍ଡପ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବତନ ପ୍ରମୁଖ ସଚିବ ନୃପେନ୍ଦ୍ର କହିଛନ୍ତି। ଗ୍ରାନାଇଟ ପଥରେ ପ୍ଲିନ୍ଥ ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ଫେବୃୟାରୀରେ ଆରମ୍ଭ ହୋଇଥିଲା।



## ସଂକ୍ଷେପରେ

### ଜିଏସ୍‌ଟି କାଉନସିଲ୍‌ର ସବୁ ସୁପାରିସ ମାନିବାକୁ ରାଜ୍ୟ ବାଧ ନୁହେଁ

**ନୂଆଦିଲ୍ଲୀ,୧୯।୫:** ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ବ୍ୟାପାରରେ ଆଇନ ପ୍ରଣୟନ କରିବା କ୍ଷମତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ରହିଛି। ଜିଏସ୍‌ଟି କାଉନସିଲର ସମସ୍ତ ସୁପାରିସକୁ ରାଜ୍ୟଗୁଡ଼ିକ ଗ୍ରହଣ କରିବାକୁ ବାଧ ନୁହନ୍ତି। ତେବେ ଏହାର କେବଳ ପ୍ରେରଣାଦାୟକ ମୂଲ୍ୟ ରହିବ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ, ଏହା ଟିକସ ସମ୍ପର୍କିତ ବ୍ୟାପାର ହୋଇଥିବାରୁ ଆଇନ ପ୍ରଣୟନ କରିବା କ୍ଷମତା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ରହିଛି। ଏକ ବ୍ୟବହାରିକ ସମାଧାନରେ ପହଞ୍ଚିବା ଲାଗି ସୌହାର୍ଦ୍ଦ୍ୟପୂର୍ବକ କାର୍ଯ୍ୟ କରିବା ଲାଗି ଜିଏସ୍‌ଟି କାଉନସିଲ୍‌ର ଆବଶ୍ୟକତା ରହିଛି। ଗୁଜରାଟ ହାଇକୋର୍ଟଙ୍କ ରାୟ ବିରୋଧରେ ହୋଇଥିବା ପିଟିଶନର ବିଚାର ବେଳେ ଖଣ୍ଡପୀଠ ଭାରତୀୟ ସଂଘୀୟବାଦ ଉପରେ ଗୁରୁତ୍ୱ ଦେଇଥିଲେ। ଆମଦାନିକାରୀଙ୍କ ସାମଗ୍ରୀ ଉପରେ ସମନ୍ୱିତ ଦ୍ରବ୍ୟ ଓ ସେବା କର (ଆଇଜିଏସ୍‌ଟି) ଲଗାଇବା ପାଇଁ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତିକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ସର୍ବୋଚ୍ଚ ଅଦାଲତ ଉକ୍ତ ରାୟକୁ କାଏମ ରଖିଛନ୍ତି।

### ଯୌନକର୍ମୀଙ୍କୁ ଆଧାର କାର୍ଡ ଇସ୍ୟୁ ଲାଗି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୯।୫ (ପି.ଟି.):** ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଦେଇଥିବା ପ୍ରୋଫର୍ମା ସାର୍ଟିଫିକେଟ ଆଧାରରେ ଯୌନକର୍ମୀମାନଙ୍କୁ ଆଧାର କାର୍ଡ ଇସ୍ୟୁ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକଙ୍କୁ ମର୍ଯ୍ୟାଦାର ସହ ବ୍ୟବହାର ମିଳିବା ମୌଳିକ ଅଧିକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଯୌନକର୍ମୀଙ୍କ ଗୋପନୀୟତା ଉଲ୍ଲଂଘନ ନ ହେବା ଏବଂ ସେମାନଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ କରା ନ ଯିବା ଉଚିତ ବୋଲି ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କ ଅଧକ୍ଷତାରେ ଜଷ୍ଟିସ ବି.ଆର୍. ଗଭାଇ ଏବଂ ଏ.ଏସ୍. ବୋପନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ୟୁଆଇଡିଏଆଇ ଜାରି କରିଥିବା ଏବଂ ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ (ଏନ୍‌ଏସିଓ)ରେ ଗେଜେଟେଡ ଅଫିସର କିମ୍ବା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସୋସାଇଟର ପ୍ରୋଜେକ୍ଟ ଡାଇରେକ୍ଟର ଦାଖଲ କରିଥିବା ପ୍ରୋଫର୍ମା ସାର୍ଟିଫିକେଟ ଆଧାରରେ ଯୌନକର୍ମୀଙ୍କୁ ଆଧାର କାର୍ଡ ଦେବାକୁ ଖଣ୍ଡପୀଠ କହିଛନ୍ତି।

### ସୁପରମ୍ୟାନ୍ ଷ୍ଟଣ୍ଟ କରି ବାଳକ ମୃତ

**ନୋଏଡା, ୧୯।୫:** ସୁପରମ୍ୟାନ୍ ଭଳି ଉଡ଼ିବାକୁ ଉଦ୍ୟମବେଳେ ନୋଏଡାର ଜଣେ ୧୨ ବର୍ଷୀୟ ବାଳକଙ୍କ ମୃତ୍ୟୁ କରିଛି। କମିକ୍ ବୁକ୍ ଚରିତ୍ର ଭଳି ସୁପରମ୍ୟାନ୍ ଷ୍ଟଣ୍ଟର ଭିଡିଓ କରି ସୁର୍‌ଜିତ୍ ତାହାକୁ ସୋସିଆଲ ମିଡିଆରେ ଛାଡ଼ିବା ପାଇଁ ମଙ୍ଗଳବାର ଘରେ ମୋବାଇଲରେ ଶୁଟିଂ କରୁଥିଲେ। ପାଖରେ ତାଙ୍କର ୪ ଭଉଣୀ ମଧ ଥିଲେ। ସେମାନଙ୍କ ବୟସ ୫ରୁ ୧୧ ବର୍ଷ ହେବ। ୧୧ ବର୍ଷୀୟା ଭଉଣୀ ସୁର୍‌ଜିତ୍‌ଙ୍କ ଭିଡିଓ ରେକର୍ଡ କରୁଥିଲେ। ସୁରଜିତ୍ ବେକରେ କପଡ଼ା ବାନ୍ଧି ୨ ଫୁଟ ଉଚ୍ଚର ଏକ କାଠ ବାକ୍ସ ଉପରେ ଛିଡ଼ା ହୋଇଥିଲେ। ସେଠାରୁ ସେ ଡେଇଁବା ସମୟରେ କପଡ଼ାଟି ବାକ୍ସର ଅନ୍ୟ ମୁଣ୍ଡରେ ଲାଖି ଭିଡ଼ି ହୋଇଯାଇଥିଲା। ସୁରଜିତ୍‌ଙ୍କ ବେକରୁ କପଡ଼ା ଖୋଲିବାକୁ ସେମାନେ ସକ୍ଷମ ନ ହୋଇ ପାଟି କରିବାରେ ଲାଗିଥିଲେ। ପାଟିଶୁଣି ତାଙ୍କ ମା' ଘରକୁ ଆସି ସୁରଜିତ୍‌ଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ଶ୍ୱାସନଳୀ ଗମ୍ଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କରିଛନ୍ତି।

### ଦିଲ୍ଲୀ ସରକାରଙ୍କ ଘରେ ରାଶନ ପହଞ୍ଚାଇବା ଯୋଜନା ଖାରଜ

**ନୂଆଦିଲ୍ଲୀ,୧୯।୫:** ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କ 'ମୁଖ୍ୟମନ୍ତ୍ରୀ ଘର ଘର ରାଶନ ଯୋଜନା'କୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସରକାର ଚାହିଁଲେ ଅନ୍ୟ ଏକ ଡୋରଷ୍ଟେପ୍ ଡେଲିଭରି ଯୋଜନା କାର୍ଯ୍ୟକାରୀ କରିପାରିବେ। କିନ୍ତୁ କେନ୍ଦ୍ର ସରକାର ଯୋଗାଉଥିବା ଖାଦ୍ୟଶସ୍ୟକୁ ଡୋରଷ୍ଟପ୍ ଡେଲିଭରି ଯୋଜନାରେ ବ୍ୟବହାର କରିପାରିବେ ନାହିଁ ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିପିନ ସାଙ୍ଘି ଏବଂ ଜସ୍ମିତ୍ ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଫଳରେ ଅରବିନ୍ଦ କେଜ୍‌ରିୱାଲ ସରକାରଙ୍କୁ ଝଟ୍‌କା ଲାଗିଛି। ଦିଲ୍ଲୀ ସରକାରୀ ରାଶନ ଡିଲର ସଂଘ ଏବଂ ଦିଲ୍ଲୀ ରାଶନ ଡିଲର ୟୁନିୟନ ମୁଖ୍ୟମନ୍ତ୍ରୀ ଘର ଘର ରାଶନ ଯୋଜନାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।




## ପୁଟିନ୍ ଝିଅଙ୍କ ପ୍ରେମିକ ଜେଲେନ୍‌ସ୍କି

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସାନ ଝିଅ କ୍ୟାଟେରିନା ଟିଖୋନୋଭାଙ୍କ ନୂଆ ପ୍ରେମିକଙ୍କ ନାଁ ଏବେ ଚର୍ଚ୍ଚାରେ। ଏହି ରୁଷୀୟ ବାଲେଟ୍ ଡ୍ୟାନ୍ସର ତଥା ନିର୍ଦ୍ଦେଶକଙ୍କ ନାମ ଆଇଗୋର୍ ଜେଲେନ୍‌ସ୍କି। ରୁଷିଆ ଆକ୍ରମଣ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ନାଁ ଭୋଲୋଡିମିର ଜେଲେନ୍‌ସ୍କି। ଆଇଗୋରଙ୍କ ସହ କ୍ୟାଟେରିନାଙ୍କ ଏକ ଝିଅ ରହିଛି। ଆଇଗୋର ଓ ତାଙ୍କ ଝିଅ ଏବେ ଜର୍ମାନୀର ମ୍ୟୁନିକ୍‌ରେ ଅଛନ୍ତି। ୟୁକ୍ରେନ୍ ଆକ୍ରମଣ ଯୋଗୁ ୟୁରୋପୀୟ ଦେଶଗୁଡ଼ିକ ମସ୍କୋ ଉପରେ କଟକଣା ଲଗାଇଥିବାରୁ କ୍ୟାଟେରିନା ସେଠାକୁ ଯାଇପାରୁନାହାନ୍ତି। ପୂର୍ବରୁ କ୍ୟାଟେରିନା ରୁଷିଆର ସର୍ବକନିଷ୍ଠ ବିଲିୟନେୟାର କିରିଲ୍ ଶାମାଲୋଭ(୪୦)ଙ୍କୁ ବିବାହ କରିଥିଲେ। ୨୦୧୭ରେ ଉଭୟେ ଅଲଗା ହୋଇଥିଲେ। କ୍ୟାଟେରିନାଙ୍କ ପୂର୍ବରୁ ଆଇଗୋର କୋରିଓଗ୍ରାଫର ୟାନା ସେରେବ୍ର୍ୟାକୋଭାଙ୍କୁ ବିବାହ କରିଥିବାବେଳେ ତାଙ୍କର ୨ ଝିଅ ଅଛନ୍ତି।



## ଟ୍ରମ୍ପ୍‌ଙ୍କ ଆଡ଼କୁ ଢଳିଲେ ମସ୍କ

ଟୁଇଟର ଡିଲ୍‌କୁ ନେଇ ଚର୍ଚ୍ଚାରେ ଥିବା ଏଲନ୍ ମସ୍କ ଏବେ ଆମେରିକାର ଶାସକ ଦଳ ଡେମୋକ୍ରାଟିକ୍‌ପାର୍ଟିକୁ ସମାଲୋଚନା କରିଛନ୍ତି। ଏଣିକି ସେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦଳ ରିପବ୍ଲିକାନ୍‌କୁ ଭୋଟ ଦେବେ ବୋଲି ଟୁଇଟ୍ କରିଛନ୍ତି। ମସ୍କ କହିଛନ୍ତି, ପୂର୍ବରୁ ସେ ଡେମୋକ୍ରାଟିକ୍ ଦଳକୁ ଭୋଟ ଦେଇଥିଲେ। କାରଣ ଏହା ଏକ ଦୟାଳୁ ପାର୍ଟି ଥିଲା। କିନ୍ତୁ ଏବେ ତାହା ବିଭାଜନ ଓ ଘୃଣା ଦଳ ପାଲଟିଛି। ତେଣୁ ଆଉ ସେ ଡେମୋକ୍ରାଟକୁ ସମର୍ଥନ କରିପାରିବେ ନାହିଁ। ଆଗକୁ ସେମାନେ କିପରି ତାଙ୍କ ବିରୋଧରେ ପ୍ରଚାର କରୁଛନ୍ତି ତାହା ଦେଖ ବୋଲି ମସ୍କ ଲେଖିଛନ୍ତି। ଧନିକଙ୍କଠାରୁ ଅଧିକ ଟିକସ ଆଦାୟ ପ୍ରସ୍ତାବକୁ କେନ୍ଦ୍ର କରି ସେ ଜୋ ବାଇଡେନ୍‌ଙ୍କ ପ୍ରଶାସନକୁ ସମାଲୋଚନା କରିଆସୁଛନ୍ତି। ରାଜନୀତିକୁ ନେଇ ମସ୍କଙ୍କ ଏହି ଟୁଇଟ ପରେ ଟେସ୍‌ଲା ଶେୟାର ଚଳିତ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏଥିଯୋଗୁ ମସ୍କଙ୍କ ୧୨ ବିଲିୟନ ଡଲାର କ୍ଷତି ହୋଇଛି।




# ଉତ୍କଟ ହେବ ଖାଦ୍ୟ ସଙ୍କଟ

### ❖ ୩୦ ବିଲିୟନ୍ ଡଲାର ଆର୍ଥିକ ସହାୟତା ଘୋଷଣା କଲା ବିଶ୍ୱବ୍ୟାଙ୍କ

**ନୂଆଦିଲ୍ଲୀ/ନ୍ୟୁୟର୍କ,୧୯।୫**

ଖାଦ୍ୟ ହେଉଛି ମଣିଷର ସର୍ବପ୍ରଥମ ମୌଳିକ ଆବଶ୍ୟକତା, ଯାହାକୁ ପ୍ରାୟତଃ ପ୍ରତ୍ୟେକ ରାଷ୍ଟ୍ରର ସମ୍ବିଧାନ ସୁନିଶ୍ଚିତ କରିଥାଏ। ଅର୍ଥାତ୍ ଦେଶବାସୀଙ୍କ ମୁହଁରେ ଦିଓଳି ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ସରକାରମାନଙ୍କ ସର୍ବୋଚ୍ଚ ପ୍ରାଥମିକତା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ଅନେକ ଦେଶରେ ଖାଦ୍ୟ ସଙ୍କଟ ଦେଖା ଦେଇ ଗୃହଯୁଦ୍ଧର କାରଣ ସାଜିଛି। ବିଶ୍ୱର 'ବ୍ରେଡ୍ ବାସ୍କେଟ' ନାମରେ ପରିଚିତ ୟୁକ୍ରେନ୍ ମାସକୁ ୪.୫ ନିୟୁତ ଟନ୍ କୃଷିଜାତ ସାମଗ୍ରୀ ରପ୍ତାନି କରୁଥିବାବେଳେ ଫେବୃୟାରୀ ୨୪ରେ ରୁଷିଆର ଆକ୍ରମଣ ପରଠାରୁ ଏହା ବନ୍ଦ ହୋଇଯାଇଛି। ୟୁକ୍ରେନୀୟ ବନ୍ଦରଗୁଡ଼ିକରେ ପୂର୍ବରୁ ଅମଳ ହୋଇଥିବା ପ୍ରାୟ ୨୦ ନିୟୁତ ଟନ୍ ଖାଦ୍ୟଶସ୍ୟ ପଡ଼ିରହିଛି। ଯୋଗାଣ ଶୃଙ୍ଖଳ ଧିମେଇ ଯାଇଥିବାରୁ ବିଶ୍ୱ ବଜାର ଉପରେ ଚାପ ବଢ଼ିବାରେ ଲାଗିଛି। ଜାତିସଂଘ ରିପୋର୍ଟ ଅନୁସାରେ ବିଶ୍ୱରେ ଖାଦ୍ୟ ସାମଗ୍ରୀର ଦରଦାମ ଗତବର୍ଷ ତୁଳନାରେ ୩୦% ବୃଦ୍ଧି ପାଇଛି। ଜଳବାୟୁ ପରିବର୍ତ୍ତନ ଓ ମହାମାରୀର ପ୍ରଭାବ କୋଟି କୋଟି ଲୋକଙ୍କୁ କ୍ଷୁଧା, ଖାଦ୍ୟ ଅସୁରକ୍ଷା, କୁପୋଷଣ ଓ ଅନଟନ ଭିତରକୁ ଠେଲିଦେଇଛି। ଆଗକୁ ଏହି ସଙ୍କଟ ଆହୁରି ଉତ୍କଟ ହେବ ବୋଲି ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ସଂସ୍ଥା ସତର୍କ କରାଇଛନ୍ତି।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ମତରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଆଗକୁ ଅନେକ ବର୍ଷ ଧରି ବୈଶ୍ୱିକ ଖାଦ୍ୟ ସଙ୍କଟ ଦେଖାଦେଇପାରେ। ପୂର୍ବରୁ ୟୁକ୍ରେନୀୟ ବନ୍ଦରଗୁଡ଼ିକରୁ ବିଭିନ୍ନ ରାଷ୍ଟ୍ରକୁ ପର୍ଯ୍ୟାପ୍ତ ଖାଇବା ତେଲ ସମେତ ଗହମ, ବାଜରା ଭଳି ଖାଦ୍ୟଶସ୍ୟ ରପ୍ତାନି କରାଯାଉଥିଲା। କିନ୍ତୁ ଏହି ସଂଘର୍ଷ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ଆଗରେ ମସ୍ତବଡ଼ ପ୍ରତିବନ୍ଧକ ସାଜିଛି। ଏଥିଲାଗି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ଆକାଶଛୁଆଁ ହୋଇଥିବାବେଳେ ଦରିଦ୍ର ଦେଶଗୁଡ଼ିକରେ ଖାଦ୍ୟ ନିରାପତ୍ତାର ସ୍ଥିତି ଦୟନୀୟ ହୋଇଯାଇଛି। ୟୁକ୍ରେନ୍‌ର ଖାଦ୍ୟ ଯୋଗାଣକୁ ପ୍ରାକ୍-ଯୁଦ୍ଧ ସ୍ଥିତିର ସ୍ତରକୁ ଉନ୍ନିତ କରା ନ ଗଲେ କେତେକ ଦେଶ ଦୀର୍ଘକାଳୀନ ଅନଟନକୁ ସାମ୍ନା କରିପାରନ୍ତି ବୋଲି ଗୁଟେରସ୍ ଚେତାଇଦେଇଛନ୍ତି।

ବିଶ୍ୱ ଖାଦ୍ୟ ସଙ୍କଟର ମୁକାବିଲା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ବୁଧବାର କେତେକ ତ୍ୱରିତ ପଦକ୍ଷେପ ଘୋଷଣା କରାଯାଇଛି। କୃଷି, ପୋଷଣ, ସାମାଜିକ ସୁରକ୍ଷା, ଜଳ ଓ ଜଳସେଚନ କ୍ଷେତ୍ରରେ ଉନ୍ନତି ଆଣି ଏହାର ସମାଧାନ କରିବା ନିମନ୍ତେ ବିଭିନ୍ନ ପ୍ରକଳ୍ପ ପାଇଁ ବିଶ୍ୱବ୍ୟାଙ୍କ ୩୦ ବିଲିୟନ୍ ଡଲାର ଆର୍ଥିକ ସହାୟତା ଯୋଗାଇଦେବ। ଏହି ପାଣ୍ଠିରେ ଖାଦ୍ୟ ଓ ସାର ଉତ୍ପାଦନ, ଖାଦ୍ୟ ବ୍ୟବସ୍ଥାକୁ ମଜଭୁତ କରିବା, ବାଣିଜ୍ୟ ଓ ପରିବହନକୁ ପ୍ରୋତ୍ସାହନ ଏବଂ ଉତ୍ପାଦକମାନଙ୍କୁ ସୁବିଧା ପ୍ରଦାନ କରାଯିବ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ଦୂର କରି ଖାଦ୍ୟ ବଜାରରେ ସ୍ଥିରତା ଆଣିବା ପାଇଁ ରାଷ୍ଟ୍ରଗୁଡ଼ିକୁ ଜରୁରୀ ପଦକ୍ଷେପ ନେବାକୁ ପଡ଼ିବ ବୋଲି ବିଶ୍ୱବ୍ୟାଙ୍କ ଅଧକ୍ଷ ଡେଭିଡ୍ ମାଲପାସ୍ କହିଛନ୍ତି।



**ଗତବର୍ଷ ଅଗଷ୍ଟରେ ଆତଙ୍କବାଦୀ ସଙ୍ଗଠନ ତାଲିବାନ୍ କାବୁଲ ଦଖଲ କରିବା ପରଠାରୁ ଆଫଗାନିସ୍ତାନରେ ଖାଦ୍ୟ ସଙ୍କଟ ବଢ଼ିବାରେ ଲାଗିଛି। ପଡ଼ୋଶୀ ଶ୍ରୀଲଙ୍କାରେ ଖାଦ୍ୟ ସଙ୍କଟ ଗୃହଯୁଦ୍ଧର କାରଣ ସାଜିଛି। ଏଥିପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଜନାକ୍ରୋଶର ଶିକାର ହେବାକୁ ପଡ଼ିଛି। ପାକିସ୍ତାନ ଓ ନେପାଳରେ ମଧ ଅନୁରୂପ ସ୍ଥିତି ଦେଖିବାକୁ ମିଳିଲାଣି। ଭାରତର ଆର୍ଥିକ ସ୍ଥିତି ଅପେକ୍ଷାକୃତ ଭଲ ଥିଲେ ମଧ ଦେଶର ୨୦୦ ନିୟୁତ ଲୋକ ଖାଦ୍ୟ ଅସୁରକ୍ଷା ଦେଇ ଗତି କରୁଛନ୍ତି। ଉତ୍କଟ ଖାଦ୍ୟ ସଙ୍କଟ ଲାଗିରହିଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ହେଲା ଆଙ୍ଗୋଲା, ବୁର୍କିନା ଫାସୋ, ଚାଦ୍, କଙ୍ଗୋ ସାଧାରଣତନ୍ତ୍ର, ଇଥିଓପିଆ ହାଇତି, ହଣ୍ଡୁରାସ୍, କେନିଆ, ଲେବାନନ୍, ମାଡାଗାସ୍କାର, ମାଲି, ମୋଜାମ୍ବିକ୍, ନାଇଜର, ନାଇଜେରିଆ, ସୋମାଲିଆ, ଦକ୍ଷିଣ ସୁଦାନ, ସୁଦାନ୍, ସିରିଆ ଓ ୟେମେନ୍।**



ଇଥିଓପିଆର ଜଣେ ମହିଳା କୁପୋଷଣର ଶିକାର ହୋଇଥିବା ନିଜ ଝିଅକୁ ଚିକିତ୍ସା ପାଇଁ ୟାବେଲୋ ଜେନେରାଲ ହସ୍ପିଟାଲକୁ ନେଇଛନ୍ତି।

## ଆହାର ଯୋଗାଇବ କହି ପଛଘୁଞ୍ଚା ଦେଇଛି ଭାରତ

ମାସକ ପୂର୍ବରୁ ରୁଷିଆର ୟୁକ୍ରେନ୍ ଆକ୍ରମଣଜନିତ ଖାଦ୍ୟ ସଙ୍କଟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚିନ୍ତା ବ୍ୟକ୍ତ କରିଥିଲେ। ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ଅନୁମତି ଦେଲେ ବିଶ୍ୱକୁ ଭାରତ ଖାଦ୍ୟ ଯୋଗାଇବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଏପ୍ରିଲ ୧୧ରେ ଆଲୋଚନା ବେଳେ କହିଥିବା ଏହାର ପରଦିନ ଗୁଜରାଟର ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଥିଲେ। ମୋଦି କହିଥିଲେ, ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱର ବିଭିନ୍ନ ଭାଗରେ ମହଜୁଦ ଥିବା ଖାଦ୍ୟ କମିବାରେ ଲାଗିଛି। କୋଭିଡ୍-୧୯ ସଂକ୍ରମଣ ପରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଭାରତ ନିଜ ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟ ଯୋଗାଉଥିବା ଦେଖି ବିଶ୍ୱ ବିସ୍ମିତ ହୋଇଯାଇଛି। କୋଟି କୋଟି ଲୋକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବା ବଡ଼ କଥା। ଏଭଳି ସମୟରେ ଚାହୁଁଥିବା ସାମଗ୍ରୀ ପାଉ ନ ଥିବାରୁ ସାରା ବିଶ୍ୱ ଅନିଶ୍ଚିତତା ଦେଇ ଗତି କରୁଛି। ବିଶ୍ୱର ଖାଦ୍ୟ ଷ୍ଟକ୍ ଖାଲି ହେବାରେ ଲାଗିଛି। କିନ୍ତୁ ଆମ ଚାଷୀମାନେ ସାରା ବିଶ୍ୱ ମୁହଁରେ ଆହାର ଦେବା ଲାଗି ବ୍ୟବସ୍ଥା କରିଛନ୍ତି। ଯଦି ଡବ୍ଲ୍ୟୁଟିଓ ଅନୁମତି ଦିଏ ତେବେ ଭାରତ ଆସନ୍ତାକାଲିଠୁ ବିଶ୍ୱକୁ ଖାଦ୍ୟ ଯୋଗାଇବାକୁ ପ୍ରସ୍ତୁତ ଥିବା ମୋଦି କହିଥିଲେ। ମୋଦିଙ୍କ ଏହି ଘୋଷଣାର ମାସେ ପରେ ଗହମ ରପ୍ତାନି ଉପରେ ରୋକ ଲଗାଇ ଭାରତ ନିଜ ପ୍ରତିଶ୍ରୁତିରୁ ଓହରିଯାଇଥିବା ମନେହେଉଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଚାଇନା ପରେ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ଗହମ ଅମଳକାରୀ ରାଷ୍ଟ୍ର। କିନ୍ତୁ ଗତ ବର୍ଷକ ମଧରେ ସାରା ବିଶ୍ୱରେ ଖାଦ୍ୟ ସାମଗ୍ରୀଗୁଡ଼ିକର ଦରଦାମ ଅହେତୁକ ଭାବେ ବଢ଼ିଥିବାବେଳେ ଭାରତ ବିଦେଶକୁ ୭ ନିୟୁତ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ରପ୍ତାନି କରିଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ ୨୫୦% ଅଧିକ। ଆସନ୍ତା ବର୍ଷ ମଧ ରେକର୍ଡ ପରିମାଣର ଗହମ ରପ୍ତାନି କରାଯିବ ବୋଲି ନୂଆଦିଲ୍ଲୀ ଧାର୍ଯ୍ୟ କରିଥିଲା। ତେବେ ଗହମ ରପ୍ତାନି ଉପରେ ହଠାତ୍ କଟକଣା ଲଗାଯାଇଥିବାରୁ ଅନ୍ତର୍ଜାତୀୟ ବଜାରରେ ନୈରାଶ୍ୟ ପ୍ରକାଶ ପାଇଛି। ଜି-୭ ରାଷ୍ଟ୍ର ମଧ ଏହି ପଦକ୍ଷେପକୁ ନିନ୍ଦା କରିଛନ୍ତି।

## ବିଶ୍ୱରେ ୨୭୬ ନିୟୁତ ଭୋକିଲା

ବର୍ତ୍ତମାନ ବିଶ୍ୱର ୨୭୬ ନିୟୁତ ଲୋକ ଉତ୍କଟ ଖାଦ୍ୟ ସଙ୍କଟ ଦେଇ ଗତି କରୁଛନ୍ତି। ୟୁକ୍ରେନ୍‌ସଙ୍କଟ ଆହୁରି ୪୭ ନିୟୁତ ଲୋକଙ୍କୁ ଖାଦ୍ୟ ଅସୁରକ୍ଷା ମଧକୁ ଠେଲିଦେଇପାରେ ବୋଲି ଗୁରୁବାର ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ପକ୍ଷରୁ ଚିନ୍ତା ବ୍ୟକ୍ତ କରାଯାଇଛି। ଜରୁରୀ ସମୟରେ ଲୋକଙ୍କ ଜୀବନ ରକ୍ଷା, ଶାନ୍ତି ପ୍ରତିଷ୍ଠା ପାଇଁ ଖାଦ୍ୟ ସହାୟତା ପ୍ରଦାନ ସହ ସଂଘର୍ଷ ବେଳେ ଭୋକିଲାଙ୍କ ମୁହଁରେ ଆହାର ଦେଇ ସ୍ଥିରତା ବଜାୟ ରଖିବା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ବିଶ୍ୱର ସର୍ବବୃହତ୍ ମାନବୀୟ ସଙ୍ଗଠନ ସାମ୍ପ୍ରତିକ ସ୍ଥିତିର ମୁକାବିଲା ପାଇଁ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛି। ଜଳବାୟୁ ପରିବର୍ତ୍ତନ, ସଂଘର୍ଷ ଓ ଆର୍ଥିକ ସଙ୍କଟ ଯୋଗୁ ଖାଦ୍ୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହୋଇଛି। ଫଳରେ ସାରା ବିଶ୍ୱରେ ଅଭୂତପୂର୍ବ ଭାବେ ଭୋକିଲାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୟୁକ୍ରେନ୍ ସଙ୍କଟରୁ ସାର ଦର ବୃଦ୍ଧି ଏହି ସମସ୍ୟାକୁ ଆହୁରି ବହୁଗୁଣିତ କରିବ ବୋଲି ୟୁନାଇଟେଡ୍ ନେସନ୍ସ କନ୍‌ଭେନ୍‌ଶନ ଟୁ କମ୍ବାଟ୍ ଡିଜର୍ଟିଫିକେଶନ୍ (ୟୁଏନ୍‌ସିସିଡି)ର ପଞ୍ଚଦଶ ସମ୍ମିଳନୀ (କୋପ୍ ୧୫)ରେ ଡବ୍ଲ୍ୟୁଏଫ୍‌ପିର ଫୁଡ୍ ସିଷ୍ଟମ୍ସ ନିର୍ଦ୍ଦେଶକ ଭୋଲ୍ଲି କାରୁସି କହିଛନ୍ତି।

**ଆହୁରି ବଢ଼ିବେ ୪୭ ନିୟୁତ: ଡବ୍ଲ୍ୟୁଏଫ୍‌ପି**



## ମହାରାଷ୍ଟ୍ରରେ ହଟିଲା ବିଧବା ପ୍ରଥା

**ମୁମ୍ବାଇ, ୧୯।୫**

ମହାରାଷ୍ଟ୍ରର ମହାବିକାଶ ଅଘାଡି ସରକାର ରାଜ୍ୟରେ ବିଧବା ପ୍ରଥା ଉପରେ କଟକଣା ଲଗାଇଛନ୍ତି। ଏଭଳି ପ୍ରଥା ଯୋଗୁ ମହିଳାଙ୍କ ସମ୍ମାନ ଉପରେ ଆଞ୍ଚ ଆସିବା ସହ ମାନବାଧିକାର ଉଲ୍ଲଂଘନ ହେଉଛି। ତେଣୁ ବର୍ତ୍ତମାନର ଅତ୍ୟାଧୁନିକ ବୈଜ୍ଞାନିକ ଯୁଗରେ ଏହାର କୌଣସି ସ୍ଥାନ ନାହିଁ ବୋଲି ମହାରାଷ୍ଟ୍ର ସରକାର କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ହାସନ୍ ଏମ୍. ମୁଶ୍ରିଫ୍ ଗୁରୁବାର ଏ ନେଇ ସର୍କୁଲାର ଜାରି କରି ପ୍ରତ୍ୟେକ ପଞ୍ଚାୟତରେ ଲାଗୁ କରିବାକୁ କହିଛନ୍ତି। କୋହ୍ଲାପୁର ଜିଲାର ମାନ୍‌ଗାଁ ଏବଂ ହରୱାଡ୍ ଦୁଇ ଛୋଟ ଗ୍ରାମ ବିଧବା ପ୍ରଥା ଭଳି ଅମାନବୀୟ କାର୍ଯ୍ୟ ଉପରେ ରୋକ ଲଗାଇବାକୁ ଗତ ୪ ତାରିଖରେ ପ୍ରଥମେ ପ୍ରସ୍ତାବ ଦେଇଥିଲେ। ଏଥିସହ ସ୍ଥାନୀୟ ଲୋକେ ହରୱାଡ୍ ପଞ୍ଚାୟତରେ ଏଭଳି ପ୍ରଥା ବନ୍ଦ ମଧ କରାଇଥିଲେ। ଅନ୍ୟ ପଞ୍ଚାୟତଗୁଡ଼ିକ ହରୱାଡ୍‌କୁ ଉଦାହରଣ ଭାବେ ନିଅନ୍ତୁ ବୋଲି ରାଜ୍ୟ ସରକାର କହିଛନ୍ତି। ପ୍ରଚଳିତକ ପ୍ରଥା ଅନୁସାରେ କୌଣସି ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଲେ ସେ ସିନ୍ଦୁର, ଚୁଡ଼ି କାଢ଼ିବା ସହ ରଙ୍ଗୀନ ଶାଢ଼ୀ ପିନ୍ଧିବା ଓ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ନ ଦେବା ଭଳି ରୀତିନୀତି ରହିଛି। ଏଣିକି ବିଧବା ମହିଳାମାନେ ମୁକ୍ତ ଭାବେ ସେମାନଙ୍କ ଜୀବନ ବଞ୍ଚିପାରିବେ ବୋଲି ଶିବସେନା ମୁଖପାତ୍ର ମନିଷ କାୟାନ୍ଦେ କହିଛନ୍ତି।

## ୟାସିନ୍ ମଲିକ ଦୋଷୀ



**ନୂଆଦିଲ୍ଲୀ,୧୯।୫:** ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ମାମଲାରେ କଶ୍ମୀରୀ ବିଚ୍ଛିନ୍ନତାବାଦୀ ନେତା ୟାସିନ୍ ମଲିକଙ୍କୁ ଦିଲ୍ଲୀର ଏକ ଏନ୍‌ଆଇଏ କୋର୍ଟ ଆନୁଷ୍ଠାନିକ ଭାବେ ଦୋଷୀସାବ୍ୟସ୍ତ କରିଛନ୍ତି। ପୂର୍ବରୁ ୟାସିନ ଉକ୍ତ ମାମଲାରେ ଦୋଷ ସ୍ୱୀକାର କରିଥିଲେ। ଏନ୍‌ଆଇଏ କର୍ତ୍ତୃପକ୍ଷ ୨୫ ତାରିଖରେ ତାଙ୍କ ଆର୍ଥିକ ସ୍ଥିତି ଆକଳନ କରିବା ସହ ଦଣ୍ଡ ଶୁଣାଣି କରିବେ। ତାଙ୍କୁ ସତ୍ୟପାଠ ଜରିଆରେ ଆର୍ଥିକ ସମ୍ପତ୍ତିର ବିବରଣୀ ଦାଖଲ ପାଇଁ କୁହାଯାଇଛି। ୨୦୧୭ରେ କଶ୍ମୀରରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ (ୟୁଏପିଏ)ର ଆତଙ୍କବାଦୀ କାର୍ଯ୍ୟ ପାଇଁ ଷଡଯନ୍ତ୍ର (ଧାରା ୧୮), ଆତଙ୍କବାଦୀ ସଂଗଠନର ସଦସ୍ୟ ହେବା (ଧାରା ୨୦) ଏବଂ ଆଇପିସିର ଧାରା ୧୨୦ ବି ଏବଂ ୧୨୪ଏ ଲାଗିଛି।

# ମସ୍‌ଜିଦରେ ଶେଷନାଗ ଫଣା, ତ୍ରିଶୂଳ

- **କୋର୍ଟରେ ଜ୍ଞାନବାପି ସର୍ଭେ ରିପୋର୍ଟ ଦାଖଲ**
- **୨୩ରେ ପରବର୍ତ୍ତୀ ଶୁଣାଣି**

**ବାରାଣସୀ,୧୯।୫**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ବିବାଦ ମାମଲାରେ ରାୟ ମନ୍ଦିର ସପକ୍ଷରେ ଯିବା ପରେ ଏବେ ଅନ୍ୟାନ୍ୟ ମନ୍ଦିର-ମସ୍‌ଜିଦ ବିବାଦ ଜୋର୍‌ଦାର ହୋଇଛି। ବାରାଣସୀର ପ୍ରସିଦ୍ଧ କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ରହିଥିବା ଜ୍ଞାନବାପି ମସ୍‌ଜିଦ ଏବଂ ମଥୁରାର କୃଷ୍ଣ ଜନ୍ମଭୂମି ନିକଟରେ ଥିବା ଇଦ୍‌ଗା ମସ୍‌ଜିଦକୁ ନେଇ ବିବାଦ କୋର୍ଟରେ ପହଞ୍ଚିଛି।

ବାରାଣସୀର ଜ୍ଞାନବାପି ମସ୍‌ଜିଦ ପରିସରରେ ଶିବଲିଙ୍ଗ ରହିଥିବା ସର୍ଭେରୁ ଜଣାପଡ଼ିବା ପରେ ଏହାକୁ ସୁରକ୍ଷିତ ରଖିବା ଲାଗି ସ୍ଥାନୀୟ ଅଦାଲତ ଏବଂ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମସ୍‌ଜିଦରେ ଶେଷନାଗଙ୍କ ଫଣା, ତ୍ରିଶୂଳ, ଡମ୍ବରୁ ଏବଂ ପଦ୍ମ ରହିଥିବା ସ୍ୱତନ୍ତ୍ର କୋର୍ଟ କମିଶନର ବିଶାଳ ସିଂ ଏବଂ ପୂର୍ବତନ କୋର୍ଟ କମିଶନର ଅଜୟ ମିଶ୍ରା କହିଛନ୍ତି। ଗୁରୁବାର ହିନ୍ଦୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜୟ ବାରାଣସୀ କୋର୍ଟରେ ହାଜର ହୋଇ ଉପରୋକ୍ତ ମତ ରଖିଛନ୍ତି। ମନ୍ଦିର ଭଗ୍ନାବଶେଷ ଭଳି ଜଣାପଡୁଥିବା ପଥର ଖଣ୍ଡଗୁଡ଼ିକରୁ ଶେଷନାଗଙ୍କ ଫଣା ରହିଥିବା ଜଣାପଡ଼ିଛି। ଏହି ଭଗ୍ନାବଶେଷ ୫୦୦ରୁ ୬୦୦ ବର୍ଷର ପୁରୁଣା ବୋଲି କୋର୍ଟରେ ସର୍ଭେ ରିପୋର୍ଟ ଦାଖଲ କରିବା ପରେ ଅଜୟ ଗଣମାଧମକୁ କହିଛନ୍ତି।



ଜ୍ଞାନବାପି-ଶ୍ରୀଙ୍ଗାର ଗୌରୀ ମାମଲାର ପରବର୍ତ୍ତୀ ଶୁଣାଣି ମେ' ୨୩କୁ ଧାର୍ଯ୍ୟ କରାଯାଇଛି। ଗୁରୁବାର ଉଭୟ ପକ୍ଷ ସ୍ଥାନୀୟ ଅଦାଲତରେ ସେମାନଙ୍କ ଯୁକ୍ତି ଉପସ୍ଥାପନ କରିଥିଲେ। ତେବେ ସୁପ୍ରିମକୋର୍ଟଙ୍କ ରାୟ ଦୃଷ୍ଟିରୁ ତଳ କୋର୍ଟ ଏହି ମାମଲାରେ ଶୁକ୍ରବାର ପର୍ଯ୍ୟନ୍ତ ଆଗେଇ ପାରିବେ ନାହିଁ। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣି ୨୩କୁ ଧାର୍ଯ୍ୟ କରାଗଲା ବୋଲି ହିନ୍ଦୁ ପକ୍ଷ ଓକିଲ କହିଛନ୍ତି। ଅନ୍ୟପକ୍ଷରେ ମୁସଲମାନ ପକ୍ଷ ଓକିଲ ଅଭୟ ଯାଦବ କହିଛନ୍ତି, ପ୍ରତିପକ୍ଷ ମସ୍‌ଜିଦ ପରିସରରେ ଥିବା ଏକ କାନ୍ଥ ଭାଙ୍ଗିବା ପାଇଁ କୋର୍ଟ କମିଟି ଗଠନ କରିବାକୁ ଆବେଦନ କରିଥିଲେ। ତାହାକୁ ସେ ବିରୋଧ କରିଥିବା କହିଛନ୍ତି।

ଜ୍ଞାନବାପି ମସ୍‌ଜିଦକୁ ନେଇ ବିବାଦ ଦେଖାଦେବା ପରେ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଏହାର ୩ ଦିନିଆ ଭିଡିଓ ସର୍ଭେ କରାଯାଇଥିଲା, ଯେଉଁଥିରେ ଅଜୟ ମିଶ୍ରା ସାମିଲ ଥିଲେ। ମସ୍‌ଜିଦ ପରିସରରେ ଗମ୍ବୁଜାକୃତି ଢାଞ୍ଚା ରହିଥିଲେ ମଧ ସେ ରିପୋର୍ଟରେ ଏହା ଉଲ୍ଲେଖ କରିନାହାନ୍ତି। ଉକ୍ତ ଢାଞ୍ଚା ହିନ୍ଦୁମାନଙ୍କ ଦ୍ୱାରା ସ୍ଥାପନ ହୋଇଥିବା ଶିବ ଲିଙ୍ଗ ବୋଲି ଦାବି ହେଉଥିବାବେଳେ ମସ୍‌ଜିଦ କମିଟି ଏହାକୁ ଖଣ୍ଡନ କରିଛି।

## କୃଷ୍ଣ ଜନ୍ମଭୂମି ମାମଲା ଚାଲିବ

**ନୂଆଦିଲ୍ଲୀ,୧୯।୫:** ମଥୁରାରେ ଶାହି ଇଦ୍‌ଗା ମସ୍‌ଜିଦ ନିର୍ମାଣ ହୋଇଥିବା ଜମି ଉପରେ ଶ୍ରୀକୃଷ୍ଣ ଜନ୍ମଭୂମି ଟ୍ରଷ୍ଟ ଓ ଅନ୍ୟ ପକ୍ଷମାନେ ମାଲିକାନା ଦାବିକରି ଆବେଦନ କରିଥିବାବେଳେ ଏହାକୁ ଶୁଣାଣି ପାଇଁ ଗୁରୁବାର ମଥୁରା ଜିଲା କୋର୍ଟ ଗ୍ରହଣ କରିଛନ୍ତି। ଭଗବାନ କୃଷ୍ଣ ଜନ୍ମ ହୋଇଥିବା ନେଇ ବିଶ୍ୱାସ କରାଯାଇ ଆସୁଥିବା ଶ୍ରୀକୃଷ୍ଣ ଜନ୍ମଭୂମି ସ୍ଥଳକୁ ଲାଗି ଇଦ୍‌ଗା ମସ୍‌ଜିଦ ରହିଛି। ଉକ୍ତ ୧୩.୩୭ ଏକର ଜମି ଭଗବାନ ଶ୍ରୀକୃଷ୍ଣ ବିରାଜମାନ ବିଗ୍ରହଙ୍କର ବୋଲି ଆବେଦନକାରୀମାନେ ଦାବି କରିଛନ୍ତି। ଜିଲା ଓ ଦୌରା ଜଜ୍ ରାଜୀବ ଭାରତୀ ପିଟିଶନକୁ ଅନୁମତି ଦେବା ଅର୍ଥ ତଳ କୋର୍ଟରେ ଏହାର ଶୁଣାଣି ଚାଲିବ। ରାଜସ୍ୱ ରେକର୍ଡ ଅନୁଧ୍ୟାନ ପରେ ୧୯୬୮ରେ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଶ୍ରୀକୃଷ୍ଣ ଜନ୍ମସ୍ଥାନ ସେବା ସଂସ୍ଥାନ (ଯାହାକି ଏକ ସୋସାଇଟି ଭାବେ ପଞ୍ଜୀକୃତ) ଏବଂ ଟ୍ରଷ୍ଟ ମସ୍‌ଜିଦ ଇଦ୍‌ଗା ମଧରେ ହୋଇଥିବା ବୁଝାମଣା ଚୁକ୍ତିନାମାର ବୈଧତା ସମ୍ପର୍କରେ କୋର୍ଟ ନିଷ୍ପତ୍ତି ନେବେ। ଉକ୍ତ ରାଜିନାମା ବୈଧ ନୁହେଁ ବୋଲି ମନ୍ଦିର ଟ୍ରଷ୍ଟ ଏବଂ ଘରୋଇ ପକ୍ଷମାନେ ଅଭିଯୋଗ କରିଛନ୍ତି। କାରଣ ଜମି ଟ୍ରଷ୍ଟ ଅକ୍ତିଆରରେ ରହିଥିବାବେଳେ ବୁଝାମଣାରେ ପଶିବାର କୌଣସି କ୍ଷମତା ମନ୍ଦିର ପରିଚାଳନା କର୍ତ୍ତୃପକ୍ଷଙ୍କର ନାହିଁ ବୋଲି ସେମାନେ ଦର୍ଶାଇଛନ୍ତି। ୧୯୫୮ରେ ଶ୍ରୀକୃଷ୍ଣ ଜନ୍ମଭୂମି ଟ୍ରଷ୍ଟ ଗଠନ ହୋଇଥିଲା। ସୋସାଇଟି ହେଉଛି ଟ୍ରଷ୍ଟର ଏଜେଣ୍ଟ ଓ ଏହାର ମୁଖ୍ୟଙ୍କୁ ଟ୍ରଷ୍ଟ ନିଯୁକ୍ତି ଦେଇଥାଏ ବୋଲି ଇଦ୍‌ଗାର ଆଇନଜୀବୀ କହିଛନ୍ତି।

# ଧରିତ୍ରୀ
DHARITRI

ଶୁକ୍ରବାର, ମେ ୨୦/୨୦୨୨ (୧୬ ପୃଷ୍ଠା) | Friday, May 20/2022 | Page 16 | ପୃଷ୍ଠା-୧




## ‘ଧାକଡ୍’କୁ ବଏକଟ୍ ଦାବି

ନିକଟରେ ଅଭିନେତା ସଲମାନ୍ ଖାନ୍‌ଙ୍କୁ ପ୍ରଶଂସା କରିଥିବା କଙ୍ଗନା ରାଣାୱତ୍ ଫିଲ୍ମ ‘ଧାକଡ୍’କୁ ବଏକଟ୍ କରିବାକୁ ସୋସିଆଲ ମିଡିଆରେ ଟ୍ରେଣ୍ଡ ହେଉଛି।

୦୮

୧୩

## ଅଧିନାୟକ ପଦ ବଜାୟ ରଖିଲେ ଅମିତ ରୋହିଦାସ

ଅମିତ ରୋହିଦାସ ଭାରତ ସିନିୟର ପୁରୁଷ ହକି ଦଳର ଅଧିନାୟକ ପଦ ବଜାୟ ରଖିଛନ୍ତି।






ଛତିଶଗଡ଼ର କଲ୍‌ମା ବ୍ୟାରେଜ ଉପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତାମାନେ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ପୃଷ୍ଠା: ୧୨)

# କୋଟିଆକୁ ପାଣି ଅଟକାଇଲା ଆନ୍ଧ୍ର

## ସୀମାନ୍ତ ଗ୍ରାମ ଉପରେ ଆଖି

**ପଟ୍ଟାଙ୍ଗୀ, ୧୯।୫(ଡି.ଏନ୍.ଏ.)**

କୋରାପୁଟ ଜିଲା କୋଟିଆ ଅଞ୍ଚଳ ଗ୍ରାମପୁଞ୍ଜଗୁଡ଼ିକୁ ଆନ୍ଧ୍ର ନିଜ ଅଞ୍ଚଳ ଦାବି କରୁଥିବା ବେଳେ ପଟାଙ୍ଗୀ ବ୍ଲକରେ ଆନ୍ଧ୍ର ପୁଣି ଦାଦାଗିରି ଆରମ୍ଭ କରିଛି। ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତ ନେରିଡ଼ିବାଲସା ଗ୍ରାମରେ ଚାଲିଥିବା ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ କାମକୁ ଆନ୍ଧ୍ର ବନ୍ଦ କରିଛି। ଏଥିସହ ଠିକାଦାର ରାଜକୁମାର ପାତ୍ର ଓ ତାଙ୍କ ୪ ଶ୍ରମିକଙ୍କ ନାମରେ ସାଲୁର ଗ୍ରାମାଞ୍ଚଳ ଥାନାରେ ଏତଲା ଦିଆଯାଇଛି।

ସୂଚନାନୁଯାୟୀ ନେରିଡିବାଲସାରେ ବ୍ଲକ ପ୍ରଶାସନ ପକ୍ଷରୁ ୧୦ଦିନ ପୂର୍ବେ ଜଳ ଜୀବନ ମିଶନ ଯୋଜନାରେ ପ୍ରତ୍ୟେକ ଘରକୁ ପାନୀୟଜଳ ଯୋଗାଇବାକୁ ପାଇପ୍ ବିଛା କାମ ଆରମ୍ଭ ହୋଇଥିଲା। ବୁଧବାର ଆନ୍ଧ୍ର ସାଲୁର ତହସିଲଦାର ଏ.ସରୋଜିନୀ, ଭିଲେଜ ରେଭିନ୍ୟୁ ଅଫିସରଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀ ନିର୍ମାଣ ସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରି ଦେଇଥିଲେ। ଏଥିସହ କାହା ନିର୍ଦ୍ଦେଶରେ କାମ କରୁଛ କହି ବନ୍ଦ କରିବାକୁ ତାଗିଦ ମଧ୍ୟ କରିଛନ୍ତି। ଠିକାଦାର ରାଜକୁମାରଙ୍କୁ ସାଲୁର ଗ୍ରାମାଞ୍ଚଳ ଥାନାକୁ ଡକାଇ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ପଚରାଉଚରା କରିଛନ୍ତି। ଠିକାଦାରଙ୍କ ସହ ତାଙ୍କର ୪ଜଣ କର୍ମଚାରୀ ଭେଙ୍କଟେଶ୍ୱର ରାଓ, ରାମଣା, ଶ୍ରୀନୁ ଏବଂ ପ୍ରସନ୍ନା ପ୍ରମୁଖଙ୍କ ନାଁରେ ଉକ୍ତ ଥାନାରେ ମାମଲା ରୁଜୁ ହୋଇଥିବା ରାଜକୁମାର ଗୁରୁବାର କହିଛନ୍ତି। ଘଟଣା ସମ୍ପର୍କରେ ଆର୍‌ଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଛି। କିନ୍ତୁ କୌଣସି ଅଧିକାରୀ ମୋ ସହ ଏ ନେଇ ଆଲୋଚନା କରିନାହାନ୍ତି ବୋଲି ଠିକାଦାର ରାଜକୁମାର ପାତ୍ର କହିଛନ୍ତି। ଆର୍‌ଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ବାସୁଦେବ



### ଫିଟୁନି ସମାଧାନ ବାଟ

- ନେରିଡିବାଲସାରେ ପାନୀୟ ଜଳ ପ୍ରକଳ୍ପ କାମ ବନ୍ଦ
- ଠିକାଦାର,୪ ଶ୍ରମିକଙ୍କ ନାଁରେ ଏତଲା

ଦାସ କହିଛନ୍ତି ଯେ ଏ ନେଇ ଆମେ ଅବଗତ ଅଛୁ। ଘଟଣା ସମ୍ପର୍କରେ ବିଡିଓଙ୍କୁ ଜଣାଇଛୁ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ପୁଣି ଥରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି। କାମ କିପରି ତୁରନ୍ତ ଆରମ୍ଭ ହେବ ସେ ନେଇ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲେ କହିଛନ୍ତି।

ପଡ଼ୋଶୀ ଆନ୍ଧ୍ର ସହିତ ଓଡ଼ିଶାର ସୀମାକୁ ନେଇ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଛି। କୋଟିଆ ଅଞ୍ଚଳର ୧୪ଟି ଗ୍ରାମକୁ ନେଇ ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ବିବାଦ ଦେଖାଦେଇଛି। ଦୀର୍ଘ ବର୍ଷ ଧରି ଏହି ବିବାଦ ଲାଗି ରହିଥିଲେ ମଧ୍ୟ ତାହାର ସମାଧାନ ହୋଇପାରୁ ନାହିଁ। ଓଡ଼ିଶାର ସୀମାବର୍ତ୍ତୀ ଗ୍ରାମଗୁଡ଼ିକୁ ନିଜ ଅଧୀନରେ ରଖିବାକୁ ଆନ୍ଧ୍ର ସମସ୍ତ କୌଶଳ ଜାରି ରଖିଛି। ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା, ବିଦ୍ୟୁତ୍, ପାନୀୟ ଜଳ, ☞ପୃଷ୍ଠା–୨

# କୋଲିଙ୍କୁ ୧୪ତମ ଫାଶୀ ଦଣ୍ଡାଦେଶ

## ନିଠାରୀ ମାମଲା: ମୋନିନ୍ଦରଙ୍କ ଘର ପଛପଟୁ ମିଳିଥିଲା ୧୯ କଙ୍କାଳ

**ନୂଆଦିଲ୍ଲୀ,୧୯।୫**

ଉତ୍ତର ପ୍ରଦେଶସ୍ଥିତ ନୋଏଡାର ବହୁଚର୍ଚ୍ଚିତ ନିଠାରୀ ମାମଲାରେ ଗୁରୁବାର ଗାଜିଆବାଦର ସ୍ୱତନ୍ତ୍ର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଧାରାବାହିକ ଭାବେ ଯୁବତୀମାନଙ୍କୁ ଅପହରଣ ଓ ବଳାତ୍କାର ପରେ ହତ୍ୟା କରିବା ଅଭିଯୋଗରେ ସୁରେନ୍ଦ୍ର କୋଲି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୀପିକା ଓରଫ ପାୟଲଙ୍କ ହତ୍ୟା ମାମଲାରେ କୋଲିଙ୍କୁ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଦଫା ୩୦୨ ବଳରେ ଫାଶୀ ଦଣ୍ଡାଦେଶ ଦିଆଯାଇଛି।



ମୋନିନ୍ଦର ସିଂ ପାନ୍ଧେର



ସୁରେନ୍ଦ୍ର କୋଲି

ସେହିପରି କୋଲିଙ୍କ ମାଲିକ ମୋନିନ୍ଦର ସିଂ ପାନ୍ଧେରଙ୍କୁ ବେଆଇନ ଚାଲାଣ ନିରୋଧୀ ଆଇନର ଧାରା ୫ ବଳରେ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହା ପୂର୍ବରୁ କୋଲିଙ୍କୁ ମୋଟ ୧୬ ମାମଲା ମଧ୍ୟରୁ ୧୩ଟିରେ ଏବଂ ମୋନିନ୍ଦରଙ୍କୁ ୫ ମାମଲାରୁ ୨ଟିରେ ମୃତ୍ୟୁ ଦଣ୍ଡାଦେଶ ମିଳିସାରିଛି।

କୁଖ୍ୟାତ୍ ନିଠାରୀ ମାମଲା ହେଉଛି ୨୦୦୬ ମସିହାର। ସେହିବର୍ଷ ମେ’ ୭ରେ ନିଠାରୀ ଗ୍ରାମର ପାୟଲ ନାମ୍ନୀ ଜଣେ ଯୁବତୀଙ୍କୁ ଚାକିରି ଦେବା ବାହାନାରେ ବ୍ୟବସାୟୀ ମୋନିନ୍ଦର ସିଂ ପାନ୍ଧେରଙ୍କ ନିକଟସ୍ଥ ନୋଏଡାର ସେକ୍ଟର–୩୧ ବାସଭବନକୁ ଡକାଯାଇଥିଲା। ପାୟଲ ସେଠାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ବାପା ନନ୍ଦଲାଲ ୮ ତାରିଖରେ ନୋଏଡା ଥାନା ସେକ୍ଟର ୨୦ରେ ଝିଅ ନିଖୋଜ ଥିବା ☞ପୃଷ୍ଠା–୨

# ସ୍ନାନମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ଭକ୍ତ

## ନିଯୋଗ ସହ ମୁଖ୍ୟ ପ୍ରଶାସକଙ୍କ ଆଲୋଚନା

**ପୁରୀ ଅଫିସ,୧୯।୫:** ଚଳିତବର୍ଷ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାକୁ ନେଇ ଭକ୍ତମାନେ ଉତ୍ସୁକତାର ସହ ଚାହିଁ ରହିଛନ୍ତି। ଦିନ ପାଖେଇ ଆସୁଥିବା ବେଳେ ଭକ୍ତମୟ ସ୍ନାନଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏ ନେଇ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦଇତାପତି, ପୂଜାପଣ୍ଡା ଓ ସିଂହାରୀ ସମେତ ଅନ୍ୟ ସେବାୟତ ନିଯୋଗ ସହ ପୃଥକ୍ ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ମଧ୍ୟ ଉପସ୍ଥିତ ଥିଲେ। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ବିଶ୍ୱତାପନ ଚିନ୍ତା

# ସିଦ୍ଧୁଙ୍କୁ ବର୍ଷେ ଜେଲ

## ୧୯୮୮ରେ ମାଡ଼ ମାରିଥିବା ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା

**ନୂଆଦିଲ୍ଲୀ,୧୯।୫**

ପଞ୍ଜାବ ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କୁ ୩୪ ବର୍ଷ ତଳର ଏକ ମାମଲାରେ ଗୁରୁବାର ସୁପ୍ରିମକୋର୍ଟ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୯୮୮ରେ ଜଣେ ବ୍ୟକ୍ତିଙ୍କ ସହ ବଚସାରୁ ସିଦ୍ଧୁ ତାଙ୍କୁ ମାଡ଼ ମାରିଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ସିଦ୍ଧୁଙ୍କ ଉପରେ ଆଇପିସିର ଧାରା ୩୦୪ଏ ଅନୁଯାୟୀ ଉଦ୍ଦେଶ୍ୟବିହୀନ ହତ୍ୟା ମାମଲା ରୁଜୁ ଲାଗି ହୋଇଥିବା ଆବେଦନକୁ ଜଷ୍ଟିସ ଏ.ଏମ୍. ଖାନ୍‌ୱିଲକର ଏବଂ ଏସ୍.କେ. କୌଲଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ସିଦ୍ଧୁ ସୁପ୍ରିମକୋର୍ଟଙ୍କ ରାୟକୁ ଗ୍ରହଣ କରିଛନ୍ତି।



୧୯୮୮ ଡିସେମ୍ବର ୨୭ରେ ସିଦ୍ଧୁ ଓ ତାଙ୍କ ସହଯୋଗୀ ରୂପିନ୍ଦର ସିଂ ସାନ୍ଧୁ ରାସ୍ତା ମଝିରେ ଗାଡ଼ି ରଖିଥିବାରୁ ଗୁରନାମ ସିଂ ନାମକ ବ୍ୟକ୍ତି ଏହାକୁ ହଟାଇବାକୁ କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ସିଦ୍ଧୁ ଉତ୍ତ୍ୟକ୍ତ ହୋଇ ଗୁରୁନାମଙ୍କୁ ମାଡ଼ ମାରିଥିଲେ। ପରେ ଗୁରୁନାମଙ୍କର ମୃତ୍ୟୁ ଘଟିଥିଲା। ୧୯୯୯ ସେପ୍ଟେମ୍ବର ୨୨ରେ ପଟିଆଲା ☞ପୃଷ୍ଠା–୨

# କଟକଚଣ୍ଡୀ ମନ୍ଦିର ବିକାଶ ଲାଗି ୭୦ କୋଟି

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

କଟକର ଅଧିଷ୍ଠାତ୍ରୀ ଦେବୀ ମା’ କଟକଚଣ୍ଡୀଙ୍କ ପୀଠର ବିକାଶ ଯୋଜନାକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏଥିପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ ହେବ। ଭକ୍ତମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ସହିତ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯିବ। ୧ ବର୍ଷ ମଧ୍ୟରେ ଏହାର ସମସ୍ତ କାର୍ଯ୍ୟ ଶେଷ ହେବ।

- କଟକବାସୀଙ୍କ ସହଯୋଗ କାମନା କଲେ ମୁଖ୍ୟମନ୍ତ୍ରୀ
- ଚଣ୍ଡୀ ମନ୍ଦିର ସମ୍ମୁଖ ରାସ୍ତା ଅନ୍ୟତ୍ର ବଦଳାଯିବ



୫–ଟି ଅଧୀନରେ ସମନ୍ୱିତ ଐତିହ୍ୟ ବିକାଶ, ସ୍ଥାପତ୍ୟ ଓ ପର୍ଯ୍ୟଟନ ସ୍ଥଳ ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। କଟକ ସହରର ସାମଗ୍ରିକ ବିକାଶରେ ଚଣ୍ଡୀ ମନ୍ଦିରର କାୟାକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମୁଖ୍ୟମନ୍ତ୍ରୀ ଏ ଦିଗରେ କଟକବାସୀଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ଯୋଜନାର ଏକ ମଡେଲ ଉପସ୍ଥାପନ କରାଯାଇଥିଲା।

ଓଡ଼ିଶା ବ୍ରିଜ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ (ଓବିସିସି) ଦ୍ୱାରା ପ୍ରସ୍ତୁତ ଏହି ଯୋଜନା ଅନୁଯାୟୀ ମନ୍ଦିର ପରିସରକୁ ଅଧିକ ଆକର୍ଷଣୀୟ କରାଯିବ। ମନ୍ଦିର ଚତୁଃପାର୍ଶ୍ୱରେ ପଥର ପାଚେରି ନିର୍ମାଣ ସହିତ ୪ ଦିଗରେ ଚାରି ଗୋଟି ଦ୍ୱାର ନିର୍ମାଣ କରାଯିବ। ଏଥିସହିତ ମନ୍ଦିର ପରିସରରେ ନୂଆ ଜଗମୋହନ, ଯଜ୍ଞ ମଣ୍ଡପ, ଚଣ୍ଡୀପାଠ ମଣ୍ଡପ, ମୁଣ୍ଡନ ମଣ୍ଡପ, ହନୁମାନ ମନ୍ଦିର ଏବଂ ନୂଆ ରୋଷଘର ମଧ୍ୟ ନିର୍ମାଣ କରାଯିବ। ମନ୍ଦିର ପରିସରରେ ଖଣ୍ଡେଲାଇଟସ୍ ପଥର ବିଛାଯିବା ସହିତ ଆଲୋକୀକରଣ କରାଯିବ ଏବଂ ସିସିଟିଭି ଲଗାଯିବ। ☞ପୃଷ୍ଠା–୨




**ଆଜିର ମନ୍ତବ୍ୟ**

"ଆମକୁ ଏପରି ଏକ ରାଷ୍ଟ୍ର ଗଠନ କରିବାକୁ ପଡ଼ିବ, ଯାହା ବୈଶ୍ୱିକ ସଂଘର୍ଷ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରିପାରୁଥିବା।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଜୁହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଇଁଷି ମନ୍ତର କାଇଁଷି ମନ୍ତର**
**ପିଠାକୁ ମନ୍ତର ଜୁଆଣି**
**ତୁମେ ଯହିଁ ପାଇଁ ନସର ପସର**
**ଆମେ ସେଇ କଥାଟି ଜାଣି।**

ଯିଏ ଯେଉଁଥିପାଇଁ ଆଳେଇ ପାଳେଇ ହୁଏ, ତାକୁ ଜାଣିଥିବା ଲୋକ ଠିକ୍ ଭାବେ ଠଉରାଇ ନେଇଥାଏ। ଅତି ପାଖ ଲୋକ ହିଁ ମନର ଗହୀର କଥା ନ କହିଲେ ବି ବେଶ୍ ଭଲ ଭାବେ ଜାଣିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ବୁଦ୍ଧିରେ ଠାକୁର**
**ପର ବୁଦ୍ଧିରେ କୁକୁର।**

ନିଜ ବୁଦ୍ଧିର ପରିଣତି ଯାହାହେଉ ପଛେ ସେଥିରେ ଆତ୍ମସନ୍ତୋଷ ଲଭିବାକୁ ପଡେ। ନିଜ ବୁଦ୍ଧି ବିବେକକୁ ପାଥେୟକରି ଆଗକୁ ବଢ଼ିବା ଭଲ। ପରନ୍ତୁ ପର ବୁଦ୍ଧିରେ ପଡି ବାଟ ଚାଲିବା ଉଚିତ ନୁହେଁ। କାରଣ ପର ବୁଦ୍ଧିରେ ପରିଚାଳିତ ହେଲେ ପଛରେ ହୀନସ୍ତା ଭୋଗିବାକୁ ପଡିପାରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସାବିତ୍ରୀ ଅମାବାସ୍ୟାରେ ସବୁ ଉଚ୍ଚଶିକ୍ଷାନୁଷ୍ଠାନ ଛୁଟି

ଭୁବନେଶ୍ୱର,୧୯।୫(ବ୍ୟୁରୋ): ଆସନ୍ତା ୩୦ ତାରିଖରେ ସାବିତ୍ରୀ ଅମାବାସ୍ୟା। ସେଦିନ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, କଲେଜ ପ୍ରିନ୍ସିପାଲ୍‌ଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ୩୦ ତାରିଖ ଦିନ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ଏବଂ ବେସରକାରୀ ଡିଗ୍ରୀ କଲେଜ ବନ୍ଦ ରହିବ ବୋଲି କୁହାଯାଇଛି। ଏହା ପୂର୍ବରୁ ସ୍କୁଲ୍‌ଗୁଡ଼ିକ ୩୦ ତାରିଖ ପାଇଁ ଛୁଟି ଘୋଷଣା କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## କୋଟିଆକୁ ପାଣି...

ରାସ୍ତାଘାଟ ସୁବିଧା ଦେଇ ଲୋକଙ୍କ ମନ ଜିଣିବାରେ ସକ୍ଷମ ହେଉଛି। କୋଟିଆ ପ୍ରସଙ୍ଗ ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ସୀମା ବିବାଦକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି।

କୋଟିଆ ବିବାଦ ତୁଟି ନ ଥିବା ବେଳେ ନିକଟରେ ଆନ୍ଧ୍ର ପୁଣି ଓଡ଼ିଶାର ୧୩ କିଲୋମିଟର ଭିତରକୁ ପଶି ଆସି ପଟାଙ୍ଗୀ ବ୍ଲକ ତଲଗୋଲୁର ପଞ୍ଚାୟତର ବାଙ୍ଗାରୁଗୁଡି ଗ୍ରାମକୁ ଅକ୍ତିଆର କରିବାକୁ ଯୋଜନା ଚଳାଇଛି। ଓଡ଼ିଶାର ଯେଉଁ ସ୍କୁଲ ରହିଛି ତାହା ବନ୍ଦ ରହୁଛି। ଛାତ୍ରୀଛାତ୍ରମାନେ ସେଠାକୁ ପଢ଼ିବାକୁ ନ ଯାଇ ଆନ୍ଧ୍ର ସ୍କୁଲକୁ ଯାଉଛନ୍ତି। ଓଡ଼ିଶା ସ୍କୁଲକୁ ଆନ୍ଧ୍ର ଠିକାଦାର ଓ ସରକାରୀ କର୍ମଚାରୀ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କୋଟିଆ ବିବାଦ ୧୯୨୦ରୁ ରହିଆସିଛି। ତେବେ ସୀମା ବିବାଦକୁ ସମାଧାନ କରିବାକୁ ୨୦୨୧ ନଭେମ୍ବର ୯ ତାରିଖରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡି ଓଡ଼ିଶା ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ଅତିଥି ଭବନରେ ସାକ୍ଷାତ କରିଥିଲେ। ଏହି ଆଲୋଚନାରେ ନିଷ୍ପତ୍ତି ହୋଇଥିଲା ଯେ ଦୁଇ ରାଜ୍ୟର ମୁଖ୍ୟ ଶାସନ ସଚିବ ସ୍ତରରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହେବ। ସେହି କମିଟି ବୈଠକ କରି ଉଭୟ ରାଜ୍ୟ ମଧ୍ୟରେ ଥିବା ବିବାଦକୁ ଦୂର କରିବ। ଇତିମଧ୍ୟରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ନେଇ ଗୋଟିଏ ବୈଠକ ଅନୁଷ୍ଠିତ ହୋଇଛି। ତେବେ ଏହି ବୈଠକରେ ସୀମା ବିବାଦକୁ ନେଇ ସେପରି କୌଣସି ଆଲୋଚନା ହୋଇ ନ ଥିଲା। ଫଳରେ ବିବାଦ ସମାଧାନ ହେବା ପରିବର୍ତ୍ତେ ବେଳକୁ ବେଳ ଜଟିଳ ହେଉଛି। ଆନ୍ଧ୍ରର ଅନୁପ୍ରବେଶ ଜାରି ରହିଛି।

## କୋଲିଙ୍କୁ ୧୪ତମ...

ନେଇ ଏତଲା ଦେଇଥିଲେ। ଅଗଷ୍ଟ ୨୪ରେ ଗୌତମବୁଦ୍ଧ ନଗର କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମୋନିନ୍ଦର ଓ ସୁରେନ୍ଦ୍ରଙ୍କ ବିରୋଧରେ ଅପହରଣ ଅଭିଯୋଗ ଆଣି ଏଫ୍ଆଇଆର୍ କରିଥିଲେ। ଡିସେମ୍ବର ୨୯ରେ ମୋନିନ୍ଦରଙ୍କ ଘର ପଛପଟେ ଥିବା ଏକ ନାଳରୁ ପୋଲିସ ୧୯ ଶିଶୁ ଓ ମହିଳାଙ୍କ କଙ୍କାଳ ଜବତ କରିଥିଲା। ଏଥିସହ ମୋନିନ୍ଦର ଓ ସୁରେନ୍ଦ୍ରଙ୍କୁ ଗିରଫ କରି ଜେଲ ପଠାଇଥିଲା। ପରବର୍ତ୍ତୀ ସମୟରେ ଏହାର ଗମ୍ଭୀରତାକୁ ଦେଖି ସବୁ ମାମଲାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସିବିଆଇ ଉଭୟଙ୍କ ବିରୋଧରେ ଅପହରଣ, ବଳାତ୍କାର ଓ ହତ୍ୟା ଅଭିଯୋଗରେ ଚାର୍ଜଶିଟ୍ ଦାଖଲ କରିଥିଲା। ଦଣ୍ଡାଦେଶ ପାଇବାରେ ସୁରେନ୍ଦ୍ରଙ୍କ ପାଇଁ ଏହା ହେଉଛି ୧୪ତମ ମାମଲା।

## ସ୍ନାନମଣ୍ଡପରେ ମହାପ୍ରଭୁଙ୍କୁ...

ଜୁନ୍ ୧୪ରେ ସ୍ନାନଯାତ୍ରା ହେବାକୁ ଥିବା ହେତୁ ମହାପ୍ରଭୁଙ୍କ ପହଣ୍ଡି, ଜଳବିଜେ, ଜଳଲାଗି ଓ ହାତୀବେଶ କିଭଳି ଶୃଙ୍ଖଳିତ ଭାବେ କରାଯିବ ସେନେଇ ଆଲୋଚନା କରାଯିବ। ଏଥିସହ ହାତୀବେଶ ପରେ ଭକ୍ତମାନେ ଦୁଇ ଘଣ୍ଟା ପାଇଁ ସ୍ନାନମଣ୍ଡପ ଉପରକୁ ଯାଇ ଦର୍ଶନ କରିପାରିବେ। ମାତ୍ର ସ୍ନାନ ବେଦିରେ ଚତୁର୍ଦ୍ଧା ବିଗ୍ରହଙ୍କୁ ସ୍ପର୍ଶ କରିପାରିବେ ନାହିଁ। ଆଗାମୀ ସ୍ନାନଯାତ୍ରାରେ ଭକ୍ତମାନେ କିଭଳି ଦର୍ଶନ କରିବେ ସେନେଇ ଖସଡ଼ା ପ୍ରସ୍ତୁତ କରାଗଲା।

ଠାକୁରଙ୍କ ପହଣ୍ଡିଠାରୁ ଆରମ୍ଭ କରି ସ୍ନାନବେଦିର ସ୍ନାନଯାତ୍ରା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ। ହାତୀବେଶ ଶେଷ ହୋଇ ସକାଳ ଧୂପ ସରିବା ପରେ ଭକ୍ତମାନେ ସ୍ନାନବେଦି ଉପରକୁ ଯାଇ ମହାପ୍ରଭୁଙ୍କ ଦୁର୍ଲଭ ବେଶ ଦର୍ଶନ କରିପାରିବେ ବୋଲି ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି। ସେବାୟତମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ଶୃଙ୍ଖଳିତ ଭାବେ ନୀତିକାନ୍ତି ପରିଚାଳନା କରିବେ। ବିଶେଷ କରି ମହାପ୍ରଭୁଙ୍କ ଜଳଲାଗି ସମୟରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଯେଭଳି ସେବାୟତମାନେ ଠିଆ ହୋଇ ବାଧା ସୃଷ୍ଟି ନ କରନ୍ତି ସେନେଇ ନିଯୋଗ କର୍ତ୍ତୃପକ୍ଷମାନେ ଧ୍ୟାନ ଦେବେ। ହାତୀବେଶ ସମୟରେ ଦର୍ଶନ ପାଇଁ ଭକ୍ତମାନେ କେଉଁ ବାଟ ଦେଇ ଆସିବେ କେଉଁ ବାଟ ଦେଇ ଫେରିବେ ସେନେଇ ବିସ୍ତୃତ ଆଲୋଚନା ହୋଇଛି। ପରିଚାଳନା କମିଟି ସଦସ୍ୟ ମାଧବଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଭକ୍ତଙ୍କ ଗହଣରେ ସ୍ନାନଯାତ୍ରା ଶେଷଥର ପାଇଁ ୨୦୧୯ରେ ହୋଇଥିଲା। ଚଳିତବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ହେବାକୁ ଯାଉଛି। ଏହା ପରିଚାଳନା କମିଟି, ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପାଇଁ ଆହ୍ୱାନ ହେବ। ଶୃଙ୍ଖଳିତ ଭାବେ ନୀତିକାନ୍ତି ସାରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଦେବସ୍ନାନ ପୂର୍ଣ୍ଣିମା ପାଇଁ ମୁଖ୍ୟ ପ୍ରଶାସକ ସବୁ ନିଯୋଗ ସହ ଆଲୋଚନା କରାଯାଇଛି। ଏ ନେଇ ଏକ ଏସ୍ଓପି ଆଗାମୀ ଦିନରେ ଜାରି ହେବ।

## ସିଦ୍ଧୁଙ୍କୁ ବର୍ଷେ...

ସେସନ୍ସ କୋର୍ଟ ପ୍ରମାଣ ଅଭାବରୁ ସିଦ୍ଧୁ ଓ ତାଙ୍କ ସହଯୋଗୀଙ୍କୁ ଦୋଷମୁକ୍ତ କରିଥିଲେ। ଏହାକୁ ମୃତକଙ୍କ ପରିବାର ପଞ୍ଜାବ ହରିୟାଣା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ୨୦୦୬ରେ ସିଦ୍ଧୁ ଓ ତାଙ୍କ ସହଯୋଗୀଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ୍ ଏବଂ ଲକ୍ଷେ ଟଙ୍କା ଲେଖାଏ ଜରିମାନା ଭରିବାକୁ କହିଥିଲେ। ହାଇକୋର୍ଟଙ୍କ ରାୟକୁ ସିଦ୍ଧୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସ୍ୱେଚ୍ଛାକୃତ ଭାବେ ଆଘାତ ଦେବା ମାମଲାରେ ସର୍ବୋଚ୍ଚ ଅଦାଲତ ୨୦୧୮ରେ ସିଦ୍ଧୁଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ତେବେ ଉଦ୍ଦେଶ୍ୟବିହୀନ ହତ୍ୟା ଅଭିଯୋଗରୁ ତାଙ୍କୁ ମୁକ୍ତ କରିଦେଇଥିଲେ। ସେତେବେଳେ ଅଦାଲତ ତାଙ୍କୁ ଜେଲଦଣ୍ଡରୁ ମୁକ୍ତ କରି ମାତ୍ର ୧,୦୦୦ ଟଙ୍କା ଜରିମାନା କରିଥିଲେ। ଏଥିସହିତ ସିଦ୍ଧୁଙ୍କ ସହଯୋଗୀ ରୂପିନ୍ଦରଙ୍କୁ ଅଦାଲତ ଦୋଷମୁକ୍ତ କରିଥିଲେ।

ରେକର୍ଡରେ କିଛି ତ୍ରୁଟି ରହିଥିବା ଅନୁଭବ କରି ସର୍ବୋଚ୍ଚ ଅଦାଲତ ନିଜ ରାୟର ସମୀକ୍ଷା କରିବା ଲାଗି ମୃତକଙ୍କ ପରିବାରର ରିଭ୍ୟୁ ପିଟିଶନକୁ ଗ୍ରହଣ କରିଥିଲେ। ଜରିମାନା ସହିତ ଗୋଟିଏ ବର୍ଷ ଜେଲଦଣ୍ଡ ଦେବା ଠିକ୍ ହେବ ବୋଲି ଖଣ୍ଡପୀଠ ରାୟ ଘୋଷଣା କଲାବେଳେ କହିଛନ୍ତି।

## କଟକଚଣ୍ଡୀ ମନ୍ଦିର...

ବାଟମଙ୍ଗଳା ମନ୍ଦିରର ମଧ୍ୟ ପୁନଃ ନିର୍ମାଣ କରାଯିବ। ଯାତ୍ରୀମାନେ ଯେପରି ସୁବିଧାରେ ଓ ଶୃଙ୍ଖଳିତ ଭାବରେ ମା'ଙ୍କ ଦର୍ଶନ କରିପାରିବେ, ସେଥିପାଇଁ ପୋଲିସ କଣ୍ଟ୍ରୋଲ ରୁମ୍, କ୍ଲକ୍ ରୁମ୍, ପ୍ରସାଦ ସେବନ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ, ବ୍ୟାଖ୍ୟାନ କେନ୍ଦ୍ର ଆଦି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ। ଏହାସହିତ ଯାତ୍ରୀଙ୍କ ରହିବା ପାଇଁ ଯାତ୍ରୀ ନିବାସ, ବିସ୍ଥାପିତ ଦୋକାନୀଙ୍କ ପାଇଁ ୧୮ଟି ଦୋକାନ, ମନ୍ଦିର ପରିସରରେ ସେବାୟତମାନଙ୍କ ପାଇଁ ବିଶ୍ରାମ ଗୃହ, ଅଫିସ ଗୃହ ଆଦି ନିର୍ମାଣ କରାଯିବ। ପାର୍କ ସହିତ ଖୋଲାସ୍ଥାନ ଓ ଲ୍ୟାଣ୍ଡସ୍କେପିଂର ମଧ୍ୟ ବିକାଶ କରାଯିବ। ଓବିସିସି ଜରିଆରେ ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ସହ ମନ୍ଦିର ନିକଟରେ ଭାରିଯାନ ନିୟନ୍ତ୍ରଣ, ଯାତ୍ରୀଙ୍କ ପାଇଁ ବିଭିନ୍ନ ମୌଳିକ ସୁବିଧା, ଜଳ ନିଷ୍କାସନ ଆଦି ବିଭିନ୍ନ ସମସ୍ୟାର ସମାଧାନ ସହ କଟକଚଣ୍ଡୀ ମନ୍ଦିରକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଛି। ଚଣ୍ଡୀ ମନ୍ଦିରଟି ରାସ୍ତାର ଅତ୍ୟନ୍ତ ନିକଟରେ ଥିବାରୁ ଭାରିଯାନ ଚଳାଚଳ, ଯାତ୍ରୀମାନଙ୍କ ନିରାପତ୍ତା ଉପରେ ବିପଦ ସୃଷ୍ଟି କରୁଛି। ତେଣୁ ଚଣ୍ଡୀ ମନ୍ଦିର ସମ୍ମୁଖ ରାସ୍ତାକୁ ଡାଇଭର୍ଟ କରାଯିବ। ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ମନ୍ଦିର ଚଟାଣକୁ ଉଚ୍ଚା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

କଟକଚଣ୍ଡୀ ମନ୍ଦିର ରାଜ୍ୟର ଏକ ପ୍ରାଚୀନ ଶକ୍ତିପୀଠ। ବର୍ଷସାରା ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଏଠାକୁ ଆସିଥାନ୍ତି। ଦୁର୍ଗାପୂଜା ସମୟରେ ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜାରେ ମା'ଙ୍କ ବିଭିନ୍ନ ବେଶ ଦେଖିବା ପାଇଁ ଏଠାରେ ପ୍ରବଳ ଜନସମାବେଶ ହୋଇଥାଏ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ମା'ଙ୍କ ପୀଠକୁ ଯାଇ ବିକାଶ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଓ ସେବାୟତମାନଙ୍କ ସହିତ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଆର୍‌ଡିସି,କଟକ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ ସଂଯୋଜନା କରିଥିଲେ। ବୈଠକରେ ଯୋଗ ଦେଇଥିବା ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ସେବାୟତଙ୍କ ପ୍ରତିନିଧିମାନେ ଯୋଜନାର ଉଚ୍ଚ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ବନ୍ଧୁମାନଙ୍କ ଗହଳ ଚହଳ ମଧ୍ୟରେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଜଣେ ବନ୍ଧୁଙ୍କ ବିଚାରହୀନ ମନ୍ତବ୍ୟକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। କର୍ମକ୍ଷେତ୍ରରେ ସାଧାରଣ ଭୁଲ୍ କାରଣରୁ ଅନୁତପ୍ତ ହୋଇପାରନ୍ତି।

**ବୃଷ**

ପୂର୍ବ ଯୋଜନା ଭଣ୍ଡୁର ଆଶଙ୍କାରେ ମାନସିକ ଅସ୍ଥିରତା ସୃଷ୍ଟିହେବ। ଅର୍ଥନୈତିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର, ସଭାସମିତି, ଆମଦାନୀ, କଳା କାରିଗରି କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ମାଙ୍ଗଳିକ କାମ ସକାଶେ ତତ୍ପରତା ଦେଖାଦେଇପାରେ। ବିବାଦୀୟ ପରିସ୍ଥିତି, ମାଲିମକଦ୍ଦମା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ।

**ମିଥୁନ**

ସାହାଯ୍ୟ ଓ ସମର୍ଥନ ପାଇଲେ ମଧ୍ୟ କାମ ସକାଶେ ହନ୍ତସନ୍ତ ହେବାକୁ ପଡ଼ିବ। କେତେକ କାମ ସକାଶେ ବହୁତ ଅର୍ଥବ୍ୟୟର ସମ୍ଭାବନା ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ**

ଆଜି କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେତୁ ଖୁସି ରହିବେ। ପାରିବାରିକ କ୍ଷେତ୍ର, ଲୋକ ସମ୍ପର୍କ, ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ପରିବହନ, ଯାନବାହନ, ପ୍ରଶାସନ ଓ ପ୍ରଶାସନିକ କ୍ଷେତ୍ରରେ ବ୍ୟତିକ୍ରମ ଲାଗିରହିବ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତିରୁ ଆଶ୍ୱସ୍ତି ଲଭିବେ।

**ସିଂହ**

ଆଜି ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଉଚ୍ଚ ପଦପଦବୀ ପ୍ରାପ୍ତି ଓ ବୈଷୟିକ ସୁଖ, ସମୃଦ୍ଧି ଦିଗରେ ଅନୁକୂଳତା ସୃଷ୍ଟିହେବ। ଆଇନ ଓ ଆଧ୍ୟାତ୍ମିକତାର ଗ୍ରହ ଶନି ରାଜନୀତି, ଅଦାଲତ, ଗଣତନ୍ତ୍ର, ସଂଗଠନ ଓ ସତ୍ସଙ୍ଗ କ୍ଷେତ୍ରକୁ ରୁଦ୍ଧିମନ୍ତ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**

ସାମାଜିକ ଅନୁଷ୍ଠାନରେ କିମ୍ବା ଧର୍ମକାର୍ଯ୍ୟରେ ଅର୍ଥବ୍ୟୟ କରି ଖୁସି ହେବେ। ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି କ୍ଷେତ୍ରରେ ସଂକଟ ସୃଷ୍ଟି ହେବ। ବନ୍ଧୁଙ୍କ ମନ୍ତବ୍ୟରେ ଭିନ୍ନତା ହେତୁ କୌଣସି କଥାର ମୀମାଂସା ହୋଇପାରିବ ନାହିଁ। ବନ୍ଧୁଙ୍କ ଦ୍ୱାରା ଆହୂତ ହୋଇ କୌଣସି ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା**

ଆଜି ବିକ୍ଷିପ୍ତ ଓ ବିବାଦୀୟ ଚିନ୍ତାଧାରା କାମକୁ ବିଶୃଙ୍ଖଳିତ କରିପାରେ। ସମ୍ପର୍କୀୟମାନେ ପୁରାତନ କଥାକୁ କେନ୍ଦ୍ରକରି ଅସହଯୋଗ କରିପାରନ୍ତି। ସଭାସମିତି, ସଂଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ପାରିବାରିକ, ଅର୍ଥସମ୍ପର୍କ, ଯାନ୍ତ୍ରିକ ଜିନିଷର କାରବାର କ୍ଷେତ୍ରରେ ବିଳମ୍ବ ଘଟିପାରେ।

**ବିଛା**

ଆଜି ବୈଷୟିକ ସୁଖ, ସମୃଦ୍ଧି ସଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ କ୍ଷେତ୍ରରୁ ସମ୍ମାନ ଲଭିବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବିଗତ ଦିନର କୌଣସି ଘଟଣା ସକାଶେ ଟେନସନ୍ ବଢିପାରେ। ମାଲିମକଦ୍ଦମା, ଜମିଜମା କାରବାର, ନିର୍ମାଣ, ମୂଲ୍ୟବାନ ଜିନିଷର କିଣା ବିକା କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ**

ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ଆତ୍ମୀୟଙ୍କ ନିକଟରୁ ସହାନୁଭୂତି ମଧ୍ୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ଅର୍ଥ ଓ ସମ୍ମାନ ମିଳିବା ସଙ୍ଗକୁ ବ୍ୟବସାୟିକ ଉନ୍ନତି ମଧ୍ୟ କରିବେ।

**ମକର**

ପ୍ରତ୍ୟେକ ପରିସ୍ଥିତିକୁ ସହନଶୀଳତାର ସହ ସାମନା କରିବାର ଧୈର୍ଯ୍ୟ ହାସଲ କରିବେ। ଅର୍ଥ ସଂକଟ ଦୂର ହେବା ସଙ୍ଗକୁ ଟେକ୍ନିକାଲ୍ କାମରେ ବିଶେଷ ସୁବିଧା ପ୍ରାପ୍ତ ହେବ। ପୂର୍ବ ରାଗକୁ ଶୁଝାଇବାକୁ ଯାଇ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ସନ୍ଦେହ ଓ ଭୁଲ୍‌ବୁଝାମଣା ହେତୁ ସ୍ତ୍ରୀଙ୍କ ସୁସମ୍ପର୍କ ରହିବ ନାହିଁ।

**କୁମ୍ଭ**

ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ମନୋରଞ୍ଜନ କାମରେ ଯୋଗଦେଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତ ଫଳ ପାଇବେ। କୌଶଳକ୍ରମେ ଅଟକିଥିବା କାମଟି ବନ୍ଧୁଙ୍କ ଦ୍ୱାରା କରାଇ ନେବେ। ପରିବାରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ବୃଦ୍ଧି କରିବ।

**ମୀନ**

କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟର ଲାଭାଂଶକୁ ଭିନ୍ନ ଉଦ୍ଦେଶ୍ୟରେ ବିନିଯୋଗ କରିବେ। ଆଲୋଚନା ମାଧ୍ୟମରେ ପାରିବାରିକ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ। କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ଶୃଙ୍ଖଳାକୁ ଅଗ୍ରାଧିକାର ଦେଇ ପରୋକ୍ଷଶତ୍ରୁତା ଅର୍ଜନ କରିପାରନ୍ତି।


# classifieds Everyday
0674-2580101, 2549302




**HIRE**

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73901




**SALE**

Gharabari plot Bhubaneswar Sum Hospital tharu 4km re Ghangapatana, Kantabada thare 30 feet road, electri saha miluachhi 8658219495. D-487

ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834. D-73241

ଘରବାଡ଼ି ସ୍ଥିତିବାନ plot 30' ରୋଡ୍ electricity, boundary, loan facilities ସହ ବିକ୍ରି ଅଛି। ନୂଆଗାଁ-2600/-, ସୁନ୍ଦରପଦା-1200/- ଜୈଶିପାଟଣା-450/-. 7978551614, 9439049194. D-72000

Bhubaneswar-Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71991

BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975. D-73245

ଭୁବନେଶ୍ୱର କଳ୍ପନାଠାରୁ 10 କି.ମି. ଦୂରରେ ଗୁଡ଼ିଆ ପୋଖରୀ ଛକ (near KEC College) ଠାରୁ 4 କି.ମି. ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ 30X50= 1500sqft. ପ୍ଲଟ୍ ଓ 40ft. ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ 30ft., ସବ୍‌ବ୍ରାଞ୍ଚ ରୋଡ୍ 25ft. ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି sqft. Rs. 599ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର- 9938999317, 9938015353. SUVAM CONSTRUCTION. D-475

Fully developed luxurious Farm House 2.20 lakh squarefeet in Mayurbhanj district for sale. Contact: 9078827189. D-499

Plotforsale, 2000sqft. (10Nos.) per sqft.-2000/-, Yellowzone Gharabari Plot near Tata-Ariana, Vipul Garden backside Ghatikia Mouza- Sankarpur, BBSR. Water & Electricity available, 30'Road NH-16 to 1km. Contact: - 7381564227, 8114744495. D-446

30' road, gharabari boundary plot electricity gate ଥାଇ ଭୁବନେଶ୍ୱର-ପୁରୀ ମଙ୍ଗଳପୁର ଛକରୁ 1k.m. ପିଚୁରାସ୍ତାକୁ ଲାଗି 1500sqft. 6,00,000/-, 9937373013. D-73247

ପୁରୀ ବାଟମଙ୍ଗଳା ନିକଟ ନୂଆ ବାଇପାସ୍‌ରୋଡ୍ ପାଖରେ ଘରବାଡ଼ି ପ୍ଲଟ୍ ଡିସିମିଲ୍‌କୁ 3ଲକ୍ଷ ଟଙ୍କା। ଶ୍ରୀମନ୍ଦିର, ସମୁଦ୍ର ଓ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ମାତ୍ର 15 ମିନିଟ୍ ରାସ୍ତା। Please Contact Genuine Buyer. 9437629713, 8144658008. D-497

Duplex sale at Bhubaneswar @45lakhs and apartment @42 lakhs. 9439206202. D-73248

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452. D-71892

**GENERAL**

**SALE**

2, Passenger LIFT sales and service. Contact: 9692527969. D-468




"Well Ventilated Furnished 2BHK Corner Flat 15,000/- in Jharpada having AC, Security, Lift, Parking. 8249994290." D-493




Relax, Refresh your body, mind at Saikrupa Spa with best therapies. 8984068077. D-488

Newly open SPA positively health benefits expert therapist, Kalpana. 7846814019. D-73608

Newly open full body massage ladies and gents. 8327740003, 8093860513. D-73902

Newly open full body massage ladies and gents. 7750077371. D-71900

Refreshing your mind and body with the best therapy, 7873794731. D-317

Mesmerizing, energetic body, mind qualitative relaxing massage experienced therapists. 9668374480. D-73606

One hour any therapy by expert therapist @999 only. 9078484455. D-73607




Medical Exam. Registration- BAMS/ BHMS/BUMS/ GNM/D.Pharma. 9893869473. D-439

**AFFIDAVIT**

I, Sabana Perween, W/o- Sheikh Khalid Iqbal change my name from Sabana Parween to Sabana Perween for all purpose D-498

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**LEGAL NOTICE**

In the Court of 2nd Additional Senior Civil Judge, Bhubaneswar, C.S. No.-1224 of 2017 (final decree)
Sarbeswar Panda ....Plaintiff
Versus
Ashok Kumar Mohapatra & others .....Defendants
Notice Under Order 5 rule 20 C.P.C.
To,
1. Ashok Kumar Mohapatra, aged about 63 years, Son of Dhirendranath Mohapatra, Village- Kulasarichua, PS.- Cuttack Sadar, Dist.- Cuttack.
....Defendant

Take notice that the above named plaintiff has institute a partition, valued at Rs. 2,45,000/-. As you are avoiding to attend the Court and receive Summons and notices you are hereby directed to appear in person or by a pleader on 20.06.22 at about 10.30 a.m. to answer the claim. In default of your appearance on the above mentioned day the suit will be heard and determined in your absence.

Given under my hand and the seal of this Court 16-05 day of 2022.

Schedule of Property
Plot No.- 652/2337 in Khata No.-357, Mouza- Bhubaneswar City, Unit- 16, Jayadev Vihar, Bhubaneswar measuring an area of Ac0.45 decimals.
Sd./- Civil Judge, Senior Division, Bhubaneswar.
D-492

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୫୩,୩୧,୨୯୮ | ୬୨,୯୬,୦୦୩ | ୪୯,୫୧,୨୭,୫୨୬ |
| ଭାରତ | ୪,୩୧,୨୯,୫୬୩ | ୫,୨୪,୩୦୩ | ୪,୨୫,୮୯,୮୬୧ |
| ଓଡ଼ିଶା | ୧୨,୮୮,୩୩୯ | ୯୧୨୬(+୫୩) | ୧୨,୭୯,୦୫୨ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ହାଜର ହେଲେ କେନ୍ଦୁଝର ଜିଲାପାଳ

■ ଜାତୀୟ ଏସ୍‌ଟି କମିଶନ ଜାରି କରିଥିଲେ ସମନ

କେନ୍ଦୁଝର, ୧୯।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଗୁରୁବାର ନୂଆଦିଲ୍ଲୀ ସ୍ଥିତ ଜାତୀୟ ଏସ୍‌ଟି କମିଶନ ସଦସ୍ୟ ଅନନ୍ତ ନାୟକଙ୍କ କୋର୍ଟରେ ହାଜର ହୋଇ ନିଜର ପକ୍ଷ ରଖିଛନ୍ତି। ପ୍ରକାଶ ଯେ, ନିଜ ପକ୍ଷ ରଖିବାକୁ କମିଶନ ବାରମ୍ବାର ସମନ କରିଥିଲେ ହେଁ ଜିଲାପାଳ ହାଜର ହୋଇ ନ ଥିଲେ। ଏନେଇ କମିଶନ ଗତ ଏପ୍ରିଲ ୧୩ରେ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ତାଙ୍କୁ କମିଶନଙ୍କ ନିକଟରେ ହାଜର କରିବାକୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ ଆଦେଶ ଦେଇଥିଲେ। କମ୍ପାନୀ ଦ୍ୱାରା ଜମି ଅଧିଗ୍ରହଣ ମାମଲାକୁ ନେଇ ଯୋଡ଼ା ବ୍ଲକ ଲହଣ୍ଡା ଗ୍ରାମର ଦାଶରଥୀ ଖୁଣ୍ଟିଆଙ୍କ ଅଭିଯୋଗକ୍ରମେ କମିଶନ ଜିଲାପାଳଙ୍କୁ ପକ୍ଷଭୁକ୍ତ କରି ସମନ କରିଥିଲେ। ତେବେ ବାରମ୍ବାର ସମନ ସତ୍ତ୍ୱେ ଜିଲାପାଳ କମିଶନଙ୍କ ନିକଟରେ ହାଜର ହୋଇ ନ ଥିଲେ। କମିଶନଙ୍କ ଆଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ପିଟିସନର ଶୁଣାଣି କରି କମିଶନଙ୍କ ଆଦେଶ ଉପରେ ରହିତାଦେଶ ଲଗାଇଥିଲେ। ଏନେଇ ରାଜ୍ୟ ସରକାର ତାଙ୍କ ପାଇଁ ଜଣେ ସୁପ୍ରିମ କୋର୍ଟର ଓକିଲଙ୍କୁ ନିଯୁକ୍ତ କରିଥିଲେ। ତେବେ କମିଶନ ତାଙ୍କୁ ଗ୍ରହଣ କରି ନ ଥିଲେ କିମ୍ବା ଶୁଣି ନ ଥିଲେ। ସେହିପରି ନୂଆଦିଲ୍ଲୀରେ ଥିବା ରାଜ୍ୟ ସରକାରଙ୍କ ଆବାସିକ କମିଶନର ହାଇକୋର୍ଟଙ୍କ ଆଦେଶକୁ କମିଶନଙ୍କୁ ଦେବା ପାଇଁ ଯାଇଥିଲେ ହେଁ ଜିଲାପାଳ ବ୍ୟକ୍ତିଗତ ହାଜର ହେବାକୁ କହି କମିଶନ ଫେରାଇଦେଇଥିଲେ। ଏହା ପରେ କମିଶନ ସଦସ୍ୟଙ୍କ କୋର୍ଟରେ ହାଜର ହେବାକୁ କମିଶନ ଆଦେଶ ଦେଇଥିଲେ।




# ହଷ୍ଟେଲ ଛାତରୁ ଖସି କଲେଜ ଛାତ୍ରୀଙ୍କ ମୃତ୍ୟୁ

ବାଲେଶ୍ୱର ଅଫିସ, ୧୯।୫

ବାଲେଶ୍ୱର ସେଣ୍ଟ୍ରାଲ ସ୍କୁଲ ଛକ ନିକଟରେ ଥିବା ଏକ ଘରୋଇ କଲେଜ ହଷ୍ଟେଲ୍ ଛାତରୁ ଖସି ଜଣେ ଯୁକ୍ତ ୨ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। କଲେଜ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଛାତ୍ରୀଙ୍କ ବାପା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଉକ୍ତ ଛାତ୍ରୀ ୨୦୨୧ରୁ ଉକ୍ତ କଲେଜରେ ବିଜ୍ଞାନ ଛାତ୍ରୀ ଭାବେ ପାଠ ପଢ଼ିଆସୁଥିଲେ। ବୁଧବାର ହଷ୍ଟେଲରେ ଥିବା ରୁମ୍‌ମେଟଙ୍କ ଟଙ୍କା ଚୋରିକୁ ନେଇ ତାଙ୍କୁ ଦୋଷାରୋପ କରାଯାଇଥିଲା। ସେ ରାତି ପ୍ରାୟ ୧୦ଟା ୪୦ମିନିଟ୍‌ରେ ତାଙ୍କ ବାପାଙ୍କୁ ଫୋନ କରି ଟଙ୍କା ଚୋରି ବିଷୟରେ ଜଣାଇଥିଲେ। ତାଙ୍କର ୩ଜଣ ସାଙ୍ଗ ଓ ଦାୟିତ୍ୱରେ ଥିବା ମ୍ୟାଡାମ୍ ତାଙ୍କୁ ଟଙ୍କା ଚୋରି ପାଇଁ ଦାୟୀ କରୁଥିବା ସେ କହିଥିଲେ। ଏହାସହ ୨ଶହ ଟଙ୍କା ପଠାଇଲେ ସେ ଦେଇଦେବେ ବୋଲି ତାଙ୍କ ବାପାଙ୍କୁ କହିଥିଲେ। ଏହାପରେ ମଧ୍ୟରାତ୍ରିରେ ଛାତ୍ରୀଜଣକ କ୍ଷତବିକ୍ଷତ ହୋଇ ଚେତାଶୂନ୍ୟ ଅବସ୍ଥାରେ ହଷ୍ଟେଲ୍ ବିଲ୍ଡିଂ ତଳେ ପଡ଼ିଥିବା ଦେଖି ୱାର୍ଡେନ୍ କର୍ମଚାରୀଙ୍କ ସହଯୋଗରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। କଲେଜ ଅଧ୍ୟାପକ ରାତି ପ୍ରାୟ ଗୋଟାଏ ବେଳେ ତାଙ୍କ ବାପାଙ୍କୁ ଫୋନ୍ କରି ଝିଅ ଦେହ ଖରାପ ଅଛି,

■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

■ ଚୋରି ଦୋଷାରୋପ ଯୋଗୁ ମାନସିକ ଚିନ୍ତାରେ ଥିଲେ

ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି ଜଣାଇଥିଲେ। ଖବର ପାଇବା ପରେ ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚିଥିଲେ। ଛାତ୍ରୀର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ କଲେଜ ପ୍ରିନ୍ସପାଲ ପ୍ରଭାତ କୁମାର ମିଶ୍ର କହିଛନ୍ତି, ଛାତ୍ରୀଙ୍କର ରାତି ୯ଟା ପର୍ଯ୍ୟନ୍ତ ହଷ୍ଟେଲ୍‌ରେ ସ୍ୱାଭାବିକ ଚାଲିଚଳଣ ଥିଲା। ସେ ରହୁଥିବା ରୁମ୍‌ରେ କିଛି ଟଙ୍କା ଚୋରିକୁ ନେଇ ସାଙ୍ଗମାନଙ୍କ ସହିତ ମତାନ୍ତର ଓ ବଚସା ହୋଇଥିଲା। ବଚସା ପରେ ୱାର୍ଡେନ୍ ଆସି ସେମାନଙ୍କୁ ବୁଝାଶୁଝା କରିବା ସହ କଲେଜରେ ଏନେଇ ଆଲୋଚନା କରାଯିବ ବୋଲି କହିଥିଲେ। ଏହାପରେ ଛାତ୍ରୀଜଣକ ତାଙ୍କ ବାପାଙ୍କ ସହିତ ମୋବାଇଲ ଯୋଗେ କଥା ହୋଇଥିଲେ। ପରେ ଅନ୍ୟ ଛାତ୍ରୀମାନେ ତାଙ୍କୁ ପଇସା ନେଇଥିବାର ମାନିବା ପାଇଁ କହିଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ରାତିରେ ଯାଇ ସିଡ଼ି ପାହାଚରେ ବସିଥିଲେ। ଅନ୍ୟମାନେ ତାଙ୍କୁ ବାରମ୍ବାର ତଦାରଖ କରୁଥିଲେ, ହଠାତ୍ କେତେବେଳେ ଛାତ ଉପରୁ ତଳକୁ ଡେଇଁ ପଡିଥିଲେ।









ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି– ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। –ଶ୍ରୀମା



# ବିଶ୍ୱତାପନ ଚିନ୍ତା



ପାସ୍କାଲ ଲାମି

ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ (ଆଇପିସିସି)ର ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନେକଙ୍କୁ ଭୟଭୀତ କରିଥିଲା । କିନ୍ତୁ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବାରେ ଲଗାତର ବିଫଳ ହେବା ସହ ଶିଳ୍ପବିପ୍ଳବ ପୂର୍ବ ସ୍ତର ତୁଳନାରେ ବିଶ୍ୱତାପନ ୧.୫ ଡିଗ୍ରୀ ସେଲସିୟସକୁ ଟପିଯିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସ୍ୱୀକାର କରିବାକୁ ଅନେକେ ଅନିଚ୍ଛା ପ୍ରକାଶ କରିଥିଲେ। ତେବେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସତର୍କ କରିଦେଇଛନ୍ତି ଯେ,୨୦୧୫ ପ୍ୟାରିସ ଜଳବାୟୁ ବୁଝାମଣାର ମୁଖ୍ୟ ଲକ୍ଷ୍ୟ ହାସଲ ପାଇଁ ଅଧିକ ସହାୟତା ଦରକାର। ଏପରିକି ଯଦି ୨୦୨୫ ପୂର୍ବରୁ ନିର୍ଗମନ ଶିଖରରେ ପହଞ୍ଚେ ଏବଂ ୨୦୩୦ ସୁଦ୍ଧା ଏହା ୪୩% ହ୍ରାସ (ଏକ ତୃତୀୟାଂଶ ମିଥେନ ଗ୍ୟାସ ସହ)ହୁଏ ତେବେ ଏହା ପ୍ରାୟ ନିଶ୍ଚିତ ଯେ, ଆମେ ସାମୟିକ ଭାବେ ଏହି ତାପମାତ୍ରା ସୀମା ଟପିଯିବୁ ,କିନ୍ତୁ ଶତାବ୍ଦୀର ଶେଷ ସୁଦ୍ଧା ଏହାକୁ ତଳକୁ ଆଣି ପାରିବୁ ନାହିଁ। ଯଦି ଟେକ୍ନୋଲୋଜି ଦ୍ୱାରା ଆମେ ୧.୫ ଡିଗ୍ରୀ ସେଲସିୟସ ସୀମା ପାରହେବାରୁ ବଞ୍ଚିତ ହେବା ସମ୍ଭବ ତେବେ ଏହାକୁ ହାତଛଡ଼ା କରିବା ଉଚିତ ନୁହେଁ। କିନ୍ତୁ ଆମେ ଯାହା ଭାବିଛୁ ତା' ତୁଳନାରେ ସୁଯୋଗର ଦ୍ୱାର ଶୀଘ୍ର ବନ୍ଦ ହୋଇଯାଉଛି ଓ ଭୂରାଜନୈତିକ ବିଭେଦ ଗମ୍ଭୀର ହେଉଛି। ମହାମାରୀ, ରୁଷିଆର ୟୁକ୍ରେନ୍ ଆକ୍ରମଣ ଏବଂ ଦେଖାଯାଇଥିବା ଖାଦ୍ୟ, ଶକ୍ତି ଓ ଋଣ ସଙ୍କଟ ଏହାକୁ ତୀବ୍ର କରିଦେଇଛି। ଆମେ ଆବଶ୍ୟକ କରୁଥିବା ସହଯୋଗର ପୂର୍ବ ସୂଚନା ଦେଖାଯାଉନାହିଁ। ଲକ୍ଷ୍ୟ ହାସଲ ପୂର୍ବରୁ ୧.୫ ଡିଗ୍ରୀ ସେଲସିୟସ୍ ସୀମା ଟପି ଯିବାପରେ ଶତାବ୍ଦୀର ଶେଷ ସୁଦ୍ଧା ନିର୍ଦ୍ଧାରିତ ସୀମା ତଳକୁ ପୁଣି ତାପମାତ୍ରା ଆଣିବାକୁ ଆମେ ପଦକ୍ଷେପଗୁଡ଼ିକ ନେଇପାରୁ ଯାହାକୁ ଆଇପିସିସି ଏକ ଓଭରଶୁଟ ସ୍ଥିତି ବୋଲି ଦର୍ଶାଇଛି ଓ ଏହା ଉପରେ ସତର୍କ କରିଦେଇଛି। ଯଦିଓ ବହୁ ପୂର୍ବରୁ ଜଳବାୟୁ ମଡେଲଗୁଡ଼ିକ ଏଭଳି ସମ୍ଭାବନାକୁ ଆକଳନ କରିସାରିଛି, ତଥାପି ତାପମାତ୍ରା ବୃଦ୍ଧି ଯୋଗୁ ସୃଷ୍ଟି ପରିବେଶଗତ ଏବଂ ରାଜନୈତିକ ବିପଦକୁ କିଭଳି ହ୍ରାସ କରିବାକୁ ହେବ ସେ ସମ୍ପର୍କରେ ଅଧିକ କିଛି ଜାଣିପାରିନାହିଁ।

ହାରାହାରି ବିଶ୍ୱ ତାପନ ଶିଳ୍ପ ବିପ୍ଳବ ପୂର୍ବ ସ୍ତରରୁ ୧.୧ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇସାରିଲାଣି। ଏହା ଦ୍ୱାରା ଭୀଷଣ ପରିବେଶଗତ ପ୍ରଭାବ ପ୍ରକାଶ ପାଇଲାଣି। ଏକ ଦଶମାଂଶ ତାପମାତ୍ରା ବୃଦ୍ଧି ଯୋଗୁ ଗମ୍ଭୀର ଓ ଚରମ ଜଳବାୟୁ ଘଟଣାଗୁଡ଼ିକ ବାରମ୍ବାର ପ୍ରକାଶ ପାଉଛି। ସ୍ୱାସ୍ଥ୍ୟ, ଖାଦ୍ୟ, ପାଣି, ଜୀବିକା ଏବଂ ଜୈବବିବିଧତା ସଙ୍କଟ ବୃଦ୍ଧିପାଉଛି। ଯେତେବେଳେ ଆମେ ୨ ଡିଗ୍ରୀ ସେଲସିୟସରେ ପହଞ୍ଚିଯିବା ସେତେବେଳେ ଅନେକ ମାନବୀୟ ଓ ପ୍ରାକୃତିକ ବ୍ୟବସ୍ଥା ଅତ୍ୟଧିକ ଚାପ ମଧ୍ୟକୁ ଚାଲିଯିବ। କେତେକ ପରିବେଶ ପରିସଂସ୍ଥା ଅସ୍ତିତ୍ୱ ବଞ୍ଚାଇବା ଲାଗି ସଂଘର୍ଷ କରିବ ଏବଂ ଅନ୍ୟଗୁଡ଼ିକ ସେତେବେଳକୁ ଲୋପ ପାଇଯିବେ। ଓଭରଶୁଟ୍ ଦ୍ୱାରା ଯେଉଁ ଭୟଙ୍କର ସଙ୍କଟ ପ୍ରକାଶ ପାଇବ ତାହାକୁ ବ୍ୟାପକ ତଥା ଅପରିବର୍ତ୍ତନୀୟ ଜଳବାୟୁ ପ୍ରଭାବ ଭାବେ ଆଇପିସିସି ଦର୍ଶାଇଛି। ରାଜନୈତିକ ପରିଣାମଗୁଡ଼ିକ ମଧ୍ୟ ଭୟଙ୍କର ହେବ। ତାପମାତ୍ରା ହ୍ରାସ କରିବାର ସଂକଳ୍ପ ଉଲ୍ଲଂଘନ ହେଉଥିବାବେଳେ ଏହା ଜଳବାୟୁ ପରିବର୍ତ୍ତନ ପ୍ରତି ଏକ ଶକ୍ତିଶାଳୀ ପ୍ରତିକ୍ରିୟା ସୃଷ୍ଟି କରିବ। ଏଣୁ ଏବେ ଠାରୁ ଏହା ପାଇଁ କାହିଁକି ଯୋଜନା ଆରମ୍ଭ କରିବା ନାହିଁ? ଯୋଜନାର ଶେଷ ଯାଏ ମୁଁ ଗଭର୍ନିଂ ରିସ୍କ ଫ୍ରମ୍ କ୍ଲାଇମେଟ ଓଭରଶୁଟ୍ ଅର୍ଥାତ୍ ଜଳବାୟୁ ପରିବର୍ତ୍ତନ ସଙ୍କଟକୁ ରୋକିବା ଲାଗି ନିର୍ଦ୍ଧାରିତ ସମୟ ପୂର୍ବରୁ ବିଶ୍ୱତାପନ ସୀମା ଅତିକ୍ରମ କରିବା ଦ୍ୱାରା ଯେଉଁ ସଙ୍କଟ ସୃଷ୍ଟି ହେବ ସେଗୁଡ଼ିକର ନିୟନ୍ତ୍ରଣ ପାଇଁ ଗଠିତ ନୂତନ ଗ୍ଲୋବାଲ କମିଶନରେ ମୁଁ ଅଧ୍ୟକ୍ଷ ଭାବେ ରହିବି। ବିଭିନ୍ନ ପୃଷ୍ଠଭୂମିରୁ ୧୬ ଜଣ ପ୍ରତିଷ୍ଠିତ ନେତାଙ୍କୁ ନେଇ ଗଠିତ ଏହି କମିଶନରେ ଆମେ ୧.୫ ଡିଗ୍ରୀ ସେଲସିୟସ ଟପିବା ପରେ ବିଶ୍ୱର ପରିବେଶଗତ ଏବଂ ରାଜନୈତିକ ସଙ୍କଟକୁ କିଭଳି ଭଲ ଭାବେ ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ଚିନ୍ତା କରିବୁ। ୨୦୨୩ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ପୂର୍ବରୁ ସମ୍ଭାବ୍ୟ କ୍ଲାଇମେଟ ଓଭର୍‌ଶୁଟକୁ ନିୟନ୍ତ୍ରଣ କରିବା ଲାଗି ଆମେ ଏକ ସମନ୍ୱିତ ରଣନୀତି ଉପସ୍ଥାପନ କରିବୁ। ଏକ ସ୍ୱାଧୀନ କମିଶନ ଭାବେ ଆମେ ବିନା ରାଜନୈତିକ ଏବଂ ସାଂଗଠନିକ ପ୍ରତିବନ୍ଧକରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ପରିଚାଳନା କରିବୁ। ସବୁ ବିକଳ୍ପ ସମେତ ଅତ୍ୟଧିକ ବିବାଦୀୟ ସିଦ୍ଧାନ୍ତ ଉପରେ ଆମେ ମଧ୍ୟ ଆଲୋଚନା କରିବା ପାଇଁ ପ୍ରସ୍ତୁତ ରହିଛୁ। ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବାର ଆମର ମୁଖ୍ୟ ଲକ୍ଷ୍ୟ ହୋଇ ରହିଛି ଓ ଏହା ରହିବା ଉଚିତ । ତେବେ ଏବେ ଆମେ ଏହି ଲକ୍ଷ୍ୟ ହାସଲ କରିବା ଲାଗି ଅଧିକ ଦାୟିତ୍ୱବାନ ହେଉନାହୁଁ ବୋଲି ଆମକୁ ସ୍ୱୀକାର କରିବାକୁ ହେବ। ଶୂନ ନିର୍ଗମନ ସ୍ତର ହାସଲ କରିବା ଏବଂ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସରେ ସୀମିତ ରଖିବା ପାଇଁ ଯଦି ଆମେ ଚାହୁଁ ତେବେ ବାୟୁମଣ୍ଡଳରୁ ଅତ୍ୟଧିକ ପରିମାଣର କାର୍ବନ ଡାଇଅକ୍ସାଇଡ଼ ହଟାଇବା ଅପରିହାର୍ଯ୍ୟ। ଏଥିଲାଗି ତୁରନ୍ତ ପ୍ରସ୍ତୁତିଆରମ୍ଭ କରିବାକୁ ହେବ। ପୃଥିବୀକୁ ପୁନର୍ଜୀବନ ଦେବାକୁ ଏହା ଆରମ୍ଭ କରିବା ଦରକାର। କାର୍ବନ ଡାଇଅକ୍ସାଇଡ ଦୂର କରିବା ସକାଶେ ଅନେକ ଟେକ୍ନୋଲୋଜି ସମ୍ବନ୍ଧୀୟ ଏବଂ ପ୍ରାକୃତିକ ଉପାୟ ଥିବାବେଳେ ସେଗୁଡ଼ିକୁ ଅଧିକ ପ୍ରୟୋଗ କରାଯାଉନାହିଁ ଏବଂ ଏହି ରଣନୀତିର ବହୁ ପ୍ରସଙ୍ଗ ଆହ୍ୱାନର ସମ୍ମୁଖୀନ ହେଉଛି।



ବର୍ଦ୍ଧିତ ଜଳବାୟୁ ପ୍ରଭାବଗୁଡ଼ିକର ସମାଧାନ ଲାଗି ଆବଶ୍ୟକ ହେଉଥିବା ଉପାୟଗୁଡ଼ିକର ବିକାଶ ଏବଂ ପଦକ୍ଷେପଗୁଡ଼ିକର ଗ୍ରହଣୀୟତାର ଅଧିକ ସମ୍ପ୍ରସାରଣ କରିବା ସକାଶେ ଆମେ ଅନୁସନ୍ଧାନ କରିବୁ। ଶେଷରେ ଆମେ ସୂର୍ଯ୍ୟରଶ୍ମି ପ୍ରତିଫଳନ( ଯେଉଁଥିରେ ସୌର ବିକିରଣର କିଛି ଅଂଶ ମହାକାଶକୁ ଫେରାଇଦିଆଯିବ)ର ପଦ୍ଧତି ଉପରେ କରାଯାଇଥିବା ଗବେଷଣା ସମ୍ପର୍କରେ ସମୀକ୍ଷା କରାଯିବ। ଏହି ବିକଳ୍ପ ଉପଯୋଗୀ ଜଣାପଡୁଛି, କିନ୍ତୁ ଏହା ସରକାରଗୁଡ଼ିକ ପ୍ରତି ଅତ୍ୟଧିକ ଆହ୍ୱାନ ସୃଷ୍ଟି କରିବ। ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବିଶ୍ୱତାପନ ଦ୍ୱାରା ସୃଷ୍ଟି ସଙ୍କଟଗୁଡ଼ିକ ବିରୋଧରେ ପଦକ୍ଷେପ ନେବାରେ ଯେଉଁ ବିପଦ ରହିଛି ତାହାର ମୂଲ୍ୟାୟନ କରିବା ଲାଗି ପ୍ରଥମ ଥର ପାଇଁ ଏହି ସବୁ ଆହ୍ୱାନକୁ ଗୋଟିଏ ଫାଇଲକୁ ଆଣିବାକୁ ହେବ। ଏହା ବ୍ୟତୀତ ସ୍ୱାଧୀନ ବୈଜ୍ଞାନିକ ପରାମର୍ଶ ଏବଂ ଅଂଶୀଦାର ଆଲୋଚନାଗୁଡ଼ିକୁ ଅଧାର କରି ଏକ ସମନ୍ୱିତ ରଣନୀତି ସୁପାରିସ କରିବାକୁ ପଡ଼ିବ। ତାପମାତ୍ରା ଟପିଗଲା ପରେ ଅନ୍ୟ ଓଭରଶୁଟ ରଣନୀତିକୁ ଉପଲବ୍ଧ ଉତ୍ତମ ପ୍ରମାଣ ଆଧାରରେ ଏବଂ ନ୍ୟାୟ, ସମାନତା ଓ ଅନ୍ତର୍ଜାତୀୟ ଆଇନକୁ ସମ୍ମାନ ଜଣାଇ ରଣନୀତିଗୁଡ଼ିକୁ ପ୍ରଭାବୀ, ମଜଭୁତ ଏବଂ ନୀତିକେନ୍ଦ୍ରିକ କରିବାକୁ ହେବ। ଯେତେଯାଏ ଏହି ସବୁ ସିଦ୍ଧାନ୍ତ ପ୍ରୟୋଗ ହେଉଥିବ ସେତେଦିନ ଯାଏ ବିଚାରକୁ ଉନ୍ମୁକ୍ତ ରଖିବା ଦରକାର। ବିଳମ୍ବ ହେବା ପୂର୍ବରୁ ସମ୍ଭବତଃ ଏହା ଉପଯୁକ୍ତ ସମୟ, ଆମେ ବିକଳ୍ପଗୁଡ଼ିକୁ ଅନ୍ତତଃ ପକ୍ଷେ ଭଲ ଭାବେ ଅନୁଧ୍ୟାନ ନ କରିବା ପର୍ଯ୍ୟନ୍ତ ସେଗୁଡ଼ିକୁ ଲାଗୁ କରି ରିସ୍କ ନେଇ ପାରିବା ନାହିଁ। ଅପର୍ଯ୍ୟାପ୍ତ ପଦକ୍ଷେପ ଓ କଠିନ ପରିଶ୍ରମ ଅଭାବ ଜନିତ ପରିଣାମଗୁଡ଼ିକ ଉପରେ ବିଚାର କରାଯିବା ଉଚିତ। କିନ୍ତୁ ତାହା ହେଉନାହିଁ ,ଯାହା ଅତ୍ୟନ୍ତ ଦୁଃଖଦ ବିଷୟ। ଯଦି ଆମେ ପ୍ୟାରିସ ବୁଝାମଣାର ଲକ୍ଷ୍ୟ ପୂରଣ କରିବାରେ ବିଫଳ ହେଉ ତେବେ ତାହା ହାସଲ କରିବା ଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଉଚିତ। ଏଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିବାରେ ଆମର ଅତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଅର୍ଥାତ୍ ସମସ୍ତ ଶକ୍ତିଶାଳୀ ପଦକ୍ଷେପ ଉପରେ ବିଚାର କରି ଲାଗୁ କଲେ ଲୋକଙ୍କର ଏବଂ ପୃଥିବୀର କ୍ଷତି ଓ ଦୁର୍ଦ୍ଦଶା କମିପାରିବ।

**ଅଧ୍ୟକ୍ଷ, ପ୍ୟାରିସ୍ ପିସ୍ ଫୋରମ, ପୂର୍ବତନ ମହା ନିର୍ଦ୍ଦେଶକ, ବିଶ୍ୱ ବାଣିଜ୍ୟ ସଂଗଠନ**

## ବିଚାର ଆପଣଙ୍କର



ଶ୍ରୀଧର ପଟ୍ଟନାୟକ

ଭଗବାନ ପୃଥିବୀରେ ଅଛନ୍ତି ନା ପୃଥିବୀ ବାହାରେ ? ଏହାର ଉତ୍ତର ବୟଃପ୍ରାପ୍ତ କୌଣସି ବ୍ୟକ୍ତିଙ୍କୁ ଦିଆଯାଇପାରେ, ହେଲେ ପାଞ୍ଚବର୍ଷର ପୁଅକୁ ଦେବା ମୋ ପକ୍ଷେ ନିହାତି କଷ୍ଟ ଥିଲା। ବୁଝେଇବା ଢଙ୍ଗରେ କହିଲି: ହଁ ; ଭଗବାନ ପୃଥିବୀରେ ହିଁ ଅଛନ୍ତି। ଆମର ଯେତେବେଳେ ଅସୁବିଧା ହୁଏ, ଆମେ ତାଙ୍କୁ ଡାକୁ ଏବଂ ସେ ଆମକୁ ସାହାଯ୍ୟ କରନ୍ତି। ଯିଏ ଡାକିଲେ ବି ସେ ଆସନ୍ତି କି? କହିଲି: ହଁ, ତାଙ୍କୁ ଡାକିଲେ ନିଶ୍ଚୟ ଆସନ୍ତି। ହେଲେ ଡାକିବା ବି ଜାଣିବା ଦରକାର।

ମୋଟର ସାଇକେଲରେ ଘେରାଏ ମାରୁ ମାରୁ ଆମେ ବାପ ପୁଅ ପହଞ୍ଚି ଯାଇଥିଲୁ ରାସ୍ତା କଡ଼ ହନୁମାନ ମନ୍ଦିରରେ। ବିରାଟ ତାଲା ବି ଝୁଲୁଥିଲା ଫାଟକରେ। ଏଣେ ଉଭୟ ହନୁମାନଜୀଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଫେରିଲୁ। ପୁଅ କହିଲା, କିଏ ହନୁମାନଙ୍କୁ ତାଲା ଦେଇ ବନ୍ଦ କରିଛନ୍ତି? କୌଣସିମତେ ସେ ପ୍ରଶ୍ନଟିକୁ ଆଡ଼େଇ ଦେଲି ସିନା, ମନରେ ଢେର୍ ପ୍ରଶ୍ନ ଆନ୍ଦୋଳିତ ହେଲା। ସତରେ ଆମେ ଯାହାକୁ ସର୍ବ ଶକ୍ତିମାନ ବୋଲି ଆରାଧନା କରୁ, ତାଙ୍କ ମୂର୍ତ୍ତି କିମ୍ବା କୌଣସି ପ୍ରତୀକକୁ ହିଁ ପୂଜା କରିଥାଉ। ତାଙ୍କୁ ନିର୍ଦ୍ଦିଷ୍ଟ ଭାବେ କୌଣସି ଉପାସନା ଗୃହ ମଧ୍ୟରେ ଆବଦ୍ଧ କରିବାର ଅପଚେଷ୍ଟାରେ ଆମେ ସେଇ ମୂର୍ତ୍ତି କିମ୍ବା ପ୍ରତୀକଟିକୁ ଆବଦ୍ଧ କୋଠରି ମଧ୍ୟରେ ଅବସ୍ଥାପିତ କରିଥାଉ। ବିଶାଳତା, ମହାନତାର ମହାନ୍ ପ୍ରତୀକ ସେ ଯେକୌଣସି ଧର୍ମର ହେଉ ନା କାହିଁକି, ଆମେ ତା' ମାଧ୍ୟମରେ ପରମ ପୁରୁଷ ଆରାଧ୍ୟ ଭଗବାନଙ୍କୁ ହିଁ ଆରାଧନା କରୁ, ଦୁଃଖ ଜଣାଉ ଅବା ଧନ୍ୟବାଦ ଜଣାଉ। ତେବେ ଉପାସନା ଏକ ନିର୍ଦ୍ଦିଷ୍ଟ କୋଠରି କିମ୍ବା ସ୍ଥାନ କିମ୍ବା କ୍ଷେତ୍ରରେ କାହିଁକି? ଏହାର ଯଥାର୍ଥତା ବି ରହିଛି ସତ, ହେଲେ ବିଶାଳ ଫାଟକ, ସୁଉଚ୍ଚ କାନ୍ଥ, ସୁଦୃଶ୍ୟ ଭବନ ସହ ଏଇ ତାଲାର ଆବଶ୍ୟକତା କେତେ; ଏହା ହିଁ ଆଲୋଚନାର କେନ୍ଦ୍ରବିନ୍ଦୁ।

ମଧ୍ୟଯୁଗ ପୂର୍ବରୁ ଯେଉଁ ଉପାସନା ଗୃହଗୁଡ଼ିକ ଜନବସତି ସହ ଜଡ଼ିତ ଥିଲା, ସେଗୁଡିକ ମୁଖ୍ୟତଃ ଥିଲା ସେଇ ଅଞ୍ଚଳର ଶିକ୍ଷା ସଭ୍ୟତା ନ୍ୟାୟିକ ବ୍ୟବସ୍ଥାର ପ୍ରାଣ କେନ୍ଦ୍ର। ଉଣା ଅଧିକେ ନେତୃତ୍ୱ/ ରାଜନୀତି ସମ୍ବନ୍ଧୀୟ ଆଲୋଚନା ସେଇଠି ହିଁ ଉପସ୍ଥାପିତ ହେଉଥିଲା। ଧୀରେ ଧୀରେ ରାଜନ ବର୍ଗ ଏଗୁଡିକୁ ମଧ୍ୟ ରାଜ୍ୟର ବିଶାଳ ଧନ ସମ୍ପତ୍ତିର ସୁରକ୍ଷିତ କୋଷାଗାର ଭାବେ ବ୍ୟବହାର କଲେ। ଏସବୁ ପଛରେ ଥିଲା ସାଧାରଣ ଜନତାର ଉପାସନା ଗୃହ, ଆଧ୍ୟାତ୍ମିକତା ଉପରେ ଥିବା ସରଳ ଆସ୍ଥା ଭରସା ବିଶ୍ୱାସ ମେଞ୍ଚାଏ। ହେଲେ ଆଜି ଏ ସବୁ ବିରଳ। ଧର୍ମର ତତ୍ତ୍ୱଦର୍ଶୀ ବୋଲାଉଥିବା ଥୋକେ ତଥାକଥିତ ପଣ୍ଡିତ ଉପାସନା ଗୃହ ତଥା ତନ୍ମଧ୍ୟସ୍ଥ ଭଗବାନଙ୍କ ମୂର୍ତ୍ତି ଅବା ପ୍ରତୀକକୁ ନିଜର ସମ୍ପତ୍ତି ରୂପେ ଚିତ୍ରଣ କରି ନିଜ ସ୍ୱାର୍ଥ ଅନୁକୂଳ ପରମ୍ପରା ସୃଷ୍ଟି କରିବା ସହ ସାଧାରଣ ଜନତାର ଆସ୍ଥା ବିଶ୍ୱାସ ସହ ଖେଳିବା ଏଇ ଅଧଃପତନର କାରଣ ହୋଇପାରେ। ଫଳସ୍ୱରୂପ ଧର୍ମକୁ ନେଇ ହାମ୍‌ବଡା ନୀତି, ଆତ୍ମ ଘୋଷିତ ସନ୍ଥ ଇତ୍ୟାଦି ଇତ୍ୟାଦିର ସୂତ୍ରପାତ ହେଲା। ଧର୍ମକୁ ନେଇ ଦଙ୍ଗା, ଧର୍ମ ପ୍ରଚାର ଆଳରେ ସାମ୍ରାଜ୍ୟବାଦ ଯେତିକି ନିନ୍ଦନୀୟ, ତା'ଠାରୁ ତୃତୀୟ ପୃଥିବୀରେ ଧର୍ମକୁ ନେଇ ଆଜି ଦେଖାଯାଉଥିବା ଅସହିଷ୍ଣୁତା ଆହୁରି ବିଷମୟ।

ଭାଗବତ ଟୁଙ୍ଗିରେ ତାଲା ପଡିବା କିଏ କେବେ ଦେଖିଛି କି ନାହିଁ ଜାଣେନା, ହେଲେ ପୃଥିବୀରେ କଦବା କ୍ୱଚିତ କିଛି ଉପାସନା ଗୃହକୁ ବାଦ୍ ଦେଲେ କୌଣସି ମନ୍ଦିର, ମସ୍‌ଜିଦ, ଗିର୍ଜାରେ ତାଲା ନ ପଡିବାର ଦୃଷ୍ଟାନ୍ତ ପ୍ରାୟ ନାହିଁ। ଏହା ହିଁ ସୂଚାଇଦେବା ଲାଗି ଯଥେଷ୍ଟ ଯେ, ଆମେ କେତେଦୂର ଆସ୍ଥାବାନ। ଭଗବାନଙ୍କ ଉପରେ ଆମର ଭରସା କେତେ ? ନିଜ ଗହଣରେ ବଞ୍ଚୁଥିବା ମଣିଷମାନଙ୍କ ପ୍ରତି ଆମର ବିଶ୍ୱାସ କେତେ ? ସବୁ ଧର୍ମର ସାର କଥା ଏକ, ଈଶ୍ୱର ବି ଏକ କହୁଥିବା ପୃଥିବୀର ସବୁ ସମ୍ପ୍ରଦାୟ କାୟମନୋବାକ୍ୟରେ ଏହାକୁ ହୃଦୟରେ ଗ୍ରହଣ କରିଥିଲେ ଧର୍ମକୁ ନେଇ ଏତେ ବିଦ୍ୱେଷ ରହନ୍ତା କି? ସବୁ ଧର୍ମରେ ଗୋଷ୍ଠୀବାଦର ଅଭ୍ୟୁଦୟ ଘଟି ଏକ ଅପରର ନିନ୍ଦା ରଟୁଥିବା ତଥା ସେଇ କାରଣରୁ ବିଶ୍ୱର କୋଣେ ଅନୁକୋଣେ ଧର୍ମକୁ ନେଇ ଘଟୁଥିବା ସଂଘର୍ଷର ଅନ୍ତ କାହିଁ? କେବେ ସୁଧୁରିବା ଆମେ ? ପ୍ରତି ମଣିଷ ମଣିଷପଣିଆ ଶିଖିବା ଦରକାର, ମାନବଜାତିର ମହାନତା ଉପଲବ୍ଧି କରିବା ଦରକାର। ନୋହିଲେ ଏ ସଂଘର୍ଷମୟ ବିଶ୍ୱ ଧର୍ମମୟ ହୋଇଯିବ ସିନା, ଧର୍ମକୁ ଅନୁସରଣ କରୁଥିବା ମାନବ ଶୂନ୍ୟ ହୋଇଯିବାର ଢେର୍ ଆଶଙ୍କା। ବିଚାର କେବଳ ଆପଣଙ୍କର।

**କଲ୍ୟାଣସିଂହପୁର, ରାୟଗଡ**
**ମୋ– ୮୨୪୯୧୨୧୦୬୦**

## ଏଇ ଭାରତରେ

ପାର୍ଥିବ ଶରୀରର ଅନ୍ତିମ ସଂସ୍କାର ନ ହେଲେ ଆତ୍ମା ମୁକ୍ତିଲାଭ କରିପାରେ ନାହିଁ ବୋଲି ମାନ୍ୟତା ରହିଛି। ଏହାକୁ ଲକ୍ଷ୍ୟକରି ପଞ୍ଜାବର ଜଣେ ମହିଳା ଏଏସ୍‌ଆଇ ସୁନୀତା ଦୁର୍ଘଟଣା କିମ୍ବା ଅନ୍ୟ କାରଣରୁ ମୃତ୍ୟୁ ହେଉଥିବା ଅନେକ ଅପରିଚିତ ମୃତଦେହ ଦାହକରି ସେମାନଙ୍କୁ ମୁକ୍ତି ପଥର ଯାତ୍ରୀ କରିବାରେ ଲାଗିଛନ୍ତି। ୨୦୧୭ରୁ ସୁନୀତା ଏହି କାର୍ଯ୍ୟକରି ଆସୁଛନ୍ତି ଓ ଏବେ ସୁଦ୍ଧା ସେ ୨୦୦୦ ମୃତଦେହର ଅନ୍ତିମ ସଂସ୍କାର କରିସାରିଲେଣି। କେବଳ ଅନ୍ତିମ ସଂସ୍କାର କରୁନାହାନ୍ତି, ବରଂ ସେମାନଙ୍କ ଅସ୍ଥିକୁ ବିଧିବିଧାନ ମୁତାବକ ବିସର୍ଜନ କରି ସଂସ୍କାର କର୍ମ କରୁଛନ୍ତି। କରୋନା ସମୟରେ ମଧ୍ୟ ସେ ଏହି କାର୍ଯ୍ୟ ଜାରି ରଖିଥିଲେ ଓ ସଂସ୍କାର ଘାଟକୁ ଯାଇ ଅନ୍ତିମ ସଂସ୍କାର କରୁଥିଲେ। ସେ ଦାହ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ବହୁ ସମୟରେ କେତେକ ପୋଲିସ ମଧ୍ୟ ତାଙ୍କ ଅର୍ଥ ଦେଲେ ସେ ତାହାକୁ ଗ୍ରହଣ କରନ୍ତି। ୧୯୯୯ରେ ସୁନୀତା ପଞ୍ଜାବ ପୋଲିସରେ ଭର୍ତ୍ତି ହୋଇଥିଲେ। ଏବେ ସେ ନିଶା ଚୋରା କାରବାର ରୋକିବା ଲାଗି ଗଠିତ ଆଣ୍ଟି ନାର୍କୋଟିକ୍ସ ସେଲ୍‌ରେ ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଛନ୍ତି। ପଞ୍ଜାବ ପୋଲିସକୁ କୌଣସି ଅଜଣା ଶବ ମିଳିଲେ ସେ ଆଗକୁ ବାହାରି ଦାହ କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୯୭

- ଏଲ୍‌ଟିଟିଇ ବିଦ୍ରୋହୀଙ୍କ କବଳରୁ ରାଜପଥକୁ ମୁକୁଳାଇବା ପାଇଁ ଶ୍ରୀଲଙ୍କା ସୈନ୍ୟବାହିନୀ ପକ୍ଷରୁ ଚାଲିଥିବା ଆକ୍ରମଣାତ୍ମକ ଅଭିଯାନ ସମୟରେ ବିଦ୍ରୋହୀଙ୍କ ପାଲଟା ଆକ୍ରମଣରେ ୧୦୫ ସୈନ୍ୟ ନିହତ।
- ପ୍ରବୀଣ ମଞ୍ଚ ଅଭିନେତା, ନାଟ୍ୟ ଜଗତର କିମ୍ବଦନ୍ତୀ ପୁରୁଷ ତଥା ମାଗାସେସ୍ ପୁରସ୍କାର ବିଜେତା ଶମ୍ଭୁ ମିତ୍ରଙ୍କ ୮୨ ବର୍ଷ ବୟସରେ ପରଲୋକ।
- ତାମିଲନାଡୁ ରାଜ୍ୟ ପରିବହନ ନିଗମର ଗୋଟିଏ ବସ୍ ପାଲାନିରୁ କୋଦାଇ କେନାଲ ଯାଉଥିବା ବେଳେ ରାସ୍ତା ପାଶ୍ୱସ୍ଥ ଏକ ଖାତ ଭିତରକୁ ଖସିପଡ଼ିବାରୁ ୨୦ ଯାତ୍ରୀଙ୍କ ମୃତ୍ୟୁ।
- କଟକ-ଭୁବନେଶ୍ୱର ସହରକୁ ଯୌଥ ସହର (ଟୁଇନ ସିଟି) ଭାବେ ସରକାର ଘୋଷଣା କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 5 | | | | | 1 |
| 3 | | | | 8 | | | | 7 |
| | 4 | | 2 | | | | | |
| | | 5 | 7 | | | | 1 | |
| | | | | 3 | 2 | | 7 | |
| 9 | | | | | | | | |
| | 5 | 3 | 4 | | | 9 | 2 | |
| | | | | | | | | 6 |
| 7 | 2 | | 6 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 1 | 8 | 2 | 7 | 4 | 9 |
| 9 | 8 | 4 | 5 | 6 | 7 | 2 | 3 | 1 |
| 2 | 7 | 1 | 4 | 9 | 3 | 5 | 6 | 8 |
| 5 | 9 | 7 | 3 | 2 | 4 | 8 | 1 | 6 |
| 4 | 3 | 6 | 8 | 7 | 1 | 9 | 2 | 5 |
| 8 | 1 | 2 | 9 | 5 | 6 | 3 | 7 | 4 |
| 1 | 6 | 8 | 7 | 3 | 5 | 4 | 9 | 2 |
| 7 | 2 | 9 | 6 | 4 | 8 | 1 | 5 | 3 |
| 3 | 4 | 5 | 2 | 1 | 9 | 6 | 8 | 7 |

ଗତକାଲିର ଉତ୍ତର

# ସ୍ତ୍ରୀ ହାତରୁ ଚାପୁଡ଼ା



ଡ. ସୁବାସ ଚନ୍ଦ୍ର ପାତ୍ର

ସ୍ତ୍ରୀ ହାତରୁ ଚାପୁଡ଼ା ଖାଇବା ଘଟଣା ନେଇ ପୁରୁଷମାନେ ବେଶି ବ୍ୟତିବ୍ୟସ୍ତ ହେବା ଉଚିତ ନୁହେଁ। ଏହା ସାମୟିକ ଭାବରେ ଭୂମିକାର ଅଦଳବଦଳ। ଏହାକୁ ଅନ୍ୟ ଭାବରେ ଦେଖିବା ଉଚିତ ନୁହେଁ, ବରଂ ଏହା ଏକ ସାମାଜିକ ପ୍ରଗତିର ଲକ୍ଷଣ ଏବଂ ବ୍ୟକ୍ତିଗତ ସ୍ତରରେ ପୁରୁଷର ଆତ୍ମୋଦୟ ଘଟୁଥିବା ବେଳେ, ନାରିଟି କରେ ଆତ୍ମ ଆବିଷ୍କାର। ପୁରୁଷଟି ଅନୁଭବକରେ ତା' ଭିତରେ ହିଂସା ସହନଶୀଳତା ଭଳି ଏକ ଦିବ୍ୟଗୁଣ ଲୁକ୍କାୟିତ ଅଛି ଏବଂ ନାରୀଟି ପରଖିନିଏ ସେ କେତେ ସଶକ୍ତ!

ପ୍ରକୃତରେ ଏହି ଚାପୁଡ଼ା ବା ଝାଡୁ ଉପାଖ୍ୟାନରେ ବେଶି କିଛି ଘଟେ ନାହିଁ। ଖାଲି ଭୂମିକାର ବିପରୀତକରଣ। ଏ ଘଟଣାର ବୈଶିଷ୍ଟ୍ୟ ହେଲା ଏହା ପ୍ରଚଣ୍ଡଭାବରେ 'ସମ୍ବାଦଅନୁକୂଳ' ଏବଂ 'ସାହିତ୍ୟୋପଯୋଗୀ'। ଫକୀରମୋହନଙ୍କ 'ପେଟେଣ୍ଟ ମେଡିସିନ' ଏଇଥିପାଇଁ ବୋଧେ ଖ୍ୟାତ, ତଥା କାଳଜୟୀ। ବାବୁ ଚନ୍ଦ୍ରମଣି ଯଦି ପରନାରୀ ଓ ମଦ ପ୍ରଲୋଭନରେ ନିଜ ସ୍ତ୍ରୀ ପ୍ରତି ଏକପାଖିଆ ଅତ୍ୟାଚାର କରିଚାଲନ୍ତେ, ସେ ଗପଟି ପୃଥିବୀର ଗଳ୍ପ ତାଲିକାରେ ଅନ୍ୟ ଏକ ନୀରସ ଗପ ହୋଇ ରହିଯାଇଥାନ୍ତା। କିନ୍ତୁ ଶ୍ରୀମତୀ ସୁଲୋଚନା, ଶ୍ରୀମତୀ ସମାର୍ଜନୀ ଭୂମିକାରେ ଅବତୀର୍ଣ୍ଣ ହେଲେ ବୋଲି ଗପଟି କାଳଜୟୀ ହେଲା ଏବଂ ଅନେକ ବିଶ୍ୱସ୍ତ ସ୍ୱାମୀମାନେ ଚନ୍ଦ୍ରମଣିଙ୍କ ରାସ୍ତାରେ କେଇ ପାଦ ଯାଇ ଅବା ଯିବାର ସ୍ୱପ୍ନ ଦେଖି ଫକୀରମୋହନଙ୍କ ସୌଜନ୍ୟରେ ପୁଣି 'ଧର୍ମରାସ୍ତାରେ' ଫେରି ଆସିଲେ! ଉପରଲିଖିତ ଆବିଷ୍କାର କଥା ପରିପ୍ରେକ୍ଷୀରେ ମୋ ଭାଉଜଙ୍କ ଏକ 'ଆବିଷ୍କାର' ଉପାଖ୍ୟାନ ମନେପଡୁଛି।

ଗେଣ୍ଡୁ ବାପା ଷ୍ଟେଶନରେ ଚାହା ବିକି ରାତିରେ ଘରକୁ ଫେରିଲେ। ନାଲି ପାଣି ପିଇ ଗେଣ୍ଡୁବାପା ଯେ ଘରକୁ ଫେରିଲେ ଏକଥା ଉଦ୍‌ଘୋଷିତ ହୁଏ ଗେଣ୍ଡୁମା'ଙ୍କ କାନ୍ଦବୋବାଳିରୁ। ଏହା ଏକ ନିତିଦିନିଆ କଥା, ଯେଉଁଥିରେ 'ଖବର' ନାହିଁ କି 'ସାହିତ୍ୟ' ନାହିଁ। ଦିନେ କିନ୍ତୁ ଏହି ନିତ୍ୟନୈମିତ୍ତିକ ଘଟଣା ଭରପୂର ସାହିତ୍ୟର ତଥା ସିନେମାର ରୂପ ନେଲା। ଗେଣ୍ଡୁ ମା'ର କାନ୍ଦବୋବାଳି ଭିତରୁ ଗୋଟିଏ ଅସ୍ଥିର ପୁରୁଷର ସ୍ୱର ଶୁଭିଲା। ସ୍ୱର କହୁଥିଲା, ''ତୁ ମୋତେ ମାରିଲୁ? ମୋ ଉପରକୁ ହାତ ଉଠେଇଲୁ। ତୋ ଗେରସ୍ତ ଉପରକୁ ହାତ ଉଠେଇଲୁ? ତୁ ହାତ ଉଠେ....? ତୁ ହାତ....?'' ତା'ପରେ ସବୁ ଶୂନଶାନ୍। ଭାଉଜ ସେଦିନ କାହିଁକି କେଜାଣି ଅନୁସନ୍ଧିତ୍ସୁ ହୋଇପଡ଼ିଲେ। ସେ ନିଜ ବୈଠକଘର ଅନ୍ଧାର କରି ଏ ଅଙ୍କର ବାକି ଦୃଶ୍ୟ ଦେଖିବାକୁ ଟାଙ୍କି ରହିଲେ। ଘଣ୍ଟେ ଦି ଘଣ୍ଟେ ପରେ ଆଖି ଦେଖି ନ ଥିବା ଘଟଣା ଦେଖାଗଲା। ବାରଣ୍ଡାରେ ଗୋଟିଏ ବେଲାରେ ଗେଣ୍ଡୁମା' ଓ ଗେଣ୍ଡୁବାପା ପଖାଳ ଖାଉଛନ୍ତି। ଗେଣ୍ଡୁବା କହୁଛି, 'ତୁ ମୋତେ ଆଜି ହାତ ଉଠେଇଲୁ?' ଗେଣ୍ଡୁ ମା' କହୁଛି, 'ଅନ୍ୟ ଦିନେ ପିଟେ କି? ଆଜି ତୁ ମୋତେ ବହୁତ ଜୋରରେ ବାଡ଼େଇଲୁ। ମୋତେ ବହୁତ କାଟିଲା। ମୁଁ ଜୋରରେ ପହଁରାରେ ବାଡ଼େଇ ଦେଇଛି ତୋତେ। ମୁଁ ଜାଣେ ତୋତେ ବହୁତ କାଟିଥିବ। ତୁ ପିଠି ଦେଖା, ମୁଁ ଶାଢ଼ିରେ ତୋ ପିଠିକୁ ଟିକିଏ ଶାଉଁଳି ଦିଏ।....ହେଉ ନେ ଖା....।' ତା'ପରେ କିଛି କୋମଳ, ଅସ୍ପଷ୍ଟ ଶବ୍ଦ। ଭାଉଜ ଶୋଇବାକୁ ଗଲେ। ଗେଣ୍ଡୁ ମା' ଭାଉଜଙ୍କ



ଘରେ ସରକାରୀ କଳରୁ ପାଣି ଆଣି ଦିଏ। ସକାଳୁ କାମ କରିବାକୁ ଆସିଲାରୁ ଭାଉଜ ଟିକିଏ ଅତ୍ୟୁତ୍ସାହୀ ନାରୀବାଦୀ ଢଙ୍ଗରେ କହିଲେ, 'ଗେଣ୍ଡୁମା', ତୋ ସ୍ୱାମୀ ମଦ ପିଇ ରୋଜରୋଜ ତୋତେ ବାଡ଼ଉଛି। ସେ ମଦ ପିଉଛି ନା ମଦ ତାକୁ ପିଉଛି କହନି? ସେ ମରୁନି କାହିଁକି କେଜାଣି?' ଏତିକି କଥା ଭାଉଜଙ୍କ ତୁଣ୍ଡରୁ ସରିଛି କି ନାହିଁ ଗେଣ୍ଡୁମା' ଧରିଥିବା ବାଲଟିଟି ଫିଙ୍ଗି ଦେଇ କହିଲା, 'ତୁମେ ଏ କଥା କାହିଁକି କହୁଛ? ତୁମର ସେ ଖାଏ, ନା ଧାରେ? ତା' ମରିବା କଥା କହୁଛ ପୁଣି ମୋ ଆଗରେ?' ଭାଉଜ ସ୍ତବ୍ଧ ହୋଇଯାଇଥିଲେ। ଏମାନେ ହେଲେ ଖଟିଖିଆ। କଳିତକରାଳ କରନ୍ତି। ମାରପିଟ କରନ୍ତି, ପୁଣି ସ୍ନେହପାଶରେ ଅତି ନିବିଡ଼ ଭାବରେ ଆବଦ୍ଧ ହୋଇଯାଆନ୍ତି; ଏମାନେ କାଚଘରେ ରହୁଥିବା ଅତ୍ୟାଧୁନିକ, ସହରୀ ଦମ୍ପତି ନୁହନ୍ତି ଯାହାଙ୍କର କାଚଘର ଛୋଟ ଟେକାମାଡ଼ରେ ଥରେ ଫାଟିଗଲେ, ଫାଟ ବଢ଼େ ଏବଂ ଶେଷରେ ଘର ଭୁଶୁଡ଼ି ପଡ଼େ।

ଅବଶ୍ୟ ସବୁ ଦମ୍ପତି ଗେଣ୍ଡୁବାପା, ମାଆ ଭଳି ଭାଗ୍ୟବାନ ନୁହନ୍ତି। କାହା କାହା ଜୀବନରେ ଏକତରଫା ଯୁଦ୍ଧ ଲାଗି ରହିଥାଏ। ମନେପଡ଼େ ଉପକୂଳ ଜିଲାର ଏକ ସରକାରୀ କଲେଜର ଜଣେ ବିଜ୍ଞାନ ଅଧ୍ୟାପକଙ୍କ କଥା। ତାଙ୍କ ପାଖଘରେ ଆମେ ତିନି ଯୁବ ଅଧ୍ୟାପକ ମେସ୍ କରିଥାଉଁ। ଦିନେ ଖରାବେଳେ ପଡ଼ୋଶୀ ଅଧ୍ୟାପକ ବନ୍ଧୁ ଜୋରରେ ଆମ ମେସ୍ ଭିତରକୁ ପଶି ଆସିଲେ। ତୁରନ୍ତ କବାଟ ବନ୍ଦ କରିବାକୁ କହିଲେ। ସେ ପଟୁ ଜଣେ ନାରୀର ସ୍ୱର, 'କବାଟ ଖୋଲନ୍ତୁ।' ଆମେ ତିନିହେଁ ଦମ୍ଭକରି କବାଟ ଖୋଲିଲୁ; ଦେଖିଲୁ ପନିକିଧାରୀ ଏକ ନାରୀମୂର୍ତ୍ତି। ଆମେ ତାଙ୍କୁ ବୁଝେଇ କହିଲୁ, 'ମ୍ୟାଡାମ, ଆପଣ ଟିକେ ଧୈର୍ଯ୍ୟ ଧରନ୍ତୁ।' ଯାହାହେଉ ସେ ଫେରିଯିବା ପରେ ବିଜ୍ଞାନ ଅଧ୍ୟାପକ ବୈଜ୍ଞାନିକ ଶୈଳୀରେ ହେଉଥିବା ତାଙ୍କ ଅତ୍ୟାଚାରର କାହାଣୀ କହିଲେ। ଆମେ ଯେତେବେଳେ ପଚାରିଲୁ, 'ଗୋଟିଏ ଉଚ୍ଚପାଚେରିର ବ୍ୟବଧାନ। ଆପଣମାନଙ୍କ କଳିତକରାଳ ବିଷୟରେ ଆମେ ତ କିଛି ଜାଣିପାରିନୁ ?' ସେଇଠୁ ଅଧ୍ୟାପକ ବଡ଼ଭାଇ କହିଲେ, 'ଆପଣମାନେ ଜାଣିବେ କେମିତି? ମୋ ଉପରେ ପ୍ରହାର ହେଉଥିଲାବେଳେ ସେ ଫ୍ୟାନ ଓ ଟିଭିର ଭଲ୍ୟୁମ ଜୋର କରିଦିଅନ୍ତି।' ଜଣେ ସ୍ତ୍ରୀ ବା ଜଣେ ନାରୀକୁ ଭିନ୍ନ ମତ ଜାହିର କରିବା ପାଇଁ ସବୁବେଳେ ହାତ ଉଠେଇବା ଦରକାର ନାହିଁ। ଆଖିର କଟାକ୍ଷ, କେତୋଟି ଶବ୍ଦ ଓ ଛିଡ଼ା ହେବାର ଭଙ୍ଗୀ ବୁଝିବା ଲୋକଙ୍କୁ ଜଣେଇ ଦିଏ ଝଡ଼ ଆଗମନର ସତର୍କ ସୂଚନା। ବାସ୍ ଖାଲି ଗୋଡ଼ ଦୁଇଟିକୁ ଖୁଣ୍ଟଭଳି ମାଟିରେ ପୋତିଦେଇ, ଅଣ୍ଟାରେ ହାତଦେଇ କେତେ କଥା ଯେ କରିହୁଏ ତା'ର ଏକ ନମୁନା ଦେଖିଥିଲି ରେଭେନ୍‌ସାରେ ଏମ.ଏ. ପଢ଼ିଲା ବେଳେ ଇଣ୍ଟରମିଡିଏଟ୍ ବିଜ୍ଞାନ ଶ୍ରେଣୀରେ ପଢୁଥିବା ଜଣେ ବାଳିକାର ବ୍ୟବହାର।

ଦାମ୍ପତ୍ୟ ଜୀବନରେ ଚାପୁଡ଼ା ଏକ ଅନୁପ୍ରବେଶ। ଆମେ କାହାକୁ ଚାପୁଡ଼ା ମାରିବାନି ବୋଲି ଭଗବାନ ଆମକୁ ପାଟିଟିଏ ଓ ପ୍ରଚଣ୍ଡ ପ୍ରକାଶକ୍ଷମ ଆଖି ଯୋଡ଼ିଏ ଦେଇଛନ୍ତି। ପୃଥକ ମତ ରଖିବା ପାଇଁ ଏ ଦୁଇଟିକୁ ଅଧିକ ସକ୍ରିୟ କରି ଅବା ସମ୍ପୂର୍ଣ୍ଣ ନିଷ୍କ୍ରିୟ କରି, ନୀରବିଯାଇ ମଣିଷ ବହୁତ କଥା କହିପାରିବ। ଚାପୁଡ଼ା ପ୍ରଦାନ ସମାଧାନର ଏକମାତ୍ର ରାସ୍ତା ବୋଲି ଅନୁଭୂତ ହେଉଥିଲେ ତା'ଠୁ ଅଧିକ ଭଦ୍ର, ସରକାରଙ୍କ ବିଧି ବ୍ୟବସ୍ଥା ଅଛି। ତେବେ ଏ କ୍ଷେତ୍ରରେ ଅନ୍ତିମ ନିଷ୍ପତ୍ତି ପାଇଁ ବୋଧହୁଏ ଆମକୁ ଫକୀରମୋହନ ସେନାପତିଙ୍କ ପାଖକୁ ଯିବାକୁ ପଡ଼ିବ!

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର, ମୋ:୯୪୩୭୩୭୬୨୧୯**
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ହାଣ୍ଡିଶାଳରେ ମହଙ୍ଗା ମାଡ଼

ମହାଶୟ,

ଥରକୁ ଥର ଗ୍ୟାସ୍ ଦର ବଢ଼ିବା ଦ୍ୱାରା ଗୃହିଣୀମାନଙ୍କର ମାନସିକ ସ୍ଥିତି ଦୋହଲି ଯିବା ସଙ୍ଗେ ସଙ୍ଗେ ରୋଷଘର ଉପରେ ପ୍ରଭାବ ପଡିଲାଣି। କେବଳ ଗ୍ୟାସ୍ ନୁହେଁ,ବଜାରରେ ସବୁ ଜିନିଷପତ୍ରର ଦାମ୍ କଥା ନ କହିବା ଭଲ। ପେଟ୍ରୋଲ ଡିଜେଲ ଦର ବୃଦ୍ଧି ଗୃହସ୍ଥମାନଙ୍କର ଅର୍ଥନୀତି ଉପରେ ମଧ୍ୟ ପ୍ରଭାବ ପକାଉଛି। ଦେଶରେ ଯଦି ଦରଦାମ ସ୍ଥିର ନ ରହିଲା, ଦେଶବାସୀ ଯଦି ଶାନ୍ତିରେ ଗଣ୍ଡେ ଖାଇପିଇ ରହିପାରିଲେନି ଦେଶର ଶାସନ କର୍ତ୍ତାଙ୍କୁ ନିନ୍ଦା କରିବେନି କି ? ରନ୍ଧନ ଗ୍ୟାସ୍ ଆଜିକାର ଯୁଗରେ ଗରିବଙ୍କଠାରୁ ମଧ୍ୟବିତ୍ତ ଏବଂ ଧନିକ ପରିବାର ବ୍ୟବହାର କରୁଛନ୍ତି। ଯଦି ଗ୍ୟାସ ସିଲିଣ୍ଡର ପିଛା ୧୦୦୦ଟଙ୍କା ଉପରେ ରହେ, ଗରିବ ଓ ମଧ୍ୟବିତ୍ତ ପରିବାର ଲୋକଙ୍କମାନେ କିଣିପାରିବେ ତ। ଧନୀମାନଙ୍କ ଘରେ ଟଙ୍କାର ପାହାଡ଼। ସେମାନଙ୍କୁ ଗ୍ୟାସ କିଣିବାକୁ କଷ୍ଟ ହେବନି। କେନ୍ଦ୍ର ସରକାର ଗରିବ ଏବଂ ମଧ୍ୟବିତ୍ତ ପରିବାର ଆର୍ଥିକ ସ୍ଥିତିକୁ ଲକ୍ଷ୍ୟକରି ଯଥାସମ୍ଭବ ଗ୍ୟାସ ଦର କମାନ୍ତୁ। ନ ହେଲେ ସେମାନେ ଗ୍ୟାସ କିଣି ନ ପାରି ଉପବାସରେ ରହିଯିବେ।

**–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚକିତ ଆତଙ୍କେ ଚାହିଁ ଅସ୍ତଗାମୀ ପ୍ରତୀଚୀ ମିହିରେ।
ନିରେଖଇ ପୁଣି ଆର ତୀରେ–
କବିର କରୁଣ ଛନ୍ଦ ସମ!
ଚଉଦିଗେ ଘୋଟି ଆସେ ଧୀରେ ଧୀରେ ତମ।
ଯୁଗ୍ମ ପକ୍ଷୀ ରବି ପାଶେ କରେ କି ମିନତି
ଆଉ କ୍ଷଣେ ବିଳମ୍ବିତ ହେବା ଲାଗି ଦ୍ରୁତ ଅସ୍ତଗତି ?
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୦ ମେ, ୨୦୨୨



## ସଂକ୍ଷେପରେ

### ୨୬ରୁ ମଜଦୁର ୟୁନିୟନ ସଂଘର ଧାରଣା

**ପାରାଦୀପ,୧୯।୫(ସ୍ୱ.ପ୍ର.):** ପାରାଦୀପ ବନ୍ଦରରେ ଗତ ୩୦ ବର୍ଷ ହେଲା ଗୁରୁତ୍ୱପୂର୍ଣ୍ଣ କାମ କରୁଥିବା ଜିପିଏମ(ଜେନେରାଲ ପରପୋଜ ମଜ୍‌ଦୁର)ଙ୍କୁ ଏପର୍ଯ୍ୟନ୍ତ ଉଚିତ ନ୍ୟାୟ ମିଳିନାହିଁ। ଏ ସମ୍ପର୍କରେ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜ୍‌ଦୁର ୟୁନିୟନ ପକ୍ଷରୁ ବ୍ୟବହାରକାରୀ ସଂସ୍ଥା ଓ ବନ୍ଦର ପ୍ରଶାସନକୁ ୨ ବର୍ଷ ହେବ ଚିଠି ଲେଖାଯାଇଛି। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ମେ ୨୬ରୁ ବନ୍ଦର ପ୍ରଶାସନିକ ଭବନ ଆଗରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯିବା ସହ ବିକ୍ଷୋଭ କରିବା ଲାଗି ନିଷ୍ପତ୍ତି ହୋଇଛି ବୋଲି ମଜ୍‌ଦୁର ୟୁନିୟନ ସମ୍ପାଦକ ସନାତନ ବେହେରା କହିଛନ୍ତି। ଜିପିଏମ କର୍ମକର୍ତ୍ତା ଓ ୟୁନିୟନ ପ୍ରତିନିଧିଙ୍କୁ ନେଇ ବୁଧବାର ସନ୍ଧ୍ୟାରେ ବଡ଼ପଡ଼ିଆସ୍ଥିତ ୟୁନିୟନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିପିଏମଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଶ୍ରମିକମାନେ ବନ୍ଦର ଭିତରେ ଜାହାଜ ଖଣି, ୱାଗନ ଓ ପ୍ଲଟ ଆଦି ସ୍ଥାନରେ ବିପଦପୂର୍ଣ୍ଣ ଭାବେ କାମ କରୁଛନ୍ତି। ସେମାନଙ୍କୁ ଏପର୍ଯ୍ୟନ୍ତ ଅନ୍ୟ ଶ୍ରମିକ ଭଳି ମାନ୍ୟତା ଦିଆଯାଇନାହିଁ। ବ୍ୟବହାରକାରୀ ସଂସ୍ଥା ଅଧୀନରେ ଏହି ଶ୍ରମିକମାନେ କାମ କରୁଥିବାରୁ ତାଙ୍କୁ ଛୁଟି, ବୋନସ, କ୍ୱାର୍ଟର ଓ ମେଡିକାଲ ସୁବିଧା ଆଦି ମିଳୁନାହିଁ। ପୂର୍ବରୁ ୨ ବର୍ଷରେ ଥରେ ମଜୁରି ସଂଶୋଧନ ଚୁକ୍ତିନାମା ହେଉଥିଲା। ସେହି ଚୁକ୍ତିନାମା ୨୦୨୧ ରୁ ଶେଷ ହୋଇଥିଲେ ହେଁ ନୂତନ ଚୁକ୍ତିନାମା ପାଇଁ ଅଣଦେଖା କରାଯାଉଛି। ଏହାର ପ୍ରତିବାଦରେ ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବେହେରା ସୂଚନା ଦେଇଛନ୍ତି।

### ଓଭରବ୍ରିଜରୁ ଡେଇଁଲେ ଯୁବକ

**ବାଲେଶ୍ୱର ଅଫିସ,୧୯।୫:** ଗୁରୁବାର ରାତି ପ୍ରାୟ ସାଢେ ୮ଟା ବେଳେ ବାଲେଶ୍ୱର ସହଦେବଖୁଣ୍ଟା ଓଭରବ୍ରିଜ ଉପରୁ ଜଣେ ଯୁବକ ଡେଇଁପଡିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଉଛନ୍ତି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ନଳିପୁର ଗ୍ରାମର ରମାକାନ୍ତ ବଳ (୩୯)। ଡେଇଁବାର କାରଣ ଜଣାପଡି ନ ଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରପିଏଫ ଉଦ୍ଧାର କରି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି।

### ବ୍ୟକ୍ତିଗତ ଜାଗାରୁ ମାଟି ଉଠାଣ ଅଭିଯୋଗ

**ବ୍ରହ୍ମବରଦା,୧୯।୫(ଡି.ଏନ.ଏ.):** ଧର୍ମଶାଳା ତହସିଲ ବ୍ରହ୍ମବରଦା ଫାଣ୍ଡି ଅଧୀନ କୋଠିହ ମଙ୍ଗଳପୁର ମୌଜାରେ ମାଫିଆ କେତେଜଣ ଲୋକଙ୍କ ବ୍ୟକ୍ତିଗତ ଜମିରୁ ମାଟି ଉଠାଇ ବିକ୍ରି କରୁଛନ୍ତି। ଏନେଇ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଅଭିଯୋଗକାରୀଙ୍କୁ ଫାଣ୍ଡି ଅଧିକାରୀ ଏସ. ଦାଶରଥି ପାତ୍ର ଦୁର୍ବ୍ୟବହାର କରିଥିବା ଅଭିଯୋଗ କରାଯାଇଛି। କୋଠିହ ଗ୍ରାମର ଆନନ୍ଦ ନାୟକ, ନୀଳମଣି ଆୟକ, ସୂର୍ଯ୍ୟମଣି ନାୟକ ଓ ଚନ୍ଦ୍ରମଣି ନାୟକଙ୍କ ଜମିରୁ ମାଟି ଉଠାଯାଇଛି। ଗ୍ରାମର ଜଣେ ବ୍ୟକ୍ତି ମାଟି ଉଠାଇ ପ୍ରାୟ ୩ଲକ୍ଷ ଟଙ୍କାରେ ବିକ୍ରି କରିଛନ୍ତି। ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ ଦେବାକୁ ଜମି ମାଲିକମାନେ ଆସିଥିବାବେଳେ ଫାଣ୍ଡି ଅଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣାର ଖବର ସଂଗ୍ରହ କରିବାକୁ ଯାଇଥିବା କେତେଜଣ ଖବରଦାତାଙ୍କୁ ମଧ୍ୟ ଫାଣ୍ଡି ଅଧିକାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ତେବେ ଫାଣ୍ଡିରେ ନ୍ୟାୟ ନ ପାଇବାରୁ ଅଭିଯୋଗକାରୀ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ରାକେଶ ଚନ୍ଦ୍ର ତ୍ରିପାଠୀ ତଦନ୍ତ କରି ମାଟି ଚାଲାଣ କରିଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଅଭିଯୋଗକାରୀ ଓ ଖବରଦାତାଙ୍କୁ ଦୁର୍ବ୍ୟବହାର ସମ୍ପର୍କରେ ଫାଣ୍ଡି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବିଭାଗୀୟ ସମନ୍ୱୟରେ ବିପର୍ଯ୍ୟୟ ମୁକାବିଲା ସମ୍ଭବ

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

- ଜଳ ନିଷ୍କାସନ ହୋଇ ନ ପାରିବା ମୁଖ୍ୟ ସମସ୍ୟା
- ମାଛଧରାଳିମାନେ ନଦୀରେ ଅଡ଼ା ବସାଉଛନ୍ତି

**ଜଗତ୍‌ସିଂହପୁର ଅଫିସ,୧୯।୫**

ଜଗତ୍‌ସିଂହପୁର ଜିଲାର ମୁଖ୍ୟ ସମସ୍ୟା ହେଉଛି ଜଳ ନିଷ୍କାସନ ହୋଇ ନ ପାରିବା। ଉଦ୍‌ବୃତ୍ତ ଜଳ କଟକ ଜିଲାରୁ ଆସି ଏହି ଜିଲାଦେଇ ପ୍ରବାହିତ ହେଉଛି। ଅଧିକ ବର୍ଷା ନାନା ସମସ୍ୟା ସୃଷ୍ଟି କରୁଛି। ତେଣୁ ଏହାର ପ୍ରତିକାର ହେବା ଦରକାର। ଏବର୍ଷ ଅଧିକାଂଶ ଡ୍ରେନେଜ୍ କାମ ଚାଲିଛି। ବର୍ଷାଦିନ ପୂର୍ବରୁ ସବୁ କାମ ଶେଷ କର ବୋଲି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଦୁଗ୍ଧ ଉତ୍ପାଦନରେ ଆମ ଜିଲା ଆଗୁଆ। ବର୍ଷାଦିନେ ଗାଈଗୋରୁଙ୍କ ପାଇଁ ଖାଦ୍ୟ ସମସ୍ୟା ସୃଷ୍ଟି ହୁଏ। ଚଳିତବର୍ଷ ଗାଈଗୋରୁଙ୍କ ଖାଦ୍ୟ ଓ ଫାଟୁଆ ଭଳି ସଂକ୍ରାମକ ରୋଗ ନିମନ୍ତେ ଟିକାକରଣ ଉପରେ ଅଧିକ ଧ୍ୟାନ ଦିଆଯାଉ। ବିଭାଗୀୟ ସମନ୍ୱୟ ରଖି ପଦକ୍ଷେପ ଗ୍ରହଣ କରାଗଲେ ବିପର୍ଯ୍ୟୟ ମୁକାବିଲା ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ।

ବୈଠକରେ ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି କହିଥିଲେ, ଆଉ କିଛି ଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ। ତା'ପୂର୍ବରୁ ଜିଲାର ତଳିଆ ଅଞ୍ଚଳ ଓ ଡ୍ରେନ ପରିଷ୍କାର କରିବାକୁ ପଡ଼ିବ। ବିଶେଷକରି ପାରାଦୀପ ଓ ଜଗତ୍‌ସିଂହପୁର ସହରରେ ଡ୍ରେନେଜ୍ ସଫା ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁଜଙ୍ଗ ଓ ଏରସମା ଅଞ୍ଚଳରେ ମାଛ ଧରାଳିମାନେ ଅଡା ବସାଉଥିବାରୁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ଏହାର ସମାଧାନ ପାଇଁ ତହସିଲଦାର, ବିଡିଓ ଓ ଜିଲା ମତ୍ସ୍ୟ ଅଧିକାରୀ ପରସ୍ପର ମଧ୍ୟରେ ସମନ୍ୱୟ ରଖି ସମସ୍ୟାକୁ ଦୂର କରିବା ପାଇଁ ପଦକ୍ଷେପ ନେବାକୁ କହିଥିଲେ। ବର୍ଷା ଓ ବନ୍ୟା ଯୋଗୁ ବିପର୍ଯ୍ୟୟ ସୃଷ୍ଟି ହେଲେ ସେତେବେଳେ ବିଦ୍ୟାଳୟ ଗୃହଗୁଡିକୁ ଖୋଲା ରଖିବାକୁ ପଡ଼ିବ। ଜିଲାର ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ଖାଦ୍ୟ ବ୍ୟବସ୍ଥା ସହ ପରିସ୍ରାଗାର, ପାନୀୟ ଜଳ ଯୋଗାଣ, ଆସ୍କାଲାଇଟ୍, ଡିଜିସେଟ୍ ଓ ପାୱାରକଟର ଆଦି ମହଜୁଦ ରହିବ। ନଦୀବନ୍ଧର ସୁଦୃଢ଼ିକରଣ ସହ ସମ୍ବେଦନଶୀଳ ଅଞ୍ଚଳ ପ୍ରତି ସଜାଗ ଦୃଷ୍ଟି ରଖିବାକୁ ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏମ୍‌ପି ରାଜଶ୍ରୀ ମଲ୍ଲିକ ଜଳସମ୍ପଦ, ଡ୍ରେନେଜ୍, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଭଳି ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରଖିବାକୁ କହିଥିଲେ । ଜିଲା ପରିଷଦ ସଭାପତି ମନୋଜ ଭୋଇ ଜଳ ନିଷ୍କାସନ ଉପରେ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ବର୍ଷାଦିନ ପୂର୍ବରୁ ନଦୀ ଓ କେନାଲ ବନ୍ଧ ଘାଇ ମରାମତି, ଡ୍ରେନ୍ ପରିଷ୍କାର, ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ଚୁଡା, ଚାଉଳ ମହଜୁଦ ରଖିବା, ବେସରକାରୀ ବୋଟଗୁଡିକର ତାଲିକା ଏବଂ ଫୋନ ନମ୍ବର ସଂଗ୍ରହ କରିବା, ପାୱାରବୋଟ୍, ଦେଶୀ ଡଙ୍ଗାର ବ୍ୟବସ୍ଥା ସମେତ ବନ୍ୟାଞ୍ଚଳରେ ଅସ୍ଥାୟୀ ଓ୍ୱାରଲେସ୍ ଷ୍ଟେଶନ୍ ସ୍ଥାପନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା। କୃଷି ଓ ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ପରିମଳ, ପ୍ରାଣୀ ସମ୍ପଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡିକର ମରାମତି, ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା, ଟେଲିଫୋନ ପୁନରୁଦ୍ଧାର, ଉଦ୍ଧାର ଓ ରିଲିଫ, ପଲିଥିନ ସିଟ୍ ମହଜୁଦ, ବିପର୍ଯ୍ୟୟ ସମୟରେ କୋଭିଡ୍ ୧୯ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ରାପିଡ ରେସପନ୍ସ ଟିମ୍, ଆମ୍ବୁଲାନ୍ସ ସେବା, ସାପ କାମୁଡା ଔଷଧ, ଓଆର୍‌ଏସ୍, ହାଲୋଜେନ୍ ବଟିକା, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀକୁ ଫାଷ୍ଟଏଡ୍ କିଟ୍ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ବିପର୍ଯ୍ୟୟ ପରିଚାଳନା ପ୍ଲାନ ଅନୁମୋଦନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାଶ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପାରାଦୀପ ଓ ଜଗତ୍‌ସିଂହପୁର ପୌରାଧକ୍ଷା, ପୌରାଧକ୍ଷ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ବିଡିଓ, ତହସିଲଦାର, ଜରୁରୀ ବିଭାଗ ଡେପୁଟୀ କଲେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

### ବିଷାକ୍ତ ପାଣି ପିଇ ୩ ଗୋରୁ ମୃତ

**କଳିଙ୍ଗନଗର,୧୯।୫(ଡି.ଏନ.ଏ.)**

ଦାନଗଦି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ଖରଡ଼ି ଗାଁ ମୁଣ୍ଡରେ ଥିବା ଟାଟା ପାୱାର ଷ୍ଟାଫ୍ କ୍ୱାର୍ଟରରୁ ନିର୍ଗତ ବିଷାକ୍ତ ପାଣି ପିଇ ଗୁରୁବାର ଅପରାହ୍ନରେ ୩ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶ ଯେ, ଗାଁରେ ଟାଟା ପାୱାର ନିଜ ଷ୍ଟାଫଙ୍କ ପାଇଁ କ୍ୱାର୍ଟର ନିର୍ମାଣ କରିଛି। କ୍ୱାର୍ଟର ଚାରିପଟେ ପାଚେରି ରହିଛି। ଯେହେତୁ ଏହା ବିଲ ମଝିରେ ରହିଛି, ବାହାରୁ ବିଷାକ୍ତ ସାପ ପାଚେରି ଭିତରକୁ ନ ଯିବା ପାଇଁ କମ୍ପାନୀ ପକ୍ଷରୁ ପାଚେରି ଚାରିପଟେ ବିଷାକ୍ତ ଔଷଧ ପକାଯାଇଥିଲା। ତେବେ ଗୁରୁବାର ଗାଁର ୫/୬ ଟି ଗୋରୁ ପାଚେରି କଡ଼ରେ ଚରୁଥିବା ବେଳେ ପାଚେରି ଫାଙ୍କ ଦେଇ ନିର୍ଗତ ହେଉଥିବା ପାଣିକୁ ପିଇଥିଲେ। ଫଳରେ କିଛି ସମୟ ପରେ ସେହିଠାରେ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁବରଣ କରିଥିଲେ। ମୃତ ଗୋରୁଙ୍କ ମଧ୍ୟରେ ହୃଷୀକେଶ ଟଙ୍କଙ୍କ ଗୋଟିଏ, ଭରତ ପରିଡ଼ାଙ୍କ ଗୋଟିଏ ଏବଂ ସୁରେନ୍ଦ୍ର ବେହେରାଙ୍କ ଗୋଟିଏ ଗୋରୁ ଥିବା ଜଣାପଡ଼ିଛି। ଗୋରୁ ଜଗାଳିଙ୍କଠାରୁ ଖବର ପାଇ ଗ୍ରାମବାସୀ ସେଠାରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେଣୁ ଗୋରୁ ମାଲିକଙ୍କୁ କ୍ଷତି ପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୫ ଅଙ୍ଗନୱାଡି କେନ୍ଦ୍ରକୁ ରୂପାନ୍ତରଣ କଲା ଜେଏସ୍‌ଡବ୍ଲ୍ୟୁ



ଏକ ଅଙ୍ଗନୱାଡି କେନ୍ଦ୍ରରେ ବିଭିନ୍ନ ଛବି ଅଙ୍କାଯାଇଛି।

**କୁଜଙ୍ଗ, ୧୯।୫ (ଡି.ଏନ୍.ଏ.)**

ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ଢିଙ୍କିଆ, ନୂଆଗାଁ, ଗଡକୁଜଙ୍ଗ ପଞ୍ଚାୟତ ସମେତ ସନ୍ନିକଟ ବାଲିତୁଠ ପଞ୍ଚାୟତର ୧୫ ଅଙ୍ଗନୱାଡି କେନ୍ଦ୍ରକୁ ରୂପାନ୍ତରଣ କରାଯାଇଛି। ସେଠାରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ଆଧାରରେ ଢିଙ୍କିଆ ପଞ୍ଚାୟତର ପାଟଣା, ମାହଳ, ଗୋବିନ୍ଦପୁର ଗାଁରେ ଥିବା ୬ ଅଙ୍ଗନୱାଡି କେନ୍ଦ୍ର, ନୂଆଗାଁ ପଞ୍ଚାୟତର ରାମଚଣ୍ଡୀ ଓ ମଠସାହିରେ ଥିବା ୫ କେନ୍ଦ୍ର, ଗଡକୁଜଙ୍ଗ ପଞ୍ଚାୟତର ନୋଳିଆସାହି ଓ କୁଞ୍ଜବିହାରୀ କେନ୍ଦ୍ର ଓ ବାଲିତୁଠ ପଞ୍ଚାୟତର ବାଲିତୁଠ ଓ ବଡବୁଦା କେନ୍ଦ୍ରର କାନ୍ଥକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରାଯାଇଛି। ସେଠାରେ ଛୋଟ ଛୋଟ ପିଲାମାନଙ୍କୁ ଆକର୍ଷିତ କଲାଭଳି (ବାଲା) ମଡେଲ ଅନୁଯାୟୀ ଛବି ଅଙ୍କା ଯାଇଛି। ଏସବୁ କେନ୍ଦ୍ରରେ ଛୋଟପିଲାଙ୍କ ଖେଳିବା ନିମନ୍ତେ ବେବି ସୁଇଙ୍ଗ, ଘୋଡା ଦୋଳି, ତିନି ଚକିଆ ଗଧ, ଆପୁଲ ଟୟ ବକ୍ସ, ଗୋଲକଧନ୍ଦା, ଲୁଡୁ, ଗୋଲଟେବୁଲ, ୧୦ଟି ଲେଖାଏ ପ୍ଲାଷ୍ଟିକ ଚେୟାର, ଷ୍ଟିଲ ଥାଳି, ଚାମଚ, ସ୍କୁଲ ବ୍ୟାଗ, ଓଡିଆ ଏବଂ ଇଂରାଜୀ ବର୍ଣ୍ଣମାଳା ବହିଭଳି ୨୦ ପ୍ରକାରର ସାମଗ୍ରୀ ପ୍ରଦାନ କରାଯାଇଛି । ଏହି ୧୫ଟି କେନ୍ଦ୍ରରେ ୩୫୦ରୁ ଉର୍ଦ୍ଧ୍ୱ ପିଲା ପାଠ ପଢନ୍ତି। ଏଥିପାଇଁ ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ଜେଏସଡବ୍ଲ୍ୟୁ ୨୩ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

କେନ୍ଦ୍ରଗୁଡିକୁ ରୂପାନ୍ତରଣ କରାଯିବା ପରେ ଶିଶୁମାନେ ସେଠାକୁ ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସୋମନାଥ ସ୍ୱାଇଁ, ଅଞ୍ଜନା ପ୍ରଧାନ, ଆରତି ଦଳାଇ, ରଞ୍ଜିତା ଦଳାଇ ଓ ପ୍ରଭାତ ରାଉତ ପ୍ରମୁଖ କହିଛନ୍ତି।

# ଡିଏସ୍‌ପିଙ୍କ ଦ୍ୱାରା ତଦନ୍ତ ଆରମ୍ଭ

## ଦଳିତ ପରିବାରକୁ ଆକ୍ରମଣ ଘଟଣା

**ଜେନାପୁର,୧୯।୫(ଡି.ଏନ.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡ଼ିଆ ପଞ୍ଚାୟତ ପାଇକରାପୁର ଗ୍ରାମର ସଂଯୁକ୍ତା ମଲ୍ଲିକ(୫୪)ଙ୍କ ପରିବାର ଉପରେ ଆକ୍ରମଣ ଓ ତାଙ୍କ କୁକୁଡ଼ା ଫାର୍ମ ଭଙ୍ଗାରୁଜା ଘଟଣାର ଗୁରୁବାର ତଦନ୍ତ ଆରମ୍ଭ ହୋଇଛି। ଯାଜପୁର ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକ ପହଞ୍ଚି ଏହାର ତଦନ୍ତ କରିଛନ୍ତି।

ସୂଚନା ମୁତାବକ, ଗତ ୧୪ ତାରିଖରେ ଗ୍ରାମରେ ଖୋଳା ଯାଉଥିବା ଗୋଡ଼ି ପୋଖରୀର ମାଟି ପକାକୁ ନେଇ ସଂଯୁକ୍ତାଙ୍କ ପୁଅ ବିକ୍ରମଙ୍କ କେତେଜଣ ଗ୍ରାମବାସୀଙ୍କ ସହ ଯୁକ୍ତି ତର୍କ ହୋଇଥିଲା। ପୋଖରୀ ଖୋଳା ନିକଟରେ ସଂଯୁକ୍ତାଙ୍କ ପରିବାର ତାରିଣୀ ମଣ୍ଡପକରି ପୂଜା କରୁଥିଲେ। ଏଥିସହିତ ଏଠାରେ ଥିବା ଏକ କୂପ ଓ ତାଙ୍କ ବିଲ ନିକଟରେ ଥିବା ପରିବାରର କେତେଜଣ ମୃତ ବ୍ୟକ୍ତିଙ୍କର ସମାଧି ଉପରେ ପୋଖରୀ ମାଟି ପକାଇବାରୁ ସଯୁକ୍ତାଙ୍କ ପରିବାର ବିରୋଧ କରିଥିଲେ। ଫଳରେ ଗ୍ରାମବାସୀଙ୍କ ପକ୍ଷରୁ ବିକ୍ରମ ଓ ପରେ ସଂଯୁକ୍ତା ଏବଂ ତାଙ୍କ ସ୍ୱାମୀ କୁଳମଣିଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏଥିସହିତ ତାଙ୍କ ପରିବାରକୁ ଗ୍ରାମବାସୀ ଧମକ ଦେବା ସହ ଘର ଓ ତାଙ୍କ କୁକୁଡା ଫାର୍ମ ଆଜବେଷ୍ଟ ଭଙ୍ଗିଥିଲେ। କୁକୁଡା ଫାର୍ମରେ ଥିବା କୁକୁଡା ଦାନା ବସ୍ତା ଫୋପାଡି ନଷ୍ଟ କରିବା, ଫ୍ୟାନ ଭାଙ୍ଗିବା ସହ ୩୦ ହଜାର ଟଙ୍କା ଚୋରି କରି ନେଇ ଯାଇଥିଲେ। ଏନେଇ ଗ୍ରାମର ୧୬ ଜଣଙ୍କ ସହ ଅନ୍ୟ ଗ୍ରାମବାସୀଙ୍କ ନାମରେ ସଂଯୁକ୍ତା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ଦାୟିତ୍ୱରେ ଥିବା ଡିଏସ୍‌ପି ମଲ୍ଲିକଙ୍କ ସହ କଳିଙ୍ଗନଗର ଆଡିସନାଲ ଏସ୍‌ପି ଓ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ପ୍ରମୁଖ ପାଇକରାପୁର ଗ୍ରାମରେ ପହଞ୍ଚି ସଂଯୁକ୍ତାଙ୍କ ପରିବାରକୁ ଭେଟି ପଚରା ଉଚୁରା କରିଥିଲେ। ପରେ ଘଟଣା ସ୍ଥଳ ବୁଲି ଦେଖିଥିଲେ।

# ‘ପ୍ରହ୍ଲାଦ ସେଠୀ ଥିଲେ ସାମ୍ୟବାଦର ନେତା’

**ବିରିଡି,୧୯।୫ (ଡି.ଏନ.ଏ)**

ସ୍ୱାଧୀନତା ସଂଗ୍ରାମୀ କମ୍ରେଡ୍ ପ୍ରହ୍ଲାଦ ସେଠୀ ସ୍ମୃତି କମିଟି ପକ୍ଷରୁ ଗୁରୁବାର ସ୍ୱର୍ଗତ ସେଠୀଙ୍କ ୯୧ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଉତ୍ତରଶାସନସ୍ଥିତ ଗତନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି କମ୍ରେଡ୍ ତ୍ରୈଲୋକ୍ୟନାଥ ଜେନା ଅଧକ୍ଷତା କରିଥିଲେ। କବି ପୀତାମ୍ବର ମହାପାତ୍ର ସଭା ସଞ୍ଚାଳନ କରିଥିଲେ। ବରେଣ୍ୟ ଅତିଥିଭାବେ ଗୀତିକବି ବାମଦେବ ସ୍ୱାଇଁ, ସିଆଇଟିୟୁର ରାଜ୍ୟ ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଧାନ ଚନ୍ଦ୍ର ଜେନା, ଚକ୍ଷୁ ଚିକିତ୍ସକ ଭାଗ୍ୟଧର ବେହେରା, କବି ବନମାଳୀ ବେହେରା, ବଂଶୀଧର ବେହେରା, ଗୁରୁଚରଣ ସେଠୀ, ବିଜୟ କୁମାର ଭୋଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀ ସାମ୍ୟବାଦର ନେତା ଥିଲେ ବୋଲି କହିଥିଲେ। ଦେଶରେ ସାମ୍ୟବାଦର ପ୍ରତିଷ୍ଠାପାଇଁ ସେ ଅହରହ କାର୍ଯ୍ୟ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସମ୍ପାଦକ ନାରାୟଣ ଭୋଳ ସମ୍ପାଦକୀୟ ବୀବରଣୀ ପାଠ କରିଥିବା ବେଳେ ପ୍ରଭାତ କୁମାର ସାହୁ କବିତା ପାଠ କରିଥିଲେ। ବିଷ୍ଣୁଚରଣ ଦଳାଇ ଧନ୍ୟବାଦ ଦେଇଥିଲେ । ପ୍ରଫୁଲ୍ଲ ସେଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ‘ଲୋକ ଭାଷା’ ମାସିକ ପତ୍ରିକାର ସ୍ୱତନ୍ତ୍ର ବିଶେଷାଙ୍କକୁ ଅତିଥିମାନେ ଲୋକାର୍ପଣ କରିଥିଲେ।


ଅତିଥିମାନେ ‘ଲୋକ ଭାଷା’ ପତ୍ରିକା ଲୋକାର୍ପଣ କରୁଛନ୍ତି।

# ପୂର୍ବ ଶତ୍ରୁତାରୁ ୨ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ

**ରଘୁନାଥପୁର,୧୯।୫(ଡି.ଏନ୍.ଏ.)**

ରଘୁନାଥପୁର ଥାନା ତାରପୁର ବାଇପାସ୍ ବଜାରରେ ଗୁରୁବାର ମଧ୍ୟାହ୍ନ ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳର ୨ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଜଣେ ଭାଇ ଆହତ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଆହତ ଭାଇଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବାବେଳେ ଗୁରୁତର ଭାଇଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅପରପକ୍ଷେ ଉଭୟ ଭାଇଙ୍କ ବିରୋଧରେ ପାଲଟା ଅଭିଯୋଗ ହୋଇଛି। ମାତ୍ର ରିପୋର୍ଟ ଲେଖାହେବ ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଆଇଆଇସି ପ୍ରଦ୍ୟୁମ୍ନ ବେହେରା କହିଛନ୍ତି, ଅଭିଯୋଗ ମିଳିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# କଲିକତା, ଜେଏନ୍‌ପିଟି, କାଣ୍ଡଲା ବିଜୟୀ

## ବୃହତ୍ ବନ୍ଦର କ୍ରିକେଟ ଟୁର୍ନାମେଣ୍ଟ

**ପାରାଦୀପ,୧୯।୫(ସ୍ୱ.ପ୍ର.)**

ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ଅଖିଳ ଭାରତୀୟ ବୃହତ୍ ବନ୍ଦର କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଖେଳରେ ଜବାହରଲାଲ ନେହେରୁ ପୋର୍ଟ (ଜେଏନ୍‌ପିଟି), କଲିକତା ଓ କାଣ୍ଡଲା ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଚେନ୍ନାଇ ଓ କଲିକତା ମଧ୍ୟରେ ଖେଳାଯାଇଥିଲା। ଚେନ୍ନାଇ ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ୮୨ ରନ କରିଥିଲା। ଜବାବରେ କଲିକତା ମାତ୍ର ୪.୨ ବଲରେ କୌଣସି ଉଇକେଟ୍ ନ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଭି. ଚିଦାମ୍ବରମ ପୋର୍ଟ ଓ ଜେଏନ୍‌ପିଟି ମଧ୍ୟରେ ଖେଳାଯାଇଥିଲା। ଭି. ଚିଦାମ୍ବରମ ପ୍ରଥମେ ବ୍ୟାଟିଂ କରି ୧୪.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୭୮ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଜେଏନ୍‌ପିଟି ୧୬.୩ ଓଭରରେ ୬ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ତୃତୀୟ ମ୍ୟାଚ କାଣ୍ଡଲା ଓ ନ୍ୟୁ ମାଙ୍ଗାଲୋର ପୋର୍ଟ ମଧ୍ୟରେ ଖେଳାଯାଇଥିଲା। କାଣ୍ଡଲା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ୍ ହରାଇ ୨୨୨ ରନ କରିଥିଲା। ଜବାବରେ ନ୍ୟୁ ମାଙ୍ଗାଲୋର ପୋର୍ଟ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୦୩ ରନ କରି ପରାଜିତ ହୋଇଥିଲା।

# ଖରିଫ ଋତୁରେ କୃଷକ ଉତ୍ପାଦକ ସଂଘ ଋଣ ନେବାକୁ ପରାମର୍ଶ

**ରଘୁନାଥପୁର,୧୯।୫(ଡି.ଏନ୍.ଏ.)**

କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡସ୍ଥିତ ଲାଲ (ଲିଭ ଆଣ୍ଡ ଲେଟ ଲିଭ) ଆନୁକୂଲ୍ୟରେ କୃଷି ଉତ୍ପାଦକ କମ୍ପାନୀ ଓ ଋଣ ପ୍ରଦାନକାରୀ ସଙ୍ଗଠନକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲାଲ ସଂସ୍ଥାର ଉପଦେଷ୍ଟା ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାରେ ଥିବା କୃଷକ ଉତ୍ପାଦକ ସଂଘଗୁଡ଼ିକର ୩ ଜଣ ଲେଖାଏ ସଦସ୍ୟ ଯୋଗ ଦେଇଥିଲେ। ଋଣ ପ୍ରଦାନକାରୀ ସଂସ୍ଥା ସମୁନତି ପକ୍ଷରୁ ସୁଲତାନ ମହମ୍ମଦ ଓ ସୌମ୍ୟା ମହାପାତ୍ର ଆଲୋଚନାରେ ଭାଗ ନେଇଥିଲେ।


ଆଲୋଚନାଚକ୍ରରେ ଭାଗନେଇଥିବା କୃଷକ ଉତ୍ପାଦକ ସଂଘର ସଦସ୍ୟମାନେ।

ଆସନ୍ତା ଖରିଫ ଋତୁରେ କୃଷକ ଉତ୍ପାଦକ ସଂଘଗୁଡ଼ିକ ସମୁନତି ସଂସ୍ଥାଠାରୁ ଋଣ ନେଇ ଅଂଶଧନକାରୀ ସଦସ୍ୟଙ୍କୁ କିପରି ସେବା ଯୋଗାଇ ଦେବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତ୍ୟେକ କୃଷକ ସଂଘରେ ୩ ଶହ ସଦସ୍ୟ ରହିଛନ୍ତି ବୋଲି କର୍ମକର୍ତ୍ତାମାନେ ଘୋଷଣା କରିଥିଲେ। ଲାଲ ସଂଗଠନର ସମ୍ପାଦକ କ୍ଷେତ୍ରମୋହନ ବେହେରା ଅତିଥି ପରିଚୟ, ରଞ୍ଜନ କୁମାର ରାଉତ ଏହାର ଆଭିମୁଖ୍ୟ ଏବଂ ଆଡ଼ଭାଇଜର ସୁକାନ୍ତ କୁମାର ଜେନା ଯୋଜନାର ସଫଳ ରୂପାୟନ ସମ୍ପର୍କରେ ମତ ରଖିଥିଲେ। କୃଷକ ସଂଘର ନିର୍ଦ୍ଦେଶକ ରବି ନାରାୟଣ ପାଣି, ଶ୍ରୀକାନ୍ତ କୁମାର ନାୟକ, ବାଣୀଭୂଷଣ ନାୟକ, ଶାନ୍ତିଲତା ଦ୍ୱିବେଦୀ, କାଦମ୍ବିନୀ ବେହେରା, ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ପ୍ରଶାନ୍ତି ମିଶ୍ର ଓ ଜଗନ୍ନାଥ ଦାଶ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ମଙ୍ଗଳପୁର ଥାନାରେ ଏସ୍‌ପିଙ୍କ ସମୀକ୍ଷା

## ପୋଲ ତଳୁ ଯୁବକଙ୍କ ମୃତଦେହ ମିଳିବା ଘଟଣା

**ଝୁମ୍ପୁରୀ,୧୯।୫(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ୍ କୟାଁଗୋଲାର ବୈତରଣୀ ନଦୀକୁ ସଂଲଗ୍ନ କରୁଥିବା ଏକ ନାଳରୁ ଗତ ୫ ଦିନ ତଳେ ସ୍ଥାନୀୟ ଇଟାପଡ଼ା ଅଞ୍ଚଳର ଜଣେ ଯୁବକଙ୍କ ମୃତଦେହ ମିଳିଥିଲା । ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତ ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ କରୁଛି । ପୋଲିସର ତଦନ୍ତ ଯେତେ ଆଗଉଛି ଏହି ହତ୍ୟାକାଣ୍ଡର ଖିଅ ନୂଆ ରୂପ ନେଉଛି । ପ୍ରଥମରୁ ମଙ୍ଗଳପୁରର ନୂତନ ଥାନାଧିକାରିଣୀ ରୀନାରାଣୀ ସାହୁ ମୃତଦେହର ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକଟ କରିଥିଲେ । ପରେ ମୃତଦେହ ବ୍ୟବଚ୍ଛେଦ ସହ ସାଇଣ୍ଟିଫିକ୍ ଟିମ୍‌ର ସାହାରା ନିଆଯାଇ ତଦନ୍ତ ଆଗକୁ ବଢୁଛି । ମୃତ ଅକ୍ଷୟ ବାରିକ ଗତ ୧୦ ବର୍ଷ ହେଲା ମଙ୍ଗଳପୁରର ଏକ ମେଡ଼ିସିନ୍ ଦୋକାନରେ କାମ କରୁଥିବାବେଳେ ଗତ ୧୫ ଦିନ ତଳେ କୌଣସି କାରଣରୁ ମେଡ଼ିସିନ୍ ଦୋକାନୀ ତାଙ୍କୁ ଚାକିରୀରୁ ବାହାର କରିଦେଇଥିଲେ । ପରିବାର ଲୋକଙ୍କ ସନ୍ଦେହ ଓ ସିଧା ଅଭିଯୋଗ ପରେ ଉକ୍ତ ମେଡ଼ିସିନ୍ ଦୋକାନୀଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି । ଗୁରୁବାର ଆଇଆଇସିଙ୍କ ସହ ଏସ୍‌ଡ଼ିପିଓ ମେଡିସିନ ଦୋକାନୀଙ୍କୁ ମଙ୍ଗଳପୁର ଥାନାରେ ଜେରା କରିଛନ୍ତି । ଏଥିସହ ଏହି ଘଟଣାର ନିରପେକ୍ଷ ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ପ୍ରକୃତ ଦୋଷୀଙ୍କୁ ଧରିବାକୁ ଗତ ଦୁଇଦିନ ତଳେ ପରିବାର ଲୋକଙ୍କ ସହ ଗ୍ରାମବାସୀ ଥାନା ଘେରାଉ କରିବାପରେ ପୋଲିସ ଉକ୍ତ କେସ୍‌କୁ ଅତି ଗୁରୁତର ସହ ନେଇଛି । ଘଟଣାର ଅଧିକ ତଦନ୍ତ ପାଇଁ ଯାଜପୁର ଏସ୍‌ପି. ରାହୁଲ ପି.ଆର ଗୁରୁବାର ମଙ୍ଗଳପୁର ଥାନାକୁ ଆସିଥିବାବେଳେ ପୁରା ତଦନ୍ତ ପ୍ରକ୍ରିୟାକୁ ସବୁ ଦିଗରୁ ତନ୍ନ ତନ୍ନ କରି ଯାଞ୍ଚ କରିବା ସହ ଦୋଷୀଙ୍କ ନିକଟରେ ପହଞ୍ଚିବାକୁ ମଙ୍ଗଳପୁର ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ହତ୍ୟାକାଣ୍ଡରେ ଶିକାର ଯୁବକଙ୍କ ସାଙ୍ଗରେ ଥିବା ତାଙ୍କ ସାଙ୍ଗ ସେହି ଗ୍ରାମର ମାନସ ବାରିକ ଓରଫ ମନୁଆଙ୍କୁ ପୋଲିସ ଦୁଇଦିନ ହେଲା ଅଟକ ରଖି ଜେରା କରିଛି । ଏହି ଜେରା ସମୟରେ ମନୁଆଙ୍କ ବୟାନରେ ତାଳମେଳ ରହୁ ନ ଥିବାବେଳେ ତଥାପି ପୋଲିସ କିଛି ସୁରାଗ ହାସଲ କରିଥିବାର ଅନୁମାନ କରାଯାଉଛି । ଏଥିସହ ଅଟକ ଯୁବକ ମନୁଆ ଓ ସନ୍ଦେହଭୁକ୍ତ ହେଉଥିବା ଅନ୍ୟ ଅପରାଧୀମାନଙ୍କୁ ପୋଲିସ ଖୁବ୍‌ଶୀଘ୍ର ଧରିବ ବୋଲି ସୂଚନା ମିଳିଛି ।

# ଉଦ୍ଧାର, ଥଇଥାନ, କ୍ଷତିଭରଣାକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା ଅଫିସ, ୧୯।୫

କେନ୍ଦ୍ରାପଡା ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଡିଆରଡିଏ ହଲ୍‌ରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମୃତ ରତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚିରାଚରିତ ଢ଼ଙ୍ଗରେ ବିପର୍ଯ୍ୟୟ ସମୟରେ ଏହାର ପରିଚାଳନାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଜିଲା କରୁରିକାଳୀନ ଅଧିକାରୀ ହେମଲତା ବାହାଲିଆଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି ଯୋଗ ଦେଇଥିଲେ। ବୈଠକରେ ବିପର୍ଯ୍ୟୟ ସମୟରେ ପ୍ରାକ୍ ପ୍ରସ୍ତୁତି, ଉଦ୍ଧାର, ଥଇଥାନ, କ୍ଷତିଭରଣା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଏସ୍‌ଆର୍‌ସିଙ୍କୁ ୩ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ, ଆଶ୍ରୟସ୍ଥଳର ସାମ୍ପ୍ରତିକ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବାକୁ କୌଣସି ସ୍ୱତନ୍ତ୍ର ଯୋଜନା ଆଲୋଚନା ନ ହେବା ବହୁ ବୁଦ୍ଧିଜୀବୀଙ୍କ



ବୈଠକରେ ବିଧାୟକ ଶଶିଭୂଷଣ ବେହେରା, ଧ୍ରୁବ ସାହୁ, ଜିଲାପାଳ ଅମୃତ ରତୁରାଜ ଓ ଅନ୍ୟମାନେ।

ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ଣ୍ଣିମା ଓ ଅମାବାସ୍ୟାରେ ସମୁଦ୍ରରୁ ଉଠୁଥିବା ଜୁଆର ପାଣି ଘରେ ପଶୁଥିବା ବେଳେ ଜିଲା ପ୍ରଶାସନ ଏବଂ ରାଜନେତା ଏହାକୁ ଅଣଦେଖା କରିବା ଆଦୌ ଉଚିତ ନୁହେଁ ବୋଲି ସେମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, କୃଷକ ନେତା ଗୟାଧର ଧଳ, ଅଧ୍ୟାପକ କ୍ଷୀତିଶ କୁମାର ସିଂହ, ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ପ୍ରାକୃତିକ ବିପର୍ଯ୍ୟୟ ଭୟ ସର୍ବଦା ଲାଗି ରହୁଛି। ଗତ ୧୬ ତାରିଖରେ ମହାକାଳପଡ଼ା ଲାଞ୍ଜୁଡା ପଞ୍ଚାୟତର ୩୦ ଘରକୁ ସମୁଦ୍ର ଜୁଆର ପାଣି ମାଡି

**ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ**
- ଜୁଆର ଉଠିଲେ ଘରେ ପଶୁଛି ସମୁଦ୍ର ପାଣି
- ନିରାକରଣ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ

ଯାଇଥିଲା। ସାମାନ୍ୟ ବର୍ଷା ପବନରେ ସମୁଦ୍ର ଉତ୍ତାଳ ରହି ଜିଲାର ୪୮ କି.ମି. ତଟ ଅଞ୍ଚଳକୁ ମାଡି ଯାଉଛି। ତଟକ୍ଷୟ ଏହି ଜିଲାରେ ଜାରି ରହିଥିଲେ ମଧ୍ୟ ଏହାର ନିରାକରଣ ପାଇଁ ହେନ୍ତାଳ ବଣ ସୃଷ୍ଟି ହୋଇପାରୁନାହିଁ। ସାତଭାୟା ଅଞ୍ଚଳ ସମୁଦ୍ର ଆଁରେ ନଷ୍ଟ ହୋଇଥିବା ବେଳେ ଆସନ୍ତା ୪ରୁ ୫ବର୍ଷ ମଧ୍ୟରେ ଲାଞ୍ଜୁଡା ସମେତ ସୁନୀତି, ବାବର ଆଦି ୫ଟି ପଞ୍ଚାୟତ ସମୁଦ୍ର ଗର୍ଭକୁ ଯିବାର ଆଶଙ୍କା ପ୍ରକାଶ ପାଇଛି। ଜିଲାରେ ରାଜ୍ୟର ଦ୍ୱିତୀୟ ସର୍ବ ବୃହତ୍ତମ ଜଳପଥ ଅଛି। ଏହି ଜଳପଥ ପ୍ରତିବର୍ଷ ଜିଲାର ୪୫୭ଟି ଗ୍ରାମକୁ ବନ୍ୟା ବିପତ୍ତି ଆଣୁଛି। ଉପାନ୍ତ ଅଞ୍ଚଳର ନଦୀ, ନାଳ, ଯୋର ଆଦିରେ ବନ୍ଧବାଡ ନ ଥିବାରୁ ଅଧିକ ପାଣି ଚାଷ ଜମି ଓ ଗ୍ରାମ ମଧ୍ୟକୁ ପଶୁଛି। ବନ୍ୟା ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସୁବିଧା ମିଳିପାରୁନାହିଁ। ବନ୍ୟା ସମୟରେ ବନ୍ଧବାଡ ମରାମତିକୁ ପ୍ରଶାସକ ଓ ରାଜନେତା ଗୁରୁତ୍ୱ ଦେଉଥିବା ବେଳେ ଏହାର ନିରାକରଣ ପାଇଁ ସ୍ୱତନ୍ତ୍ର ଯୋଜନା ନାହିଁ। କେନ୍ଦ୍ରାପଡ଼ା ଜିଲାର ୬୪ ଗ୍ରାମକୁ ସୁନାମୀ ପ୍ରବଣ ଚିହ୍ନଟ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସୂଚନା ପାଇଁ ୨୦ଟି ସାଇରନ ଆଲର୍ଟ କେନ୍ଦ୍ର ସ୍ଥାପନ ହୋଇଛି। ହେଲେ ସେଥିମଧ୍ୟରୁ ୯ଟି କେନ୍ଦ୍ରରେ ଫନୀ ବାତ୍ୟା ସମୟରେ ସାଇରନ ବାଜି ପାରି ନ ଥିଲା। ସେହିପରି ପର୍ଯ୍ୟାପ୍ତ ଜଳପଥ ସତ୍ତ୍ୱେ ଜିଲାରେ ମରୁଡି ପରି ପ୍ରାକୃତିକ ବିପଦ ଦେଖାଦେଉଛି। ତଟାଞ୍ଚଳରେ ଏକ ବୃହତ କେନାଲ ମାଧ୍ୟମରେ ନଦୀ ସଂଯୋଗୀକରଣ କରାଯାଇ ଏହାର ନିରାକରଣ ହୋଇପାରନ୍ତା। ଏବେ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ବଡବଡ କୋଠା, ମଲ ଆଦି ନିର୍ମାଣ ହେଉଛି। ଏଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ତନଖି ହେଉନାହିଁ। ଅଂଶୁଘାତ, ସର୍ପାଘାତ ବଢୁଥିଲେ ମଧ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। କେନ୍ଦ୍ରାପଡ଼ା ଜିଲାରେ ପ୍ରକୃତିର ବରଦାନ ଭାବେ ଜଙ୍ଗଲ ରହିଛି। ମାତ୍ର ପ୍ରତିବର୍ଷ ଏହି ଜଙ୍ଗଲରେ ଅଗ୍ନିକାଣ୍ଡ ଦେଖିବାକୁ ମିଳୁଛି। ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଜୀବଜନ୍ତୁଠାରୁ ଅଧିକ ସଂଖ୍ୟକ ଲୋକ ବେଆଇନ ଭାବେ ବସବାସ କରୁଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଛିଡ଼ି ୩ ଗୋରୁ ମୃତ



ଆଳି,୧୯।୫(ଡି.ଏନ.ଏ.): ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଟାଟା ପାୱାରର ଅବହେଳା ଯୋଗୁ ଦିନକୁ ଦିନ ସାଧାରଣ ଜନତାଙ୍କୁ ବିଭିନ୍ନ ପ୍ରକାର ସମସ୍ୟାରେ ପକାଉଛି। ବିଭାଗର ଅବହେଳା ଯୋଗୁ ବିଦ୍ୟୁତ୍ ତାର ଛିଡି ୩ ଗୋରୁଙ୍କ ପ୍ରାଣ ଚାଲିଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅରଗଳ ଗାଁରେ। ଆଳି ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନରେ ଥିବା ଭୁଇଁପୁର ସେକ୍ସନ ଅନ୍ତର୍ଗତ ଅରଗଳ ଗାଁରେ ଦୀର୍ଘଦିନ ହେବ ପୁରୁଣା ବିଦ୍ୟୁତ୍ ତାରରେ ସରବରାହ ହେଉଥିଲା। ଏହି ପୁରୁଣା ତାରକୁ ପରିବର୍ତ୍ତନ କରିବାକୁ ଗ୍ରାମବାସୀ ଦାବି କରୁଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିଲେ। ଗୁରୁବାର ୧୧ କେଭି ବିଦ୍ୟୁତ୍ ତାର ଛିଡିଯିବା ପରେ ସଂସ୍ପର୍ଶରେ ଆସି ୩ଟି ଗୋରୁ ମୃତ୍ୟୁ ଘଟିଛି। ସବୁଦିନ ପରି ସକାଳେ ଗାଁର ଗୋଚର ଜମିରେ ଗାଈଗୁଡିକ ଚରୁଥିବା ବେଳେ ଅପରାହ୍ନ ୨ ଟାରେ ତାର ଛିଡି ବିଲ୍‌ରେ ଚରୁଥିବା ଗାଈ ଉପରେ ପଡିଥିଲା। ଫଳରେ ଗାଁର ଚନ୍ଦ୍ରଭାନୁ କୁଅଁରଙ୍କ ଗୋଟିଏ ବଳଦ, ଅଭିକ୍ଷିତ କୁଅଁର ଓ ଧ୍ରୁବ ସାହୁଙ୍କର ଗୋଟିଏ ଲେଖାଏଁ ଗାଈ ମରି ଯାଇଥିଲେ। ବିଦ୍ୟୁତ୍ ବିଭାଗ ତୁରନ୍ତ ପୁରୁଣା ତାର ବଦଳାଇବା ସହ ନୂତନ ତାର ଲଗାଇବା ସହ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପଟ୍ଟାମୁଣ୍ଡାଇ ବାଇପାସ୍ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ, ୧୯।୫(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବାଇପାସ୍ ବିଜୁ ପଟ୍ଟନାୟକ ଛକଠାରେ ଗୁରୁବାର ସନ୍ଧ୍ୟାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବେଲତଳ ନଳିନୀ ରାଇସ୍ ମିଲ୍‌ଠାରୁ ପତ୍ରପୁର ଘାଟ ପର୍ଯ୍ୟନ୍ତ କଟକ-ଚାନ୍ଦବାଲି ରାସ୍ତାର ଆଲୋକୀକରଣ କରାଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ସମ୍ପାଦକ ଗୁଡୁ ବିଶ୍ୱାଳ, ଗ୍ରୀନ୍ ଫିଲ୍ଡ ଇଞ୍ଜିନିୟର ଧୀରେନ୍ କୃଷ୍ଣ ଭୋଲା, ସିଏମ୍‌ଏମ୍ ପରିଚାଳକ ମାମାଲି ପଣ୍ଡା, କାଉନ୍‌ସିଲର ଗୋପୀବଲ୍ଲଭ ନାୟକ, ମୃତ୍ୟୁଞ୍ଜୟ ପାଢ଼ୀ, ସୁବାସ ମଲିକ, ପ୍ରଶାନ୍ତ ବାରିକ, ସୁଧାମୟ ମଲିକ, ସାନିଆ ପରଭିନ, ଝରଣା ବେହେରା, ଜିଲା ବିଜେଡି ସମ୍ପାଦକ ଶ୍ରୀକାନ୍ତ ରାଉତ, ଜିଲା ଯୁବ ବିଜେଡି ଉପସଭାପତି ସୁରେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ଅଭୟ ଦାଶ, ପ୍ରଫୁଲ୍ଲ ଦାଶ, ରାଜକିଶୋର ଦାସ, ମହେଶ୍ୱର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

### ଚଉଦକୁଲାଟରେ ବିଶ୍ୱଶାନ୍ତି ମହାଯଜ୍ଞ

ପଟ୍ଟାମୁଣ୍ଡାଇ,୧୯।୫(ସ୍ୱ.ପ୍ର.) ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଲାଟର ନୀଳକଣ୍ଠପୁର ମୌଜାର ଗ୍ରାମଦେବତୀ ମା' ମାଳ ଠାକୁରାଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ୧୬ ତାରିଖରେ ପୂର୍ଣ୍ଣାହୁତି ହୋଇଥିଲା। ତ୍ରିଦିନାତ୍ମକ ଏହି ଯଜ୍ଞ ଉତ୍ସବର ପ୍ରଥମ ଦିବସରେ ନିକଟସ୍ଥ ନଦୀ ଘାଟରୁ କଳସରେ ଜଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏଥିସହ ଅଙ୍କୁରାର୍ପଣ କରାଯାଇଥିଲା। ପ୍ରତ୍ୟେହ ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା ସହ ବିଭିନ୍ନ ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇ ଘୃତାହୂତି ଦିଆଯାଇଥିଲା। ଯଜ୍ଞକୁ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ୪ ରାତିରେ ଯାତ୍ରା ପରିବେଷଣ ସହ ମୀନାବଜାର ପଡିଥିଲା। କରୋନା ମହାମାରୀ ଯୋଗୁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ୨ବର୍ଷ ପରେ ମୀନାବଜାର ପଡିଥିବାରୁ ମନୋହରୀ ଜିନିଷ କିଣିବାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଗହଳି ଲଗାଇଥିଲେ। ଏଥିସହ ଚଟ୍‌ପଟି ଖାଦ୍ୟର ମଜା ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବତୀଯୁବକମାନେ ନେଇଥିଲେ। ଗହଳିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ୧୪ ଜଣଙ୍କ ହେବ ମୋତିଆବିନ୍ଦୁ ଅସ୍ତ୍ରୋପଚାର

ରାଜନଗର,୧୯।୫(ଡି.ଏନ.ଏ.)

ରାଜନଗର ବ୍ଲକ କୁରଣ୍ଟି ପଞ୍ଚାୟତ ଓ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ୧୪ ଜଣଙ୍କ ଅସ୍ତ୍ରୋପଚାର ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ୯୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଚଷମା ବଣ୍ଟନ କରାଯାଇଛି। ଚିକିତ୍ସାଳୟର ଡା. ମନୋରଞ୍ଜନ ବେହେରାଙ୍କ ନେତୃତ୍ୱରେ ୭ ଜଣିଆ ଡାକ୍ତରୀ ଟିମ୍ ଚକ୍ଷୁ ପରୀକ୍ଷା କରିଥିଲେ। ପଣ୍ଡିତ ସନ୍ତୋଷ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଜେନା, ଶିକ୍ଷାବିତ୍ ରଙ୍ଗାଧର ଜେନା, ସରପଞ୍ଚ ସସ୍ମିତା ମହାନ୍ତି, ସମିତିସଭ୍ୟା ପ୍ରେମଲତା ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ସୁକାନ୍ତ ଦାସ, ଶୁକଦେବ ଜେନା, ବାସୁଦେବ ଜେନା, ନାଏବ ସରପଞ୍ଚ ବିଦ୍ୟାଧର ରାଉତ, ମଙ୍ଗୁଳି ଚରଣ ସ୍ୱାଇଁ ଏବଂ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ସମ୍ପାଦକ ସୁଶ୍ରୀକାନ୍ତ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ଅନିଶ୍ଚିତତାରେ ପାରିନୂଆପଡ଼ା ବଳିତର ଘାଟ ପୋଲ


ବୈତରଣୀ ନଦୀର ବଳିତର ଘାଟ।

ରାଜକନିକା ୧୯।୫ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ପାରିନୂଆପଡା ପଞ୍ଚାୟତର ବୈତରଣୀ ନଦୀର ବଳିତର ଘାଟରେ ଏକ ପୋଲ ନିର୍ମାଣ ପାଇଁ ୬୦ ବର୍ଷ ହେଲା ସ୍ଥାନୀୟ ଲୋକେ ଦାବି କରି ଆସୁଛନ୍ତି। ହେଲେ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ପୋଲ ନିର୍ମାଣ ହୋଇ ପାରୁନାହିଁ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ତେଣୁ ପୋଲ ନିର୍ମାଣକୁ ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଏହି ଘାଟରେ ଅବଦୁଲପୁର, ହାଟସାହି, ଚରପଡା, ପଣସଗଣ୍ଡ, ପଧାନପଡା, ନମତରା, ଦେଉଳତରା, ସିହୋପଡା ଓ ପାରିନୂଆପଡା, ହାବଳଗଣ୍ଡ, ଉଜାଙ୍ଗ ଅଞ୍ଚଳର ଶତାଧିକ ଲୋକ ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, କଟକ ଓ ଭୁବନେଶ୍ୱରକୁ ବିଭିନ୍ନ କାର୍ଯ୍ୟରେ ଯାଉଛନ୍ତି। ଏହାଛଡା ଏହି ଅଞ୍ଚଳରୁ ଶତାଧିକ ଛାତ୍ରୀଛାତ୍ର ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, କଟକ ଓ ଭୁବନେଶ୍ୱରର ବିଭିନ୍ନ କଲେଜରେ ପଢୁଛନ୍ତି। ୨୦୨୧ ଡିସେମ୍ବର ୨୬ରେ ଆଇନମନ୍ତ୍ରୀ ପ୍ରତାପ ଜେନା ଓ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓଳାଭରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଳିତରଘାଟ ପୋଲ ପାଇଁ ୧୦୮ କୋଟି ମଞ୍ଜୁର କରିଛନ୍ତି ବୋଲି କହିଥିଲେ। ହେଲେ ୬ ମାସ ବିତିଗଲା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଲ କାମ ଆରମ୍ଭ ହେଲାନାହିଁ। ୩ ବର୍ଷ ତଳେ ଟେଣ୍ଡର ନେଇଥିବା କୋଲକତାର ଏକ ଠିକା ସଂସ୍ଥା କାମ ଆରମ୍ଭ କରିବାକୁ ଯାଉଥିବା ବେଳେ ବୈତରଣୀ ନଦୀ ପଥ ଦେଇ ଯାଜପୁର ରୋଡରୁ କଞ୍ଚାମାଲ ଧାମରା ବନ୍ଦରକୁ ନେବାକୁ କେନ୍ଦ୍ର ସରକାର ସ୍ଥିର କରିଥିଲେ। ତେଣୁ ପୋଲ କାମ ଅଟକିଗଲା। ଏହା ପରେ କାମ ବନ୍ଦ ରହିଛି। ତେଣୁ ତୁରନ୍ତ ବଳିତର ଘାଟ ପୋଲ ଆରମ୍ଭ କରିବାକୁ ସାମାଜିକ କର୍ମୀ ଡ. ଗୋପାଳକୃଷ୍ଣ ପରିଡା, ଗୋବର୍ଦ୍ଧନ ବରଜ, ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ବିଶ୍ୱାଳ, ବିରଞ୍ଚି ନାରାୟଣ ରାଉତ, ରାହାସ ବିହାରୀ ପରିଡା ଓ ଜିଲା ପରିଷଦ ସଭ୍ୟ ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ ଆଳି ବିଧାୟକ ଦେବଙ୍କ ନିକଟରେ ଦାବି କରିଛନ୍ତି।

**ଅଟକଳ ପହଞ୍ଚିଲା ୧୦୮ କୋଟିରେ**

## ଯୌତୁକ ନିର୍ଯାତନା ଅଭିଯୋଗ

ପାଣିକୋଇଲି,୧୯।୫(ଡି.ଏନ.ଏ.):

୫ ଲକ୍ଷ ଟଙ୍କା ଯୌତୁକ ଦାବିକରି ମହିଳାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଛି। ଏଥିସହ ପୋଡ଼ି ମାରିଦେବାର ମସୁଧା ଓ ସ୍ୱାମୀଙ୍କ ଦ୍ୱିତୀୟ ବିବାହର ଧମକ ମଧ୍ୟ ମିଳିଛି। ଫଳରେ ସମ୍ପୃକ୍ତା ମହିଳା ଜୀବନ ବଞ୍ଚାଇବାକୁ ବାପଘରକୁ ଆସି ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ନଂ.୧୦୮/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ନିର୍ଯାତନାର ଶିକାର ମହିଳା ହେଲେ ଉକ୍ତ ଥାନା ଗୋଳେଇପୁର ପଞ୍ଚାୟତ ଶଗଡ଼ି ଗ୍ରାମର ବତୁଲାନ ବିବି। ୧୩ ବର୍ଷ ତଳେ ତାଙ୍କର ଯାଜପୁର ସଦର ଥାନା ଅନ୍ତର୍ଗତ ଆଦମପୁର ଗ୍ରାମର ସେକ ହଲିମଙ୍କ ପୁଅ ସେକ୍ ଅବଦୁଲ ହଲିମଙ୍କ ସହ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯୌତୁକ ପ୍ରଦାନ କରାଯାଇଥିଲା। ହେଲେ ଏବେ ୩ ବର୍ଷ ହେବ ସ୍ୱାମୀ ୫ ଲକ୍ଷଟଙ୍କା ଯୌତୁକ ଦାବି କରି ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ତେଣୁ ନିର୍ଯାତନା ସହି ନ ପାରି ବତୁଲାନ ବିବି ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ତାଙ୍କୁ ପୋଲିସ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

## ଚିତ୍ରୋତ୍ପଳା ନଦୀ କୂଳ ଖାଉଛି, ପଥର ପ୍ୟାକିଂ ପାଇଁ ଦାବି

ମାର୍ଶାଘାଇ,(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାଘବପୁର ପଞ୍ଚାୟତର ନରସିଂହପୁର ଗାଁ ନିକଟରେ ପ୍ରବାହିତ ଚିତ୍ରୋତ୍ପଳା ନଦୀ କୂଳ ଖାଇବାରେ ଲାଗିଛି। ଏଥିଯୋଗୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ବର୍ଷାଦିନେ ଚିତ୍ରୋତ୍ପଳା ନଦୀରେ ବନ୍ୟା ଜଳ ଆସିଲେ କୂଳ ଖାଇ ବଡ ବଡ ଅତଡ଼ା ଖସୁଛି। ଫଳରେ ଗାଁଲୋକଙ୍କ ଉର୍ବର ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇଗଲାଣି। ଅତଡା ଖାଇବା ଦ୍ୱାରା ବନ୍ୟା ନିୟନ୍ତ୍ରଣ ବନ୍ଧ ନିକଟକୁ ମାଡି ଆସିଲାଣି। ଆଗକୁ ବର୍ଷାଦିନ ଆସୁଥିବାରୁ ନଦୀରେ ଜଳପତ୍ତନ ବୃଦ୍ଧି ପାଇଲେ ବନ୍ଧ ଭାଙ୍ଗି ଯିବାର ଆଶଙ୍କା ପ୍ରକାଶ ପାଇଛି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ କଳାତିପାତ କରୁଛନ୍ତି। ତୁରନ୍ତ ନଦୀକୂଳରେ ଅତଡା ଖାଉଥିବା ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ ପଥର ପ୍ୟାକିଂ କରିବାକୁ ଗାଁର ପ୍ରଶାନ୍ତ ପରିଡା, ଖଗେଶ୍ୱର ସାହୁ, ଧର୍ମପଦ ପରିଡା, ସରୋଜକାନ୍ତ ମଲ୍ଲିକ. ପୂର୍ବତନ ସରପଞ୍ଚ ନୀଳକଣ୍ଠ ବେହେରା ପ୍ରମୁଖ ଦାବି କରିଛନ୍ତି।


ନରସିଂହପୁରଠାରେ ଚିତ୍ରୋତ୍ପଳା ନଦୀ କୂଳ ଖାଉଛି।

## ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା, ୭୯ ପ୍ରକଳ୍ପ ପ୍ରଦର୍ଶିତ


ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥିମାନେ।

ପଟ୍ଟାମୁଣ୍ଡାଇ, ୧୯।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ବାଲିପଡ଼ା ନୋଡାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର କୁନି ବୈଜ୍ଞାନିକଙ୍କ ଦ୍ୱାର ପ୍ରସ୍ତୁତ ୭୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳା ଉଦ୍‌ଘାଟନ କରି କହିଥିଲେ, ଶିଶୁ ବୈଜ୍ଞାନିକମାନେ ନୂତନ ଜିଜ୍ଞାସାର ସହ ବିଜ୍ଞାନ ଶିକ୍ଷା ଗ୍ରହଣ କରି ଜୀବନ ଧାରଣର ମାନ ବଦଳାଇବା, ଦେଶ ବିକାଶରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଗୋବିନ୍ଦ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପୃଷ୍ଟି ଓ ପ୍ରେମବାଳା ମହାପାତ୍ର, ନୋଡାଲ ହେଡମାଷ୍ଟର ସଚିତ୍ର ବେହୁରା, କାଉନସିଲର ପ୍ରଶାନ୍ତ ବାରିକ, ସିଆରସିସି ମଳୟ ଜେନା ଓ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁନୀତା ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ବ୍ଲକ ଶିକ୍ଷାଧିକାରୀ ଗୋବିନ୍ଦ ପରିଡ଼ା ମୁଖ୍ୟବକ୍ତା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପୃଷ୍ଟି ଓ ପ୍ରେମବାଳା ମହାପାତ୍ର ,ସ୍କୁଲ ପରିଚାଳନା କମିଟି ସଭାପତି ସଞ୍ଜୟ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିବା ସହ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମେଳାରେ ସମସ୍ତ ସିଆରସିସି, ବିଭିନ୍ନ ସ୍କୁଲ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଶୁଭ୍ରାଂଶୁ କୁମାର ଦାସ, ଅକ୍ଷୟ ମହାନ୍ତି, ସୁରେଶ ରାୟ, ମନୋରଞ୍ଜନ ଦାସ ପରିଚାଳନା କରିଥିଲେ। ଏଥିରେ ପ୍ରଦର୍ଶିତ ୧୦ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇଥିଲା।

## ୯୦ରୁ ରାଜ୍ୟସ୍ତରକୁ ଗଲା ୫ ପ୍ରକଳ୍ପ

ଡେରାବିଶ,୧୯।୫ (ସ୍ୱ.ପ୍ର.)

ପ୍ରକୃତି ସୃଷ୍ଟିର ବିଭିନ୍ନ କାରଣ ସନ୍ଧାନ କରି ପାରୁଥିବା ବିଷୟ ହେଉଛି ବିଜ୍ଞାନ। ଛାତ୍ରୀଛାତ୍ରମାନେ ପ୍ରଥମେ ନିଜକୁ ଚିହ୍ନି ଭଲ ଲାଗୁଥିବା ବିଷୟ ବା ସେହି ଦିଗରେ ନିଷ୍ଠା ଓ ଏକାଗ୍ରତାର ସହ ବଢିବା ଦରକାର ବୋଲି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଶିକ୍ଷା ସର୍କଲ ଅନ୍ତର୍ଗତ ଚାଟରାଚକଡା ପଞ୍ଚାୟତର ଫକୀରାବାଦସ୍ଥିତ ରାମଚନ୍ଦ୍ର ହାଇସ୍କୁଲ ପରିସରରେ ଗୁରୁବାର ଅନୁଷ୍ଠିତ କେନ୍ଦ୍ରାପଡା ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳାର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ପ୍ରଦର୍ଶିତ ୯୦ ପ୍ରକଳ୍ପ ମଧ୍ୟରୁ ୫ଟି ରାଜ୍ୟସ୍ତରକୁ ଯିବ ଲାଗି ମନୋନୀତ ହୋଇଥଲା। ପୂର୍ବାହ୍ନ ଆରମ୍ଭ ହୋଇଥିବା ଏହି ମେଳାକୁ ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ଶିକ୍ଷାଧିକାରୀ ସଞ୍ଜିବ କୁମାର ସିଂହ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ମହାରଣା, ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତାପସ ରଞ୍ଜନ ସାହୁ ମୁଖ୍ୟବକ୍ତା, ପ୍ରାକ୍ତନ ଜିଲା ପରିଦର୍ଶକ ପୀତବାସ ପଣ୍ଡା, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଓ ଡେରାବିଶ ତହସିଲଦାର ନମିତା ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମେଳାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କୁନି କୁନି ବୈଜ୍ଞାନିକ ୯୦ଟି ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ରଞ୍ଜନ କୁମାର ସ୍ୱାଇଁ ଓ ନିଶ୍ଚିତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ମେଳାରେ ବାୟାବାବା କଲେଜର ରସାୟନ ବିଜ୍ଞାନ ଅଧ୍ୟାପକ ଟୁଲୁ ଚରଣ ସାମଲ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଦେବାଶିଷ ନାୟକ ବିଚାରକ ଭାବେ ଯୋଗଦେଇଥିଲେ। ମେଳାରେ ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଦେପୁରର ସରସ୍ୱତୀ ହାଇସ୍କୁଲ, ରାଜନଗର ବ୍ଲକର କେରଡାଗଡ ହାଇସ୍କୁଲ, ଡେରାବିଶ ବ୍ଲକର ଡେରାବିଶ ହାଇସ୍କୁଲ, ପଟ୍ଟାମୁଣ୍ଡାଇ ବ୍ଲକର ବନ୍ଦେମାତରମ୍ ହାଇସ୍କୁଲ ଓ ଆଳି ବ୍ଲକର ଅଟ୍ଟାଳ ହାଇସ୍କୁଲର ୫ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ମେଳା ପାଇଁ ଚୟନ କରିଥିଲେ। ଜିଲା ଶିକ୍ଷାଧିକାରୀ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ମୁଖ୍ୟ ଅତିଥି, ଜିଲାପାଳ ଅମୃତ ରତୁରାଜ ମୁଖ୍ୟବକ୍ତା, ମାର୍ଶାଘାଇ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଲେଙ୍କା ସମ୍ମାନିତ ବକ୍ତା, ରାମଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉନ୍ନତି ହୋଇଥିବା ୫ଟି ପ୍ରକଳ୍ପ ପ୍ରଦର୍ଶନକାରୀ କୁନି ବୈଜ୍ଞାନିକଙ୍କୁ ମାନପତ୍ର ଦେଇ ସମ୍ମାନୀତ କରିଥିଲେ। ଏହି ଅବସରରେ ଶିକ୍ଷକ ଆଦିକନ୍ଦ ସାହୁଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ବିଜ୍ଞାନ ସମ୍ପର୍କିତ ସଙ୍ଗୀତ ଉପସ୍ଥିତ ଅତିଥି ଓ ଅନ୍ୟମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିକ୍ଷକ ରଘୁନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନବଘନ ମହାରଣା ଧନ୍ୟବାଦ ଦେଇଥିଲେ। ଏହି ମେଳା ପରିଚାଳନାରେ ଡେରାବିଶ ବ୍ଲକ ସହକାରୀ ଶିକ୍ଷାଧିକାରୀ ନରହରୀ ସୂତାର, ବିପିନ ବିହାରୀ ସିଂହ, ଗୁରୁଚରଣ ଷଡଙ୍ଗୀଙ୍କ ସମେତ ଜିଲାର ସମସ୍ତ ସିଆରସିସିମାନେ ସହଯୋଗ କରିଥିଲେ।

**ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ମେଳା**



ଜଣେ ଛାତ୍ର ତାଙ୍କର ବିଜ୍ଞାନ ପ୍ରକଳ୍ପକୁ ପ୍ରଦର୍ଶିତ କରୁଛନ୍ତି।

**୬ଲକ୍ଷ କୋଟି ହରାଇଲେ ନିବେଶକ**

ଚଳିତ ସପ୍ତାହର ପ୍ରଥମ ଦୁଇ କାରବାର ଦିବସରେ ପୁଞ୍ଜିବଜାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ତୃତୀୟ ଏବଂ ୪ର୍ଥ ଦିନ ହ୍ରାସ ଦେଖିବାକୁ ମିଳିଥିଲା। ୪ର୍ଥ ଦିନ ଅର୍ଥାତ୍ ଗୁରୁବାର ଶେୟାର ବଜାରରେ ଭାରି ହ୍ରାସ ସହିତ କାରବାର ଶେଷ ସୁଦ୍ଧା ସେନ୍ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୨,୭୯୨ ଏବଂ ୧୫,୮୦୯ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସମୟରେ ସେନ୍ସେକ୍ସ ୧୪୧୬ ପଏଣ୍ଟ (୨.୬୧%) ଏବଂ ନିଫ୍ଟିରେ ୪୩୦ ଅଙ୍କ (୨.୬୫%) ହ୍ରାସ ଦେଖିବାକୁ ମିଳିଥିଲା। କାରବାର ଦିବସରେ ଶେୟାର ବଜାରରେ ଏହି ଭାରି ହ୍ରାସ କାରଣରୁ ବିଏସ୍ଇ ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ମାର୍କେଟ୍ କ୍ୟାପ୍‌ରେ ପ୍ରାୟ ୬ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି।

# ନୂଆ ଓଡ଼ିଆ ଚ୍ୟାନେଲ 'ଷ୍ଟାର୍ କିରଣ'ର ଶୁଭାରମ୍ଭ

## ଜୁନ୍ ୬ରୁ ପ୍ରସାରଣ ହେବ ଷ୍ଟାର କିରଣର ମନୋରଞ୍ଜନ ଧର୍ମୀ ଧାରାବାହିକ, ଚଳଚ୍ଚିତ୍ର


ଜୁନ୍ ୬ରୁ ପ୍ରସାରଣ ହେବାକୁ ଥିବା ଓଡ଼ିଆ ଧାରାବାହିକର ମୁଖ୍ୟ କଳାକାର ଓ ଚ୍ୟାନେଲ୍ କର୍ତ୍ତୃପକ୍ଷ।

ଭୁବନେଶ୍ୱର,୧୯।୫

ଦେଶର ପ୍ରମୁଖ ଟିଭି ନେଟ୍‌ୱର୍କ ଡିଜ୍‌ନୀ ଷ୍ଟାର୍ ପକ୍ଷରୁ ରାଜ୍ୟରେ ଏକ ଉତ୍ସର୍ଗୀକୃତ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ 'ଷ୍ଟାର୍ କିରଣ'ର ଶୁଭାରମ୍ଭ ହୋଇଯାଇଛି। ଏହାର ପ୍ରିମିୟର ଚଳିତ ବର୍ଷ ଜୁନ୍ ୬ରୁ ଆନୁଷ୍ଠାନିକ ଭାବେ ପ୍ରସାରଣ ହେବ। ସେହିଭଳି ଓଡ଼ିଶାରେ ଏହା ପ୍ରଥମ ଆଞ୍ଚଳିକ ଏଚ୍‌ଡି ଚ୍ୟାନେଲ ସହ ଡିଜ୍‌ନୀ ଷ୍ଟାର୍‌ର ସପ୍ତମ ଆଞ୍ଚଳିକ ଭାଷାଭିତ୍ତିକ ଚ୍ୟାନେଲ ଭାବେ ଷ୍ଟାର୍ କିରଣ ଓଡ଼ିଶାରେ ତା'ର ସେବା (ପ୍ରଚାର ଓ ପ୍ରସାର) ଆରମ୍ଭ କରିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ ଚ୍ୟାନେଲର ଶୁଭାରମ୍ଭ ସହ ଏହା ଉଭୟ ଓଡ଼ିଆ ଓ ଓଡ଼ିଶାର କଳା ସଂସ୍କୃତିର ପ୍ରଚାର ଓ ପ୍ରସାର ସାଙ୍ଗକୁ ବରିଷ୍ଠ ଓ କନିଷ୍ଠ କଳାକାରଙ୍କ ଜରିଆରେ ଆଗକୁ ବଢ଼ି ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ଏ ସମ୍ପର୍କରେ ଡିଜ୍‌ନୀ ଷ୍ଟାର, ହେଡ୍-ନେଟ୍‌ୱର୍କ ଏଣ୍ଟରଟେନମେଣ୍ଟ ଚ୍ୟାନେଲର କେଭିନ୍ ଭାଜ୍ କହିଛନ୍ତି ,ଏଥିରେ ସହଯୋଗ କରିଥିବା ଆମର ସହଯୋଗୀ ସାଥୀ ଓ ସହଯୋଗୀମାନଙ୍କୁ ମୁଁ ମୋର ଆନ୍ତରିକ ଶୁଭେଚ୍ଛା ଓ ଧନ୍ୟବାଦ ଜ୍ଞାପନ କରୁଛି। ଷ୍ଟାର୍ କିରଣ ସହିତ ବିଭିନ୍ନ ସକାରାତ୍ମକ ତଥା ଗୁଣବତ୍ତା ବିଶିଷ୍ଟ କାହାଣୀ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶାର ଦର୍ଶକମାନଙ୍କୁ ଟିଭି ଦେଖିବାର ବିରଳ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବାକୁ ଡିଜ୍‌ନୀ ଷ୍ଟାର୍ ଲକ୍ଷ୍ୟ ରଖିଛି। ସେହିପରି ଏହି ଚ୍ୟାନେଲରେ ପୌରାଣିକ କାହାଣୀ ସହିତ ଆହୁରି ଅନେକ ଲୋକପ୍ରିୟ ତଥା ରୋମାଞ୍ଚକ ବିଷୟବସ୍ତୁ ମଧ୍ୟ ସ୍ଥାନ ପାଇବ ବୋଲି କେଭିନ୍ ମତବ୍ୟକ୍ତ କରିଛନ୍ତି।


ଷ୍ଟାର କିରଣରେ ପ୍ରସାରଣ ହେବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ର ମୁଖ୍ୟ କଳାକାର ଓ ଚ୍ୟାନେଲ୍ କର୍ତ୍ତୃପକ୍ଷ।

ଅପରପକ୍ଷରେ ଏହି ଚ୍ୟାନେଲ ଜରିଆରେ ଜୁନ୍ ୬ରୁ ପ୍ରତି ସୋମବାରରୁ ଶନିବାର ରାତି ୭ ଘଟିକାରୁ ୮.୩୦ ପର୍ଯ୍ୟନ୍ତ ଭିନ୍ନ ସ୍ୱାଦର ଓଡ଼ିଆ ଧାରାବାହିକ 'ତୁ କହିବୁ ନା ମୁଁ, ସୁହାଗ ସିନ୍ଦୂର, ଶାନ୍ତି ଏବଂ କିଏ ପର କିଏ ନିଜର' ସହ ପ୍ରତି ରବିବାର ଓଡ଼ିଆ ଚଳଚ୍ଚିତ୍ର ଯଥା ପ୍ରେମମ୍, ଦିଲ୍‌ରେ ଅଛି ତୋର ନାଁ, ଗୁପ୍‌ଚୁପ୍ ଏବଂ ମହାବାହୁ ଭଳି ଚଳଚ୍ଚିତ୍ର ମଧ୍ୟ ପ୍ରାଥମିକ ଭାବେ ପ୍ରସାରଣ କରାଯିବ ବୋଲି ଚ୍ୟାନେଲର ଆଞ୍ଚଳିକ ମୁଖ୍ୟ ଆଲୋକ ଜୈନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଡିଜ୍‌ନୀ ଷ୍ଟାର୍ ୩୦ବର୍ଷରୁ ଅଧିକ ସମୟ ଧରି ଭାରତୀୟ ମିଡିଆ ପରିଦୃଶ୍ୟକୁ ପରିଭାଷିତ କରିଛି। ଡିଜ୍‌ନୀ ଷ୍ଟାର୍‌ର ଚ୍ୟାନେଲ ପୋର୍ଟଫୋଲିଓ ୮ଟି ଭାଷାରେ ମନୋରଞ୍ଜନ,ଚଳଚ୍ଚିତ୍ର, କ୍ରୀଡ଼ା, ଇନ୍‌ଫୋଟେନ୍‌ମେଣ୍ଟ, କୀଡ୍‌ସ ଏବଂ ଜୀବନଶୈଳୀକୁ ପ୍ରଦର୍ଶିତ କରିଥାଏ। ଏହି ନେଟ୍‌ୱର୍କ ପ୍ରତିବର୍ଷ ୨୦,୦୦୦ ଘଣ୍ଟାରୁ ଅଧିକ କଣ୍ଟେଣ୍ଟ ସୃଷ୍ଟି କରିବା ସହିତ ଭାରତରେ ୭୦+ ଚ୍ୟାନେଲ ପ୍ରସାରଣ କରିବାରେ ସକ୍ଷମ ହୋଇପାରିଛି। ୧୪ରୁ ଅଧିକ ଚ୍ୟାନେଲ ସହିତ ଷ୍ଟାର ସ୍ପୋର୍ଟସ୍ ଚ୍ୟାନେଲ ହେଉଛି ଏକ ପ୍ରମୁଖ ସ୍ପୋର୍ଟସ୍ ନେଟ୍‌ୱର୍କ, ଯେଉଁଥିରେ ପ୍ରମୁଖ ଘରୋଇ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରଦର୍ଶନ କରାଯିବା ସହିତ ଭାରତକୁ ଏକ ମଲ୍ଟି ସ୍ପୋର୍ଟିଂ ରାଷ୍ଟ୍ର ଭାବେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ।

## ଏସ୍ଏସ୍‌ୟୁରେ ଆଇଏଚ୍ଆଇସି-୨୦୨୨

କଟକ,୧୯।୫: ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍ଏସ୍‌ୟୁ) ର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନ ବିଭାଗ ପକ୍ଷରୁ ଏକ ୩ ଦିନିଆ 'ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସୂଚନା ସମ୍ମିଳନୀ' (ଆଇଏଚ୍ଆଇସି-୨୦୨୨) ବିଶ୍ୱବିଦ୍ୟାଳୟ ସମ୍ମିଳନ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଫିନ୍‌ଲାଣ୍ଡ, ତୁର୍କୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରାଜୀବ କୁମାର କାନ୍ତ, ଏସ୍ଏସ୍‌ୟୁର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣି, କୁଳପତି ପ୍ରଫେସର ଡ.ବି.ଆର୍. ଶର୍ମା, କାର୍ମିକା ନିର୍ଦ୍ଦେଶକ ଗୌରବ ବର୍ମାଙ୍କ ସମେତ ପ୍ରଫେସର ଡ. ସିବେନ ଗୁପି, ଡ.ସାରିକା ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏସ୍ଏସ୍‌ୟୁର କାର୍ମିକା ନିର୍ଦ୍ଦେଶକ ଗୌରବ ବର୍ମା କହିଥିଲେ, ଏକ ସୁସ୍ଥ ଜୀବନ ପାଇଁ ଶାରୀରିକ ଏବଂ ମାନସିକ ସୁସ୍ଥତାର ଆବଶ୍ୟକତା ରହିଛି। ସେହିଭଳି ଏସ୍ଏସ୍‌ୟୁର କୁଳପତି ଡ. ଶର୍ମା ତାଙ୍କର ପ୍ରେରଣାଦାୟକ ବ୍ୟକ୍ତବ୍ୟ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଅପରପକ୍ଷରେ ପ୍ରଫେସର କୁଲକର୍ଣ୍ଣି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଭିତରେ ସମୃଦ୍ଧ ସନ୍ତୁଳିତ ବିଭିନ୍ନତା ବିଷୟରେ ଉଲ୍ଲେଖକରି ସମାବେଶକୁ ଉତ୍ସାହିତ କରିଥିଲେ। ଉକ୍ତ ସମ୍ମିଳନୀରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନ ବିଭାଗର ଡିନ୍ ପ୍ରଫେସର ଆର୍.ଏନ୍. ଶତପଥୀ ଆଇଏଚ୍ଆଇସି-୨୦୨୨ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ଡ. ସୁନିତା ଶତପଥୀ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।



ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ୩ ଦିନିଆ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

## ସର୍ବନିମ୍ନ ସ୍ତରରେ ଭାରତୀୟ ମୁଦ୍ରା

ନୂଆଦିଲ୍ଲୀ,୧୯।୫: ଡଲାର ତୁଳନାରେ ଭାରତୀୟ ମୁଦ୍ରାର ହ୍ରାସ ସ୍ଥିତି ଜାରି ରହିଛି। ଗୁରୁବାର ପୁଞ୍ଜିବଜାର କାରବାର ଦିବସରେ ଭାରତୀୟ ମୁଦ୍ରାରେ ୧୦ ପଇସା ହ୍ରାସ ସହିତ ଏହା ସର୍ବକାଳୀନ ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଛି। କାରବାର ଶେଷ ସୁଦ୍ଧା ଭାରତୀୟ ମୁଦ୍ରା ୭୭.୭୨ ସ୍ତରରେ ବନ୍ଦ ହୋଇଛି। ଲଗାତର ୨ୟ ଦିନ ପାଇଁ ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ରେକର୍ଡ ହ୍ରାସ ଦେଖିବାକୁ ମିଳିଛି। ବଜାର ତଥ୍ୟ ଅନୁସାରେ ଫେଡେରାଲ ରିଜର୍ଭର ସଙ୍କେତ, ରୁଷିଆ-ୟୁକ୍ରେନ୍ ସଙ୍କଟ, ଅଶୋଧିତ ତୈଳ ଦର, ବିଦେଶୀ ନିବେଶକଙ୍କ ଦ୍ୱାରା ଘରୋଇ ବଜାରରୁ ଫଣ୍ଡ୍ ପ୍ରତ୍ୟାହାର କରିନେବା ଭଳି ବିଭିନ୍ନ କାରଣରୁ ଭାରତୀୟ ମୁଦ୍ରା ଉପରେ ଚାପ ବଜାୟ ରହିଛି।

# ଗହମ ଉତ୍ପାଦନ ହ୍ରାସ

ନୂଆଦିଲ୍ଲୀ,୧୯।୫



ଜୁନ୍‌ରେ ଶେଷ ହେବାକୁ ଥିବା ଆର୍ଥିକ ବର୍ଷ ୨୦୨୧-୨୨ର ପ୍ରଥମ ତ୍ରୈମାସରେ ଭାରତର ଗହମ ଉତ୍ପାଦନ ୧୦୬.୪୧ ମିଲିୟନ ଟନ୍ ରହିବ ବୋଲି ଆକଳନ କରାଯାଉଛି। ପୂର୍ବ ବର୍ଷ ଏହି ଅବଧି ଅପେକ୍ଷା ଚଳିତ ବର୍ଷ ଗହମ ଉତ୍ପାଦନ ୩.୮ ମିଲିୟନ ଟନ୍ କମ୍ ରହିବ। ପୂର୍ବରୁ ଏହି ତ୍ରୈମାସରେ ଗହମ ଉତ୍ପାଦନ ନେଇ ଲଗାଯାଇଥିବା ଅନୁମାନ ୧୧୧.୩୨ ମିଲିୟନ ଟନ୍ ଅପେକ୍ଷା ୪.୩୯% କମ୍ ରହିବ। ଗୁରୁବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ତୃତୀୟ ଅଗ୍ରିମ ଆକଳନ ଅନୁସାରେ ଚଳିତ ଆର୍ଥିକ ବର୍ଷରେ ସାରା ଦେଶରେ ମୋଟ ଖାଦ୍ୟଶସ୍ୟ ଉତ୍ପାଦନ ୩୧୪.୫୧ ମିଲିୟନ ଟନ୍ ରହିଥିବା ବେଳେ ଏହା ପୂର୍ବ ଆର୍ଥିକ ବର୍ଷରେ ଉତ୍ପାଦିତ ୩୧୦.୭୪ ମିଲିୟନ ଟନ୍‌ଠାରୁ ଅଧିକ ରହିଛି। ସେହିପରି ପ୍ରକାଶିତ ଆକଳନ ଅନୁସାରେ ଚଳିତ ବର୍ଷ ଚଣା ଉତ୍ପାଦନ ୧୩.୯୮ ମିଲିୟନ ଟନ୍ ରହିବାର ସମ୍ଭାବନା ରହିଛି। ଏହା ପୂର୍ବ ବର୍ଷ ୧୧.୯୧ ମିଲିୟନ ଟନ୍ ରହିଥିଲା। ସେହିପରି ପୂର୍ବ ଆର୍ଥିକ ବର୍ଷରେ ସୋରିଷ ୧୦.୨୧ ମିଲିୟନ ଟନ୍ ଥିବା ବେଳେ ଚଳିତ ବର୍ଷ ୧୧.୭୪ ମିଲିୟନ ଟନ୍ ଉତ୍ପାଦନ ନେଇ ଆକଳନ କରାଯାଇଛି। ସଦ୍ୟତମ ତଥ୍ୟ ଅନୁସାରେ ସେଣ୍ଟ୍ରାଲ ପୁଲ୍ ପାଇଁ ଗହମ କ୍ରୟ ମେ' ୧୮ ସୁଦ୍ଧା ୧୮.୧ ମିଲିୟନ ଟନ୍ ପର୍ଯ୍ୟନ୍ତ ପହଞ୍ଚିଯାଇଛି। ଅର୍ଥାତ୍ କେନ୍ଦ୍ର ସରକାର ଶନିବାର ଗହମ ରପ୍ତାନି ଉପରେ କଟକଣା ଲଗାଇବା ପରେ ଚାଷୀମାନଙ୍କଠାରୁ ଅତିରିକ୍ତ ୧,୧୬,୩୩୭ ଟନ୍ ଗହମ କିଣିବାରେ ସଫଳ ରହିଛନ୍ତି।

## ଏଲ୍‌ପିଜି ଦର ବୃଦ୍ଧି

ନୂଆଦିଲ୍ଲୀ,୧୯।୫: ଗୁରୁବାର ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଦରରେ ବୃଦ୍ଧି ଘଟିଛି। ଅଏଲ୍ ମାର୍କେଟିଂ କମ୍ପାନୀଗୁଡ଼ିକର ତତ୍କାଳ ପ୍ରଭାବରେ ୧୪.୨ କିଲୋଗ୍ରାମ୍ ଘରୋଇ ରୋଷେଇ ଗ୍ୟାସ୍ ଏଲ୍‌ପିଜି ସିଲିଣ୍ଡର ଦରରେ ୩ଟଙ୍କା ୫୦ ପଇସା ବୃଦ୍ଧି ହୋଇଛି। ଏହି ବୃଦ୍ଧି କାରଣରୁ ବର୍ତ୍ତମାନ ଜାତୀୟ ରାଜଧାନୀ ଦିଲ୍ଲୀରେ ସିଲିଣ୍ଡର ଦର ୧୦୦୩ ଟଙ୍କାରେ ପହଞ୍ଚିଛି। ମୁମ୍ବାଇରେ ଘରୋଇ ଏଲ୍‌ପିଜି ଦର ସିଲିଣ୍ଡର ପିଛା ୧୦୦୨.୫୦ ଟଙ୍କା ହୋଇଛି। ଏହାଛଡ଼ା କୋଲକାତା ଏବଂ ଚେନ୍ନାଇରେ ଗ୍ରାହକଙ୍କୁ ସିଲିଣ୍ଡର ପିଛା ଯଥାକ୍ରମେ ୧,୦୨୯ ଟଙ୍କା ଏବଂ ୧,୦୫୮.୫୦ଟଙ୍କା ଖର୍ଚ୍ଚକରିବାକୁପଡ଼ିବ।

## ବ୍ଲୁ ଷ୍ଟାର ପକ୍ଷରୁ ନୂତନ ଉତ୍ପାଦ, କାରଖାନା

### ଡିପ୍ ଫ୍ରିଜରର ଉତ୍ପାଦନ ହାର ଦ୍ୱିଗୁଣିତ

ନୂଆଦିଲ୍ଲୀ,୧୯।୫

ଦେଶର ପ୍ରମୁଖ ଏୟାର କଣ୍ଡିସନିଂ ଏବଂ ବାଣିଜ୍ୟିକ ରେଫ୍ରିଜରେଟର ଉତ୍ପାଦକ ବ୍ଲୁ ଷ୍ଟାର ଲିମିଟେଡ୍ ନିକଟରେ ତା'ର ଡିପ୍ ଫ୍ରିଜରର ନୂତନ ଓ ସ୍ୱଦେଶୀ ଡିଜାଇନରେ ଡିପ୍ ଫ୍ରିଜର୍ସ ଶ୍ରେଣୀର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ସେହିଭଳି କମ୍ପାନୀର ୱାଦାଠାରେ ନୂଆ ବିଶ୍ୱସ୍ତରୀୟ କାରଖାନା ସହ ଉତ୍ପାଦନ ବୃଦ୍ଧି କରାଯାଇଛି। ସ୍ୱଦେଶୀ ଡିଜାଇନରେ ନିର୍ମିତ ନୂତନ ଶ୍ରେଣୀର ଡିପ୍ ଫ୍ରିଜରଗୁଡ଼ିକ +୨° ସେଣ୍ଟିଗ୍ରେଡ୍‌ରୁ -୨୪° ସେଣ୍ଟିଗ୍ରେଡ୍ ମଧ୍ୟରେ ତାପ ନିୟନ୍ତ୍ରଣ ଶ୍ରେଣୀର ଉପଲବ୍ଧ ରହିଛି। ଅପରପକ୍ଷରେ କମ୍ପାନୀର ୱାଦାଠାରେ ନୂତନ ବିଶ୍ୱସ୍ତରୀୟ କାରଖାନାରେ ଏହାର ବାଣିଜ୍ୟିକ ରେଫ୍ରିଜରେସନ ଉତ୍ପାଦ ଏବଂ ସଲ୍ୟୁସନ୍ ବିଶେଷତଃ ଡିପ୍ ଫ୍ରିଜର ଏବଂ ୱାଟର କୁଲରଗୁଡ଼ିକର ଉତ୍ପାଦନକୁ ପୂରା କରିବା ପାଇଁ କମ୍ପାନୀର ନୂତନ କାରଖାନା ଉଦ୍ଦିଷ୍ଟ ଯାହା ଲାଟେଷ୍ଟ ଉନ୍ନତ ପ୍ରସ୍ତୁତି ବ୍ୟବସ୍ଥାରେ ସୁସଜ୍ଜିତ ଏବଂ ଏହା ବିଶ୍ୱର ସର୍ବୋତ୍ତମ ପରିଚାଳନା ବ୍ୟବସ୍ଥାକୁ ଆପଣାଇଛି। ଏହା ପ୍ରାୟ ୧୩୦ କୋଟି ଟଙ୍କାର ପାଣ୍ଠି ବିନିଯୋଗରେ ଉକ୍ତ କାରଖାନା ୧୯,୩୦୦ ବର୍ଗମିଟର କ୍ଷେତ୍ରରେ ନିର୍ମିତ ଏବଂ ବାର୍ଷିକ ପ୍ରାୟ ୨,୦୦,୦୦୦ ଡିପ୍ ଫ୍ରିଜର ଏବଂ ୧,୦୦,୦୦୦ ଷ୍ଟୋରେଜ୍ ୱାଟର କୁଲର ଉତ୍ପାଦନ କ୍ଷମତାସମ୍ପନ୍ନ। ଏହି ନୂଆ କାରଖାନା ସହ ବ୍ଲୁଷ୍ଟାର ନିଜର ଡିପ୍ ଫ୍ରିଜର ଉତ୍ପାଦନ କ୍ଷମତାକୁ ଦ୍ୱିଗୁଣିତ କରିଛି ବୋଲି ବ୍ଲୁଷ୍ଟାର ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବି. ତ୍ୟାଗରାଜନ ମତବ୍ୟକ୍ତ କରିଛନ୍ତି।

**ଫୁରସତ୍**




# 'ଧାକଡ୍'କୁ ବଏକଟ୍ ଦାବି

ମୁମ୍ବାଇ: ବି-ଟାଉନ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ସବୁବେଳେ କୌଣସି ନା କୌଣସି କଥାକୁ ନେଇ ବିବାଦରେ ରହିଆନ୍ତି। ଏବେ ପୁଣି ସେ ବିବାଦ ଘେରକୁ ଆସିଛନ୍ତି। ରିଲିଜ୍ ପୂର୍ବରୁ ତାଙ୍କ ଫିଲ୍ମ 'ଧାକଡ୍'କୁ ବଏକଟ୍ କରିବାକୁ ଦାବି ହୋଇଛି। ମେ ୨୦ରେ ରିଲିଜ୍ ହେବାକୁ ଥିବା ସିନେମା 'ଧାକଡ୍'କୁ ଟୁଇଟରରେ ବଏକଟ୍ କରିବାକୁ ଦାବି ହୋଇଛି। ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ଫ୍ୟାନ୍ସମାନେ କଙ୍ଗନାଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। ସେମାନେ ସଲ୍‌ମାନ ଖାନ୍, କାର୍ତ୍ତିକ ଆର୍ଯ୍ୟନ୍ ଏବଂ ଲକ୍‌ଅପ୍‌ର ବିଜେତା ମୁନ୍‌ୱାର ଫାରୁକିଙ୍କୁ ଏହି ବିବାଦ ଭିତରକୁ ଟାଣିଛନ୍ତି। ମୁନ୍‌ୱାରଙ୍କୁ କଙ୍ଗନା ଭୋଟ୍ ଦେଇ ବିଜେତା କରିଥିବାରୁ ଦର୍ଶକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ବିବାଦର ବଡ଼ କାରଣ ହେଉଛି କଙ୍ଗନା ଏବଂ ସଲ୍‌ମାନଙ୍କ ବନ୍ଧୁତା। ପୂର୍ବରୁ କଙ୍ଗନା ସଲ୍‌ମାନଙ୍କୁ ଅନେକ ପ୍ରସଙ୍ଗରେ ସମାଲୋଚନା କରିଆସୁଥିଲେ। ଏକ ଇଣ୍ଟରଭ୍ୟୁରେ କଙ୍ଗନା କେଉଁ ଖାନ୍‌ଙ୍କ ଆବଶ୍ୟକତା ନାହିଁ ବୋଲି କହିଥିଲେ। କିନ୍ତୁ କିଛି ଦିନ ପୂର୍ବେ ସଲ୍‌ମାନଙ୍କ ଇଦ୍ ଉତ୍ସବରେ କଙ୍ଗନାଙ୍କୁ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ଫିଲ୍ମ 'ଧାକଡ୍'ର ଟ୍ରେଲରକୁ ସଲ୍‌ମାନ ସୋସିଆଲ ମିଡିଆରେ ଶେୟାର କରି ପ୍ରମୋଶନ ମଧ୍ୟ କରିଥିଲେ। କଙ୍ଗନା ଏ ନେଇ ତାଙ୍କୁ ଖୁବ୍ ପ୍ରଶଂସା କରିଥିଲେ। ସଲ୍‌ମାନଙ୍କ ସେହି ପୋଷ୍ଟକୁ ରାଣାୱତ୍ ନିଜ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ଶେୟାର କରି ତାଙ୍କୁ 'ଗୋଲ୍ଡେନ୍ ହାର୍ଟ' ଏବଂ 'ମେରା ଦବଙ୍ଗ ହିରୋ' ବୋଲି କହିଥିଲେ। ଏହା ସୁଶାନ୍ତ ସିଂଙ୍କ ଫ୍ୟାନ୍‌ଙ୍କୁ ଆଦୌ ପସନ୍ଦ ଆସି ନ ଥିଲା। ପୂର୍ବରୁ କଙ୍ଗନା ସଲ୍‌ମାନ ଏବଂ କେତେ ଜଣ ବଡ଼ ପ୍ରଡ୍ୟୁସରଙ୍କୁ ମାଫିଆ ବୋଲି କହିଥିଲେ। ସେ କହିଥିଲେ କି ସୁଶାନ୍ତଙ୍କୁ ଏମାନେ କାମ ଦେଇ ନ ଥିଲେ। କଙ୍ଗନା ନିଜ ସୁବିଧା ପାଇଁ ସୁଶାନ୍ତଙ୍କ ନାମ ବ୍ୟବହାର କରି ଫାଇଦା ଉଠାଉଥିବା ୟୁଜର୍ସ କହିଛନ୍ତି। ଏଥିସହ ତାଙ୍କ ମୁଭିକୁ ବଏକଟ୍ କରିବାକୁ ଦାବି କରିଛନ୍ତି।

# ସତ୍କାରବେଳେ ଡିଜେ ବଜାଇ ନାଚିଲେ



ଲଣ୍ଡନ: ଖୁସି ସମୟରେ ଲୋକେ ନାଚିଥାନ୍ତି, ପାର୍ଟି କରିଥାନ୍ତି। ହେଲେ କାହାର ମୃତ୍ୟୁରେ ଉତ୍ସବ ପାଳିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପାରେ। ସୋସିଆଲ ମିଡିଆରେ ଏଭଳି ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଏକ ଶ୍ମଶାନରେ ମୃତକଙ୍କ ଅନ୍ତିମ ସତ୍କାରବେଳେ ଲୋକେ ଡିଜେ ବଜାଇ ନାଚୁଥିବା ଦେଖାଯାଇଛି। ଭିଡିଓଟି ବ୍ରିଟେନ୍‌ର ବର୍ମିଂହାମସ୍ଥିତ ୱିଟନ୍ ଶ୍ମଶାନର ବୋଲି ଜଣାପଡ଼ିଛି। ଏଠାରେ କ୍ୟାଟି ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଅନ୍ତିମ ସଂସ୍କାରରେ ବହୁ ସଂଖ୍ୟାରେ ଲୋକ ପହଞ୍ଚିଥିଲେ। ମୃତଦେହକୁ ଏକ କଫିନରେ ଅଣାଯିବା ପରେ ଶାନ୍ତି ସଭା ଆୟୋଜନ କରାଯାଇଥିଲା। ହେଲେ ସେଠାରେ ଲୋକେ ଡିଜେ ବଜାଇ ହଠାତ୍ ନାଚଗୀତ କରିଥିଲେ। ଶୋକ ପାଳନ ପରିବର୍ତ୍ତେ ସେଠାରେ ପାର୍ଟି ଆରମ୍ଭ ହୋଇଯାଇଥିଲା। ଏହା ଦେଖି ଆଖପାଖ ଲୋକ ରୁଣ୍ଡ ହୋଇ ତାହାର ଭିଡିଓ ଉତ୍ତୋଳନ କରିଛନ୍ତି। ଭିଡିଓକୁ ପ୍ରଥମେ ବ୍ରିମଜ୍ ଇଜ୍ ଗ୍ରୀନ ନାମକ ଟୁଇଟର ପେଜ୍‌ରେ ଅପ୍‌ଲୋଡ୍ କରାଯାଇଥିଲା। ଏହା ପୂର୍ବରୁ ଜଣେ ଡୋମିନିକାନ ମହିଳାଙ୍କ ଅନୁରୂପ ଭିଡିଓ ଭାଇରାଲ ହୋଇଥିଲା। ନିଜ ମୃତ୍ୟୁ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ସେ ରିହର୍ସାଲ କରିଥିଲେ। ଏଥିରେ ତାଙ୍କ ସାଙ୍ଗସାଥୀ ଓ ବନ୍ଧୁ ପରିଜନ ମଧ୍ୟ ସାମିଲ ହୋଇଥିଲେ। ମହିଳା ଜଣକ ଜୀବିତ ଥିବାବେଳେ ତାଙ୍କୁ କଫିନ୍‌ରେ ପୂରାଇ ଏହି ଅନ୍ତିମ ସଂସ୍କାରର ରିହର୍ସାଲ ଭିଡିଓ ବେଶ୍ ଚର୍ଚ୍ଚିତ ହୋଇଥିଲା।

## ପାଓଭାଜି ବିକାଳିଙ୍କୁ ଆଇଏଏସ୍‌ଙ୍କ ପ୍ରଶଂସା



ମୁମ୍ବାଇ: ମୁମ୍ବାଇ ଫୁଟ୍‌ପାଥ୍‌ରେ ପାଓଭାଜି ବିକ୍ରି କରୁଥିବା ବ୍ୟକ୍ତି ଜଣେ ମହିଳା ଆଇଏଏସ୍ ଅଧିକାରୀ ସୋନୋଲ୍ ଗୋଏଲ୍ ବେଶ୍ ପ୍ରଶଂସା କରିଛନ୍ତି। ପାଓଭାଜି ବିକାଳି ମିତେଶ ଗୁପ୍ତାଙ୍କ ହାତ ନ ଥିଲେ ମଧ୍ୟ ସେ ଏହାକୁ ତାଙ୍କ ଦୁର୍ବଳତା ମନେ କରନ୍ତି ନାହିଁ। ସେ ଏକୁଟିଆ ଗୋଟିଏ ହାତରେ ଠେଲାରେ ପାଓଭାଜି ପାଇଁ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରି ତାହାକୁ ତିଆରି ଏବଂ ବିକ୍ରି କରୁଛନ୍ତି। କାହାର ସାହାଯ୍ୟ ନ ନେଇ ପାଓଭାଜି ତିଆରି କରିବା ବେଳର ଏକ ଭିଡିଓ ଆଇଏଏସ୍ ଅଫିସର ସୋନୋଲ୍ ଗୋଏଲ୍ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। କିଛି ବର୍ଷ ପୂର୍ବେ ଦୁର୍ଘଟଣାରେ ମିତେଶଙ୍କ ହାତ କଟିଯାଇଥିଲା। ହେଲେ ସେ ମନୋବଳ ଦୃଢ଼ କରି ନିଜେ ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି ସୋନୋଲ କହିଛନ୍ତି।

## ମହୁମାଛିଙ୍କ ସୁରକ୍ଷା ଜରୁରୀ




କଠିନ ପରିଶ୍ରମୀ ଭାବେ ବିଦିତ ମହୁମାଛି। ଛୋଟିଆ କୀଟ ହେଲେ ମଧ୍ୟ ପରିବେଶ ପାଇଁ ବେଶ୍ ଉପକାରୀ। ମହୁମାଛି ଓ ମଣିଷର ସମ୍ପର୍କ ଯୁଗ ଯୁଗ ଧରି ରହିଆସିଛି। ମହୁମାଛି ଗୋଟିଏ ଫୁଲରୁ ଅନ୍ୟ ଫୁଲକୁ ବିଚରଣ କରି ପରାଗ ସଙ୍ଗମ କରିଥାନ୍ତି। ଖାଦ୍ୟ ଉତ୍ପାଦନରେ ଏମାନଙ୍କ ଭୂମିକା ପ୍ରାୟ ୩୩ ପ୍ରତିଶତ ରହିଛି। ତେଣୁ ସେମାନେ ଜୈବ ବିବିଧତା, ପ୍ରକୃତିର ସନ୍ତୁଳନ ରକ୍ଷା ସହ ପ୍ରଦୂଷଣ ରୋକିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ତେଣୁ ମହୁମାଛିକୁ ପ୍ରକୃତିରାଣୀ ବୋଲି ମଧ୍ୟ କୁହାଯାଇଥାଏ। ତେଣୁ ପ୍ରତିବର୍ଷ ମେ'୨୦କୁ ବିଶ୍ୱ ମହୁମାଛି ଦିବସ ଭାବେ ପାଳନ କରାଯାଏ। ସୂଚନାଯୋଗ୍ୟ, ବିଶ୍ୱ ମହୁମାଛି ଦିବସ ପ୍ରଥମେ ୨୦୧୮ ମେ' ୨୦ରୁ ଆରମ୍ଭ ହୋଇଥିଲା। ଏହାପରଠାରୁ ପ୍ରତିବର୍ଷ ଏହି ଦିନରେ ବିଶ୍ୱ ମହୁମାଛି ଦିବସ ପାଳନ କରାଯାଏ। ବିଶ୍ୱ ମହୁମାଛି ଦିବସର ତାରିଖ ମେ'୨୦କୁ ଚୟନ କରାଯାଇଥିଲା କାରଣ ଏହି ଦିନ ସ୍ଲୋଭେନିଆର ଏକ ମହୁମାଛି ପରିବାରରୁ ଏକ କୃଷିଭିତ୍ତିକ ଅଗ୍ରଦୂତ ଏଣ୍ଟୋନ ଜାନସା ୧୭୩୪ରେ ଜନ୍ମଗ୍ରହଣ କରିଥିଲେ। ପ୍ରତିବର୍ଷ ଏହି ଦିବସରେ କିଛି ନା କିଛି ଥିମ୍ ରଖାଯାଇଥାଏ। ଚଳିତ ବର୍ଷ ଏହାର ଥିମ୍ ରଖାଯାଇଛି, ବି ଏନ୍‌ଗେଜ୍ଡ: ବିଲ୍ଡ ବ୍ୟାକ୍ ବେଟର ଫର ବିସ୍। ଏହାର ଅର୍ଥ ମହୁମାଛି ଓ ସେମାନଙ୍କ ବଂଶବୃଦ୍ଧି ସୁରକ୍ଷା ନେଇ ସମସ୍ତେ ସଚେତନତା ହେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆଗାମୀ ଦିନରେ ମହୁମାଛିର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ।

## ବିନା ସ୍ମୃତିରେ ୪୦ ବର୍ଷ

ଲଣ୍ଡନ: ବଲିଉଡ୍ ଫିଲ୍ମ 'ଗଜନୀ'ରେ ଆମୀର ଖାନ୍ କିଛି ସମୟ ମଧ୍ୟରେ ତାଙ୍କ ସ୍ମୃତି ହରାଉଥିବା ଚରିତ୍ରରେ ଦେଖିବାକୁ ମିଳିଥିଲା। ବାସ୍ତବରେ ମଧ୍ୟ ଜଣେ ଏପରି ବ୍ୟକ୍ତି ଅଛନ୍ତି ଯିଏ ମାତ୍ର ୩୦ ସେକେଣ୍ଡରେ ସବୁକିଛି ଭୁଲିଯାଉଛନ୍ତି। ବ୍ରିଟେନ୍‌ର ୮୪ ବର୍ଷୀୟ କ୍ଲିଭ୍ ୱିୟରିଂ ଆଣ୍ଟେରୋଗ୍ରେଡ୍ ଏବଂ ରେଟ୍ରୋଗ୍ରେଡ୍ ଆମ୍‌ନେସିଆ ରୋଗରେ ପୀଡ଼ିତ। ଏଥିଯୋଗୁ ମାତ୍ର ୩୦ ସେକେଣ୍ଡ ପର୍ଯ୍ୟନ୍ତ ସେ କୌଣସି କଥାକୁ ମନେ ରଖିପାରନ୍ତି। ଏହା ପରେ ତାଙ୍କ ଅତୀତ କଥା ମନେ ପକାଇପାରୁନାହାନ୍ତି। ଏପରିକି ସେ ନିଜ ବାହାଘର କଥା କିମ୍ବା ପିଲାଙ୍କ ନାମ ମଧ୍ୟ ମନେ ରଖିନାହାନ୍ତି। ଏହି ରୋଗ ସହ ସେ ପ୍ରାୟ ୪୦ ବର୍ଷ ହେଲା ସଂଘର୍ଷ କରୁଛନ୍ତି। ୧୯୮୫ରେ କ୍ଲାଇଭ୍ ଘରେ ପଡ଼ିଯାଇଥିଲେ। ହସ୍ପିଟାଲକୁ ନିଆଯିବା ପରେ ତାଙ୍କ ମସ୍ତିଷ୍କର ହିପୋକ୍ୟାମ୍ପସ୍‌ରେ ଇନ୍‌ସିଡିୟସ୍ ଭୂତାଣୁ ସଂକ୍ରମଣ ହୋଇଥିବା ଜଣାପଡ଼ିଥିଲା। ଏଥିରୁ ସେ ଆରୋଗ୍ୟ ହୋଇଥିଲେ ହେଁ ହିପୋକ୍ୟାମ୍ପସ୍ ଭାଇରସ୍ ଦ୍ୱାରା ପ୍ରଭାବିତ ହୋଇଥିବାରୁ ସେ ତାଙ୍କ ସ୍ମୃତି ଶକ୍ତି ହରାଇବା ସହ ନୂଆ କଥା ମଧ୍ୟ ମନେ ରଖିପାରୁନାହାନ୍ତି।



ସ୍ତ୍ରୀଙ୍କ ସହ କ୍ଲିଭ୍ ୱିୟରିଂ

# ବ୍ୟାଡ୍‌ମିଣ୍ଟନର ଯୁଗ


ନିର୍ମଳ କୁମାର ମିଶ୍ର

**ପ୍ରଥମଥର ପାଇଁ ଭାରତ ଜିତିଛି ଥମାସ କପ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ। ଏପରି ସଫଳତା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ଏଥିସହ ଭାରତରେ ବ୍ୟାଡ୍‌ମିଣ୍ଟନର ଯୁଗ ଆରମ୍ଭ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ...**

ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ ଦଳ ଥମାସ୍ କପ୍‌ରେ ବିଜୟୀ ହୋଇ ଦେଶକୁ ବିଶ୍ୱଦରବାରରେ ଏକ ଅଭୁଲା ସ୍ମୃତି ଉପହାର ଦେଇଛି। ଫଳସ୍ୱରୂପ ପୃଥିବୀର କୋଣ ଅନୁକୋଣରୁ ଭାରତୀୟ ଦଳକୁ ଅସୁମାରୀ ପ୍ରଶଂସା ମିଳିଛି। ଭାରତୀୟ କ୍ରୀଡ଼ାଜଗତ ପାଇଁ ଏହା ସ୍ମରଣୀୟ ହୋଇ ରହିବ। ପ୍ରଥମଥର ପାଇଁ ଏପରି ସଫଳତା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ଏଥିସହ ଭାରତରେ ବ୍ୟାଡ୍‌ମିଣ୍ଟନର ଯୁଗ ଆରମ୍ଭ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ମେଜର ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଅଲିମ୍ପିକ୍ସ ହକିରେ ଭାରତୀୟ ଦଳର ଦମ୍‌ଦାର ପ୍ରଦର୍ଶନ, ୧୯୭୫ ହକି ବିଶ୍ୱକପ୍‌ରେ ଦଳଗତ ସଫଳତା, ୧୯୮୩ରେ କପିଳ ଦେବଙ୍କ କ୍ରିକେଟ ବିଶ୍ୱକପ୍ ବିଜୟ, ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ସଫଳତା ଭଳି ୨୦୨୨ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳର ଥମାସ୍ କପ ବିଜୟ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ବ୍ୟାଡ୍‌ମିଣ୍ଟନରେ ସମଗ୍ର ବିଶ୍ୱରେ ଇଣ୍ଡୋନେସିଆ, ଚାଇନା, ମାଲେସିଆ, ଡେନ୍‌ମାର୍କ, ଜର୍ମାନ, ଫ୍ରାନ୍ସ, କୋରିଆ, ଜାପାନ, ଇଂଲଣ୍ଡ, ଥାଇଲାଣ୍ଡ ପରି ଦେଶ ଆଧିପତ୍ୟ ବିସ୍ତାର କରିଥିବା ବେଳେ ଭାରତୀୟ ଦଳ ମଧ୍ୟ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କଡ଼ା ଟକ୍କର ଦେଇଆସିଛି। ଅଲିମ୍ପିକ୍ସ ସଫଳତା ପରେ ଥମାସ୍ କପ୍‌ରେ ଚାମ୍ପିୟନ ହେବା ଆମ ଦକ୍ଷତାର ପରିଚୟ ଦିଏ। ୧୯୮୦ରେ ଭାରତୀୟ ବ୍ୟାଡମିଣ୍ଟନର ତାରକା ଖେଳାଳି ପ୍ରକାଶ ପାଦୁକନ ଅଲ ଇଂଲଣ୍ଡ ଚାମ୍ପିୟନଶିପରେ ବିଜୟୀ ହୋଇ ଭାରତ ପାଇଁ ଯେଉଁ ସୁନାମ ଆଣିଥିଲେ ତାହା ଏବେ ମଧ୍ୟ ଲୋକଙ୍କ ହୃଦୟରେ ରହିଛି। ୨୦୦୧ରେ ପୁଲେଲା ଗୋପିଚାନ୍ଦ ଭାରତକୁ ଅନେକ ସଫଳତା ଦେଇଥିଲେ। ମାତ୍ର ଏହାପରେ ବେଶ୍ କିଛିଦିନ ଭାରତୀୟ ବ୍ୟାଡ୍‌ମିଣ୍ଟନରେ ନୀରବତା ବିରାଜମାନ କରିଥିଲା। ପରବର୍ତ୍ତୀ ଅବସ୍ଥାରେ ସାଇନା ନେହ୍ୱାଲ ଏବଂ ପି.ଭି. ସିନ୍ଧୁ ଭାରତ ପାଇଁ ଅନେକ ମେଡାଲ ଏବଂ ଟାଇଟଲ ଜିତି ସୁନାମ ଆଣିଥିଲେ। ଏବେ ବିଶ୍ୱସ୍ତରୀୟ ଖେଳାଳି ଲକ୍ଷ୍ୟ ସେନ୍, କିଡାମ୍ବି ଶ୍ରୀକାନ୍ତ, ଏଚ୍.ଏସ୍. ପ୍ରଣୟ ଏବଂ ଡବଲ୍ସରେ ଟିମ ଚିରାଗ ସେଟ୍ଟୀ, ଏସ୍. ରାଙ୍କିରେଡ୍ଡିଙ୍କ ପରି ଖେଳାଳିଙ୍କ ଦଳଗତ ସଫଳତା ଯୋଗୁ ଏପରି ଅବିସ୍ମରଣୀୟ ବିଜୟ ସମ୍ଭବ ହୋଇପାରିଛି। କୋଚିଂ ଷ୍ଟାଫମାନଙ୍କ ନିଷ୍ପାପର ଉଦ୍ୟମ ଏପରି କି ପାଦୁକନ୍ ଏବଂ ଗୋପିଚାନ୍ଦଙ୍କ ପ୍ରେରଣା ନିଶ୍ଚିତ ରୂପେ ଏହି ସଫଳତା ପଛରେ ରହିଛି ବୋଲି କୁହାଯାଇପାରେ। ପୂର୍ବରୁ ଭାରତୀୟ ମହିଳା ଦଳ ଅନ୍ୟତମ ଶ୍ରେଷ୍ଠ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉବର କପ୍‌ରେ ୨ଥର ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲା।

ବି.ଡବ୍ଲୁ.ଏଫ୍. (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ଦ୍ୱାରା ପରିଚାଳିତ ଥମାସ୍ କପ୍ ୧୯୪୯ ମସିହାରୁ ଆରମ୍ଭ ହୋଇଥିଲା। ୧୯୮୨ ମସିହା ପରଠାରୁ ପ୍ରତି ୨ବର୍ଷରେ ଥରେ ହେଉଥିବା ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୧୪ଥର ଚାମ୍ପିୟନ ହୋଇଛି ଶକ୍ତିଶାଳୀ ଇଣ୍ଡୋନେସିଆ। ୨୦୨୨ରେ ଭାରତ ପ୍ରଥମଥର ଟାଇଟଲ ଜିତିଥିବାରୁ ଏହାକୁ ଏହି ବିରଳ ସଫଳତା କୁହାଯାଉଛି ; ଯାହା କି ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି। ଥମାସ୍ କପ୍ ଏବଂ ଉବର କପ୍ ବ୍ୟାଡମିଣ୍ଟନ ଜଗତର ଦୁଇ ସମ୍ମାନଜନକ ଟୁର୍ନାମେଣ୍ଟ। ଏପର୍ଯ୍ୟନ୍ତ ମୋଟ ୬ଟି ଦେଶ ଥମାସ୍ କପ୍ ଟାଇଟଲ ହାସଲ କରିଛନ୍ତି। ଇଣ୍ଡୋନେସିଆର ୧୪ଟି ଟାଇଟଲ ସଫଳତାକୁ ଛାଡ଼ିଦେଲେ ଦ୍ୱିତୀୟ ସଫଳ ଦଳଭାବେ ଚାଇନା ଦ୍ୱିତୀୟ ସର୍ବାଧିକ ୧୦ଥର ଓ ମାଲେସିଆ ୫ ଥର ଚାମ୍ପିୟନ ହୋଇଛି। ଅନ୍ୟ ଟାଇଟଲ ହାସଲ କରିଥିବା ଦେଶ ହେଲେ ଜାପାନ (୨୦୧୪), ଡେନମାର୍କ (୨୦୧୬) ଓ ଭାରତ (୨୦୨୨)। ୬ଷ୍ଠ ଦେଶଭାବେ ଭାରତ ଡିଫେଣ୍ଡିଂ ଚାମ୍ପିୟନ ଇଣ୍ଡୋସେନିଆକୁ ୩-୦ରେ ହରାଇ ଏହି କ୍ଲବରେ ସାମିଲ ହୋଇଛି।

୧୯୮୨ ପରଠାରୁ ଚାଇନା ଥମାସ୍ କପରେ ପ୍ରବେଶ କରି ନିଜର ଆଧିପତ୍ୟ ବିସ୍ତାର କରିବା ସହ ୧୦ଥର ସଫଳତାର ସ୍ୱାଦ ଚାଖିଛି। ଏକମାତ୍ର ୟୁରୋପିଆନ୍ ଦେଶ ରୂପେ ଡେନମାର୍କ ଥରେ ଚାମ୍ପିୟନ ଏବଂ ୮ଥର ରନର୍ସ ଅପ୍ ହୋଇଛି। ୧୯୫୦ ଦଶକରେ ଭାରତ ଦୁଇଥର ଫାଇନାଲର ନିକଟତର ହୋଇ ମଧ୍ୟ ସଫଳତା ପାଇପାରି ନ ଥିଲା। ଜାରି ରହିଥିବା ପ୍ରଚେଷ୍ଟା ଶେଷରେ ସଫଳତାର ରୂପନେଲା। ଚାମ୍ପିୟନ ହୋଇ ଭାରତୀୟ ଦଳ ଇତିହାସ ରଚିବା ସହିତ ସମସ୍ତଙ୍କୁ ଚକିତ କରିଦେଇଛି। ଅନ୍ୟତମ ଶକ୍ତିଶାଳୀ ଦେଶ ଦକ୍ଷିଣ କୋରିଆ ୧୯୮୦ ଦଶକରେ ନିଜର ଶକ୍ତି ପ୍ରଦର୍ଶନ କରିବା ସହିତ ୭ଥର ଶ୍ରେଷ୍ଠ ୪ଟି ଦଳ ମଧ୍ୟରେ ସାମିଲ ହୋଇଥିଲା। ତେବେ ୨୦୦୮ ଓ ୨୦୧୨ରେ ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଡବଲ୍ସ ବିଭାଗରେ ଏକ ଶକ୍ତିଶାଳୀ ଦଳ ରୂପେ କୋରିଆ ବେଶ୍ ଜଣାଶୁଣା। ଇଂଲଣ୍ଡ ଏବଂ ଆମେରିକାର ମହିଳା ବ୍ୟାଡମିଣ୍ଟନ ଖେଳାଳିମାନେ ଉବର କପ୍‌ରେ ଭଲ ପ୍ରଦର୍ଶନ କରି ଆସୁଥିଲେ ମଧ୍ୟ ଥମାସ୍ କପରେ ସେମାନଙ୍କର ଚମକ ଆଦୌ ଦେଖିବାକୁ ମିଳିନାହିଁ। ସେହିପରି ସ୍ୱିଡେନ ମଧ୍ୟ ଥମାସ୍ କପ୍ ହାସଲ କରିବାକୁ ସକ୍ଷମ ହୋଇପାରି ନାହିଁ। ଥମାସ୍ କପର ଫାଇନାଲ ଷ୍ଟେଜ ପାଇଁ ଡେନମାର୍କ ୩୨, ଇଣ୍ଡୋନେସିଆ ୨୯, ମାଲେସିଆ ୨୧, ଦକ୍ଷିଣ କୋରିଆ ୨୦ ଏବଂ ଭାରତ ୧୩ଥର କ୍ୱାଲିଫାଏ କରିଛି। ଗୋପିଚାନ୍ଦ ଏକାଡେମୀ ଓ ପ୍ରକାଶ ପାଦୁକନ ଏକାଡେମୀ ନିରନ୍ତର ଭାବରେ ଯୁବଖେଳାଳି ସୃଷ୍ଟି କରିବା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ନିଶ୍ଚିତ ରୂପେ ଶୁଭସୂଚନା।

### ଥମାସ କପ୍ ରେକର୍ଡ

ଇଣ୍ଡୋନେସିଆ (୧୪ ଥର ଚାମ୍ପିୟନ): ୧୯୫୮, ୧୯୬୧, ୧୯୬୪, ୧୯୭୦, ୧୯୭୩, ୧୯୭୬, ୧୯୭୯, ୧୯୮୪, ୧୯୯୪, ୧୯୯୬, ୧୯୯୮, ୨୦୦୦, ୨୦୦୨, ୨୦୨୦, (୭ ଥର ରନର୍ସଅପ୍): ୧୯୬୭, ୧୯୮୨, ୧୯୮୬, ୧୯୯୨, ୨୦୧୦, ୨୦୧୬, ୨୦୨୨।

ଚାଇନା (୧୦ ଥର ଚାମ୍ପିୟନ): ୧୯୮୨, ୧୯୮୬, ୧୯୮୮, ୧୯୯୦, ୨୦୦୪, ୨୦୦୬, ୨୦୦୮, ୨୦୧୦, ୨୦୧୨, ୨୦୧୮, (୩ ଥର ରନର୍ସଅପ୍): ୧୮୮୪, ୨୦୦୦, ୨୦୨୦।

ମାଲେସିଆ (୫ ଥର ଚାମ୍ପିୟନ): ୧୯୪୯, ୧୯୫୨, ୧୯୫୫, ୧୯୬୭, ୧୯୯୨, (୯ ଥର ରନର୍ସଅପ୍):୧୯୫୮, ୧୯୭୦, ୧୯୭୬, ୧୯୮୮, ୧୯୯୦, ୧୯୯୪, ୧୯୯୮, ୨୦୦୨, ୨୦୧୪)।

ଡେନମାର୍କ (ଥରେ ଚାମ୍ପିୟନ): ୨୦୧୬, (୮ ଥର ରନର୍ସଅପ୍): ୧୯୪୯, ୧୯୫୫, ୧୯୬୪, ୧୯୭୩, ୧୯୭୯, ୧୯୯୬, ୨୦୦୪, ୨୦୦୬)।

ଜାପାନ (ଥରେ ଚାମ୍ପିୟନ): ୨୦୧୪, (ଥରେ ରନର୍ସଅପ୍): ୨୦୧୮।

ଭାରତ (ଥରେ ଚାମ୍ପିୟନ): ୨୦୨୨।

ଦକ୍ଷିଣ କୋରିଆ (୨ ଥର ରନର୍ସଅପ୍): ୨୦୦୮, ୨୦୧୨।

ଆମେରିକା (ଥରେ ରନର୍ସଅପ୍): ୧୯୫୨।

ଥାଇଲାଣ୍ଡ (ଥରେ ରନର୍ସଅପ୍): ୧୯୬୧।


ଥମାସ କପ୍ ବିଜୟୀ ଭାରତୀୟ ଦଳ।

# ଗୁରୁତ୍ୱପୂର୍ଣ୍ଣ ସିରିଜ

**ଡିନ୍ ଏଲଗାରଙ୍କ ନେତୃତ୍ୱରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ଦଳ ଭାରତ ଗସ୍ତରେ ଆସୁଛି। ଏହି ସିରିଜରେ ମୋଟ ୫ଟି ଟି୨୦ ମ୍ୟାଚ ଖେଳାଯିବ। ଆଗକୁ ଟି୨୦ ବିଶ୍ୱକପ ଆସୁଥିବାରୁ ଏହି ସିରିଜର ଅନେକ ଗୁରୁତ୍ୱ ରହିଛି...**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣ ଏବେ ଶେଷ ପର୍ଯ୍ୟାୟରେ। ଏହି ପ୍ରଫେଶନାଲ ଟି୨୦ ଲିଗ୍ ସରିବା ପରେ ସବୁ ଦଳର ଖେଳାଳିଙ୍କ ନଜର ସ୍ୱତଃ ଅନ୍ତର୍ଜାତୀୟ କ୍ୟାଲେଣ୍ଡର ଉପରେ ରହିବ। ଭାରତରେ ଏହାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଡିନ ଏଲଗାରଙ୍କ ନେତୃତ୍ୱରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ଦଳ ଭାରତ ଗସ୍ତରେ ଆସୁଛି। ଟି୨୦ ବିଶ୍ୱକପ୍ ପୂର୍ବରୁ ଉଭୟ ଦଳ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବେ। ଅଧିକାଂଶ ଯୁବ ଖେଳାଳି ଦକ୍ଷିଣ ଆଫ୍ରିକା ଦଳରେ ରହିଥିବା ବେଳେ କିଗାନ ପିଟରସନ୍, ଟେମ୍ବା ବାଭୁମା, ଲିଜାଡ ୱିଲିୟମ୍ସ, କେଶବ ମହାରାଜଙ୍କ ପରି ଅଭିଜ୍ଞ ଖେଳାଳି ସାମିଲ ହୋଇଛନ୍ତି। ଭାରତୀୟ ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ଆଗକୁ ଏହି ସଂଘର୍ଷପୂର୍ଣ୍ଣ ସିରିଜ ଆସୁଥିବା ବେଳେ ଘରୋଇ ମାଟିରେ ଟିମ୍ ଇଣ୍ଡିଆକୁ ପରାସ୍ତ କରିବା ଏତେ ସହଜ ହେବ ନାହିଁ ବୋଲି କ୍ରିକେଟ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ଏହାପରେ ଟିମ୍ ଇଣ୍ଡିଆ ବିଦେଶ ମାଟିରେ ଟେଷ୍ଟ ଏବଂ ଟି୨୦ ସିରିଜ ଖେଳିବା କାର୍ଯ୍ୟସୂଚୀ ଅଛି। ଦୁଇମାସରୁ ଅଧିକ ଦିନର ଆଇପିଏଲ ମ୍ୟାଚ ପରେ ଅଧିକାଂଶ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେବା ପାଇଁ ବିସିସିଆଇ ଚାହିଁବ ନିଶ୍ଚିତ। ତେଣୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଯୁବ ଖେଳାଳିଙ୍କଲାଗି ସୁଯୋଗ ରହିବ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜର ପ୍ରଥମ ମ୍ୟାଚ ଉପରେ ଅଧିନାୟକ ରୋହିତ ଶର୍ମାଙ୍କ ନଜର ରହିଛି। ଏହି ମ୍ୟାଚରେ ବିଜୟୀ ହେଲେ ଟିମ୍ ଇଣ୍ଡିଆ ଟି୨୦ ମ୍ୟାଚରେ କ୍ରମାଗତ ୧୩ ବିଜୟ ସହ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବାର ସମ୍ଭାବନା ସୃଷ୍ଟିହେବ। ଆଫଗାନିସ୍ତାନ ଏବଂ ଆଇସିସିର ଆସୋସିଏଟ୍ ମେମ୍ବର ଦେଶ ରୋମାନିଆ ସହ ଭାରତ ୧୨ଟି ଲେଖାଏ ମ୍ୟାଚରେ ବିଜୟୀ ହୋଇ ସମାନ ସ୍ଥିତିରେ ରହିଛି। ସୂଚନାଯୋଗ୍ୟ ଯେ, ଆଫଗାନିସ୍ଥାନ, ସ୍କଟଲାଣ୍ଡ, ନାମ୍ବିଆ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ଏବଂ ଶ୍ରୀଲଙ୍କା ସହିତ ୩ଟି ସିରିଜରେ କ୍ଲିନ୍ ସୁଇପ୍ କରି ବିଶ୍ୱ ରେକର୍ଡର ନିକଟବର୍ତ୍ତୀ ହୋଇଛି ଟିମ୍ ଇଣ୍ଡିଆ। ରୋହିତ ଶର୍ମା ଏବଂ ଲୋକେଶ ରାହୁଲଙ୍କୁ ଯଦି ବିଶ୍ରାମ ଦିଆଯାଏ ତେବେ ଓପନିଂ ଯୋଡି ପାଇଁ ଅଭିଜ୍ଞ ଶିଖର ଧାୱନ ଏବଂ ପ୍ରତିଭାବାନ ଖେଳାଳି ଇଶାନ କିଶନ, ଋତୁରାଜ ଗାଏକ୍ୱାର୍ଡ ଏବଂ ପୃଥ୍ୱୀ ଶ'ଙ୍କ ନାମ ବିଚାର କରାଯାଇପାରେ। ସେହିପରି ମିଡିଲ ଅର୍ଡର ପାଇଁ ରିଷଭ ପନ୍ତ, ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ ଏବଂ ଦୀନେଶ କାର୍ତ୍ତିକ ଦାବିଦାର ହୋଇପାରନ୍ତି। ବିଶ୍ରାମ ଖେଳାଳି ତାଲିକାରେ ଶ୍ରେୟସ ଆୟାର ରହିପାରନ୍ତି। ଅନ୍ୟପକ୍ଷରେ ଦୀନେଶ କାର୍ତ୍ତିକ ସୁଯୋଗ ପାଇଲେ ରିଷଭ ପନ୍ତଙ୍କୁ ବିଶ୍ରାମ ମିଳିପାରେ।


ରୋହିତ ଶର୍ମା

ମୋଟାମୋଟିଭାବେ ଆଗାମୀ ସିରିଜ ପାଇଁ ଏକ ସନ୍ତୁଳିତ ଦଳ ବାଛିବା ଉପରେ ଗୁରୁତ୍ୱ ଦିଆଯିବ। ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗରେ ଟିମ୍ ଇଣ୍ଡିଆ ୧ନଂ ସ୍ଥାନରେ ଥିବାବେଳେ ଦକ୍ଷିଣ ଆଫ୍ରିକା ୪ନଂରେ ରହିଛି। ଉଭୟ ଦେଶ ମଧ୍ୟରେ ୨୦୦୬ରୁ ୨୦୧୯ ମଧ୍ୟରେ ୧୫ଟି ଟି୨୦ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୯ଟି ଏବଂ ଦକ୍ଷିଣ ଆଫ୍ରିକା ୬ଟି ମ୍ୟାଚରେ ବିଜୟୀ ହୋଇଛି। ଟି୨୦ରେ ଭାରତ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ସର୍ବାଧିକ ସ୍କୋର ୨୧୯ ଏବଂ ସର୍ବନିମ୍ନ ସ୍କୋର ୧୧୬ ରନ୍ ରହିଛି। ସେହିପରି ଭାରତୀୟ ଦଳର ସର୍ବାଧିକ ସ୍କୋର ୨୦୩ ଏବଂ ସର୍ବନିମ୍ନ ସ୍କୋର ୯୨ ରହିଛି। ଭାରତ ପକ୍ଷରୁ ରୋହିତ ଶର୍ମା ୧୩ ମ୍ୟାଚରୁ ୩୬୨ ରନ୍ (୧ ଶତକ/୨ ଅର୍ଦ୍ଧଶତକ) ସହ ଆଗରେ ରହିଥିବା ବେଳେ ବିରାଟ କୋହଲି ଏବଂ ଶିଖର ଧାୱନ ଯଥାକ୍ରମେ ୨୭୩ ଏବଂ ୨୩୩ ରନ୍ କରିଛନ୍ତି। ସଫଳ ବୋଲର ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ୫ଟି ଉଇକେଟ ନେଇଛନ୍ତି।

ଏହି ଗୁରୁତ୍ୱପୂର୍ଣ୍ଣ ସିରିଜର ପ୍ରଥମ ମ୍ୟାଚ ଜୁନ୍ ୯ ତାରିଖରେ ଦିଲ୍ଲୀ, ୧୨ରେ କଟକ, ୧୪ରେ ବିଶାଖାପାଟଣା, ୧୭ରେ ରାଜକୋଟ ଏବଂ ୧୯ରେ ବେଙ୍ଗାଲୁରୁଠାରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ୨ୟ ଟି୨୦ ମ୍ୟାଚ ଉପରେ ଓଡ଼ିଶାର କ୍ରିକେଟପ୍ରେମୀଙ୍କ ନଜର ରହିଛି। ୨୦୧୫ ଅକ୍ଟୋବର ୬ରେ ଏଠାରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଟି୨୦ରେ ଭାରତ ୬ଉଇକେଟରେ ପରାସ୍ତ ହୋଇଥିଲା। ଏଥର ଏହି ଗ୍ରାଉଣ୍ଡରେ ପରାଜୟର ମଧୁର ପ୍ରତିଶୋଧ ନେବା ସୁଯୋଗ ରହିଛି।

ଅତୀତ ସ୍ମୃତିରୁ...

ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ (୫)

# ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ଆଥଲେଟ୍ ସେକ୍ ଗୁଲ୍‌ଜାର


ଅଶୋକ ମହାନ୍ତି

**୧୯୫୧ରେ କଟକଠାରେ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ପୋଲିସ କ୍ରୀଡ଼ାରେ ସେକ୍ ଗୁଲଜାର ଉଭୟ ୫୦୦୦ମି. ଓ ୧୦,୦୦୦ମି. ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲେ। ସେହିବର୍ଷ ଦିଲ୍ଲୀଠାରେ ଅନୁଷ୍ଠିତ ପ୍ରଥମ ଏସୀୟ କ୍ରୀଡ଼ାରେ ଭାରତୀୟ ଆଥଲେଟିକ୍ସ ଦଳର ସଦସ୍ୟ ଭାବେ ୧୦,୦୦୦ ମି. ଦୌଡ଼ରେ ଭାଗ ନେଇ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ...**

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଆଥଲେଟ୍ ସେକ୍ ଗୁଲ୍‌ଜାର ୧୫ ଫେବୃୟାରୀ, ୧୯୩୬ ମସିହାରେ ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଯଦୁପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ନିମ୍ନ ମଧ୍ୟବିତ୍ତ ଏବଂ ଗରିବ ପରିବାରରେ ଜନ୍ମ ନେଇଥିବା ଗୁଲ୍‌ଜାର ପିଲାବେଳୁ ଅଧ୍ୟୟନରେ କମ୍ ଏବଂ ଖେଳକୁଦରେ ଅଧିକ ମନୋନିବେଶ କରୁଥିଲେ ଏବଂ ଦୌଡ଼କୁଦରେ ଗ୍ରାମର ସମସ୍ତ ସମବୟସ୍କ ବାଳକମାନଙ୍କଠାରୁ ଆଗରେ ରହୁଥିଲେ। ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ପଢ଼ିଥିବା ଗୁଲ୍‌ଜାର ଯୁବାବସ୍ଥାରେ କଟକସ୍ଥିତ ୬ଷ୍ଠ ବାଟାଲିୟନ ଓଡ଼ିଶା ମିଲିଟାରୀ ପୋଲିସ୍‌ରେ ଡ୍ରାଇଭର ହାବିଲଦାରଭାବେ ଯୋଗଦେବା ପରେ କ୍ରୀଡ଼ା ଅଭ୍ୟାସ ପାଇଁ ସୁଯୋଗ ପାଇଲେ ଏବଂ ଲମ୍ବଦୌଡ଼ (୫୦୦୦ମି. ଓ ୧୦,୦୦୦ ମି.)ରେ ଦକ୍ଷତା ହାସଲ କରିଥିଲେ। ୧୯୫୧ ମସିହାରେ କଟକଠାରେ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ପୋଲିସ କ୍ରୀଡ଼ାରେ ସେ ଉଭୟ ୫୦୦୦ମି. ଓ ୧୦,୦୦୦ମି. ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲେ। ସେହିବର୍ଷ ଦିଲ୍ଲୀଠାରେ ଅନୁଷ୍ଠିତ ପ୍ରଥମ ଏସୀୟ କ୍ରୀଡ଼ାରେ ଭାରତୀୟ ଆଥଲେଟିକ୍ସ ଦଳର ସଦସ୍ୟ ଭାବେ ୧୦,୦୦୦ ମି. ଦୌଡ଼ରେ ଭାଗ ନେଇ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। (ଏହି କ୍ରୀଡ଼ାରେ ଗୁଲଜାରଙ୍କ ବ୍ୟତୀତ ଓଡ଼ିଶାର ଅବଦୁଲ ମଜିଦ୍ (ବଚନ) ମଧ୍ୟ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ଫୁଟବଲର ଭାବେ ଭାରତୀୟ ଦଳର ସଦସ୍ୟ ହେବାର କୀର୍ତ୍ତିମାନ ସ୍ଥାପନ କରିଥିଲେ।)

ଓଡ଼ିଶା ପୋଲିସରେ ପ୍ରାୟ ୨୦ ବର୍ଷ ଧରି କାର୍ଯ୍ୟ କରିବା ପରେ ସ୍ୱେଚ୍ଛାକୃତ ଭାବେ ଅବ୍ୟାହତ ନେଇ ରାଜ୍ୟ ରୋଡ୍ ଟ୍ରାନ୍ସପୋର୍ଟରେ ଡ୍ରାଇଭର ଭାବେ କାର୍ଯ୍ୟ କରିଥିଲେ। ଆର୍ଥିକ ସମ୍ବଳ ଅଭାବରୁ ଏହି ଖ୍ୟାତନାମା ଆଥଲେଟ୍‌ଙ୍କ ଶେଷ ଜୀବନ ଦାରିଦ୍ର୍ୟ ମଧ୍ୟରେ କଟିଥିଲା। ବନ୍ଧୁ ଅରବିନ୍ଦ ମିତ୍ରଙ୍କ ସହିତ ଏହି ଲେଖକ ତାଙ୍କୁ ତାଙ୍କର ଯଦୁପୁର ଘରେ ସାକ୍ଷାତ କରିବା ସମୟରେ ଏକଦା ରାଜ୍ୟର ଏବଂ ଦେଶର ଜଣେ ଶ୍ରେଷ୍ଠ ଆଥଲେଟ୍‌ଙ୍କ ଦୟନୀୟ ଅବସ୍ଥା ଦେଖି ଅତ୍ୟନ୍ତ ମର୍ମାହତ ହୋଇଥିଲୁ।

ଆନୁଷଙ୍ଗିକ ଭିତ୍ତିଭୂମି, ପ୍ରଶିକ୍ଷଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଏବଂ ଆର୍ଥିକ ପ୍ରୋତ୍ସାହନ ଅଭାବରୁ ଏହି ପ୍ରତିଭାବାନ ଆଥଲେଟ୍‌ଙ୍କ ଅଗ୍ରଗତି ସମ୍ଭବ ହୋଇପାରି ନ ଥିଲା ଏବଂ କ୍ରମେ ସେ ପ୍ରତିଯୋଗିତାମୂଳକ କ୍ରୀଡ଼ାରୁ ଓହରି ଯାଇଥିଲେ। ଏକ ଆଲୋଚନା ଅବସରରେ ପୂର୍ବ ସ୍ମୃତିକୁ ମନେପକାଇ ପୂର୍ବତନ ରାଜ୍ୟସ୍ତରୀୟ ବାସ୍କେଟବଲ ଖେଳାଳି ଚିତ୍ତରଞ୍ଜନ ଦାସ କୁହନ୍ତି "ଗୁଲ୍‌ଜାର ଭାଇ ବାଣୀବିହାର ଟାଉନ ବସ୍‌ରେ ଡ୍ରାଇଭର ଥିବା ସମୟରେ ବାଣୀବିହାର ଯିବାବେଳେ ମୁଁ ସବୁବେଳେ ତାଙ୍କ ପାଖରେ ଥିବା ଇଞ୍ଜିନ ବକ୍ସ ଉପରେ ବସି ତାଙ୍କ ସାନ୍ନିଧ ପାଇ ଆନନ୍ଦ ଅନୁଭବ କରେ। ୧୯୮୨ରେ ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରେ କ୍ରୀଡ଼ା ସମ୍ପାଦକ ଥିବା ସମୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଗୁଲ୍‌ଜାରଙ୍କୁ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରିଥିଲି। ଲୋଚାକୋଚା ମାରୁନ୍ ରଙ୍ଗର ଭାରତୀୟ ବ୍ଲେଜର ପିନ୍ଧି ଆସିଥାନ୍ତି ଗୁଲ୍‌ଜାର। କଥା ଛଳରେ ଆମକୁ କହିଥିଲେ ୧୯୫୧ ମସିହା ଏସୀୟ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଆଥଲେଟ୍‌ମାନଙ୍କୁ ଉଦ୍‌ବୋଧନବେଳେ କହିଥିଲେ "ତୁମ୍ ଦେଶ୍ କୋ ସମ୍ମାନ୍ କରୋ, ଦେଶ ତୁମାରା ସମ୍ମାନ କରେଗା"। କିନ୍ତୁ ଦେଶ ଏବଂ ରାଜ୍ୟ ଆମକୁ ଭୁଲିଗଲେ। ବହୁ ବର୍ଷ ପରେ ଆପଣମାନେ ମତେ ଡାକି ସମ୍ମାନିତ କରିଥିବାରୁ ମୁଁ ବହୁତ ଖୁସି।


ସେକ୍ ଗୁଲ୍‌ଜାର

ପୂର୍ବତନ କ୍ରୀଡ଼ାବିତ୍ ଓ ଶିକ୍ଷାବିତ୍ ଡ. ପ୍ରଭାତ ମିଶ୍ର ମଧ୍ୟ ସ୍ମୃତିଚାରଣ କରି କୁହନ୍ତି– "୧୯୭୦ରେ କଟକଠାରେ ଅନୁଷ୍ଠିତ ହେଉଥାଏ ଜାତୀୟ କ୍ରୀଡ଼ା। ଅଲିମ୍ପିକ୍ କ୍ରୀଡ଼ାର ପରମ୍ପରା ଅନୁସାରେ ଉଦ୍‌ଘାଟନ ଉତ୍ସବରେ ମଶାଲ ଦୌଡ଼ରେ ଭାଗନେବା ପାଇଁ ମନୋନୀତ ହୋଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଗୁଲ୍‌ଜାରଙ୍କ ନାମ ନ ଥିବା ଦେଖି ମନ ବ୍ୟଥିତ ହୋଇଥିଲା (ଯାହା ମନେ ପଡୁଚି ନନ୍ଦ ଦାସ, ଗୋଲକ ସାମଲ (ବୁଲୁ)ଙ୍କ ନାମ ରହିଥିଲା)। ମୁଁ ସ୍ୱର୍ଗତ ଭୈରବ ମହାନ୍ତିଙ୍କୁ କହିଲି, ସାର୍ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ଗୁଲ୍‌ଜାରଙ୍କ ନାମକୁ କିପରି ବାଦ୍ ଦିଆଯାଇଛି। ଭୈରବ ବାବୁଙ୍କ ସମ୍ମତିରେ ଏହି ପାରମ୍ପରିକ ମଶାଲ ଦୌଡ଼ରେ ଗୁଲଜାର ସାମିଲ ହୋଇଥିଲେ।"

ଏହା ନିଶ୍ଚିତ ଯେ ଆମେ ଯେଉଁଦିନ ଆମ କ୍ରୀଡ଼ାବିତ୍‌ମାନଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରିବା, ଆମେ ମଧ୍ୟ କ୍ରୀଡ଼ାରେ ଏକ ମହାଶକ୍ତି ଭାବେ ଉଭା ହୋଇପାରିବା। ଏହି ଯଶସ୍ୱୀ ଆଥଲେଟ୍‌ଙ୍କ ୨୦୦୯ ଏପ୍ରିଲ ୮ ତାରିଖରେ ପରଲୋକ ହୋଇଥିଲା।

### ଅନ୍‌ବିଲିଭେବଲ୍

ଭାରତୀୟ ମେନ୍ ବ୍ୟାଡ୍‌ମିଣ୍ଟନ ଟିମ୍
ରଚିଅଛି ଇତିହାସ
ମର୍ଯ୍ୟାଦା ଜନକ ଥମାସ କପ୍ ଜିତି
ଚାମ୍ପିୟନ ହେଲା ଦେଶ
ଦୀର୍ଘ ତେଅସ୍ତରି ବର୍ଷ
ପରେ ଏ ଟିମ୍‌ର ଅନ୍‌ବିଲିଭେବଲ୍
ପରଫରମାନ୍ସ ଦେଲା ଯଶ।

ଅଷ୍ଟ୍ରେଲିଆର ଗ୍ରେଟ୍ କ୍ରିକେଟ ତାରକା
ସାଇମଣ୍ଡ୍ସଙ୍କ ପରଲୋକ
କୁଇନ୍ସଲାଣ୍ଡର ଟାଉନ୍ସଭିଲେରେ
ଦୁର୍ଘଟଣା ଅଚାନକ
ଘଟିଲା ଦାରୁଣ ଦୁଃଖ
ଅନ୍‌ବିଲିଭେବଲ୍ ଖବରରେ ସ୍ତବ୍ଧ
କ୍ରିକେଟ ଜଗତ ଦେଖ।

(ଏସୀୟ) ଉଇଣ୍ଡ ସର୍ଫିଙ୍ଗ୍ ଚାମ୍ପିୟନଶିପ୍‌ରେ
ମନସ୍ୱିନୀ ମହାରଣା
ଗୋଲ୍‌ଡେନ ପଦକ ଜିତି ସୁନାଝିଅ
ଗଞ୍ଜାମର ହେଲା ଗଣା
ସେ ଆମ ଗୌରବ ମୀନା
ସବୁ ଅନ୍‌ବିଲିଭେବଲ୍ ପ୍ରଚ୍ଛଦ ପଟରେ
ଈଶ୍ୱରଙ୍କ ହାତ ସିନା।

–ସୁବାସ ଚନ୍ଦ୍ର ପ୍ରଧାନ


ମନସ୍ୱିନୀ ମହାରଣା

## ସଂକ୍ଷେପରେ

### ମହାବଳ ବାଘ ଚମଡ଼ା ଜବତ, ଜଣେ ଅଟକ

**କେନ୍ଦୁଝର, ୧୯।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟ ପ୍ରାଣୀ ବନଖଣ୍ଡ ଅଧୀନ ଦୈତାରୀ ରେଞ୍ଜ ଅନ୍ତର୍ଗତ ବୁଧିପଦା ଗ୍ରାମରେ ବନ ବିଭାଗ ଚଢାଉ କରି ଏକ ମହାବଳ ବାଘ ଚମଡା ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଫଳରେ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୋଲିସ ପହଞ୍ଚି ବନବିଭାଗ କର୍ମଚାରୀଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ଥାନାକୁ ଆଣିଥିଲା। ଉକ୍ତ ଚମଡ଼ା ସଦର ରେଞ୍ଜ ଜଂଘିରା ସେକ୍ସନ ଅଞ୍ଚଳରେ ଥିଲା। ଗୁରୁବାର ଦୈତାରୀ ଅଞ୍ଚଳକୁ ବିକ୍ରି ପାଇଁ ନିଆଯାଇଥିଲା। ଖବର ପାଇ ବନ ବିଭାଗ ଟିମ ଚଢାଉ କରି ଏହାକୁ ଜବତ କରିଥିବା ଆନନ୍ଦପୁର ଡିଏଫ୍‌ଓ ଅଜିତ ଶତପଥୀ କହିଛନ୍ତି। ବାଘ ମୃତ୍ୟୁର କାରଣ ତଦନ୍ତ ପରେ ଜଣା ପଡ଼ିବ ବୋଲି ଡିଏଫ୍‌ଓ କହିଛନ୍ତି।

### ଗଛ ପଡ଼ି ମହିଳା ଶ୍ରମିକ ମୃତ

**ଛତ୍ରପୁର,୧୯।୫(ଡି.ଏନ୍.ଏ.):** ଚମାଖଣ୍ଡି ଥାନା ଟାଙ୍ଗଣାପଲ୍ଲୀ ପଞ୍ଚାୟତ ଅଧୀନ କେରାଣ୍ଡିତୋଳା ଗାଁର ଜଣେ ମହିଳା ଶ୍ରମିକଙ୍କ ଉପରେ ଏକ ଗଛ ଭାଙ୍ଗିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କୁନ୍ତି ପ୍ରଧାନ। କୁନ୍ତି ବୁଧବାର ଲକ୍ଷ୍ମୀପୁରରୁ କାମରୁ ଫେରୁଥିବାବେଳେ କିଛି ସମୟ ପାଇଁ ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ତେବେ ହଠାତ ତାଙ୍କ ଉପରେ ଗଛଟି ଭାଙ୍ଗି ପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର କୁନ୍ତିଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଅନୁପସ୍ଥିତ ୨ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ
**ଦିନକର ଦରମା ବନ୍ଦ**

**ଛତ୍ରପୁର,୧୯।୫(ଡି.ଏନ୍.ଏ.):** ବିଦ୍ୟାଳୟରେ ଅନୁପସ୍ଥିତ ରହିବା ୨ ସହକାରୀ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଭଞ୍ଜନଗର ବ୍ଲକ ଶିକ୍ଷା ଅଧିକାରୀ ଏହି ୨ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏଥିସହ ଉଭୟଙ୍କ ଦିନକର ଦରମା ବନ୍ଦ କରାଯାଇଛି। ସେମାନେ ହେଲେ ଭଞ୍ଜନଗର ବ୍ଲକ ବଜ୍ରକୋଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ଦେବରାଜ ବେହେରା ଓ ବାଇବାଲି ଉନ୍ନୀତ ହାଇସ୍କୁଲର ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା । ୭ଦିନ ମଧ୍ୟରେ ନୋଟିସ୍‌ର ଉତ୍ତର ନ ଦେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସତର୍କ କରାଇ ଦେଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଗତ ୧୭ ତାରିଖରେ ବଜ୍ରକୋଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିବା ବେଳେ ସହକାରୀ ଶିକ୍ଷକ ବେହେରା ଅନୁପସ୍ଥିତ ଥିଲେ। ତାଙ୍କ ସିଏଲ୍ ପ୍ରଧାନଶିକ୍ଷକଙ୍କ ଟେବୁଲରେ ରହିଥିବାବେଳେ ତାହା ବିଇଓଙ୍କ ମଞ୍ଜୁରୀ ପାଇ ନ ଥିଲା । ସେହିପରି ୧୪ ତାରିଖରେ ବାଇବାଲି ଉନ୍ନୀତ ହାଇସ୍କୁଲରେ ସହକାରୀ ଶିକ୍ଷକ ବେହେରା ବିନା ଅନୁମତିରେ ଅନୁପସ୍ଥିତ ଥିଲେ। ଏସବୁ କାର୍ଯ୍ୟରେ ଅବହେଳା ଓ ଅନିୟମିତତା ବୋଲି ବିଇଓ ନୋଟିସରେ ଉଲ୍ଲେଖ କରିଛନ୍ତି।

# ବନୀକରଣ ନାଁରେ ଡିଏମ୍‌ଏଫ୍ ପାଣ୍ଠି ହରିଲୁଟ୍

**ଯାଜପୁର ଜିଲା**
- ଚଢ଼ା ଦରରେ ଗଛ କିଣି ମିଥ୍ୟା ବିଲ୍ ପ୍ରସ୍ତୁତ
- ରକ୍ଷଣାବେକ୍ଷଣ ନାହିଁ, ବନୀକରଣ ସ୍ଥାନ ବୃକ୍ଷଶୂନ୍ୟ

**ଯାଜପୁର ଅଫିସ,୧୯।୫**

ଖଣିଖାଦାନ ଭରା ଅଞ୍ଚଳର ଲୋକଙ୍କ ମନରେ ସୃଷ୍ଟି ହୋଇଥିବା ବିଦ୍ରୋହକୁ ପ୍ରଶମିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏକ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ଖଣି ଓ ଖଣିଜ ପଦାର୍ଥର ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭେଲପ୍‌ମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ-୧୯୫୭କୁ ୨୦୧୫ରେ ସଂଶୋଧନ କରାଯାଇଛି। ଏହି ଆଇନର ସବ୍‌ସେକ୍ସନ ୧ ଧାରା ୯(ବି)ରେ ଜିଲାସ୍ତରରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ଗଠିତ ହୋଇଛି। ଏହି ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ କରି ଖଣି ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟଜଳ ବ୍ୟବସ୍ଥାକୁ ଅଗ୍ରାଧିକାର ଭିତ୍ତିରେ ସୁବନ୍ଦୋବସ୍ତ କରାଯିବ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ହେଲେ ଯାଜପୁର ଜିଲାରେ ଓଏଫ୍‌ଡିସି(ଓଡ଼ିଶା ଫରେଷ୍ଟ ଡେଭେଲପ୍‌ମେଣ୍ଟ କର୍ପୋରେଶନ) ଦ୍ୱାରା ବନୀକରଣ ନାମରେ ଏହି ପାଣ୍ଠିର ସିଂହଭାଗ ମିଳିମିଶି ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି।

ସବୁଜିମା ସୃଷ୍ଟି ଓ ସୁରକ୍ଷା ନିମନ୍ତେ ସରକାରୀସ୍ତରରୁ ଆରମ୍ଭ କରି ବେସରକାରୀସ୍ତର ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାତ୍ର ବାସ୍ତବରେ ଦେଖିବାକୁ ଗଲେ ଯେତିକି ଜଙ୍ଗଲ ଅଛି ତା'ର ସୁରକ୍ଷା ଦିଗରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ରତିବର୍ଷ ବନୀକରଣ ନାଁରେ ଅନେକ କୋଟି ଟଙ୍କା ଅନୁଦାନ ଆସୁଛି। ହେଲେ ଉପଯୁକ୍ତ ବନୀକରଣ ହେଉ ନ ଥିବାରୁ ତା'ର ସଫଳତା ମିଳୁନାହିଁ। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁସାରେ, ଡିଏମ୍‌ଏଫ୍ ପାଣ୍ଠିକୁ ଓଏଫ୍‌ଡିସି ଜରିଆରେ ୪ଟି ବନୀକରଣ ପ୍ରକଳ୍ପରେ ୭.୬୬୧୩ କୋଟି ଟଙ୍କା ବିନିଯୋଗ କରାଯାଇଛି। ହେଲେ ଏହି ବିପୁଳ ଅର୍ଥ ବିନିଯୋଗ ଅନୁପାତରେ ବନୀକରଣ ଠିକ୍ ଭାବେ ହୋଇ ନ ଥିବା ଦେଖିବାକୁ ମିଳୁଛି। ୨୦୨୦-୨୧ ବର୍ଷରେ ଦାନଗଦୀଠାରୁ ଟୋଲକାନି ୨୫ କି.ମି. ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ୨୦ ହଜାର ଗଛ ଲଗାଯିବାକୁ ଯୋଜନା ହୋଇଥିଲା। ଏଥିପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ୨.୨୧୩୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ଚାଲୁ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ହେଲେ ବାସ୍ତବରେ ରାସ୍ତାର ଉଭୟ ପାର୍ଶ୍ୱରେ ଅଳ୍ପ ଗଛ ଲଗାଯାଇଛି। ହେଲେ ସେହି ଗଛଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଅଧିକାଂଶ ମରିଯାଉଥିବା ଦେଖିବାକୁ ମିଳିଛି। ବାହାରୁ ଗଛ ଆଣି ଚଢ଼ାଦରରେ ବିଲ୍ କରି ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ସେହିପରି ସୁକିନ୍ଦା ବ୍ଲକ ସୁକିନ୍ଦାଠାରୁ ଅଶୋକଝର, ସୁକିନ୍ଦାଠାରୁ ହାତୀବାଡି, ଆମ୍ବସାର ଛକଠାରୁ ଢେଙ୍କାନାଳ ଜିଲା ସୀମାନ୍ତ ଏବଂ ବଙ୍ଗଲୋ ଛକଠାରୁ ହାତୀବାରି ରାସ୍ତାରେ ୨୫ ହଜାର ଗଛ ବନୀକରଣ ହେଉଥିବା ରିପୋର୍ଟରେ ଦର୍ଶାଯାଇଛି। ଏଥିପାଇଁ ୨୦୨୦-୨୧ ବର୍ଷରେ ୨.୭୬୬୪ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ବାସ୍ତବରେ ସେଠାରେ ୪/୫ ବର୍ଷ ତଳେ ଯେଉଁ ବନୀକରଣ ହୋଇଥିଲା ସେତିକି, ଏହାପରେ ଆଉ କୌଣସି ଗଛ ଲଗାଯାଇନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏଥିରୁ ସମୁଦାୟ ଡିଏମ୍‌ଏଫ୍ ପାଣ୍ଠି ଚଳୁ କରିବାକୁ ମସୁଧା ଚାଲିଥିବା ସନ୍ଦେହ କରାଯାଉଛି। ଯାଜପୁର ଚୋର୍ଦ୍ଦାଠାରୁ ଡୁବୁରି ପର୍ଯ୍ୟନ୍ତ ନୂଆ ନିର୍ମାଣ ରାସ୍ତାରେ ୪ ହଜାର ଗଛ ଲଗାଇବାକୁ ୨୦୨୦-୨୧ ବର୍ଷରେ ୪୪ ଲକ୍ଷ ୨୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ହାତଗଣତି ଗଛ ଲଗାଯାଇଥିବା ଦେଖିବାକୁ ମିଳିଛି। ବାକି ଗଛ କୁଆଡ଼େ ଗଲା ବୋଲି ପ୍ରଶ୍ନ ଉଠିଛି। ଦାନଗଦୀ ତହସିଲ ଅନ୍ତର୍ଗତ ଗୋଡ଼ିଗୋଠ ଏବଂ ରମ୍ଭିଲୋ ମୌଜାରେ ୩୦ ହଜାର ଗଛ ଲଗାଇବାକୁ ୨.୨୩୯୨ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ନିର୍ଦ୍ଧାରିତ ଗଛ ସେଠାରେ ଦେଖିବାକୁ ମିଳିନାହିଁ। ଏହି ଦାୟିତ୍ୱରେ ଥିବା ଅଧିକାରୀ ଚକ୍ରାନ୍ତ କରି ଡିଏମ୍‌ଏଫ୍ ପାଣ୍ଠିକୁ ହେରାଫେରି କରିଥିବା ସନ୍ଦେହ କରାଯାଇଛି। ଡିଏମ୍‌ଏଫ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରକଳ୍ପ ପରିଦର୍ଶନରେ ଯାଇ ଠିକ୍ ରିପୋର୍ଟ ଦେଇ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଏକପ୍ରକାର ସହଯୋଗ କରୁଛନ୍ତି। ଏହିସବୁ ପ୍ରକଳ୍ପର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି ଦାବି ହେଉଛି।

ଏ ସଂକ୍ରାନ୍ତରେ ଓଏଫ୍‌ଡିସିର ଏସ୍‌ଡିଏମ୍ ଶୁଭଲକ୍ଷ୍ମୀ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, କୌଣସି ପ୍ରକଳ୍ପରେ ଅନିୟମିତତା ହେଉନାହିଁ। ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ନିରୀକ୍ଷଣ କରାଯାଇ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି।


ଗଛ ନ ଥାଇ ଖାଲି ପଡ଼ିଥିବା ଅଶୋକଝରର ଉଭୟ ପାର୍ଶ୍ୱ ରାସ୍ତା।

### ପୂର୍ବତନ ସମ୍ପାଦକଙ୍କୁ ୨ ବର୍ଷ ଜେଲ
**ପଞ୍ଚାୟତ ଅର୍ଥ ଆତ୍ମସାତ ମାମଲା**

**ଫୁଲବାଣୀ ଅଫିସ, ୧୯।୫**

ପଞ୍ଚାୟତ ଅର୍ଥ ଆତ୍ମସାତ ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସନ୍ତୋଷ କୁମାର ଜେନା ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୪ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ମୁଣ୍ଡାପଡା ପଞ୍ଚାୟତର ପୂର୍ବତନ ସମ୍ପାଦକ ଗୋକୁଳ ଚନ୍ଦ୍ର ବାରିକ। ସୂଚନା ଅନୁଯାୟୀ, ୨୦୦୯ରେ ମୁଣ୍ଡାପଡ଼ା ପଞ୍ଚାୟତକୁ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଟଙ୍କା ଆସିଥିଲା। ସେଥିରୁ କୌଣସି କାମ ନ କରି ବାରିକ ୧୧ ଲକ୍ଷ ୬୫ ହଜାର ୬୨୦ ଟଙ୍କା ଆତ୍ମସାତ କରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ ହେବାରୁ ନଂ.୨/୦୯ରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ଅର୍ଥ ଆତ୍ମସାତ ହୋଇଥିବା ଜାଣିବା ପରେ ଭିଜିଲାନ୍ସ ପକ୍ଷରୁ କୋର୍ଟରେ ଦସ୍ତାବିଜ ଦାଖଲ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

## ଭାରତ, ଦକ୍ଷିଣ ଏସିଆରେ ସ୍କୁଲ ଫୁଟ୍‌ବଲ୍‌ର ପ୍ରସାର କରିବ କିସ୍

**କିସ୍-ଫିଫା ଫାଉଣ୍ଡେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ଫିଫା ଫୁଟ୍‌ବଲ୍ ଫର୍ ସ୍କୁଲ୍‌ସ କାର୍ଯ୍ୟକ୍ରମ ଜରିଆରେ କିସ୍ ଓଡ଼ିଶା ସମେତ ଭାରତ ଓ ସମଗ୍ର ଦକ୍ଷିଣ ଏସିଆରେ ସ୍କୁଲ୍ ସ୍ତରରେ ଫୁଟ୍‌ବଲ୍‌ର ବିକାଶ କରିବ। ଏହି ପରିପ୍ରେକ୍ଷୀରେ ବୁଧବାର ଫିଫା ଫାଉଣ୍ଡେଶନ ଏବଂ କିସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସୁଇଜରଲାଣ୍ଡର ଜୁରିକ୍‌ଠାରେ ଉଭୟ ଅନୁଷ୍ଠାନ ମଧ୍ୟରେ ଏହି ବୁଝାମଣା ହୋଇଥିଲା। ଫିଫା ଫାଉଣ୍ଡେଶନ ପକ୍ଷରୁ ସିଇଓ ୟୁରି ଜୋରେକ୍‌ଫ ଓ କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଫିଫା ଫୁଟ୍‌ବଲ୍ ଫର୍ ସ୍କୁଲସ୍ କାର୍ଯ୍ୟକ୍ରମରେ ଫାଉଣ୍ଡେଶନ କୌଣସି ଶିକ୍ଷାନୁଷ୍ଠାନ ସହ ବୁଝାମଣା କରିବାରେ ଏହା ହେଉଛି ବିଶ୍ୱରେ ପ୍ରଥମ। ସମଗ୍ର ବିଶ୍ୱରେ ଏଭଳି ବୁଝାମଣା ପତ୍ର ପ୍ରଥମ ଥର ଲାଗି ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଫୁଟ୍‌ବଲର ପ୍ରସାର ଓ ପ୍ରଚାର ଦିଗରେ ଓଡ଼ିଶା, ଭାରତ ତଥା ଦକ୍ଷିଣ ଏସିଆ ପାଇଁ କିସ୍ ଜୋନାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏ ସମ୍ପର୍କରେ ଫାଉଣ୍ଡେଶନ୍‌ର ସିଇଓ ୟୁରି କହିଛନ୍ତି, ଏହାଦ୍ୱାରା ଭାରତ ସମେତ ଦକ୍ଷିଣ ଏସିଆର ପ୍ରାୟ ୭୦ କୋଟି ସ୍କୁଲ ପିଲା ଉପକୃତ ହେବେ। ଏହି କାର୍ଯ୍ୟକ୍ରମ ଏବେ ଦକ୍ଷିଣ ଆମେରିକା, ଆଫ୍ରିକା, ପୂର୍ବ ଏସିଆ, କାରିବେନ ଓ ଆରବ ରାଷ୍ଟ୍ରଗୁଡିକରେ ଚାଲୁ ରହିଛି। ଫୁଟବଲ୍‌ର ପ୍ରସାର ଦିଗରେ ଏହି ବୁଝାମଣା ନିଶ୍ଚିତ ଭାବେ ସକାରାତ୍ମକ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ଓ ଫୁଟବଲ୍‌କୁ ଅଧିକ ପ୍ରୋତ୍ସାହନ ଦେବା ଲାଗି କିସ୍‌କୁ ନୋଡାଲ ଏଜେନ୍ସି ଭାବେ ଚୟନ କରାଯାଇଛି ବୋଲି ୟୁରି କହିଛନ୍ତି। ସେହିପରି ନିଜ ପ୍ରତିକ୍ରିୟାରେ ଅଚ୍ୟୁତ କହିଛନ୍ତି, ବିଶ୍ୱରେ ଅଧିକ ଲୋକପ୍ରିୟ କ୍ରୀଡ଼ା ହେଉଛି ଫୁଟବଲ୍। ଫିଫା ସହ ସହବନ୍ଧିତ ହେବା ଫଳରେ ଓଡ଼ିଶା, ଭାରତ ତଥା ଦକ୍ଷିଣ ଏସିଆରେ ଫୁଟବଲ୍‌ର ପ୍ରସାର ଓ ପ୍ରଚାର ପାଇଁ କିସ୍‌କୁ ଏକ ସୁଯୋଗ ମିଳିଲା। ମୁଖ୍ୟମନ୍ତ୍ରୀ କ୍ରୀଡ଼ାକୁ ଅଧିକ ପ୍ରୋତ୍ସାହନ ଦେଉଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏଭଳି ଏକ ସମ୍ମାନ ଓଡ଼ିଶା ତଥା ଭାରତ ପାଇଁ ଆଣିଥିବାରୁ ଫୁଟବଲ୍‌ପ୍ରେମୀମାନେ କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ବଧାଇ ଜଣାଇଛନ୍ତି। ସୂଚନାଯୋଗ୍ୟ, ଫିଫା ଫାଉଣ୍ଡେଶନ ସହଯୋଗରେ ୨୦୨୧ ଅକ୍ଟୋବରରେ ଫିଫା ଫୁଟ୍‌ବଲ୍ ଫର୍ ସ୍କୁଲ କାର୍ଯ୍ୟକ୍ରମ କିସ୍ ଆରମ୍ଭ କରିଥିଲା।



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଫିଫା ଫାଉଣ୍ଡେଶନର ସିଇଓ ୟୁରି ଜୋରେକ୍‌ଫ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

**ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ**

### ଉପଭୋକ୍ତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କର: ମନ୍ତ୍ରୀ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗଙ୍କ ଦ୍ୱାରା ଖାଉଟି ମାମଲାର ତ୍ୱରିତ ବିଚାର ଉପଭୋକ୍ତାଙ୍କୁ ପ୍ରକୃତ ନ୍ୟାୟ ପ୍ରଦାନ କରିଥାଏ। ରାଜ୍ୟ ସରକାର ଉପଭୋକ୍ତାଙ୍କ ଅଧିକାର ଓ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି। ତେଣୁ ସେମାନଙ୍କ ସଚେତନତା ଉପରେ ଗୁରୁତ୍ୱ ଦେବା ସହ ବିଭିନ୍ନ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ଭିତ୍ତିଭୂମି ଓ ଖାଲିଥିବା ପଦବୀ ପୂରଣ ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଗୁରୁବାର ରାଜଧାନୀରେ ଆୟୋଜିତ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଦସ୍ୟ ଏବଂ ଜିଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଭାପତି ଓ ସଦସ୍ୟଙ୍କ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ନୂତନ ଉପଭୋକ୍ତା ନିୟମକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିଲେ ବ୍ୟବସ୍ଥା ଉପରେ ଆସ୍ଥା ବଢ଼ିବ। ନୂତନ ଉପଭୋକ୍ତା ଆଇନ ପ୍ରଣୟନ ପରେ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ନବନିଯୁକ୍ତ ସଦସ୍ୟ ଓ ନବଗଠିତ ଜିଲା ବିବାଦ ପ୍ରତିକାର ଆୟୋଗଗୁଡ଼ିକର କାର୍ଯ୍ୟକ୍ଷମ ଦିଗରେ ସଭାପତି ଓ ସଦସ୍ୟଙ୍କ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦେଶରେ ପ୍ରଥମ ବୋଲି ସେ କହିଛନ୍ତି। ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସଭାପତି ଜଷ୍ଟିସ ଡି.ପି. ଚୌଧୁରୀ କହିଛନ୍ତି, ଆୟୋଗର ସମସ୍ତ ରେକର୍ଡକୁ ଡିଜିଟାଇଜ୍ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି।

## ଚାକିରି ନାଁରେ ଠକେଇ, ୨ ଆନ୍ତଃ ରାଜ୍ୟ ଠକ ଗିରଫ


ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ହାଜର ହୋଇଥିବା ୨ ଅଭିଯୁକ୍ତ।

**ଝାରସୁଗୁଡ଼ା ଅଫିସ,୧୯।୫**

ନକଲି ପ୍ଲେସ୍‌ମେଣ୍ଟ ଖୋଲି ଚାକିରି କରାଇଦେବା ନାଁରେ ବେକାର ଯୁବତୀଯୁବକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗରେ ଏକ ଆନ୍ତଃ ରାଜ୍ୟ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ଝାରସୁଗୁଡା ପୋଲିସ। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ସୀତାପୁର ଜିଲା କାଣ୍ଡିଚାନ୍ଦପୁର ଗ୍ରାମର ବସନ୍ତ ଲାଲ ଓରଫ ଆଲୋକ (୨୪) ଓ କନୌଜ ଜିଲା ମୁର୍ଦ୍ଧାଗାଙ୍ଗ ଗ୍ରାମର ମହମ୍ମଦ ଆସ୍‌ଲାମ୍ ଓରଫ ରାଜ (୨୮)। ଏମାନଙ୍କ ନିକଟରୁ ପୋଲିସ ୨୦ହଜାର ଟଙ୍କା, ୪ ମୋବାଇଲ୍ ଓ କେତେକ ନକଲି କାଗଜପତ୍ର ଜବତ କରିଛି। ଏସ୍‌ପି ରାହୁଲ ଜୈନ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଠକାମିର ଶିକାର ହୋଇଥିବା ଝାରସୁଗୁଡା ରେଲ୍‌ୱେ କଲୋନୀର ଶାନ୍ତିଲତା ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଝାରସୁଗୁଡ଼ା ଟାଉନ ଥାନା କେସ୍ ନଂ.୨୬୬/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ଝାରସୁଗୁଡ଼ା ବେହେରାମାଲରେ ଏକ ପ୍ଲେସ୍‌ମେଣ୍ଟ ଏଜେନ୍ସି ଖୋଲି ଏହା ମାଧ୍ୟମରେ ବେକାର ଯୁବତୀଯୁବକଙ୍କୁ ମହିନ୍ଦ୍ରା ଶୋ'ରୁମ୍‌ରେ ମାସିକ ୨୦ରୁ ୨୫ ହଜାର ଟଙ୍କା ଦରମାରେ ଚାକିରି ଯୋଗାଇଦେବା ପାଇଁ ପ୍ରଚାର କରୁଥିଲେ। ଏଥିପାଇଁ ଦେଢ଼ହଜାର ଟଙ୍କା ରେଜିଷ୍ଟ୍ରେଶନ ଫି' ନେବାପରେ ସେମାନଙ୍କୁ ମହିନ୍ଦ୍ରା ଶୋ'ରୁମ୍‌ର ନକଲି ନିଯୁକ୍ତିପତ୍ର ଦେଉଥିଲେ। ଏଥିପାଇଁ ସେମାନେ ଏଜେନ୍ସିରେ ଯୁବତୀଯୁବକଙ୍କୁ ନିୟୋଜିତ କରିଥିଲେ। ଏମାନେ ଝାରସୁଗୁଡା, ସମ୍ବଲପୁର, ବରଗଡ଼, ଦେବଗଡ଼, ସୋନପୁର ଆଦି ଜିଲା ଓ ରାଜ୍ୟ ବାହାରେ ପ୍ରଚାର କରି ଚାକିରି ଦେବା ନାମରେ ଯୁବତୀଯୁବକଙ୍କଠାରୁ ଟଙ୍କା ଅସୁଲ କରୁଥିଲେ। ଏହା ଜଣାପଡ଼ିବା ପରେ ଏସ୍‌ପି ଜୈନଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମହେଶ୍ୱର ପାଣିଗ୍ରାହୀ, ଏଏସ୍‌ଆଇ ସଞ୍ଜୟ କୁମାର ସାହୁ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଉତ୍ତରପ୍ରଦେଶ ଓ ଜାମ୍‌ସେଦ୍‌ପୁର ଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ରାଜ୍ୟର ବିଭିନ୍ନ ଜିଲାରୁ ଶହେରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଠକାମିର ଶିକାର ହୋଇଛନ୍ତି।

## ଆଜି ମା' ତାରାତାରିଣୀ ମନ୍ଦିର ପ୍ରତିଷ୍ଠା ଯଜ୍ଞ ପୂର୍ଣ୍ଣାହୁତି

**ପୁରୁଷୋତ୍ତମପୁର,୧୯।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ତଥା ଜୀର୍ଣ୍ଣୋଦ୍ଧାର ଓ ପ୍ରାସାଦ ସଂସ୍କାର କାର୍ଯ୍ୟକ୍ରମ ଗୁରୁବାର ପଞ୍ଚମ ଦିନରେ ପହଞ୍ଚିଛି। ଏଥିଲାଗି ମା'ଙ୍କ ମନ୍ଦିରକୁ ସୁନ୍ଦର ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ମା'ଙ୍କ ଆଶୀର୍ବାଦ ଭିକ୍ଷା ଲାଗି ହଜାର ହଜାର ଜନସାଧାରଣଙ୍କ ସୁଅ ଛୁଟିବାରେ ଲାଗିଛି। ନୂତନ ରୂପରେ ଗଢିଉଠିଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଗତ ୧୫ ତାରିଖଠାରୁ ଆରମ୍ଭ ହୋଇ ଶୁକ୍ରବାର ପୂର୍ଣ୍ଣାହୁତି ହେବ। ଏହି ପୂର୍ଣ୍ଣାହୁତିରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମନ୍ଦିର ମୁଖ୍ୟ ପୁରୋହିତ ପଣ୍ଡିତ ସୀମାଞ୍ଚଳ ଦାଶ ଶର୍ମା ଓ ପଣ୍ଡିତ ବନୋଜ କୁମାର ଶତପଥୀଙ୍କ ସମେତ ୧୦୮ ପଣ୍ଡିତ ପୂଜାର୍ଚ୍ଚନା କରୁଛନ୍ତି। କର୍ତ୍ତା ଭାବେ ସେବାୟତ ସଂଘ ସଭାପତି ତପନ କୁମାର ରଣା ରହିଥିବା ବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ ଓ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ବିଡିଓ ବିଜୟ କୁମାର ବେହେରା, ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ. ରେଡ୍ଡୀ, ସେବାୟତ ବାପୁଜୀ ରଣାଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ନିୟନ୍ତ୍ରଣ କରୁଛନ୍ତି।


ମା'ଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼।

# ୨୦୨୩ ସୁଦ୍ଧା ସରିବ ଲୋୟର ସୁକ୍‌ତେଲ

- ଚାପଯୁକ୍ତ ବିଦ୍ୟୁତ୍ ସଞ୍ଚାଳିତ ଭୂତଳ ନଳ ପଦ୍ଧତିରେ ହେବ ଜଳସେଚନ
- ଭୂତଳ ନଳ ପଦ୍ଧତି ଜଳସେଚନ ପାଇଁ ଖର୍ଚ୍ଚ ହେବ ୨ ହଜାର କୋଟି
- ଟେଣ୍ଡର ଆହ୍ୱାନ ସରିଲାଣି
- ସ୍ପିଲୱେ କାମ ୯୦ ପ୍ରତିଶତ, ମାଟିବନ୍ଧ ୭୦ ପ୍ରତିଶତ ସରିଲାଣି

**ବଲାଙ୍ଗୀର ଅଫିସ,୧୯।୫**

ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଘୋର ଅନିଶ୍ଚିତତା ଏବଂ ବହୁ ବାଦବିବାଦରେ ଛନ୍ଦି ହୋଇଥିବା ବହୁ ପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଶୀଘ୍ର ଶେଷ ହେବାର ଆଶା ଉଜ୍ଜୀବିତ ହୋଇଛି। ୨୦୨୩ ମାର୍ଚ୍ଚ ମାସ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଦିଗରେ ଏବେ ଯୁଦ୍ଧକାଳୀନ ଭିତ୍ତିରେ ଡ୍ୟାମ ନିର୍ମାଣ କାମ ଓ ଆନୁଷଙ୍ଗିକ କାର୍ଯ୍ୟ ଚାଲିଛି।

ମିଳିଥିବା ସୂଚନା ମୁତାବକ, ଲୋୟର ସୁକ୍‌ତେଲ ଡ୍ୟାମର ୨୫୫ ମିଟର ଲମ୍ବ ନିର୍ଗମନ ପଥ ବା ସ୍ପିଲୱେ କାମ ପ୍ରାୟ ୯୦ ପ୍ରତିଶତ ଏବଂ ୧୧୫୫ ମିଟର ମାଟିବନ୍ଧ କାମ ପ୍ରାୟ ୭୦ ପ୍ରତିଶତ ଶେଷ ହୋଇଛି। ଏହି ପ୍ରକଳ୍ପରୁ ଖୋଲା କେନାଲ ବଦଳରେ ଚାପଯୁକ୍ତ ବିଦ୍ୟୁତ୍ ସଞ୍ଚାଳିତ ଭୂତଳ ନଳ ପଦ୍ଧତିରେ ଜଳସେଚନ ବ୍ୟବସ୍ଥା କରାଯିବ। ଏହି ଭୂତଳ ନଳ ପ୍ରକଳ୍ପର ଟେଣ୍ଡର ଆହ୍ୱାନ ସରିଯାଇଛି। ଏଥିସକାଶେ ପ୍ରାୟ ୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୨୭୫ଟି ଗ୍ରାମର ପ୍ରାୟ ୪୦ ହଜାର ହେକ୍ଟର ଜମି ଜଳସେଚିତ ହେବା ଲକ୍ଷ୍ୟ ରଖାଯାଇଛି। ଏହାସହିତ ଏହି ପ୍ରକଳ୍ପରୁ ବଲାଙ୍ଗୀର ସହରକୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯିବ। ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର, ଲୋଇସିଂହା ଏବଂ ପାଟଣାଗଡ ତହସିଲର ମୋଟ ୨୯ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହେବ। ତନ୍ମଧ୍ୟରୁ ୧୫ଟି ରାଜସ୍ୱ ଗ୍ରାମ ସମ୍ପୂର୍ଣ୍ଣ ବୁଡିଯିବ ଏବଂ ଅବଶିଷ୍ଟ ୧୪ଟି ଗ୍ରାମ ଆଂଶିକ ପ୍ରଭାବିତ ହେବ। ୨୪ ନଭେମ୍ବର ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ତେବେ ବିଭିନ୍ନ କାରଣରୁ ଏହି ପ୍ରକଳ୍ପ ଢେର ବିଳମ୍ବ ହୋଇ ଯାଇଥିଲା। ବିସ୍ଥାପିତ ହେବାକୁ ଥିବା ଲୋକେ ବର୍ଷ ବର୍ଷ ଧରି ଆନ୍ଦୋଳନ କରିଥିଲେ। ଏହାସହିତ କେତେଜଣ ସରକାରୀ କର୍ମଚାରୀଙ୍କ ଦୁର୍ନୀତି ଏବଂ ମଧ୍ୟସ୍ଥଙ୍କ ବିବାଦୀୟ ଭୂମିକାରୁ ଏହି ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିଲା। ଦୀର୍ଘ ବର୍ଷ ଧରି ପ୍ରକଳ୍ପ ନିର୍ମାଣ କାମ ନ ହେବାରୁ ଥଇଥାନ, କ୍ଷତିପୂରଣ ଏବଂ ପୁନର୍ବାସ ପ୍ରସଙ୍ଗ ଜଟିଳ ହୋଇପଡିଥିଲା। ୨୦୧୩ ମସିହାରେ ନୂଆ ଭୂମି ଅଧିଗ୍ରହଣ ଆଇନ ଆସିବା ପରେ ଏହି ଜଟିଳତା କମିବା ପରିବର୍ତ୍ତେ ବୃଦ୍ଧି ପାଇଥିଲା।

ପ୍ରକଳ୍ପ ପ୍ରଭାବିତ ୧୫ଟି ଗାଁରେ ଭୂମି ଅଧିଗ୍ରହଣ ଆଇନ-୧୮୯୪ ଅନୁଯାୟୀ ଭୂ-ଅର୍ଜନ ପ୍ରକ୍ରିୟା ସମ୍ପାଦିତ ହୋଇଥିବା ବେଳେ ଅବଶିଷ୍ଟ ୧୪ଟି ଗ୍ରାମରେ ଭୂମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ଏବଂ ଉଚିତ କ୍ଷତିପୂରଣ ଆଇନ ୨୦୧୩ ଅନୁଯାୟୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ଗୋଟିଏ ପ୍ରକଳ୍ପରେ ଦୁଇଟି ଭୂମି ଅଧଗ୍ରହଣ ଆଇନ କାର୍ଯ୍ୟକାରୀ ହେବା ଫଳରେ ବିସ୍ଥାପିତ ଲୋକେ ଏହାର ସ୍ୱଚ୍ଛତା ଓ ସରକାରଙ୍କ ଆଭିମୁଖ୍ୟକୁ ନେଇ ସନ୍ଦେହ ପ୍ରକଟ କରି ଆନ୍ଦୋଳନ କରି ଆସୁଥିଲେ। ତେବେ ଏହି ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବା ପରେ ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଛି। ଏହି ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡିକରେ ଜନଶୁଣାଣି କାର୍ଯ୍ୟକ୍ରମ ଜାରି ରହିଛି। ବିଜାପାଟି ଗ୍ରାମ ପରେ ତୁଷରାବାହାଲ, ଭୁଣ୍ଡିମୁହାଣ ଗ୍ରାମରେ ଜନଶୁଣାଣି ସରିଛି।

ଅନ୍ୟ ଗାଁଗୁଡ଼ିକରେ ମଧ୍ୟ ଜନଶୁଣାଣି ଶୀଘ୍ର ହେବ ବୋଲି କୁହାଯାଇଛି। ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି ଯେ, ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ବଲାଙ୍ଗୀର ଜିଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ୨୦୨୩ ସୁଦ୍ଧା ଏହି ପ୍ରକଳ୍ପ ସାରିବା ଲକ୍ଷ୍ୟ ରଖାଯାଇଛି। ସେହି ଧାରାରେ କାମ ଚାଲିଛି। ସ୍ପିଲୱେ ନିର୍ମାଣ ସହ ପ୍ରକଳ୍ପ ପ୍ରଭାବିତଙ୍କ କ୍ଷତିପୂରଣ, ଥଇଥାନ ଓ ପୁନର୍ବାସକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିସ୍ଥାପିତ ପରିବାର କିଭଳି ସବୁ ସୁବିଧା ପାଇ ଥଇଥାନ ହେବେ ସେଦିଗରେ କାର୍ଯ୍ୟ କରାଯାଉଛି। ଏହାବାଦ୍ ପ୍ରକଳ୍ପର ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗକୁ ମଧ୍ୟ ତର୍ଜମା କରାଯାଉଛି। ୨୦୨୩ ସୁଦ୍ଧା ସ୍ପିଲୱେ ଶେଷ ହେବା ସହ କିଛି ଅଞ୍ଚଳକୁ ଜଳସେଚନ ପାଇଁ ପାଣି ଯୋଗାଇ ଦେବା ଲକ୍ଷ୍ୟ ରଖାଯାଇଛି। ଏହାଛଡା ଭୂତଳ ନଳ ପଦ୍ଧତିର ଟେଣ୍ଡର ଆହ୍ୱାନ ସରିଛି ବୋଲି ଜିଲାପାଳ ରାଣା କହିଛନ୍ତି।


ବଲାଙ୍ଗୀର ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପର ନିର୍ମାଣାଧୀନ ଡ୍ୟାମ୍।

**ପାମ୍ ତୈଳ ରପ୍ତାନି କଟକଣା ହଟାଇବ ଇଣ୍ଡୋନେସିଆ**

ନୂଆଦିଲ୍ଲୀ,୧୯।୫: ମେ' ୨୩ ତାରିଖ ଅର୍ଥାତ୍ ଆସନ୍ତା ସୋମବାରଠାରୁ ପାମ୍ ତୈଳ ରପ୍ତାନି କଟକଣା ହଟାଇବା ସମ୍ପର୍କରେ ଇଣ୍ଡୋନେସିଆ ଘୋଷଣା କରିଛି। ରାଷ୍ଟ୍ରପତି ଜୋକୋ ବିଡୋଡୋ ଏନେଇ ଗୁରୁବାର ଘୋଷଣା କରିଛନ୍ତି। ତେବେ ଇଣ୍ଡୋନେସିଆର ଏହି ଘୋଷଣା ଭାରତକୁ ବହୁ ମାତ୍ରାରେ ଆଶ୍ୱସ୍ତି ପ୍ରଦାନ କରିଛି। ଭାରତ ଆମଦାନୀ କରୁଥିବା ପାମ୍ ତୈଳ ମଧ୍ୟରୁ ପ୍ରାୟ ୬୦% ଇଣ୍ଡୋନେସିଆଠାରୁ କ୍ରୟ କରିଥାଏ। ତେବେ ଘରୋଇ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଇଣ୍ଡୋନେସିଆ ପକ୍ଷରୁ ଗତ କିଛି ଦିନ ହେଲା ପାମ୍ ତୈଳ ରପ୍ତାନି ପାଇଁ କଟକଣା ଲଗାଯାଇଥିଲା। ସୂଚନାଯୋଗ୍ୟ, ପାମ୍ ତୈଳ ଉପରେ ପ୍ରତିବନ୍ଧକ ଲଗାଯିବା ପରେ ଇଣ୍ଡୋନେସିଆ ସରକାରଙ୍କ ଉପରେ ଚାପ ରହିଥିଲା। ସରକାରଙ୍କ ଏହି କଟକଣା ଦ୍ୱାରା ପ୍ରାୟ ୧୬ ମିଲିୟନ ଚାଷୀଙ୍କ ପାଇଁ ଆର୍ଥିକ କଠିନତା ସୃଷ୍ଟି ହେଉଥିବା ଇଣ୍ଡୋନେସିଆ ପାମ୍ ଅଏଲ୍ ଫାର୍ମର୍ସ ଆସୋସିଏଶନ ଅଧକ୍ଷ ଗୁଲାଟ ମନୁରୁଙ୍ଗ କହିଛନ୍ତି।

# 'ନକାରାତ୍ମକ ମନୋଭାବର ପ୍ରତିଫଳନ'

**କଟକ ଅଫିସ,୧୯।୫**

## ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସ୍ତାବକୁ ହାଇକୋର୍ଟ ବାର୍ ଆସୋସିଏଶନର ବିରୋଧ



ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିବାବେଳେ ଏବେ ହାଇକୋର୍ଟ ବାର୍ ଆସୋସିଏଶନ ଏହାକୁ ବିରୋଧ କରିବା ଘଟଣା ନୂଆ ମୋଡ଼ ନେଇଛି। ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ବରିଷ୍ଠ ଆଇନଜୀବୀ କାଳିପ୍ରସନ୍ନ ମିଶ୍ରଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ୍ ରିଜିଜୁ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ୨ଟି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦେଇଥିବା ପ୍ରସ୍ତାବକୁ ନିନ୍ଦା କରାଯାଇଥିଲା। ସମ୍ପ୍ରତି ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳ ଦୂରତାକୁ ହ୍ରାସ କରିଛି। ତେଣୁ ଅନ୍ୟସ୍ଥାନରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା କେବଳ ଭିତ୍ତିଭୂମି କ୍ଷେତ୍ରରେ ଅର୍ଥ ବ୍ୟୟ କରିବା ଛଡ଼ା ଆଉ କିଛି ନୁହେଁ। ତେଣୁ ଏକ ଆକ୍ସନ କମିଟି ଗଠନ କରାଯାଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସ୍ଥାୟୀ ବେଞ୍ଚ ପ୍ରସ୍ତାବକୁ ମଞ୍ଜୁରୀ ନ ଦେବାକୁ ଅନୁରୋଧ କରାଯିବାକୁ ବୈଠକରେ ପ୍ରସ୍ତାବ ପାରିତ ହୋଇଛି ବୋଲି ମିଶ୍ର କହିଛନ୍ତି।

ଅପରପକ୍ଷରେ ହାଇକୋର୍ଟ ବାର୍ ଆସୋସିଏଶନର ଏଭଳି ପ୍ରସ୍ତାବକୁ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ବାର୍ ଆସୋସିଏଶନଗୁଡ଼ିକରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ହାଇକୋର୍ଟ ବାର୍ ଆସୋସିଏଶନର ଏଭଳି ନିଷ୍ପତ୍ତି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ବିରୋଧୀ ମନୋଭାବକୁ ସୂଚାଉଛି ବୋଲି କୁହାଯାଉଛି। ହାଇକୋର୍ଟ ବାର ଆସୋସିଏଶନର ଏଭଳି ନିଷ୍ପତ୍ତିକୁ ସମ୍ବଲପୁର ଜିଲା ଓକିଲ ସଂଘ ନିନ୍ଦା କରିଛି। ହାଇକୋର୍ଟର କେତେଜଣ ମୁଷ୍ଟିମେୟ ଓକିଲଙ୍କ ଏହା ନକାରାତ୍ମକ ମନୋଭାବର ପ୍ରତିଫଳନ ବୋଲି ଜିଲା ସଂଘ ସଭାପତି ସୁରେଶ୍ୱର ମିଶ୍ର କହିଛନ୍ତି। ପୂର୍ବରୁ ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ୫ କୋଟି ଟଙ୍କାର ବଜେଟ ଅନୁମୋଦନ କରିବା ସହ ଆବଶ୍ୟକ ଜମି ଓ ଭିତ୍ତିଭୂମି ଯୋଗାଇଦେବାକୁ କେନ୍ଦ୍ରକୁ ଚିଠି କରିଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାର ମଧ ବାରମ୍ବାର ରାଜ୍ୟ ସରକାର ଓ ହାଇକୋର୍ଟଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଆଇନ ବିଶାରଦ ଓ ଯଶବନ୍ତ ସିଂ କମିଟି ରିପୋର୍ଟ ଅନୁସାରେ ରାଜ୍ୟରେ ହାଇକୋର୍ଟ ବେଞ୍ଚର ଆବଶ୍ୟକ ରହିଛି। ତେଣୁ ରାଜ୍ୟ ସରକାର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଏହା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ପରିସ୍ଥିତିରେ ହାଇକୋର୍ଟ ବାର୍‌ର କେତେଜଣ ଓକିଲ ନିଜ ସ୍ୱାର୍ଥ ଦୃଷ୍ଟିରୁ ଆପତ୍ତି ଓ ବିରୋଧ କରୁଛନ୍ତି। ହେଲେ ରାଜ୍ୟ ଓ କେନ୍ଦ୍ର ସରକାର କାହାରି ଚାପରେ ନ ଆସି ଆଇନଗତ ପ୍ରକ୍ରିୟା ଶେଷ କରି ଖୁବ୍‌ଶୀଘ୍ର ବେଞ୍ଚ ସ୍ଥାପନ କରନ୍ତୁ ବୋଲି ସୁରେଶ୍ୱର କହିଛନ୍ତି। ସେହିପରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ କିଛି ସ୍ୱାର୍ଥବାଦୀ ଗୋଷ୍ଠୀ ସେମାନଙ୍କ ବୃତ୍ତିଗତ ସ୍ୱାର୍ଥରେ ବାଧା ଆସିବା ଆଶଙ୍କା କରି ଉଦ୍ଦେଶ୍ୟ ମୂଳକଭାବେ ବିରୋଧ କରୁଛନ୍ତି ବୋଲି କୋରାପୁଟ ଜିଲା ଓକିଲ ସଂଘ ସମ୍ପାଦକ ମନୋରଞ୍ଜନ ରାଉତରାୟ କହିଛନ୍ତି। ହାଇକୋର୍ଟ କାହା ଚାପରେ ନ ଆସି ସ୍ପଷ୍ଟ ମତ ରଖିବେ ବୋଲି ଆମର ବିଶ୍ୱାସ। ଅନେକ ବର୍ଷ ହେଲାଣି ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ଆମେ ଦାବି କରି ଆସୁଛୁ। ଆବଶ୍ୟକ ହେଲେ ଆନ୍ଦୋଳନ କରିବାକୁ ପଛାଇବୁ ନାହିଁ ବୋଲି ରାଉତରାୟ କହିଛନ୍ତି। ସେହିପରି ଗଞ୍ଜାମ ଜିଲା ଓକିଲ ସଂଘ ମଧ ହାଇକୋର୍ଟ ବାରର ନିଷ୍ପତ୍ତିକୁ ବିରୋଧ କରିଛି। ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ଥାନ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଗଞ୍ଜାମ ଓକିଲ ସଂଘ ଓ ଜିଲା କୋର୍ଟ ପରିସରରେ ସମସ୍ତ ଭିତ୍ତିଭୂମି ରହିଛି। ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଏକ ମାତ୍ର ବିକଳ୍ପ । ଏଣୁ ରାଜ୍ୟ ସରକାର ଅଧିକ ଅବହେଳା ନ କରି ତୁରନ୍ତ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ଗଞ୍ଜାମ ଜିଲା ଓକିଲ ସଂଘ ସମ୍ପାଦକ ସୁଶୀଳ କୁମାର ତ୍ରିପାଠୀ କହିଛନ୍ତି। ସେହିପରି ଆସନ୍ତା ୨୧ ତାରିଖରେ ଗଞ୍ଜାମ ଓକିଲ ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏଥିରେ ବ୍ରହ୍ମପୁର ତଥା ଆଖପାଖ ଅଞ୍ଚଳରେ ରହୁଥିବା ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନ କର୍ମକର୍ତ୍ତା ଓ ଖବରଦାତାମାନେ ଯୋଗଦେଇ ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସରକାରଙ୍କ ଉପରେ ଚାପ ପକାଇବା ନେଇ ଏକ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ତ୍ରିପାଠୀ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନ ହେଲେ ସଂଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ତ୍ରିପାଠୀ କହିଛନ୍ତି।

## 'ଟମାଟୋ ଫ୍ଲୁ ନେଇ ରିପୋର୍ଟ ମଗାଯାଇଛି'

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ଦେଶର କେତେକ ସ୍ଥାନରେ ଟମାଟୋ ଫ୍ଲୁ ବ୍ୟାପିବା ସମ୍ପର୍କରେ ସୂଚନା ମିଳିବା ପରେ ଓଡ଼ିଶା ସରକାର ସଜାଗ ହୋଇଛନ୍ତି। ଗୁରୁବାର ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ଟମାଟୋ ଫ୍ଲୁ ନେଇ ରାଜ୍ୟ ସରକାର ସଜାଗ ଅଛନ୍ତି। ଏହା ଏକ ଭାଇରାଲ ରୋଗ। ଏହି ରୋଗ ହେଲେ ପିଲାଙ୍କ ଦେହ ସାରା ଫଳିଯିବ, ନାଲି ପଡ଼ିଯିବ, ଜ୍ୱର ଓ ବାନ୍ତି ହେବ ଏବଂ ପିଲା ଖାଇବ ନାହିଁ। ରାଜ୍ୟରେ ଏଭଳି କେତେ କେସ୍ ଅଛି ଜାଣିବା ପାଇଁ ସମସ୍ତ ମେଡିକାଲ କଲେଜକୁ ରିପୋର୍ଟ ମଗାଯାଇଛି। ନମୁନା ସଂଗ୍ରହ ହେବା ପରେ ତାହା ପରୀକ୍ଷଣ ପାଇଁ ଆର୍‌ଏମ୍‌ଆର୍‌ସିକୁ ପଠାଯିବ। ତେବେ ସମ୍ପୃକ୍ତ ରୋଗ ହ୍ୟାଣ୍ଡ ମାଉଥ୍ ଫୁଟ୍ ରୋଗ ବୋଲି ସନ୍ଦେହ କରାଯାଉଛି। ତେବେ ଆର୍‌ଏମ୍‌ଆର୍‌ସି ଏହି ଭାଇରାଲ ଭାଇରସ୍‌ର ଚିହ୍ନଟ କରିବେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଏହାବ୍ୟତୀତ ଜିଲା ଓ ଶିଶୁ ରୋଗ ବିଶେଷଜ୍ଞମାନଙ୍କ ସହ ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ଜାରି ରହିଛି। ଜିଲା ଚିକିତ୍ସାଳୟଗୁଡ଼ିକୁ ଆକ୍ରାନ୍ତ ଶିଶୁଙ୍କ ନମୁନା ସଂଗ୍ରହ କରି ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ହେଲ୍‌ମେଟ୍ ଯାଞ୍ଚ ବେଳେ ଧରାପଡ଼ିଲା ବ୍ରାଉନସୁଗାର

■ ୩ ବେପାରୀ ଗିରଫ

**ଭଦ୍ରକ ଅଫିସ, ୧୯।୫**

ଭଦ୍ରକ ଜିଲା ଅନ୍ନପାଳ ଛକ ନିକଟରେ ଗୁରୁବାର ଗ୍ରାମାଞ୍ଚଳ ଥାନା ପୋଲିସ ପକ୍ଷରୁ ହେଲମେଟ୍ ଚେକିଂ ଚାଲୁଥିବା ବେଳେ ୨୧ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହି ଘଟଣାରେ ପୋଲିସ ୩ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଏକ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସୁଦେବପୁର ଥାନା ଅଧୀନ ବଡ଼କିଆରି ଗ୍ରାମର ପ୍ରଦୀପ କୁମାର ମଲ୍ଲିକ, ବାଲେଶ୍ୱର ରେମୁଣା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଶେଖ୍ ଅନାୟଥୁଲ୍ଲା ଓ ଶେଖ୍ ସଲିମ। ସୂଚନା ଅନୁଯାୟୀ, ଗିରଫ ୩ ବେପାରୀ ଗୋଟିଏ ବାଇକ୍‌ରେ ବେପାରୁଆ ଭାବେ ବିନା ହେଲମେଟ୍‌ରେ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନଙ୍କ ହାବଭାବ ଦେଖି ସନ୍ଦେହ ହେବାରୁ ତଲାସୀ କରାଯାଇଥିଲା। ଏହି ତଲାସୀ ବେଳେ ସେମାନଙ୍କଠାରୁ ୨୧ ଗ୍ରାମ ବ୍ରାଉନସୁଗାର, ନଗଦ ୨୭ ହଜାର ଟଙ୍କା, ମୋବାଇଲ ଜବତ ହୋଇଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି।

## ୩୫.୫ କେଜି ଗଞ୍ଜେଇ ଜବତ: ୨ ଗିରଫ

■ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଧରାପଡ଼ିଲେ

**ଭୁବନେଶ୍ୱର, ୧୯।୫(ବ୍ୟୁରୋ)**

ଗଜପତିରୁ ଗଞ୍ଜେଇ ଚୋରା ଚାଲାଣ କରି ଭୁବନେଶ୍ୱରରେ ବିକ୍ରି ପାଇଁ ଯୋଜନା କରୁଥିବା ବେଳେ ଭରତପୁର ଥାନା ପୋଲିସ ୨ ବେପାରୀଙ୍କୁ ଗିରଫ କରିଛି। ବସ୍ ଯୋଗେ ଗଞ୍ଜେଇ ଧରି ଆସୁଥିବାବେଳେ ଅଭିଯୁକ୍ତ ବେପାରୀଦ୍ୱୟଙ୍କୁ ଗୁରୁବାର ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗିରଫ କରାଯାଇଛି। ସେମାନେ ହେଲେ ଗଜପତିର ମିଲୁ ନାୟକ(୨୩) ଓ ଶିଶିର ନାୟକ (୨୫)। ଏମାନଙ୍କଠାରୁ ୩୫ କି.ଗ୍ରା ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୯୪/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି ।

# ଟ୍ରେନ୍ ଧକ୍କାରେ ହାତୀ ଛୁଆ ମୃତ୍ୟୁ ଆଶଙ୍କା

**ଯୋଡ଼ା/କେନ୍ଦୁଝର,୧୯।୫(ଡି.ଏନ.ଏ/ସ୍ୱ.ପ୍ର.)**



ରେଳ ଧାରଣା ପାର ହେଉଥିବା ହାତୀପଲ।

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ଅଧୀନ ବାଂଶପାଣି ବେହେରା ହଟିଂ ନିକଟରେ ଗୁରୁବାର ମାଲବାହୀ ଟ୍ରେନ ଧକ୍କାରେ ଏକ ମାଈ ହାତୀ ସହ ୨ ଛୁଆ ହାତୀ ଆହତ ହୋଇଛନ୍ତି। ଆହତ ହାତୀ ଛୁଆଙ୍କ ମଧ୍ୟରୁ ଗୋଟିଏର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଥିବା ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା କହିଛନ୍ତି। ଆହତ ହାତୀ ଶାବକଙ୍କୁ ୧୯ଟି ହାତୀ ଘେରି ରହିଥିବାରୁ ବନ ବିଭାଗ କର୍ମଚାରୀ ସେମାନଙ୍କ ପାଖକୁ ଯାଇ ପାରୁନାହାନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୭.୩୦ମିନିଟ ସମୟରେ ୨୨ଟି ହାତୀ ଜଙ୍ଗଲରୁ ପାଣି ପିଇବାକୁ ଆସି ରେଲଧାରଣା ଅତିକ୍ରମ କରୁଥିଲେ। ଏହି ସମୟରେ ବାଂଶପାଣିରୁ ଜୁରୁଡ଼ି ଯାଉଥିବା ଏକ ମାଲବାହୀ ଟ୍ରେନ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଗୋଟିଏ ମାଈ ଓ ୨ ଛୁଆ ହାତୀ ଗୁରୁତର ହୋଇଥିଲେ। ବନ ଓ ରେଳ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରୁଥିବା ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କିଛି ବର୍ଷ ପୂର୍ବେ ଏହି ସ୍ଥାନରେ ଟ୍ରେନ୍ ଧକ୍କାରେ ୩ଟି ହାତୀଙ୍କ ମୃତ୍ୟୁ ହୋଇଥିଲା।

# ସେପଟେ ପାଣି, ଏପଟେ ବାଲି

**ଭୁବନେଶ୍ୱର(ବ୍ୟୁରୋ)/ଝାରସୁଗୁଡ଼ା ଅଫିସ୍, ୧୯।୫**

■ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିନିକିଆ ସତ୍ୟାଗ୍ରହ ଆଜି

■ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ତୁରନ୍ତ ୫ ଗେଟ୍ ଖୋଲନ୍ତୁ: ରାଜେନ୍ଦ୍ର ସିଂ

■ ନିର୍ବାଚନ ଆସିଲେ ବିଜେଡି ନେତା ପୁଣି ଆସିବେ: ସୁଦର୍ଶନ

ସେପଟେ ଢେଉ ଖେଳୁଛି ଅକାତକାତ ଜଳରାଶି। ଏପଟେ ରାଶି ରାଶି ବାଲି। ମରୁଭୂମିର ଭ୍ରମ। ଶୁଖିଲା ପଡ଼ିଛି ନଦୀ ଶଯ୍ୟା। ସୀମାନ୍ତ ଛତିଶଗଡ଼ର କଲ୍‌ମା ବ୍ୟାରେଜ୍ ଉପରୁ ମହାନଦୀର ଉଭୟ ପଟକୁ ଚାହିଁଲେ ଏଭଳି କିଛି ଦୃଶ୍ୟ ବ୍ୟଥିତ କରୁଛି। ଏଥିରୁ ସ୍ପଷ୍ଟ ହୋଇଛି ଓଡ଼ିଶାର ଜୀବନଧାରା କୁହାଯାଉଥିବା ମହାନଦୀ ଉପରେ ପଡ଼ୋଶୀ ରାଜ୍ୟର ଏଭଳି ଏକଚାଟିଆ ଅଧିକାର, ଯାହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି 'ମହାନଦୀ ବଞ୍ଚାଅ ଆନ୍ଦୋଳନ' କାର୍ଯ୍ୟକର୍ତ୍ତା।

ଜଳପୁରୁଷ ରାଜେନ୍ଦ୍ର ସିଂଙ୍କ ନେତୃତ୍ୱରେ ସଙ୍ଗଠନର ୧୫ଜଣ ସଦସ୍ୟ ଗୁରୁବାର କଲ୍‌ମା ବ୍ୟାରେଜ୍ ଉପରୁ ନଦୀର ଉଭୟ ପାର୍ଶ୍ୱର ଭିଡିଓ ଉତ୍ତୋଳନ କରି ସାର୍ବଜନୀନ କରିଛନ୍ତି। ଛତିଶଗଡ଼ ସରକାରଙ୍କ କିଭଳି ନଦୀ ପାଣିକୁ ଅବରୋଧ କରି ମନମାନି କରୁଛି ଏବଂ ତଳମୁଣ୍ଡକୁ ପ୍ରବାହିତ ହେବାକୁ ଦେଉନାହିଁ, ତାହା ଏହି ଭିଡିଓ ଚିତ୍ରରୁ ସ୍ପଷ୍ଟ ହୋଇଛି। କିଛିଦିନ ତଳେ ବ୍ୟାରେଜ୍ ନିକଟ ଓଡ଼ିଶା ପାର୍ଶ୍ୱରେ ମହାନଦୀରେ ପ୍ରବଳ ସ୍ରୋତ ପ୍ରବାହିତ ହେଉଥିଲା। ଏବେ କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ଓଡ଼ିଶା ପାର୍ଶ୍ୱ ନଦୀଶଯ୍ୟା ଟାଙ୍ଗରା ପଡ଼ିଛି। କାରଣ ଛତିଶଗଡ଼ ସରକାର କଲମା ବ୍ୟାରେଜର ସମସ୍ତ ୬୬ ଗେଟ୍ ବନ୍ଦ କରି ଦେଇଛନ୍ତି। ଏହାର ପ୍ରତିବାଦ କରିବାକୁ ଅଣ୍ଟା ଭିଡ଼ିଛନ୍ତି 'ମହାନଦୀ ବଞ୍ଚାଅ ଆନ୍ଦୋଳନ'ର କର୍ମକର୍ତ୍ତା। ତୁରନ୍ତ ୫ଟି ଗେଟ୍ ଖୋଲିବା ଲାଗି ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି ଜଳପୁରୁଷ ରାଜେନ୍ଦ୍ର କହିଛନ୍ତି। କଲ୍‌ମା ଏବଂ ସୁଖାସୋଢ଼ାଠାରେ ମହାନଦୀର ଦୃଶ୍ୟ ଦେଖି ଜଳପୁରୁଷ ରାଜେନ୍ଦ୍ର ଗଭୀର ଭାବେ ମର୍ମାହତ ହୋଇପଡ଼ିବା ସହ ଭାବବିହ୍ୱଳ ବାର୍ତ୍ତା ଦେଇଛନ୍ତି। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ସେ ଓଡ଼ିଶାରେ ଥିବା ପର୍ଯ୍ୟନ୍ତ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ମହାନଦୀ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଚରମ ଅବହେଳାକୁ ଦର୍ଶାଇ ତୀବ୍ର ସମାଲୋଚନା କରିଛନ୍ତି। କାବେରୀ ଜଳ ବିବାଦ ପ୍ରସଙ୍ଗରେ ୭୦ ବର୍ଷ ହେଲା ଟ୍ରିବ୍ୟୁନାଲ୍ ଚାଲିଥିବାବେଳେ ଏହାର ସମାଧାନ ହୋଇପାରୁନାହିଁ। ମହାନଦୀ ଜଳ ବିବାଦ କେମିତି ଟ୍ରିବ୍ୟୁନାଲରେ ସମାଧାନ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ହୋଇ ମହାନଦୀର ପୁନରୁଦ୍ଧାର ଲାଗି ଆଲୋଚନା କରନ୍ତୁ ବୋଲି ସେ ଦାବି କରିଛନ୍ତି। 'ମହାନଦୀ ବଞ୍ଚାଅ ଆନ୍ଦୋଳନ'ର ଆବାହକ ସୁଦର୍ଶନ ଦାସ କହିଛନ୍ତି, କଲ୍‌ମା ନିକଟରେ ଛତିଶଗଡ଼ ସରକାର ମହାନଦୀର ତଣ୍ଟି ଚିପି ଦେଇଛନ୍ତି। ସୁଖାସୋଢ଼ାଠାରେ ରାଜ୍ୟ ସରକାର ମହାନଦୀକୁ ହତ୍ୟା କରିଛନ୍ତି। ପଡ଼ୋଶୀ ରାଜ୍ୟର କାର୍ଯ୍ୟକଳାପକୁ ରାଜ୍ୟ ସରକାର ବିରୋଧ ମଧ କରୁନାହାନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଏକଦିବସୀୟ ସତ୍ୟାଗ୍ରହ କରାଯିବ ବୋଲି ସୁଦର୍ଶନ ସୂଚନା ଦେଇଛନ୍ତି। ୨୦୧୮ରେ ଏହି ଅଞ୍ଚଳରେ ପ୍ରବଳ ପାଣି ଥିଲା। ସେହି ସମୟରେ ମୁଖ୍ୟମନ୍ତ୍ରୀ ଏବଂ ଦଳୀୟ ବିଜେଡି ନେତାମାନେ ଆସି ତମ୍ବିତୋଫାନ କଲେ। ତେବେ ୨୦୧୯ ନିର୍ବାଚନ ସରିବା ପରେ ସବୁ ନୀରବି ଗଲେ। ପୁଣି ନିର୍ବାଚନ ଆସିଲେ ବିଜେଡି ନେତାମାନେ ଆସି ପହଞ୍ଚିବେ। ଇତିହାସ କେବେ ହେଲେ ଭଳି ସରକାରକୁ କ୍ଷମା ଦେବେ ନାହିଁ ବୋଲି ସୁଦର୍ଶନ କହିଛନ୍ତି। କଲ୍‌ମା ବ୍ୟାରେଜ୍ ଉପରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଆବାହକ ବାସୁଦେବ ଭଟ୍ଟ, ବିନୋଦ ବେଦଙ୍କର, ନରେନ୍ଦ୍ର ଚୁଗ୍, ଅକ୍ଷୟ ଜେନା, ଅଶୋକ ଠାକେର, ପ୍ରତାପ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ ପ୍ରଚାର କରୁଛନ୍ତି ରାଜ୍ୟ ସରକାର: ଭାଜପା

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନା ଜରିଆରେ ପର୍ଯ୍ୟାପ୍ତ ପରିମାଣର ସହାୟତା ରାଶି ଓଡ଼ିଶାକୁ ଦିଆଯାଉଛି। ହେଲେ ତାହା ଲୋକଙ୍କ ଆଢୁଆଳରେ ରଖି ରାଜ୍ୟ ସରକାର ନିଜର ପ୍ରଚାର କରୁଛନ୍ତି। କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ ପ୍ରଚାର ପ୍ରସାର କରିବା ସହ କେନ୍ଦ୍ରର ଲୋଗୋକୁ ଉଠାଇ ନିଜ ନାଁରେ ବ୍ରାଣ୍ଡିଂ କରି ଲୋକଙ୍କୁ ଠକୁଛନ୍ତି ବୋଲି ଭାଜପା ନେତା ରମାରଞ୍ଜନ ବଳିୟାର ସିଂ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରମା କହିଛନ୍ତି, ମହିଳା ସଶକ୍ତୀକରଣ, ପାନୀୟ ଜଳ ଯୋଗାଣ, ଜଳସେଚନ, କୃଷିର ଉନ୍ନତି ପାଇଁ ମୋଦି ସରକାର କୋଟି କୋଟି ଟଙ୍କା ଦେଉଛନ୍ତି। କିନ୍ତୁ ରାଜ୍ୟ ସରକାର ତାହାର ସଦ୍‌ବିନିଯୋଗ କରିବାରେ ବିଫଳ ହୋଇଛନ୍ତି। ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ମାତ୍ର ୩୦ ମିନିଟ ପାଇଁ ହୋଇଥିଲା। ଏହି ଅବଧିରେ ଗୁରୁତ୍ୱପୂର୍ଣ୍ଣ ୩୨ଟି ପ୍ରସଙ୍ଗ ଉପସ୍ଥାପନ କରି ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦିଆଯାଇଛି। କେବଳ 'ଜୀ-ହଜୁର' କହି ଦସ୍ତଖତ କରି କ୍ୟାବିନେଟ ବୈଠକର ଔପଚାରିକତା ପୂରଣ କରାଯାଉଛି। ମନ୍ତ୍ରୀ ପରିଷଦର ସଦସ୍ୟଙ୍କୁ ଯଥେଷ୍ଟ ଆଗରୁ କୌଣସି ସୂଚନା ନ ଦେଇ ଅତ୍ୟନ୍ତ ତରବରିଆଭାବେ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଦସ୍ତାବିଜକୁ କ୍ୟାବିନେଟ୍ ମୋହର ପ୍ରଦାନ କରାଯାଇଛି । ରାଜ୍ୟରେ ଆଇନର ଶାସନ ଚାଲୁ ନାହିଁ ବରଂ ବ୍ୟୁରୋକ୍ରେଟ୍ ଶାସନ ଚାଲିଛି ବୋଲି ସେ କହିଛନ୍ତି।

**Birthday Wish**



**Janvi (Juhi)**
May you be gifted with life's biggest joys and never-ending bliss. After all, you yourself are a gift to earth, so you deserve the best. Happy Birthday."
-:Best wishes from:-
Papa, Mama, Chachu, Chachi, Jeet, Chintu, Pinu, Rishi, Mausa, Mausi, Maa, Aae,
D-495

**୧୨ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**Krushna Chandra Weds Deepika**
ବାରଗାଡ଼, ସୁନ୍ଦରଗଡ଼
ଶୁଭେଚ୍ଛା ସହ: ମାଆ, ବାପା, କାକା, କାକୀ, ମାମୁ, ମାଇଁ, ଭାଇ ଭାଉଜ, ନାନୀ, ଭିଣୋଇ, ସମସ୍ତ ବନ୍ଧୁ ଓ ବନ୍ଧୁଙ୍କ ପରିବାରବର୍ଗ ଭଗବାନଙ୍କଠାରେ ଏତିକି ପ୍ରାର୍ଥନା କରୁଛୁ ତୁମ ଆଗାମୀ ଦାମ୍ପତ୍ୟ ଜୀବନ ସୁଖମୟ ଓ ଶାନ୍ତିମୟ ହେଉ।
D-504

**୧୨ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



**ହେମନ୍ତ ତନ୍ତୀ ସହିତ ବୀଣା ବାଗ୍**
ବରପାଲି, (ଏମ.ସି.ଏଲ), ସୁନ୍ଦରଗଡ଼
ବିବାହ ଅଟଳ ପବିତ୍ର ବନ୍ଧନ, ବନ୍ଧା ହୁଏ ଦୁଇ ପ୍ରାଣ ମନା କର୍ତ୍ତବ୍ୟ ପଥରେ ଆଗେଇ ଚାଲିବା ବଡ଼ କରିବନି ସ୍ୱାର୍ଥ ଧନା ପୁଷ୍ପ ବୃଷ୍ଟି ହେଉ ତୁମ ଚଲାପଥ, ମଧୁମୟ ହେଉ ଦାମ୍ପତ୍ୟ ଜୀବନ। ମାଁ ସମଲେଶ୍ୱରୀଙ୍କ କୃପାବାରି ବରଷୁ । ଉଜ୍ଜ୍ୱଳ ହେଉ ତମ ଆଗାମୀ ଦିନ।
ଶୁଭେଚ୍ଛା ସହ: ମାଁ, ଭାଇ ଭାଉଜ, କାକା, କାକୀ, ମାମୁ, ମାଇଁ, ନାନୀ, ଭିଣୋଇ, ବନ୍ଧୁ ଓ ତନ୍ତୀ ପରିବାରବର୍ଗ ।
D-503

# ମୁକୁଳା ଡ୍ରେନ୍ ନେଉଛି ଜୀବନ

**ଭୁବନେଶ୍ୱର,୧୯।୫(ବ୍ୟୁରୋ)**

■ ସମସ୍ତ ପୌର ସଂସ୍ଥାକୁ ନିର୍ଦ୍ଦେଶ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କର

■ ଡ୍ରେନ୍ ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

ଭୁବନେଶ୍ୱର, କଟକ ସମେତ ରାଜ୍ୟର ଛୋଟବଡ଼ ସହରରେ ଅନେକ ଡ୍ରେନ୍ ମୁକୁଳା ହୋଇ ପଡ଼ିଛି। ସ୍ୱେରେଜ ଓ ଡ୍ରେନେଜ କାମ ବାହାନାରେ ଠିକାଦାରମାନେ ଦୀର୍ଘଦିନ ଧରି ଖୋଲା ଛାଡ଼ି ଦେଉଛନ୍ତି। ଏଥିପାଇଁ କାହାରିକୁ ଉତ୍ତରଦାୟୀ କରାଯାଉ ନ ଥିବାରୁ ଡ୍ରେନ୍, ମ୍ୟାନ୍‌ହୋଲ ମୁକୁଳା ହୋଇ ପଡୁଛି। ନିକଟରେ ପୁରୀ ସହରର ଏକ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ରିକ୍ସାଚାଳକଙ୍କ ମୃତ୍ୟୁ ହୋଇଛି। ଆଗକୁ ବର୍ଷାଦିନ ଆସୁଛି । ସହରାଞ୍ଚଳର ଅନେକ ସ୍ଥାନ ଜଳମଗ୍ନ ହେବାର ସମ୍ଭାବନା ରହିଛି। ଆସନ୍ତା ମୌସୁମୀକୁ ଦୃଷ୍ଟିରେ ରଖି ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବା ସହ ଡ୍ରେନ୍ ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ସମସ୍ତ ପୌର ପରିଷଦକୁ ନିର୍ଦ୍ଦେଶ ଦେଇଛି। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଏ ନେଇ ସମସ୍ତ ମହାନଗର ନିଗମ କମିଶନର, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ମାନଙ୍କୁ ଚିଠି ଲେଖିଛନ୍ତି। ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବା ପୂର୍ବରୁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ବର୍ଷା ଯୋଗୁ ମୁକୁଳା ଡ୍ରେନ୍ ଓ ମ୍ୟାନ୍‌ହୋଲରେ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ସେଗୁଡ଼ିକୁ ତୁରନ୍ତ ତଦାରଖ କରି ପଦକ୍ଷେପ ନେବାକୁ କୁହାଯାଇଛି। ମୌସୁମୀ ସମୟରେ ପ୍ରବଳ ବର୍ଷା ଯୋଗୁ ରାସ୍ତା, ପାଦଚଲା ରାସ୍ତା ଏବଂ ଡ୍ରେନ ଉପରେ ବହୁ ପରିମାଣର ପାଣି ଚାଲିବ। କେଉଁ ଡ୍ରେନ ମୁକୁଳା ପଡ଼ିଛି ତାହା ଦୃଶ୍ୟମାନ ହେବ ନାହିଁ। ଫଳରେ ଯାତାୟାତ କରୁଥିବା ଲୋକମାନେ ସେଥିରେ ପଡ଼ି ଦୁର୍ଘଟଣାର ଶିକାର ହେବା ସହ ଜୀବନ ହାନି ହେବାର ମଧ ସମ୍ଭାବନା ରହିଛି। ମୌସୁମୀ ଆସିବା ପୂର୍ବରୁ ସମସ୍ତ ଡ୍ରେନ୍ ଓ ମ୍ୟାନ୍‌ହୋଲଗୁଡ଼ିକର ଶତ ପ୍ରତିଶତ ଯାଞ୍ଚ କରିବାକୁ କୁହାଯାଇଛି। ଯେଉଁ ଡ୍ରେନ୍‌ଗୁଡ଼ିକର କଭର ରହିଛି ସେଗୁଡ଼ିକ ଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରି ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ସହରାଞ୍ଚଳରେ ଥିବା ମ୍ୟାନ୍‌ହୋଲ ଓ ମୁକୁଳା ଡ୍ରେନ୍‌ଗୁଡ଼ିକୁ ତୁରନ୍ତ ବନ୍ଦ ଓ ମରାମତି କରିବାକୁ ମହାନଗର ନିଗମ କମିଶନର ଓ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଦୁର୍ଘଟଣା ଆଶଙ୍କା ଥିବା ସ୍ଥାନରେ ସାଇନବୋର୍ଡ ମାରିବା ସହ ମୌସୁମୀ ଆସିବା ପୂର୍ବରୁ ଡ୍ରେନ୍‌ଗୁଡ଼ିକୁ ସଫା କରିବାକୁ କୁହାଯାଇଛି। ମୌସୁମୀ ପୂର୍ବରୁ ଡ୍ରେନ୍‌ଗୁଡ଼ିକ ସଫା ହୋଇଛି କି ନାହିଁ, କେଉଁଠି ଚୋକ୍ ହେଉଛି ସେ ସବୁ ସ୍ଥାନରେ ଜଳସମ୍ପଦ ବିଭାଗ ଓ ଡ୍ରେନେଜ ଡିଭିଜନକୁ ନେଇ ମିଳିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳମଗ୍ନ ହେଉଥିବା ସମ୍ବେଦନଶୀଳ ତଳିଆ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ସହ ଜଳ ନିଷ୍କାସନ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଯେଉଁଠି ଡ୍ରେନ୍‌ଗୁଡ଼ିକୁ ଅବରୋଧ କରାଯାଇଛି ସେଗୁଡ଼ିକୁ ତୁରନ୍ତ ହଟାଇ ଜଳ ପ୍ରବାହକୁ ସୁଗମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ ସ୍ଥାନରେ ଡ୍ରେନ୍ କଡ଼ରେ ଭଗ୍ନାବଶେଷ ଗଦାହୋଇ ରହିଛି। ଫଳରେ ଯାତାୟାତ ଓ ପାଣି ଯିବାରେ ବାଧା ଉପୁଜୁଛି। ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତି କିମ୍ବା ସଂସ୍ଥାଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ପାଣି ଜମି ରହିଲେ ଜଳବାହିତ ରୋଗ ଡେଙ୍ଗୁ, ମ୍ୟାଲେରିଆ, ଝାଡ଼ାବାନ୍ତି, ଜଣ୍ଡିସ, ଜାପାନିଜ ଏନ୍‌ସେଫାଲାଇଟ୍‌ସ ଭଳି ଜଳବାହିତ ରୋଗ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଯେପରି କେଉଁଠି ପାଣି ଜମି ନ ରହିବ ସେ ନେଇ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କମିଶନର କିମ୍ବା ସିଇଓଙ୍କ ଅଧକ୍ଷତାରେ ସମସ୍ତ ପୌର ସଂସ୍ଥା ୟୁନିଫାଏଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ଗଠନ କରିବାକୁ କୁହାଯାଇଛି।

# 'ଜୀବନ ସାଥୀ ବାଛିବାରେ ଭୁଲ୍ କରିଦେଇଛି'

## ଭିଡିଓ ଜାରି କରି ଅନୁଭବ ଜଣାଇଲେ ମନର କଥା

**କଟକ ଅଫିସ,୧୯।୫**



ନ୍ୟାୟର ଅପେକ୍ଷା କରିବାଠୁ ଭଲ ମୃତ୍ୟୁକୁ ଆପଣାଇ ନେବା। ହେଲେ ମୁଁ ସେମିତି ଭୁଲ୍ କରିବି ନାହିଁ। କାରଣ ମୁଁ ମୋ ପିତାମାତା ଓ ପ୍ରିୟଜନଙ୍କୁ ବହୁତ ଭଲ ପାଏ ବୋଲି କହିଛନ୍ତି କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି । ଅନୁଭବ ଏବଂ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ଗୁରୁବାର ନିଜ ୟୁଟ୍ୟୁବ ଆକାଉଣ୍ଟରେ ଭିଡିଓ ଶେୟାର କରି ବଖାଣିଛନ୍ତି ନିଜ ମନର ଅକୁହା କଥା। ପ୍ରାୟ ଅଧଘଣ୍ଟାର ଏହି ଭିଡିଓରେ ଅନୁଭବ ପ୍ରଥମେ ନିଜ ପରିବାର ଏବଂ ଚଳଚ୍ଚିତ୍ର ଜଗତରେ ପ୍ରବେଶ ବିଷୟରେ କହିଛନ୍ତି। ଏହାପରେ ସେ ତାଙ୍କ ବୈବାହିକ ଜୀବନ ବିଷୟରେ କହିଛନ୍ତି। ଏଥିସହ ଏହି ଭିଡିଓ ପରେ ସେ ନିଜ ରାଜନୈତିକ କ୍ୟାରିୟର ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ୨୦୦୮ରେ ଜଣଙ୍କୁ ନିଜଠାରୁ ଅଧିକ ଭଲ ପାଇଲି, ଆଉ ୨୦୧୪ରେ ତାଙ୍କୁ ଜୀବନସାଥୀ ଭାବେ ମଧ ଗ୍ରହଣ କଲି। ତାଙ୍କ ବିନା ଆଉ କାହା ବିଷୟରେ କେବେ ଭାବି ନାହିଁ କି ଚିନ୍ତା କରି ନାହିଁ । ଏ କୋର୍ଟ, କଚେରି, ଥାନା, ପୋଲିସ ମୋ ଜୀବନରେ କେବେ ଦେଖି ନ ଥିଲି। କେବେ ଭାବି ନ ଥିଲି ଯେ ମୋତେ ବି ଏମିତି ଦୌଡ଼ିବାକୁ ପଡ଼ିବ, ତା' ବି ଜଣଙ୍କୁ ଭଲ ପାଇକି। ଜୀବନ ସାଥୀ ବାଛିବାରେ ସବୁଠୁ ବଡ଼ ଭୁଲ୍ କରିଦେଲି ବୋଲି କହିଛନ୍ତି। ଅନୁଭବ ନିଜ ରାଜନୈତିକ କ୍ୟାରିଅର ନେଇ ଆଶଙ୍କାରେ ଥିବା ମଧ କହିଛନ୍ତି। ସେ କହିଛନ୍ତି, ଏହି ଭିଡିଓ ବାହାରକୁ ଗଲାପରେ ରାଜନୈତିକ ପଦବୀ ମିଳିବା ନ ମିଳିବା କଥା ଜାଣି ନାହିଁ। ହେଲେ ମୁଁ ନ୍ୟାୟିକ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛି। ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢ଼ିବି ବୋଲି କହିଛନ୍ତି ଅନୁଭବ। ତେବେ ଭିଡିଓ ମଝିରେ ଅନୁଭବ ତାଙ୍କ ବିବାହ ନେଇ ଏକ ଇତିହାସ ଥିବା କହିଛନ୍ତି। ଯଦି ଦର୍ଶକ ଅନୁମତି ଦେଲେ ସେ ବିଷୟରେ କହିବି ବୋଲି କହିଛନ୍ତି । ସୂଚନାଯୋଗ୍ୟ, ଅନୁଭବ ମହାନ୍ତି ଏବଂ ସ୍ତ୍ରୀ ବର୍ଷା ଛାଡ଼ପତ୍ର ମାମଲା ଅଦାଲତରେ ବିଚାରାଧୀନ ରହିଛି । ଏଣେ ଅନୁଭବଙ୍କ ବିରୋଧରେ ସ୍ତ୍ରୀ ବର୍ଷା ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣିବା ସହିତ ଭରଣପୋଷଣ ଏବଂ କ୍ଷତିପୂରଣ ବାବଦକୁ ୧୫ କୋଟିରୁ ଅଧିକ ଟଙ୍କା ଦାବି କରି କଟକ ଏସ୍‌ଡିଜେଏମ୍ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପୁନାନନ୍ଦ ରାଉତ**
ଗଣ୍ଡରପୁର, (ବ୍ରାହ୍ମଣସାହି)
ଆବିର୍ଭାବ: ୦୫।୦୩।୧୯୩୪
ତିରୋଧାନ: ୧୦।୦୫।୨୦୨୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ୍ଭମାନଙ୍କ ହୃଦୟରେ ଚିରଦିନ ପାଇଁ ପ୍ରେରଣାର ଉତ୍ସ ଓ ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ସୋମନାଥଙ୍କ ନିକଟରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସୁକାନ୍ତ, ହେମନ୍ତ, ବସନ୍ତ, ଶରତ, ଶିଶିର, ଆରତ, ଅଜୟ, ଛବିନ୍ଦ୍ର, ଆରିୟାନ, ଆଇସା, ରୋନି, ସାନୁ, କୃଷ୍ଣଚନ୍ଦ୍ର, ପ୍ରକାଶ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୩୩୨୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୋଲାପ ମଞ୍ଜରୀ ମହାନ୍ତି**
(ଗ୍ରାମ: ଓଡ଼ଶମଳ, ବାଲିଦୋକାନ, କୋଣାର୍କ)
ଆବିର୍ଭାବ: ୨୦।୦୨।୧୯୩୬
ତିରୋଧାନ: ୧୧।୦୫।୨୦୨୦
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲାଣି। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ଏହି ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୫୯୮୯୩

**ଚତୁର୍ଥ ଶ୍ରାଦ୍ଧବାର୍ଷିକ**



**୰ ପୂର୍ଣ୍ଣ ଚନ୍ଦ୍ର ନାୟକ**
ପୂର୍ବତନ ସରକାରୀ ଅଧିକାରୀ, ଦିଗ, ତାଳଚେର
ଆବିର୍ଭାବ :- ୨୭/୧୧/୧୯୩୭
ତିରୋଧାନ :- ୦୪/୦୫/୨୦୧୮
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଆମ୍ଭ ମାନଙ୍କ ପାଇଁ ଚିର ସ୍ମରଣୀୟ । ଆପଣଙ୍କର ଆଶୀର୍ବାଦ ସର୍ବଦା ଆମ୍ଭ ମାନଙ୍କ ଉପରେ ରହିଥାଉ । ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ପୁତୁରା, ଝିଆରୀ, ଭଣଜା ଭାଣିଜୀ, ନାତି, ନାତୁଣୀ ଓ ବନ୍ଧୁ ପରିଜନ
ଧ-୫୦୧

# ବିଦେଶରେ ପ୍ରଥମଥର ନେତୃତ୍ୱ ନେବେ ଅମିତ

**ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍**

■ ବେଲ୍‌ଜିୟମ ଓ ନେଦରଲାଣ୍ଡ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ଘୋଷିତ

■ ଓଡ଼ିଶାର ଶୀଳାନନ୍ଦ ଲାକ୍ରାଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୧୯।୫**

ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଗୁରୁବାର ବେଲଜିୟମ ଏବଂ ନେଦରଲାଣ୍ଡ ବିପକ୍ଷ ମ୍ୟାଚ ପାଇଁ ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଓଡ଼ିଶାର ତାରକା ଡିଫେଣ୍ଡର ଅମିତ ରୋହିଦାସ ଅଧିନାୟକ ପଦ ବଜାୟ ରଖିଛନ୍ତି। ଉପ-ଅଧିନାୟକ ରହିଛନ୍ତି ହରମନପ୍ରୀତ ସିଂ। ଏହା ପୂର୍ବରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଂଲଣ୍ଡ ଏବଂ ଜର୍ମାନୀ ବିପକ୍ଷ ମ୍ୟାଚରେ ଅମିତଙ୍କ ନେତୃତ୍ୱରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ୪ଟି ଯାକ ମ୍ୟାଚରେ ବିଜୟୀ ହୋଇଥିଲା ଭାରତୀୟ ଦଳ। ତେଣୁ ହକି ଇଣ୍ଡିଆ ମ୍ୟାନେଜମେଣ୍ଟ ଅମିତଙ୍କ ଉପରେ ପୁଣି ଆସ୍ଥା ସ୍ଥାପନ କରିଛି। ତେବେ ବିଦେଶ ମାଟିରେ ଅମିତ ପ୍ରଥମଥରପାଇଁ ଭାରତୀୟ ଦଳର ନେତୃତ୍ୱ ନେବେ। ଦଳରେ ଓଡ଼ିଶାର ଶୀଳାନନ୍ଦ ଲାକ୍ରା ମଧ୍ୟ ସ୍ଥାନ ପାଇଛନ୍ତି। ସମ୍ପ୍ରତି ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ଭାରତ ଜୁନ୍ ୧୧ ଓ ୧୨ରେ ଆଣ୍ଟୱେର୍ପଠାରେ ବେଲଜିୟମ ସହିତ ଏବଂ ୧୮ ଏବଂ ୧୯ରେ ରୋଟରଡାମଠାରେ ନେଦରଲାଣ୍ଡ ବିପକ୍ଷରେ ଖେଳିବ। ଦଳ ସମ୍ପର୍କରେ ମତ ଦେବାକୁ ଯାଇ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି ଯେ, ''ପ୍ରୋ ଲିଗ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆସିଛି। ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ଆମେ ସେମାନଙ୍କ ଘରୋଇ ଗ୍ରାଉଣ୍ଡରେ ଖେଳିବାକୁ ଯାଉଛୁ। ଘରୋଇ ପରିବେଶରେ ଆମେ ସୃଷ୍ଟି କରିଥିବା ମୋମେଣ୍ଟମକୁ ଏବେ ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ ହେବ''। ବିଦେଶ ପରିବେଶରେ ଖେଳିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହୋଇଥିବା ରିଡ୍ ସୂଚନା ଦେଇଛନ୍ତି। ''ବେଙ୍ଗାଲୁରୁସ୍ଥିତ ସାଇ ଜାତୀୟ କ୍ୟାମ୍ପରେ ଆମେ ଆମର ଏପର୍ଯ୍ୟନ୍ତ ପ୍ରଦର୍ଶନକୁ ଅନ୍ତର୍ନିରିକ୍ଷଣ କରିଥିଲୁ। ୟୁରୋପରେ କିପରି ଉନ୍ନତ ପ୍ରଦର୍ଶନ କରିପାରିବୁ ତାକୁ ଦୃଷ୍ଟିରେ ରଖି ରଣନୀତି ପ୍ରସ୍ତୁତ କରିଛୁ। ଦଳରେ ବିଶେଷ ପରିବର୍ତ୍ତନ କରାଯାଇନାହିଁ। ପ୍ରତି ଖେଳାଳିଙ୍କର ପୂର୍ବରୁ ପ୍ରୋ ଲିଗ୍‌ରେ ଖେଳିବା ଅଭିଜ୍ଞତା ରହିଛି। ତେଣୁ ଆମେ ବେଲଜିୟମ ଓ ନେଦରଲାଣ୍ଡ ବିପକ୍ଷରେ ଭଲ ଖେଳିବାକୁ ଆଶା ରଖିଛୁ'' ବୋଲି ରିଡ୍ ପ୍ରକାଶ କରିଛନ୍ତି।


ଅମିତ ରୋହିଦାସ

**ଭାରତୀୟ ଦଳ**

ଗୋଲକିପର: ସୂରଜ କରକେରା, ଶ୍ରୀଜେଶ୍ ପାରାଟ୍ଟୁ ରବିନ୍ଦ୍ରନ। ଡିଫେଣ୍ଡର: ସୁରେନ୍ଦର କୁମାର, ହରମନପ୍ରୀତ ସିଂ (ଉପ-ଅଧିନାୟକ), ବରୁଣ କୁମାର, ଅମିତ ରୋହିଦାସ (ଅଧିନାୟକ), ଯୁଗରାଜ ସିଂ, ଜରମନପ୍ରୀତ ସିଂ। ମିଡ୍‌ଫିଲ୍ଡର: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ଶମଶେର ସିଂ, ବିବେକ ସାଗର ପ୍ରସାଦ, ଆକାଶଦୀପ ସିଂ, ନିଳକାନ୍ତ ଶର୍ମା। ଫରୱାର୍ଡ: ଗୁରଜାନ୍ତ ସିଂ, ମନଦୀପ ସିଂ, ଶୀଳାନନ୍ଦ ଲାକ୍ରା, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ।

# ଷ୍ଟବ୍ଲେଟି କୁକ୍‌ଙ୍କ ବିଶ୍ୱ ରେକର୍ଡ

**ଆଡିଲେଡ୍, ୧୯।୫ (ଏପି):** ଅଷ୍ଟ୍ରେଲିଆନ ସୁଇମିଂ ଚାମ୍ପିୟନଶିପ୍ ପୁରୁଷ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଅଲିମ୍ପିକ ଚାମ୍ପିୟନ ଜ୍ୟାକ୍ ଷ୍ଟବ୍ଲେଟି କୁକ୍ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ସେ ୨ମିନିଟ ୫.୯୫ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ। ପୂର୍ବରୁ ଏହି ରେକର୍ଡ ରୁଷିଆ ସୁଇମର ଆଣ୍ଟନ ଚୁପ୍‌କୋଭ୍‌ଙ୍କ ନାମରେ ରହିଥିଲା । ସେ ୨୦୧୯ରେ ଦକ୍ଷିଣ କୋରିଆର ଗ୍ୱାଙ୍ଗଜୁଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ୨:୦୬.୧୨ ଟାଇମିଂରେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ୨୩ ବର୍ଷୀୟ ଷ୍ଟବ୍ଲେଟି କୁକ୍ ଗତବର୍ଷ ଟୋକିଓ ଗେମ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ଏକ ଅଲିମ୍ପିକ ରେକର୍ଡ କରିଥିଲେ।



## ରାଜସ୍ଥାନକୁ ୫-୦ରେ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି):** ତାମିଲନାଡୁର ଗୋଭିଲପଟ୍ଟିଠାରେ ଆରମ୍ଭ ହୋଇଥିବା ୧୨ତମ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଗୁରୁବାର ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ୫-୦ ଗୋଲରେ ରାଜସ୍ଥାନକୁ ହରାଇ ଦେଇଛି। ଓଡ଼ିଶା ପକ୍ଷରୁ ଦୀପକ ମିଞ୍ଜ ୨୪ ଓ ୪୫ ଏବଂ ଅଧିନାୟକ ଲାବନ ଲୁଗୁନ ୩୩ ଓ ୪୦ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ଗୋଲଟି ରୋଶନ କୁଜୁର ୩୪ତମ ମିନିଟରେ ସ୍କୋର କରିଥିଲେ। ପୂରା ମ୍ୟାଚରେ ଉନ୍ନତ ପ୍ରଦର୍ଶନ ପାଇଁ ଲାବନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।




## ରିଙ୍ଗ୍‌ରେ ଅପରାଜେୟ ବକ୍ସରଙ୍କ ମୃତ୍ୟୁ



**ମ୍ୟୁନିକ୍, ୧୯।୫:** କ୍ୟାରିୟରରେ ଅପରାଜେୟ ଥିବା ଜର୍ମାନ ଚାମ୍ପିୟନ ମୁସା ୟାମାକ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ମ୍ୟୁନିକ୍‌ଠାରେ ଉଗାଣ୍ଡାର ହାମଜା ୱାଣ୍ଡେରାଙ୍କ ବିପକ୍ଷ ମ୍ୟାଚ୍ ବେଳେ ୩୮ ବର୍ଷୀୟ ବକ୍ସର ରିଙ୍ଗ୍‌ରେ ହୃଦଘାତର ସମ୍ମୁଖୀନ ହୋଇଥିଲେ। ଏହି ଫାଇଟର ତୃତୀୟ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହେବାର କିଛି କ୍ଷଣ ପୂର୍ବରୁ ମୁସା ହଠାତ୍ ଚେତାଶୂନ୍ୟ ହୋଇ ରିଙ୍ଗରେ ପଡ଼ିଯାଇଥିଲେ। ଦ୍ୱିତୀୟ ରାଉଣ୍ଡରେ ପ୍ରତିପକ୍ଷ ବକ୍ସର ୱାଣ୍ଡେରାଙ୍କ ଏକ ଶକ୍ତିଶାଳୀ ମୁଥା ଯୋଗୁ ମୁସା ତଳେ ପଡ଼ି ଯାଇଥିଲେ। ଏହାପରେ ସେ ତୃତୀୟ ରାଉଣ୍ଡରେ ୱାଣ୍ଡେରାଙ୍କ ମୁକାବିଲା କରିବା ଲାଗି ରିଙ୍ଗ୍ ମଧ୍ୟକୁ ଆସିଥିଲେ। ହେଲେ ଫାଇଟ୍ ଆରମ୍ଭ ହେବାର କ୍ଷଣିକ ପୂର୍ବରୁ ସେ ତଳେ ପଡ଼ିଯାଇଥିଲେ। ରିଙ୍ଗ୍‌ରେ ତାଙ୍କ ଚେତା ଫେରାଇ ଆଣିବାକୁ ଉଦ୍ୟମ କରାଯିବା ସହ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନିଖତ ହେଲେ ବିଶ୍ୱ ବକ୍ସିଂ ଚାମ୍ପିୟନ

**ନୂଆଦିଲ୍ଲୀ, ୧୯।୫ (ପି.ଟି.):** ଭାରତର ନିଖତ ଜରିନ୍ ୫ମ ଭାରତୀୟ ମହିଳା ବକ୍ସର ଭାବେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଇସ୍ତାନବୁଲ୍‌ଠାରେ ଚାଲିଥିବା ମହିଳା ବିଶ୍ୱ ଚାମ୍ପିୟନଶିପ୍ ଫ୍ଲାଇୱେଟ୍ (୫୨କେଜି) ଫାଇନାଲରେ ସେ ୫-୦ରେ ଥାଇଲାଣ୍ଡର ଜିଟ୍‌ପଙ୍ଗ ଜୁଟାମାସଙ୍କୁ ହରାଇ ଦେଇଛନ୍ତି। ବିଶ୍ୱ ଟାଇଟଲ ଜିତିଥିବା ଅନ୍ୟ ଭାରତୀୟ ମହିଳା ବକ୍ସରମାନେ ହେଲେ ମେରୀକମ୍ (୨୦୦୨, ୨୦୦୬, ୨୦୦୮, ୨୦୧୦ ଓ ୨୦୧୮), ସରିତା ଦେବୀ (୨୦୦୬), ଜେନି ଆର.ଏଲ୍. ଓ ଲେଖା କେ.ସି.। ଜରିନ୍‌ଙ୍କ ବ୍ୟତୀତ ମନିଷା ମୋନ୍ (୫୭କେଜି) ଓ ପଦାର୍ପଣକାରୀ ପ୍ରବୀନ ହୁଡା (୬୩କେଜି) ବ୍ରୋଞ୍ଜ ପଦକ ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ପ୍ରତିଯୋଗିତା ଲାଗି ଭାରତ ୧୨ ଜଣିଆ ଦଳ ପଠାଇଥିଲା। ୪ ବର୍ଷ ପରେ ଜଣେ ଭାରତୀୟ ବିଶ୍ୱ ଚାମ୍ପିୟନ ହୋଇପାରିଛି। ଏହାର ପୂର୍ବରୁ ୨୦୧୮ ସଂସ୍କରଣରେ ମେରୀକମ୍ ୪୮କେଜି ଶ୍ରେଣୀରେ ସ୍ୱର୍ଣ୍ଣ ଜିତିଥିଲେ। ଗତଥର ତୁଳନାରେ କିନ୍ତୁ ଭାରତ ଏଥର ଗୋଟିଏ କମ୍ ପଦକ ପାଇଛି।


ପଦକ ସହ ନିଖତ ଜରିନ।

# ବାରବାଟୀରେ ଶତ ପ୍ରତିଶତ ଦର୍ଶକଙ୍କୁ ଅନୁମତି

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦**

**ମୁମ୍ବାଇ, ୧୯।୫**

ଖେଳପ୍ରେମୀଙ୍କ ଲାଗି ଖୁସିର ଖବର। ଜୁନ୍ ୧୨ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଲାଗି ଶତପ୍ରତିଶତ ଦର୍ଶକଙ୍କୁ ନେଇ ହୋଇପାରିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିପାଇଁ ଅନୁମତି ପ୍ରଦାନ କରିଛି। ଭାରତ ଓ ଭ୍ରମଣକାରୀ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଜୁନ୍ ୯ରୁ ଆରମ୍ଭ ହେବ। ସମସ୍ତ ମ୍ୟାଚ୍ ଦର୍ଶକଭରା ଷ୍ଟାଡିୟମରେ ଖେଳାଯିବ।



ମ୍ୟାଚଗୁଡ଼ିକ ନୂଆଦିଲ୍ଲୀ, କଟକ, ବିଶାଖାପାଟଣା, ରାଜକୋଟ ଓ ବେଙ୍ଗାଲୁରୁରେ ହେବ। ବିସିସିଆଇ ପୂର୍ବରୁ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ଲେ-ଅଫ ମ୍ୟାଚଗୁଡ଼ିକ ଲାଗି ଷ୍ଟାଡିୟମରେ ଶତ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦେଇସାରିଥିଲା। ଦେଶରେ କରୋନା ମହାମାରୀ ସ୍ଥିତିରେ ସୁଧାର ଆସିଛି। ତେଣୁ କୋଭିଡ୍ ପ୍ରୋଟୋକଲକୁ କୋହଳ କରାଯାଇଛି। ବିସିସିଆଇ ଶତପ୍ରତିଶତ ଦର୍ଶକଙ୍କୁ ଅନୁମତି ଦେବା ଦ୍ୱାରା ଲୋକେ ଷ୍ଟାଡିୟମକୁ ଆସି ମ୍ୟାଚକୁ ପୂର୍ବଭଳି ଉପଭୋଗ କରିପାରିବେ। ଦକ୍ଷିଣ ଆଫ୍ରିକା ଇତିମଧ୍ୟରେ ଭାରତ ବିପକ୍ଷ ଟି୨୦ ସିରିଜ ପାଇଁ ଏହାର ଦଳ ଘୋଷଣା କରିସାରିଛି।

## ଅନ୍‌ଲାଇନ ଓପନ ଚେସ୍: ମହେନ୍ଦ୍ର ଚାମ୍ପିୟନ

**ଭୁବନେଶ୍ୱର, ୧୯।୫ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଅଲେଖ ଚନ୍ଦ୍ର ଦେବତା ମେମୋରିଆଲ୍ ଅନ୍‌ଲାଇନ୍ ଚେସରେ ଆନ୍ଧ୍ର ପ୍ରଦେଶର ମହେନ୍ଦ୍ର ତେଜା ମେକଲା ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୫.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ୩ ଜଣ ଖେଳାଳି ମଧ୍ୟ ୫.୫ ପଏଣ୍ଟ ପାଇଥିଲେ ହେଁ ଯଥାକ୍ରମେ ଦ୍ୱିତୀୟରୁ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ସେମାନେ ହେଲେ ଗୁଜରାଟର କର୍ତ୍ତବ୍ୟ ଅନାଡକଟ୍, କଟକର ରବୀନ୍ଦ୍ର କୁମାର ଓଝା ଓ ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡ଼ଙ୍ଗା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବନ ନାୟକ, ପ୍ରତ୍ୟାଂଶୁ ନାୟକ (ଉଭୟେ ୫ ପଏଣ୍ଟ), ସାଇ ଶକ୍ତି ପଣ୍ଡା, ଉଦୟ ପରିଡ଼ା (ଉଭୟେ ୪.୫), ଇ. ସୁରେଶ ରାଓ, ଭୀମସେନ ପ୍ରଧାନ, ସଂଗ୍ରାମ ଷଡ଼ଙ୍ଗୀ, ରମେନ କର୍ମକାର, ରବୀନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମଣ୍ଡଳ (ସମସ୍ତେ ୪) ଏବଂ ଅରିଜିତ ସାହୁ (୩.୫) ଟପ୍-୧୫ ଫିନିଶ୍ କରିଛନ୍ତି। ଏମାନଙ୍କ ବ୍ୟତୀତ ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଗୁଗଲ ମିଟ୍‌ରେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ସିଡ୍ରିମ୍ଜ୍ ଇ-କମର୍ସର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦେବତା ମୁଖ୍ୟ ଅତିଥି ଏବଂ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜିର ବିବିଏ ବିଭାଗ ମୁଖ୍ୟ ନର୍ଗିସ ବେଗମ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟ ଆସୋସିଏଶନ ଉପସଭାପତି ବିମଳ ପ୍ରସାଦ ମହାନ୍ତି ଏବଂ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ଥିଲେ।


ମହେନ୍ଦ୍ର ତେଜା ମେକଲା



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୨୦/୨୦୨୨ Bhubaneswar, Friday, May 20/ 2022

# ଭାରତୀୟ ମହିଳା ଦଳକୁ ବ୍ରୋଞ୍ଜ



ବ୍ରୋଞ୍ଜ ବିଜୟୀ ଭାରତୀୟ ମହିଳା ତୀରନ୍ଦାଜୀ ଦଳ।

**ଗ୍ୱାଙ୍ଗଜୁ,୧୯।୫:** ଭାରତୀୟ ମହିଳା ତୀରନ୍ଦାଜ ଦଳ ଗୁରୁବାର ଚଳିତ ବିଶ୍ୱକପ୍ ଷ୍ଟେଜ୍-୨ ପ୍ରତିଯୋଗିତାର ରେକର୍ଭ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛି। ଏଥିଯୋଗୁ ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ରିଧି ଫୋର, କୋମଲିକା ବାରି ଓ ଅଙ୍କିତା ଭାକଟଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଚାଇନିଜ ତାଇପେକୁ ଏକତରଫା ଭାବେ ୬-୨ (୫୬-୫୨, ୫୪-୫୧, ୫୪-୫୫, ୫୫-୫୪)ରେ ପରାସ୍ତ କରିଛି। ୩

## ତୀରନ୍ଦାଜ ବିଶ୍ୱ କପ୍ ଷ୍ଟେଜ୍-୨

ତୀରନ୍ଦାଜ ପ୍ରଥମ ୧୨ ତୀରରେ ୩ ପରଫେକ୍ଟ ୧୦ ଓ ୮ ଥର ୯ ସ୍କୋର କରିଥିଲେ। ପ୍ରଥମ ଭଳି ଦ୍ୱିତୀୟ ସେଟ୍‌କୁ ଭାରତ ଅତି ସହଜରେ ଜିତି ନେଇଥିଲା। ଦୁଇଟି ତୀର (୮-୭) ରେଡ୍ ସର୍କଲ ଭିତରେ ଲାଗିବାରୁ ତୃତୀୟ ସେଟ୍‌କୁ ଭାରତ ଜିତି ପାରି ନ ଥିଲା। କିନ୍ତୁ ଗୋଟିଏ ୧୦ ଏବଂ ୫ ଥର ୯ ସ୍କୋର ଯୋଗୁ ସେମାନେ ଚତୁର୍ଥ ସେଟ୍ ସହ ମ୍ୟାଚ୍‌କୁ ଜିତି ନେଇଥିଲେ। ସେମିଫାଇନାଲରେ ଫେଭରାଇଟ୍ କୋରିଆ ଠାରୁ ୨-୬(୫୩-୫୫, ୫୭-୫୫, ୫୧-୫୩, ୪୩-୫୩)ରେ ପରାସ୍ତ ହେବାରୁ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ତରୁନଦୀପ ରାଇ, ଜୟନ୍ତ ତାଲୁକଦାର ଓ ପଦାର୍ପଣକାରୀ ନୀରଜ ଚୌହ୍ୱାନଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ କ୍ୱାର୍ଟର ଫାଇନାଲରୁ ଅପେକ୍ଷାକୃତ କମ୍ ର୍ୟାଙ୍କଧାରୀ ଫ୍ରାନ୍ସଠାରୁ ପରାସ୍ତ ହୋଇଛି। ୭ମ ସିଡ୍ ଭାରତୀୟ ପୁରୁଷ ଦଳକୁ ୨-୬(୫୪-୫୭, ୫୫-୫୨, ୫୩-୫୫, ୪୭-୫୩)ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପ୍ରଥମ ସେଟ୍‌ରେ ଦୁଇଟି ୮ ଶଟ୍ ପରେ ଭଲ ପ୍ରଦର୍ଶନ କରି ଦ୍ୱିତୀୟ ସେଟ୍‌କୁ ଜିତି ଭାରତ ମ୍ୟାଚ୍‌କୁ ଫେରିଥିଲେ। କିନ୍ତୁ ତୃତୀୟ ସେଟ୍‌ରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ପରାସ୍ତ ହେବାକୁ ପଡ଼ିଥିଲା। ହେଲେ ଚତୁର୍ଥ ସେଟ୍‌ରେ ଭାରତୀୟ ତୀରନ୍ଦାଜ ଦୁଇ ଥର ରେଡ୍ ସର୍କଲ (୮-୭) ଓ ଥରେ ବ୍ଲୁ ସର୍କଲ (୬)କୁ ଶଟ୍ କରି ନିରାଶ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରତିଯୋଗିତାରେ ପୁରୁଷ କମ୍ପାଉଣ୍ଡ ଦଳ ଫାଇନାଲରେ ପ୍ରବେଶ କରି ରୌପ୍ୟ ପଦକ ନିଶ୍ଚିତ କରିଥିବା ବେଳେ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି।

# ନିୟନ୍ତ୍ରଣ ହରାଇଲେ ୱେଡ୍

**ମୁମ୍ବାଇ,୧୯।୫:** ଆଇପିଏଲ୍‌ର ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ବିସ୍ଫୋରକ ବ୍ୟାଟିଂ କରୁଥିବା ବେଳେ ମାଥ୍ୟୁ ୱେଡ୍ ମ୍ୟାଚ୍‌ର ୫ମ ଓଭର ବୋଲିଂ କରୁଥିବା ଗ୍ଲେନ ମ୍ୟାକ୍ସୱେଲଙ୍କ ଦ୍ୱିତୀୟ ବଲରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। କିନ୍ତୁ ସେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ରିଭ୍ୟୁ ନେଇଥିଲେ। ରିପ୍ଲେରେ ବଲ୍ ଓ ବ୍ୟାଟ୍ ମଧ୍ୟରେ କୌଣସି ସମ୍ପର୍କ ନ ଥିବା ବେଳେ ଥାର୍ଡ ଅମ୍ପାୟର ଏହାକୁ ଆଉଟ୍ ଦର୍ଶାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ଫିଲ୍ଡରେ ଚିତ୍କାର କରିଥିଲେ। ଏପରି କି ଡ୍ରେସିଂ ରୁମ୍‌ରେ ପହଞ୍ଚିବା ପରେ ମଧ୍ୟ ସେ ନିଜ ଉପରେ ନିୟନ୍ତ୍ରଣ ରଖିପାରି ନ ଥିଲେ। ଡ୍ରେସିଂ ରୁମ୍‌ରେ ପହଞ୍ଚିବା କ୍ଷଣି ସେ ହେଲମେଟ ଫୋପାଡ଼ିବା ସହ ବ୍ୟାଟ୍‌ରେ ଚଟାଣକୁ ବାଡ଼େଇଥିଲେ।

# ଖେଳିବେନି ଆର୍ଚର

**ଲଣ୍ଡନ,୧୯।୫(ପି.ଟି.):** ଇଞ୍ଜୁରି ଯୋଗୁ ଇଂଲଣ୍ଡର ପେସ୍ ବୋଲର ଜୋଫ୍ରା ଆର୍ଚର ସମଗ୍ର ସିଜନ ଖେଳିପାରିବେ ନାହିଁ। କ୍ରିକେଟ ବୋର୍ଡ ଇସିବି (ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ) ଗୁରୁବାର ଏକଥା ପ୍ରକାଶ କରିଛି। ଫଳତଃ ସେ ଜୁଲାଇରେ ଭାରତ ବିପକ୍ଷ ଟେଷ୍ଟ ମ୍ୟାଚରେ ଖେଳିପାରିବେ ନାହିଁ।

# ପ୍ଲେଅଫ୍ ଦୌଡ଼ରେ ରହିଲା ଆର୍‌ସିବି

**ମୁମ୍ବାଇ,୧୯।୫**

ଫର୍ମକୁ ଫେରିଛନ୍ତି ବିରାଟ କୋହଲି। ତାଙ୍କ ୭୩ ରନ୍‌ର ଇନିଂସ ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୮ ଉଇକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ବାଙ୍ଗାଲୋର ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉଠିବା ସହିତ ପ୍ଲେଅଫ୍‌ରେ ଖେଳିବା ସମ୍ଭାବନା ସୃଷ୍ଟି କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୬୮ ରନ୍ କରିଥିଲା। ଅଧିନାୟକ ହାର୍ଦ୍ଦିକ ୬୨ (୪ ଚୌକା ଓ ୩ ଛକା) ରନ୍ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ୍ ମିଲର (୩୪ ରନ୍, ୩ ଛକା), ଋଦ୍ଧିମାନ ଶାହା ୩୧ (୪ ଚୌକା ଓ ୧ ଛକା) ରନ୍ କରିଥିଲେ। ଆର୍‌ସିବି ପକ୍ଷରୁ ଜୋଶ ହାଜେଲଉଡ୍ ୨ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ ଆଟାକିଂ ବ୍ୟାଟିଂ କରିଥିଲେ ବିରାଟ କୋହଲି ଓ ଅଧିନାୟକ ଫାଫ ଡୁ'ପ୍ଲେସି। ଦୁହେଁ ୧୧୫ ରନ୍ ଯୋଡ଼ିଥିଲେ। ୧୫ତମ ଓଭରରେ ଏହି ଯୋଡ଼ିକୁ ଭାଙ୍ଗିଥିଲେ ରଶିଦ ଖାନ। ଡୁ'ପ୍ଲେସି ୪୪ (୫ ଚୌକା)ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ପରେ ପ୍ୟାଭିଲିଅନ ଫେରିଥିଲେ କୋହଲି। ସେ ୫୪ ବଲରେ ୭୩ (୮ ଚୌକା ଓ ୨ ଛକା) ରନ୍ କରିଥିବା ବେଳେ ରଶିଦଙ୍କ ବଲରେ ଷ୍ଟମ୍ପିଂ ଆଉଟ୍ ହୋଇଥିଲେ। ଚଳିତ ଆଇପିଏଲରେ ଏହା କୋହଲିଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ତା' ପରେ ମ୍ୟାକ୍ସୱେଲ ୧୮ ବଲରେ ବିସ୍ଫୋରକ ୪୦(୫ ଚୌକା ଓ ୨ ଛକା) ରନ୍ ଖେଳିଥିଲେ। ଫଳରେ ୧୮.୪ ଓଭରରେ ୨ ଉଇକେଟରେ ୧୭୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିରାଟ କୋହଲି।

## ଆଇପିଏଲ୍-୧୫

**ଆଜିର ମ୍ୟାଚ**

**ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ: ୨୦ ଓଭରରେ ୧୬୮/୫(ହାର୍ଦ୍ଦିକ ପାଣ୍ଡ୍ୟା-୬୨*, ଡେଭିଡ୍ ମିଲର -୩୪, ଋଦ୍ଧିମାନ ଶାହା-୩୧, ଜୋସ ହାଜେଲଉଡ-୨/୩୯)। ବାଙ୍ଗାଲୋର: ୧୮.୪ ଓଭରରେ ୧୭୦/୨ (ବିରାଟ କୋହଲି-୭୩, ଫାଫ ଡୁ'ପ୍ଲେସି-୪୪, ଗ୍ଲେନ ମ୍ୟାକ୍ସୱେଲ-୪୦*, ରଶିଦ ଖାନ-୨/୩୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୪ | ୧୦ | ୪ | ୨୦ | +୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୯ | ୫ | ୧୮ | +୦.୨୫୧ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୧୬ | +୦.୩୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୪ | ୮ | ୬ | ୧୬ | -୦.୨୫୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୭ | ୬ | ୧୪ | +୦.୨୫୫ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୬ | ୮ | ୧୨ | +୦.୧୪୬ |
| ପଞ୍ଜାବ କିଙ୍ଗ୍ସ | ୧୩ | ୬ | ୭ | ୧୨ | +୦.୦୪୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୬ | ୭ | ୧୨ | -୦.୨୩୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୪ | ୯ | ୮ | +୦.୨୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୩ | ୧୦ | ୬ | -୦.୫୭୭ |

# ୮ଟାରେ ଆରମ୍ଭ ହେବ ଆଇପିଏଲ୍ ଫାଇନାଲ

**ମୁମ୍ବାଇ,୧୯।୫:** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫାଇନାଲ ମ୍ୟାଚ୍ ରାତି ୭ଟା ୩୦ ବଦଳରେ ୮ଟାରେ ଆରମ୍ଭ ହେବ। କ୍ରିକ୍‌ବଜରୁ ମିଳିଥିବା ସୂଚନା ମୁତାବକ, ଫାଇନାଲ ମ୍ୟାଚ୍ ପୂର୍ବରୁ ଏକ ସାଂସ୍କୃତିକ ଉଦ୍‌ଯାପନୀ ସମାରୋହ ଆୟୋଜନ ହେବ। ଚଳିତ ସିଜନର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦର ମୋଟେରାସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆସନ୍ତା ୨୯ ତାରିଖରେ ଖେଳାଯିବ। ବିସିସିଆଇ ଓ ଆଇପିଏଲ୍ ଅଧିକାରୀଙ୍କଠାରୁ କ୍ରିକ୍‌ବଜକୁ ମିଳିଥିବା ସୂଚନା ମୁତାବକ, ଉଦ୍‌ଯାପନୀ ଉତ୍ସବରେ ବଲିଉଡ୍ ଷ୍ଟାରଙ୍କୁ ଦେଖିବାକୁ ମିଳିବ। ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ ଏବଂ ୫୦ ମିନିଟ୍ ଧରି ଚାଲିବ। ୭ଟା ୩୦ରେ ଟସ୍ ପଡ଼ିବ ଓ ଏହାର ୩୦ ମିନିଟ୍ ପରେ ମ୍ୟାଚ୍ ଆରମ୍ଭ ହେବ।

ତେବେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ବଲିଉଡ୍ ଷ୍ଟାରଙ୍କ ଉପସ୍ଥିତି କିଛି ନୂଆ ଘଟଣା ନୁହେଁ। ୨୦୦୮ରୁ ୨୦୧୭ ପର୍ଯ୍ୟନ୍ତ ନିୟମିତ ଭାବେ ଉଭୟ ସମାରୋହରେ ବଲିଉଡ୍ ଷ୍ଟାର ଅଂଶଗ୍ରହଣ କରୁଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସନିକ କମିଟି (ସିଓଏ)ର ୩ ବର୍ଷର କାର୍ଯ୍ୟକାଳରେ ଏହାକୁ ବନ୍ଦ ରଖାଯାଇଥିଲା। ତା' ପରେ ମହାମାରୀ ଯୋଗୁ ଗତ ଦୁଇ ବର୍ଷ ହେଲା ଏହି ଧାରା ଜାରି ରହିଥିଲା। ଏପରି କି ଚଳିତ ବର୍ଷ ମାର୍ଚ୍ଚ ୨୬ ତାରିଖରେ, ଯେତେବେଳେ ଆଇପିଏଲ ଆରମ୍ଭ ହେଲା ସେତେବେଳେ କୌଣସି ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରାଯାଇ ନ ଥିଲା। ପରେ ବସିଥିବା ଆପେକ୍ସ କାଉନ୍ସିଲ ବୈଠକରେ ଉଦ୍‌ଯାପନୀ ସମାରୋହ ଲାଗି ନିଷ୍ପତ୍ତି ନିଆଯାଇଥିଲା।

# ସିନ୍ଧୁ କ୍ୱାର୍ଟରରେ, ଓହରିଗଲେ ଶ୍ରୀକାନ୍ତ

**ବ୍ୟାଙ୍କକ୍, ୧୯।୫ (ପି.ଟି.):** ଥାଇଲାଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଜଣେ ମାତ୍ର ଭାରତୀୟ ଖେଳାଳି ପି.ଭି. ସିନ୍ଧୁ ଟିକି ରହିଛନ୍ତି। ଦୁଇଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜୟିନୀ ଓ ବିଶ୍ୱର ୭ ନମ୍ବର ମାନ୍ୟତାପ୍ରାପ୍ତ ଏହି ଖେଳାଳି ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ କୋରିଆର ସିମ୍ ୟୁନ୍ ଜିନ୍‌ଙ୍କୁ ୨୧-୧୬, ୨୧-୧୩ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ। ଅନ୍ୟପକ୍ଷରେ ଥମାସ କପ୍‌ରେ ଭାରତର ଐତିହାସିକ ସଫଳତା ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କିଦାମ୍ବି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରୁ ଓହରିଯାଇଛନ୍ତି। ଫଳରେ ତାଙ୍କ ପ୍ରତିପକ୍ଷ ଖେଳାଳି ଆୟର୍ଲାଣ୍ଡର ଏନ୍‌ହାଟ୍ ଏନ୍‌ଗୁୟେନଙ୍କୁ ୱାକଓଭର ମିଳିଛି। ସେ କାହିଁକି ଓହରିଗଲେ ତାହାର କାରଣ ଜଣାପଡ଼ିନାହିଁ। ବିଶ୍ୱର ଏକାଦଶ ମାନ୍ୟତାପ୍ରାପ୍ତ ତଥା ଏଠାରେ ୮ମ ସିଡ୍ ତାଙ୍କ ଓପନିଂ ରାଉଣ୍ଡ ମ୍ୟାଚ୍‌ରେ ଫ୍ରାନ୍ସର ବ୍ରାଇସ୍ ଲିଭରଡେଜ୍‌ଙ୍କୁ ୧୮-୨୧, ୨୧-୧୦ ଓ ୨୧-୧୬ରେ ପରାସ୍ତ କରିଥିଲେ। ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ମାଳବିକା ବନ୍‌ସୋଡ୍ ୨୧-୧୬, ୧୪-୨୧, ୧୪-୨୧ରେ ଡେନ୍ମାର୍କର ଲିନ୍ ଖ୍ରିଷ୍ଟୋଫର୍ସନଙ୍କଠାରୁ ୨୧-୧୬, ୧୪-୨୧ ଓ ୧୪-୨୧ରେ ହାରିଯାଇଛନ୍ତି। ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ଇଶାନ ଭଟନାଗର ଓ ତନିଷା କାଷ୍ଟ୍ରୋ ମଧ୍ୟ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହିଯୋଡ଼ି ୧୯-୨୧, ୨୦-୨୨ରେ ୬ଷ୍ଠ ସିଡ୍ ମାଲେସିଆ ଯୋଡ଼ି ଜୋ ସୁନ୍ ହୁଆଟ୍ ଓ ଲାଇ ଶେଭନ ଜେମିଙ୍କ ନିକଟରୁ ହାରିଯାଇଛନ୍ତି। ଖେଳାଳି ପି.ଭି. ସିନ୍ଧୁଙ୍କୁ ଏଠାରେ ୬ଷ୍ଠ ସିଡ୍ ମାନ୍ୟତା ମିଳିଛି। ବର୍ତ୍ତମାନ ସେ କୋରିଆକୁ ଉବର କପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସିମ୍ ୟୁ ଜିନ୍‌ଙ୍କୁ ଭେଟିବେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# କାମରେ ଲାଗୁନି ଏମ୍ଆଇପି ଯୋଜନା

**ଯାଜପୁର ଜିଲାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆରମ୍ଭ ହେବା ପରେ ଚାଷୀଙ୍କ ମନରେ ନୂତନ ଆଶା ଜାଗି ଥିଲା। ଜମିରେ ପାଣି ମାଡିବ । ସୁନାର ଫସଲ ଫଳିବ । ମରୁଡ଼ି ଦାଉରୁ ଫସଲ ବଞ୍ଚିବ। ହେଲେ ଚାଷୀଙ୍କ ସେହି ଆଶା ମଉଳି ଯାଉଛି ।**

- - - - - - - - - -

**ଯାଜପୁର ଅଫିସ/ ରଗଡି(ଡି.ଏନ.ଏ.),୧୯।୫**

ମରୁଡ଼ି ତଥା ସ୍ୱଳ୍ପ ବୃଷ୍ଟିପାତ ସମୟରେ ଚାଷ ଜମିକୁ ଜଳଯୋଗାଣ ଲକ୍ଷ୍ୟ ନେଇ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍ଆଇପି) କାର୍ଯ୍ୟକାରୀ ହୋଇଛି । କିନ୍ତୁ ଯାଜପୁର ଜିଲାରେ ଅନେକ କୋଟି ଟଙ୍କାର ପ୍ରକଳ୍ପ ଥାଇ ସୁଦ୍ଧା କୌଣସି କାମରେ ଲାଗୁ ନାହିଁ। ଫଳରେ କୃଷି ଓ କୃଷକଙ୍କ ବିକାଶ ହୋଇ ପାରୁନାହିଁ। ରାଜ୍ୟ ସରକାରଙ୍କ ଜଳସେଚନ ଯୋଜନା କେବଳ କାଗଜ କଲମରେ ସୀମିତ ହୋଇଛି। ଯାଜପୁର ଜିଲା କୋରେଇ ବ୍ଲକ ତୁଳତି ଏମ୍ଆଇପି ପ୍ରକଳ୍ପକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ପ୍ରକଳ୍ପରେ ଗତ ୩ ବର୍ଷରେ ପ୍ରାୟ ୪୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଜଳସେଚନ ବ୍ୟବସ୍ଥାକୁ ଚାହିଁ ରହିଛନ୍ତି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଳିମିଶି ଅନୁଦାନ ସିଂହଭାଗ ଅର୍ଥ ହରିଲୁଟ କରିଥିବାରୁ ଚାଷୀଙ୍କ ଜମିରେ ପାଣି ମାଡିବା ଆଶା ଧୂଳିସାତ ହୋଇଛି ବୋଲି ଅଭିଯୋଗ ହୋଇଛି ।

ଯାଜପୁର ଜିଲା ସୁକିନ୍ଦା, ଦାନଗଦି, କୋରେଇ, ବଡ଼ଚଣା, ଧର୍ମଶାଳା, ବରୀ, ରସୁଲପୁର ବ୍ଲକର ଅଧିକାଂଶ ଜମି ଅଣଜଳସେଚିତ ଅଞ୍ଚଳ ଭାବେ ପରିଚିତ। ଏହି କ୍ରମରେ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଜିଲାରେ ୭୪ ଏମ୍ଆଇପି ନିର୍ମାଣ କରାଯାଇଛି। ସେଥିମଧ୍ୟରୁ କୋରେଇ ବ୍ଲକରେ ୮ ଏମ୍ଆଇପି ଜରିଆରେ ୮୦ ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଛି ବୋଲି ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। ହେଲେ ବାସ୍ତବରେ ଏଠାରେ ଜଳସେଚନ ସ୍ଥିତି ଅସ୍ପଷ୍ଟ ରହିଛି। କୋରେଇ ବ୍ଲକ ତୁଳତି ଏମ୍ଆଇପି ପୁନରୁଦ୍ଧାର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ୪୨ ଲକ୍ଷ ୫୦ ହଜାର ୩୧୧ ଟଙ୍କାର ବ୍ୟୟ ବରାଦ ହୋଇଥିଲା। ଏହି ପ୍ରକଳ୍ପର କାର୍ଯ୍ୟାଦେଶ କୁଳମଣି ଜେନା ନାମକ ଠିକାଦାରଙ୍କୁ ମିଳିଥିଲା । ଉକ୍ତ କାମ ୪।୨।୨୦୧୯ ରୁ ଆରମ୍ଭ ହୋଇ ୩।୮।୨୦୧୯ରେ ଶେଷ କରିବାକୁ ଅନୁମତି ଥିଲା। ତୁଳତି ପଞ୍ଚାୟତ କାର୍ଯ୍ୟାଳୟ ପଛ ପାଖରେ ଲାଗି ରହିଥିବା ୨ ପୋଖରୀକୁ ମିଶାଇ ଏହି ପ୍ରକଳ୍ପ ହୋଇଥିଲା। ଆଶା ଥିଲା ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୭୦ରୁ ଊର୍ଦ୍ଧ୍ୱ ଚାଷୀକୂଳ ଉପକୃତ ହୋଇପାରିବେ।



ଅଧା ପନ୍ତରିଆ ତୁଳତି ଏମ୍ଆଇପି ।

■ **ତୁଳତି ଏମ୍ଆଇପି ନାଁରେ ଅର୍ଥ ହରିଲୁଟ୍**

■ **ସମ୍ପୂର୍ଣ୍ଣ କାମ ନ କରି ଠିକାଦାର ଛୁ**

ଏଥିସହିତ ୫୦ ଏକରରୁ ଊର୍ଦ୍ଧ୍ୱ ଜମିକୁ ଜଳସେଚନ ହୋଇପାରିବ । ହେଲେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅସାଧୁ ମେଣ୍ଟ କାରଣରୁ ଚାଷୀଙ୍କ ଏହି ସ୍ୱପ୍ନ ଭାଙ୍ଗି ଯାଇଛି । ଠିକାଦାର ଜଣକ ସ୍ଥାନୀୟ କେତେଜଣ ମୁଷ୍ଟିମେୟ ଲୋକ ଓ ବିଭାଗୀୟ ଅଧିକାରୀମାନଙ୍କୁ ହାତ କରି ଏହି ପ୍ରକଳ୍ପ ଉନ୍ନତିକରଣ ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହାବାଦ୍ ଏହି ପ୍ରକଳ୍ପ କାମ ଅଧାପନ୍ତରିଆ ହୋଇ ପଡିରହିଛି । ମାତ୍ର ୨୫ ପ୍ରତିଶତ କାମ କରି ଠିକାଦାର ୨୯ ଲକ୍ଷ ୯୧ ହଜାର ଟଙ୍କାର ବିଲ କରି ନେଇଥିବା ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରୁ ଜଣାପଡିଛି ।

ଏ ସଂକ୍ରାନ୍ତରେ ସ୍ଥାନୀୟ ଚାଷୀ ପଠାଣ ସିଂ କହିଛନ୍ତି, ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଚାଷୀଙ୍କୁ ନାଲିଆଖି ଦେଖାଇ ଠିକାଦାର ନିଜ ମନଇଚ୍ଛା କାମ କରିଛନ୍ତି । ଏହି ପ୍ରକଳ୍ପର ଭିଜିଲାନ୍ସ ତଦନ୍ତ କରାଗଲେ ସମସ୍ତ ତଥ୍ୟ ପଦାକୁ ଆସିବ । ଏହାସହିତ ଉକ୍ତ ବିଭାଗରେ ବଢି ଚାଲିଥିବା ଦୁର୍ନୀତି ଉପରେ ରୋକ ଲାଗିପାରିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଏମ୍ଆଇପି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜି.ରାମାକ୍ରିଷ୍ଣାଙ୍କୁ ପଚାରିବାରେ ସେ କହିଛନ୍ତି, ତୁଳତି ପ୍ରକଳ୍ପରେ କିଛି ଜମି ଶ୍ମଶାନ କିସମ ଥିବା ଅଭିଯୋଗ ହେବାରୁ ଉକ୍ତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ହେଲେ ଯେତେ କାମ ହୋଇଛି ସେହି ପରିମାଣରେ ଠିକାଦାରଙ୍କୁ ଟଙ୍କା ଦିଆଯାଇଛି। ସଂପୃକ୍ତ ଯନ୍ତ୍ରୀ ଠିକ ଭାବେ ମାପଚୁପ କରି ବିଲ ପ୍ରସ୍ତୁତ କରିଛନ୍ତି। ଏଥିରେ କୌଣସି ଅନିୟମିତତା ହୋଇନାହିଁ।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ

**ପାଣିକୋଇଲି,୧୯।୫(ଡି.ଏନ.ଏ.):** ୫ ଲକ୍ଷ ଟଙ୍କା ଯୌତୁକ ଦାବିକରି ମହିଳାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇଛି। ଏଥିସହ ପୋଡ଼ି ମାରିଦେବାର ମସୁଧା ଓ ସ୍ୱାମୀଙ୍କ ଦ୍ୱିତୀୟ ବିବାହର ଧମକ ମଧ ମିଳିଛି। ଫଳରେ ସମ୍ପୃକ୍ତା ମହିଳା ଜୀବନ ବଞ୍ଚାଇବାକୁ ବାପଘରକୁ ଆସି ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ନଂ.୧୦୮/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ନିର୍ଯାତନାର ଶିକାର ମହିଳା ହେଲେ ଉକ୍ତ ଥାନା ଗୋଲେଇପୁର ପଞ୍ଚାୟତ ଶଗଡ଼ି ଗ୍ରାମର ବତୁଲାନ ବିବି। ୧୩ ବର୍ଷ ତଳେ ତାଙ୍କର ଯାଜପୁର ସଦର ଥାନା ଅନ୍ତର୍ଗତ ଆଦମପୁର ଗ୍ରାମର ସେକ ହଲିମଙ୍କ ପୁଅ ସେକ୍ ଅବଦୁଲ ହଲିମଙ୍କ ସହ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା। ହେଲେ ୩ ବର୍ଷ ହେବ ସ୍ୱାମୀ ୫ ଲକ୍ଷଟଙ୍କା ଯୌତୁକ ଦାବି କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ତେଣୁ ନିର୍ଯାତନା ସହି ନ ପାରି ବତୁଲାନ ବିବି ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ତାଙ୍କୁ ପୋଲିସ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

### ଗୋକର୍ଣ୍ଣେଶ୍ୱର କାଳକାର ସଂଘର ସାଧାରଣ ସଭା

**ଧର୍ମଶାଳା,୧୯।୫(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଗୋକର୍ଣ୍ଣେଶ୍ୱର କଳାକାର ସଂଘର ଏକ ସାଧାରଣ ସଭା ବିପିନ ବିହାରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ମୁଖ୍ୟବକ୍ତା ଜିଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର ଯୋଗ ଦେଇଥିଲେ। ସଂଘ ସଭାପତି ଦୁଃଶାସନ ଘଡ଼େଇ, ସହସମ୍ପାଦକ ଅଦୈତ ଜେନା, କୋଷାଧ୍ୟକ୍ଷ ବଟକୃଷ୍ଣ ବେହେରା, ନାଟ୍ୟ ନିର୍ଦ୍ଦେଶକ ହରିସାମନ୍ତ ଓ ଗାୟକ ରବି ନାରାୟଣ କର ପ୍ରମୁଖ ଯୋଗଦେଇ କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଭାରେ ୨ଶହରୁ ଊର୍ଦ୍ଧ୍ୱ କଳାକାର ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ରମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

### ଚୋରି ଅଭିଯୋଗରେ ୫ ଗିରଫ

**ଧର୍ମଶାଳା,୧୯।୫(ଡି.ଏନ.ଏ.):** ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ଛେଳି ଚୋରି ଅଭିଯୋଗରେ ପୋଲିସ ୫ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କଠାରୁ ୧୬ଟି ଛେଳି ଉଦ୍ଧାର କରିଛି। ଗ୍ରାମର ବୀର କିଶୋର ବେହେରାଙ୍କ ଗୁହାଳରୁ ଗତ ୧୫ତାରିଖରେ ୪ଟି ଛେଳି ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୮୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ପୋଲିସ ଏହି ଥାନା ଜଳେଶ୍ୱରପୁର ଗ୍ରାମର ଯତିନ ନାୟକ ଓରଫ ନାଲୁଆ(୨୦)ଙ୍କୁ ଗିରଫ କରି ପଚରାଉଚରା କରିଥିଲା। ଏହାପରେ ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତିଥିବା ଜଣାପଡ଼ିଥିଲା। ଯତିନ ଓ ତାଙ୍କ ସହଯୋଗୀ ବିଭିନ୍ନ ସ୍ଥାନରୁ ଛେଳି ଚୋରି କରି ଓଡ଼ଙ୍ଗ ଗ୍ରାମର ଦିଲୀପ ମଲ୍ଲିକଙ୍କ ଘରେ ରଖି ସେଠାରୁ ବିଭିନ୍ନ ସ୍ଥାନରେ ଛେଳି ବିକ୍ରି କରି ଲାଭବାନ ହେଉଥିଲେ। ପୋଲିସ ସେଠାରେ ଚଢ଼ାଉ କରି ଚୋରି ହୋଇଥିବା ୧୬ଟି ଛେଳି ଉଦ୍ଧାର କରିବା ସହ ଦିଲୀପଙ୍କୁ ଗିରଫ କରିଥିଲା। ଏଥିସହିତ ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଏହି ଥାନା ଜଳେଶ୍ୱରପୁର ଗ୍ରାମର ତାରାକାନ୍ତ ମଲ୍ଲିକ, କୁଣ୍ଡପାଟଣା ଗ୍ରାମର ପିନଟୁ ମଲ୍ଲିକ ଓ ଚାନ୍ଦମୋହିନୀ ଗ୍ରାମର ଆଶିଷ ବେହେରା। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### କଳାକାରଙ୍କ ପରଲୋକ

**ବିଞ୍ଝାରପୁର,୧୯।୫(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅଞ୍ଚଳର ସ୍ୱନାମଧନ୍ୟ କଳାକାର ଭାବେ ପରିଚିତ ଥିବା ଶାସନ୍ଦା ପଞ୍ଚାୟତର ରତ୍ନାକର ଓଝାଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ତାଙ୍କର କଳା ଓ ଉତ୍ତମ ବ୍ୟବହାର ମାଧମରେ ଅଞ୍ଚଳର ବହୁ ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହି ବିୟୋଗ ବିଞ୍ଝାରପୁର ଅଞ୍ଚଳର କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସେ କଳାକାର ସଂଘର ସଂଯୋଜକ ଭାବେ ମଧ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗ ଖବର ପାଇ ବିଞ୍ଝାରପୁର ବ୍ଲକ ପୂର୍ବତନ ଅଧକ୍ଷ ନନ୍ଦକିଶୋର ସାମଲ, ସ୍ଥାନୀୟ ସରପଞ୍ଚ କାମଦେବ ଧଳ, କଳାକାର ସଂଘ ଉପସଭାପତି ଅରୁଣ କୁମାର ପଣ୍ଡା, ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା ଓ ହେମେନ୍ଦ୍ର ସାମଲ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓଝାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଛୁଟି ଘୋଷଣାରେ ସମନ୍ୱୟର ଅଭାବ ଅଭିଯୋଗ

**ଯାଜପୁର ରୋଡ,୧୯।୫(ଡି.ଏନ.ଏ.)**

ସମ୍ପ୍ରତି ରାଜ୍ୟ ଗଣଶିକ୍ଷା ବିଭାଗ ମେ ୧୬ ବୁଦ୍ଧ ପୂର୍ଣ୍ଣିମା ଏବଂ ୩୦ ତାରିଖ ସାବିତ୍ରୀ ଅମାବାସ୍ୟାକୁ ଛୁଟି ଘୋଷଣା କରି ଅଛନ୍ତି। ମାତ୍ର ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଅଧ୍ୟାପକ ଓ କର୍ମଚାରୀମାନେ ଏହି ନିଷ୍ପତ୍ତି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି । କେତେକ କଲେଜରେ ଯୁକ୍ତ ୨ ଏବଂ ଯୁକ୍ତ ୩ ମିଳିତ ଭାବେ ରହିଛି। ଏଯାଏ ଏହି ଦୁଇ ଶିକ୍ଷାନୁଷ୍ଠାନ ବିଧିବଦ୍ଧ ଭାବେ ଅଲଗା ହୋଇନାହିଁ। ଏପରି ସ୍ଥିତିରେ ଏଭଳି ଛୁଟି ଘୋଷଣା ଶିକ୍ଷା ବିଭାଗରେ ଅସଙ୍ଗତି ସୃଷ୍ଟି କରିଛି । ଏଣୁ ଉଚ୍ଚଶିକ୍ଷା ବିଭାଗ ଏବଂ ଗଣଶିକ୍ଷା ବିଭାଗ ସମନ୍ୱୟ ରକ୍ଷା କରି ଛୁଟି ଘୋଷଣା କରନ୍ତୁ। ବର୍ତ୍ତମାନ ଉଚ୍ଚ ଶିକ୍ଷା ବିଭାଗ ମଧ ମେ ୩୦ ତାରିଖ ସାବିତ୍ରୀ ଅମାବାସ୍ୟାକୁଛୁଟିଘୋଷଣା କରିବାକୁନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ନାୟକ ଏବଂ ସଭାପତି ନିକୁଞ୍ଜ ମହାନ୍ତି ଦାବି କରିଛନ୍ତି।

## ୩ ବାଲି, ମୋରମ ବୋଝେଇ ଗାଡ଼ି ଜବତ



**ପାଣିକୋଇଲି,୧୯।୫(ଡି.ଏନ.ଏ.)**

ବ୍ୟାସନଗର ତହସିଲ ପକ୍ଷରୁ ବୁଧବାର ରାତିରେ ଚଢ଼ାଉ କରାଯାଇ ୨ ବାଲି ବୋଝେଇ ହାଇୱା ଓ ଏକ ମୋରମ ବୋଝେଇ ଟିପ୍ପର ଜବତ କରାଯାଇଛି। ତହସିଲଦାର ଅଶୋକ କୁମାର ମାଝି ସଦଳବଳ ଚଢ଼ାଉ କରି ଏସବୁ ଗାଡ଼ିକୁ ଜବତ କରିଛନ୍ତି। ଜବତ ଗାଡ଼ିଗୁଡ଼ିକ ପାଣିକୋଇଲି ପୋଲିସ ଜିମା ଦିଆଯାଇଛି। ସେଗୁଡ଼ିକରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ମାଝି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରତିଦିନ ସଠିପୁର ଓ ବିଭିନ୍ନ ରାସ୍ତାରେ ହଜାର ହଜାର ଟ୍ରିପ୍ ବାଲି ଓ ମୋରମ ଚୋରାଚାଲାଣ କରାଯାଉଛି। ଏନେଇ ଅଭିଯୋଗ ହେବାପରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା।

# ମହିଳାଙ୍କ ହାତରେ ରହିବ ଗାଁର ବିକାଶ ଧାରା



ବୈଠକରେ ଉପସ୍ଥିତ ସ୍ୱୟଂସହାୟିକା ଗୋଷ୍ଠୀର ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ କର୍ମକର୍ତ୍ତା ।

**ରସୁଲପୁର,୧୯।୫(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗୁରୁବାର ସ୍ୱୟଂସହାୟିକା ଗୋଷ୍ଠୀର ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ ଓ ମହାସଂଘକୁ ମନୋନୀତ ହୋଇଥିବା ଆଞ୍ଚଳିକ ସଂଘର ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ଏମ୍‌ବିକେ ସସ୍ମିତା ଆଏଚ ଯୋଗଦେଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଗାଁର ବିକାଶ ଧାରାକୁ ମହିଳାମାନେ ଆଗକୁ ବଢ଼ାଇ ପାରିବେ। ସେ ଦକ୍ଷତା ସ୍ୱୟଂସହାୟିକା ଗୋଷ୍ଠୀର ମହିଳାଙ୍କଠାରେ ରହିଛି। ସେହି ଆସ୍ଥା ଓ ବିଶ୍ୱାସ ମହିଳାଙ୍କ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଣିପାରିଛନ୍ତି। ସେହି ଆଧାରରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପଶୁପାଳନ, ମତ୍ସ୍ୟଚାଷ, ବିଜୁଳି, ପାନୀୟଜଳ, କୁଟୀରଶିଳ୍ପ ଆଦିର ବିକାଶ ଦାୟିତ୍ୱ ମହିଳାମାନେ ସମ୍ଭାଳି ପାରିବେ। ଏହି ଜରିଆରେ ମହିଳାମାନେ ରୋଜଗାରକ୍ଷମ ହୋଇପାରିବେ। ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହେବାର ବାଟ ଫିଟିବ। ଗାଁରେ ବିଭିନ୍ନ କୁଟୀରଶିଳ୍ପରେ ନିୟୋଜିତ ମହିଳାଙ୍କୁ ଠାବ କରିବା ସହ ଗୋଷ୍ଠୀ ଜରିଆରେ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ମତ୍ସ୍ୟଚାଷ, ଅଣ୍ଡାଦିଆ କୁକୁଡ଼ା ଚାଷ, କୃଷି ଉତ୍ପାଦିତ ଦ୍ରବ୍ୟକୁ ଘରୋଇ ଶିଳ୍ପ ମାଧମରେ ପ୍ରକ୍ରିୟାକରଣ, ପଞ୍ଚାୟତ ଅଧୀନସ୍ଥ କାଷ୍ଠ, ଟେରାକୋଟା, ବୟନ ଆଦିର ଶିଳ୍ପ, ଝାଡୁ ନିର୍ମାଣକାରୀଙ୍କୁ ସ୍ୱାବଲମ୍ବୀ କରିବା, ଗୋଷ୍ଠୀ ଭିତ୍ତିକ ପ୍ରକଳ୍ପ ଜରିଆରେ ରୋଜଗାର ଉପାୟ ସୃଷ୍ଟି କରିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ବର୍ଗର ହିତାଧିକାରୀ ସମ୍ପୃକ୍ତ ଥିବା ମହିଳାଗୋଷ୍ଠୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଉକ୍ତ ଆଲୋଚନାରେ ସିଆର୍‌ପି ସୁଚିସ୍ମିତା ପତି, ଉମା ସେଠୀ, ସସ୍ମିତା ଆଏଚ, ବସୁମତି ବେହେରା, ସୁବାସିନ ମଲିକ, ଅନିମା ପଣ୍ଡା, କାର୍ଯ୍ୟକାରୀ ସଦସ୍ୟା ସଞ୍ଜୁଲତା ପଣ୍ଡା, ଲକ୍ଷ୍ମୀପ୍ରିୟା ସାହୁ, ଚାରୁଲତା ପଣ୍ଡା, ଗୋଲାପ ସାହୁ, ଶର୍ମିଷ୍ଠା ଆଏଚ, ସରସ୍ୱତୀ ଦାସ, ପୁଷ୍ପାଞ୍ଜଳି ଦାସ, ସତ୍ୟଭାମା ମାଝି, ଶର୍ମିଷ୍ଠା ସୁନ୍ଦରୀ ଆଏଚ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ଉପାଦେୟ ମତ ରଖିଥିଲେ।

# ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ଯାଜପୁର ଟାଉନ,୧୯।୫(ଡି.ଏନ.ଏ.)**

ଯାଜପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ପୁରୀ ଜିଲାକୁ ବଦଳି ହୋଇଛି। ଏହି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ସଭାପତିତ୍ୱ କରି କହିଥିଲେ, ୯ ବର୍ଷ ଧରି ସେଠୀ ଲୋକ ସମ୍ପର୍କ ବିଭାଗର କାର୍ଯ୍ୟକୁ ଅତି ଦକ୍ଷତାର ସହ ସମ୍ପାଦନ କରିଆସିଛନ୍ତି। ଫଳରେ ଲୋକ ସମ୍ପର୍କ ବିଭାଗର ଆଭିମୁଖ୍ୟ ସାଧାରଣରେ ପ୍ରତିଫଳିତ ହୋଇପାରିଛି। ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ଜିଲା ପ୍ରଶାସନ ତାଙ୍କୁ ନିଶ୍ଚିତ ଭାବେ ମନେ ରଖିବ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ମିହିର ପ୍ରସାଦ ମହାନ୍ତି ସେଠୀଙ୍କ କାର୍ଯ୍ୟଦକ୍ଷତା, କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରିବା ସହ ବଦଳି ହୋଇଥିବା କାର୍ଯ୍ୟସ୍ଥଳରେ ମଧ ସେ ଏହିପରି ସୁନାମ ଅର୍ଜନ କରିବେ ବୋଲି ଆଶା ପ୍ରକଟ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସେଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର କୁଳମଣି ନାୟକ, ଅସ୍ମିତା ଦାଶ, କାଜଲ ପ୍ରଧାନ, ପ୍ରଜ୍ଞା ହୋତା, ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି, ଜିଲା ମଙ୍ଗଳ ଅଧିକାରୀ ବୁଧଦେବ ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଓଏସ୍‌ଡି ତରଣୀସେନ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଗୁଡ୍ଡୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁବାସ ସାମଲ, ଜିଲା ସଂସ୍ଥା ଅଧିକାରୀ ଅଲେଖ ମହାରଣା ପ୍ରମୁଖ ଉପସ୍ଥିତ ରହି ଅଧିକାରୀ ସେଠୀଙ୍କ କାର୍ଯ୍ୟଦକ୍ଷତା ଉପରେ ବକ୍ତବ୍ୟ ରଖିବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।



ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅଧିକାରୀ।

## ଭାଜପାର ସମୀକ୍ଷା ବୈଠକ

**ସିଂହପୁର,୧୯।୫(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ସିଂହପୁର ମା'ଦରିଆ ନାହାକାଣୀ ପୀଠରେ ବିଞ୍ଝାରପୁର ଭାଜପାର ପଞ୍ଚାୟତ ନିର୍ବାଚନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲିକ, ଯାଜପୁର ଜିଲା ପ୍ରଭାରୀ ସାରଦା ଶତପଥୀ ଯୋଗ ଦେଇଥିଲେ। ବବିତା ମଲିକ, ପୁରୁଷୋତ୍ତମ ଧଳ, ବିରଞ୍ଚି ନାୟକ, ନିରଞ୍ଜନ ବେଉରିଆ, ଲକ୍ଷ୍ମୀଧର ରାଉତ, ଭୁବନାନନ୍ଦ ସାମଲ, ନିର୍ଝରଣୀ ନାୟକ ଓ ଅରୁଣଜିତ ରାଉତରାୟ ପ୍ରମୁଖ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଦୀନବନ୍ଧୁ ଦାସ, ସୁଶାନ୍ତ ସାମଲ, ଗୋପାଳ ପ୍ରଧାନ, ସସ୍ମିତା ବେହେରା ଓ ରାମଚନ୍ଦ୍ର ନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ବିପଦକୁ ଟାଣୁଛି ମୁକୁଳା ଟ୍ରାନ୍ସଫର୍ମର

**ରସୁଲପୁର,୧୯।୫(ଡି.ଏନ.ଏ.)**

କୁଆଖିଆ ବିଦ୍ୟୁତ୍ ସେକ୍ସନ ଅଧୀନ ଭୋଟକା ପଞ୍ଚାୟତର ଶାରଳା ଛକ ଓ ପଞ୍ଚାୟତ ଅଫିସ ହନୁମାନ ମନ୍ଦିର ନିକଟରେ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ତେବେ ଛକକୁ ଦୈନିକ ଶତାଧିକ ଲୋକ ଯାଆସ କରୁଛନ୍ତି। ଏହି ବାଟ ଦେଇ ବହୁ ଲୋକ ପଞ୍ଚାୟତ ବାହାରକୁ ଯାଉଛନ୍ତି। ତେବେ ଏହି ଛକର ରାସ୍ତାକଡରେ ବସିଥିବା ଟ୍ରାନ୍ସଫର୍ମରଟି ମୁକୁଳା ପଡ଼ିଛି। ସେହିଭଳି ହନୁମାନ ମନ୍ଦିର ନିକଟରେ ବସିଥିବା ଟ୍ରାନ୍ସଫର୍ମର ନିକଟରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଏହି ସ୍ଥାନକୁ ଦୈନିକ ବହୁ ଭକ୍ତ ମନ୍ଦିରକୁ ଆସୁଛନ୍ତି। ଏହାଛଡ଼ା ଏଠାରେ ଏକ ବିଦ୍ୟାଳୟ ରହିଛି। ଏହିଭଳି ଭାବରେ ଜନସମାଗମ ହେଉଥିବା ସ୍ଥାନରେ ସୁରକ୍ଷିତ ବିଦ୍ୟୁତ୍ ସେବାକୁ ବିଭାଗ ପକ୍ଷରୁ ଅଣଦେଖା କରାଯାଉଛି। ନିୟମାନୁଯାୟୀ ଟ୍ରାନ୍ସଫର୍ମର ସ୍ଥାପନ ହେଉଥିବା ସ୍ଥାନରେ ବିଭାଗ ପକ୍ଷରୁ ସୁରକ୍ଷାବାଡ଼ ଲଗାଇବା ବାଧ୍ୟତାମୂଳ ରହିଛି। ତେବେ ଠିକାଦାରଙ୍କ ପକ୍ଷରୁ ଟ୍ରାନ୍ସଫର୍ମର ବସାଇବା ସମୟରେ ବିଭାଗ ଏହାକୁ ଅଣଦେଖାକରି ଠିକାଦାର ପ୍ରତି ଅନୁକମ୍ପା ଦେଖାଇଥିବା କୁହାଯାଉଛି। ଏପରି କି ଟ୍ରାନ୍ସଫର୍ମରକୁ ସଂଯୋଗ କରୁଥିବା ୧୧କେ.ଭି. ଲାଇନ କମ୍ ଉଚ୍ଚତାରେ ଝୁଲୁଛି। ତାରର ଏଭଳି ସ୍ଥିତି ଧନଜୀବନପ୍ରତି ବିପଦ ସୃଷ୍ଟି କରୁଛି। ବିଦ୍ୟୁତ ସରବାରାହ ଓ ମରାମତି ଦାୟିତ୍ୱରେ ଥିବା ଟାଟା ପାୱାର ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ବିଭାଗ ପକ୍ଷରୁ କରାଯାଇଥିବା ତ୍ରୁଟି ଓ ଅବହେଳାରେ ତୁରନ୍ତ ସୁଧାର ଆଣିବାକୁ ଦାବି ହୋଇଛି। ଏଥିରେ ବିଳମ୍ବ ଘଟିଲେ ବିଦ୍ୟୁତ୍ ଜନିତ ଦୁର୍ଘଟଣାରେ ଜୀବନହାନୀ ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୟଦ ଇବ୍ରାର ଅଲ୍ଲୀଙ୍କୁ ପଚାରିବାରୁ ଏଭଳି ସ୍ଥିତି ପ୍ରତି ସେ ଅବଗତ ନାହାନ୍ତି। ଉକ୍ତ ସ୍ଥାନଗୁଡିକୁ ପରିଦର୍ଶନ କରିବା ସହ ଆବଶ୍ୟକ ପଦକ୍ଷେପ ନେବେ ବୋଲି ମତ ରଖିଛନ୍ତି।



ବିପଦ ସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର।

## ପଳାଶବୁଡ଼ି ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଧର୍ମଶାଳା,୧୯।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା'ପଳାଶବୁଡ଼ି ପୀଠରେ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶନିବାରଠାରୁ ୩ ଦିନ ବ୍ୟାପୀ ହୋଇଥିବା ଏହି ଯଜ୍ଞୋତ୍ସବର ପ୍ରଥମ ଦିବସରେ ଶୁଭାଧିବାସ ସହ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରବିବାର ସକାଳେ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା ଓ ଗୋପୂଜା ଅନୁଷ୍ଠିତ ହୋଇଥିଲା। ସୋମବାର ଶେଷ ଦିନ ଯଥାବିଧି ପୂଜା କରାଯାଇ ରାତିରେ ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞୋତ୍ସବରେ ହଜାରହଜାର ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶିଷ ଲାଭ କରିଥିଲେ। ଭକ୍ତଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କମିଟି ପକ୍ଷରୁ ସଭାପତି ପୂର୍ଣ୍ଣଚନ୍ଦ୍ର ରାୟ, ସମ୍ପାଦକ ସୁନୀଲ କୁମାର ସ୍ୱାଇଁ, ପ୍ରକାଶ ନାୟକ, ଗୋଲକ ମହାନ୍ତି, ରମେଶ ରାଉତ, ବଟକୃଷ୍ଣ ଧଳ, ଶରତ ସ୍ୱାଇଁ, ଉଲ୍ଲାସ ସାମଲ, ଗୁରୁଚରଣ ରାଉତ, ବିନୋଦ ରାୟ, ଅମରେନ୍ଦ୍ର ପାଳ, ଦେବାଶିଷ ପରିଡ଼ା, ବାବୁ ବରାଳ ଓ ପଦିଆ ସାହୁ ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗୋଲେଇପୁରରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ପାଣିକୋଇଲି,୧୯।୫(ଡି.ଏନ.ଏ.)**

କୋରେଇ ବ୍ଲକ ଅଧୀନ ଗୋଲେଇପୁର ପଞ୍ଚାୟତରେ ଗୁରୁବାର ବିଡିଓ ରଞ୍ଜନ କୁମାର ପରିଡ଼ା ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପଞ୍ଚାୟତିରାଜ ବିଭାଗ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପୋଖରୀ ଖନନ ପାଇଁ ଆସିଥିବା ଅମ୍ରିତ ସରୋବର ଯୋଜନାରେ ଗୋଲେଇପୁର ପଞ୍ଚାୟତ ସାମିଲ ହୋଇଛି। ତେଣୁ ବିଡିଓ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଅନାବାଦୀ (ସରକାରୀ ଜମି)କୁ ପରିଦର୍ଶନ କରିବା ସହ ଜାଗା ଚିହ୍ନଟ କରିଛନ୍ତି। ଏଥିସହିତ ସେ ସୋଡି, ମିର୍ଜାପୁର, ହାଟସାହି, ତେଲିଆ ଆଦି ଗ୍ରାମରେ ପହଞ୍ଚି ପୋଖରୀ ଖନନ, ପୁନରୁଦ୍ଧାର କାର୍ଯ୍ୟ, ରାସ୍ତାଘାଟ ସମସ୍ୟା, ଡ୍ରେନ ସମସ୍ୟା, ଆବାସ ଯୋଜନା ଓ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଗାଁରେ ଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ବେଳେ ଲୋକେ ସମସ୍ୟା ଜଣାଇଥିଲେ। ତେବେ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କ ସମୀକ୍ଷା ସମୟରେ ସହ କନିଷ୍ଠ ଯନ୍ତ୍ରୀ ଶକ୍ତି ପ୍ରସାଦ ସାହୁ, ସରପଞ୍ଚ ସସ୍ମିତା ତରେଇ, ସମିତିସଭ୍ୟାଙ୍କ ପ୍ରତିନିଧି ଶଶିକାନ୍ତ ମାଝି, ଜିଆରଏସ ଦିଲ୍ଲୀପ କୁମାର ଦୀକ୍ଷିତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ଗ୍ରାମବାସଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର
### ନାବାଳକ ଜେଜେବିରେ ହାଜର

ବ୍ରହ୍ମପୁର ଅଫିସ,୧୯।୫-ଜନୈକା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଜଣେ ନାବାଳକଙ୍କୁ ଧରିଛି। ନାବାଳକ ଜଣଙ୍କ ଦଶମ ଶ୍ରେଣୀ ଛାତ୍ର ବୋଲି ଜଣାପଡିଛି। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ନାବାଳକଙ୍କୁ ଗୁରୁବାର ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରାଯାଇଛି। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ପ୍ରକାଶ ଯେ, ଦୁଇଦିନ ତଳେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ଉପରୋକ୍ତ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ଅନୁସନ୍ଧାନ କରି ନାବାଳକଙ୍କୁ ଧରିଥିଲା ବୋଲି କହିଛି।

### ଶକ୍ତିନଗର କୋଠଘରକୁ ନେଇ ରାଜନୀତି ନ କରିବାକୁ ଦାବି

ବୁଗୁଡ଼ା,୧୯।୫(ଡି.ଏନ.ଏ.)-ପ୍ରାକ୍ତନ ବିଧାୟକଙ୍କ ହାତ ପାଣିରେ ନିର୍ମିତ ବୁଗୁଡ଼ା ଶକ୍ତିନଗର କୋଠଘରକୁ ନେଇ ରାଜନୀତି ନ କରିବାକୁ ଗୁରୁବାର ଶକ୍ତିନଗର ବାସିନ୍ଦା ଦାବି କରିଛନ୍ତି। ବୁଗୁଡ଼ା ନୂଆ ବସ୍‌ଷ୍ଟାଣ୍ଡରେ ଏନ୍‌ଏସିଠାରୁ ଭଡାରେ ନେଇ ହୋଟେଲ ବ୍ୟବସାୟ କରୁଥିବା ଜଣେ ବ୍ୟବସାୟୀ ଉକ୍ତ ଭଡା ଘରକୁ ଭାଙ୍ଗି ବସ୍ ଯାତାୟାତ ରାସ୍ତାକୁ ଅବରୋଧ କରି ବେଆଇନ ସମ୍ପ୍ରସାରଣ କରିଛନ୍ତି। ଏହା ବିରୋଧରେ ୨ ନମ୍ବର ୱାର୍ଡ କାଉନସିଲର ବିନୋଦିନୀ ନାୟକ କାଉନସିଲ ବୈଠକରେ ଅଭିଯୋଗ କରିବା ସହ ଶକ୍ତିନଗର ବାସିନ୍ଦା ଏନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରାଉ କରିଥିଲେ। ଫଳରେ ସମ୍ପୃକ୍ତ ବ୍ୟବସାୟୀ କୋଠଘରକୁ ନେଇ ଆପତ୍ତିଜନକ ଅଭିଯୋଗ କରି ଟିପ୍ପଣୀ ଦେବା ସହ ରାଜନୀତିକରଣ କରିବାକୁ ଚେଷ୍ଟା କରୁଥିବା ନେଇ ଶକ୍ତିନଗର ବାସିନ୍ଦା ଦୃଢ଼ ନିନ୍ଦା କରିବା ସହ ଏ ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

### ଜୁନ୍ ପ୍ରଥମ ସପ୍ତାହରୁ ଜିଲାସ୍ତରୀୟ ଫୁଟବଲ ଲିଗ୍

ବ୍ରହ୍ମପୁର ଅଫିସ,୧୯।୫-ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଜୁନ ପ୍ରଥମ ସପ୍ତାହରୁ ଜିଲାସ୍ତରୀୟ ଫୁଟବଲ ଲିଗ ଆରମ୍ଭ ହେବ। ଏହି ଲିଗ୍‌ରେ ଅଂଶ ଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ଫୁଟବଲ ଟିମ୍‌ଗୁଡିକ ୫୦୦ ଟଙ୍କା ଏଣ୍ଟ୍ରି ଫି ଦେଇ ମେ' ୨୭ ସୁଦ୍ଧା ନିଜ ନାମ ପଞ୍ଜୀକୃତ କରିପାରିବେ। ଅଧିକ ସୂଚନା ନିମନ୍ତେ ଫୁଟବଲ ଦଳଗୁଡିକ ଜିଲା ଫୁଟବଲ ସଂଘ ସମ୍ପାଦକ ସୀତାରାମ ବେବର୍ତ୍ତାଙ୍କ ସହ ଯୋଗାଯୋଗ କରି କ୍ରୀଡ଼ା ସମ୍ବନ୍ଧୀୟ ସବିଶେଷ ବିବରଣୀ ଜାଣି ପାରିବେ। ଏନେଇ ଗୁରୁବାର ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଛି।

### ବୁଗୁଡ଼ା ବନାଞ୍ଚଳ: ୮ ଲକ୍ଷ ୧୧ ହଜାର ଚାରା ପ୍ରସ୍ତୁତ

ବୁଗୁଡ଼ା,୧୯।୫(ଡି.ଏନ.ଏ.)-ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡା ବନାଞ୍ଚଳର ୧୦ଟି ଚାରା ପ୍ରସ୍ତୁତି କେନ୍ଦ୍ରରେ ୮ ଲକ୍ଷ ୧୧ ହଜାର ଚାରା ପ୍ରସ୍ତୁତ କରାଯାଇଛି। ଆମ୍ବ, ପଣସ, ନିମ, ଜାମ, ବଉଳ, ଶାଳ, ପିଆଶାଳ, ଶିଶୁ ଓ ଶାଗୁଆନ ଆଦି ବୃକ୍ଷର ଚାରା ପ୍ରସ୍ତୁତ ହୋଇଛି। ପ୍ରସ୍ତୁତ ଚାରା ମଧ୍ୟରୁ ୨ ଲକ୍ଷ ୪୦ ହଜାର ଚାରା ଜନସାଧାରଣଙ୍କୁ ବଣ୍ଟାଯିବାକୁ ଥିବା ବେଳେ ୫ ଲକ୍ଷ ୭୧ ହଜାର ଚାରା ବନ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ରୋପଣ କରାଯିବ। ଏଥିନିମନ୍ତେ ବନ ବିଭାଗ ପକ୍ଷରୁ ପାହାଡ଼ ଓ ରାସ୍ତା ପାର୍ଶ୍ୱରେ ଗାତ ଖୋଳା ସରିଛି। ମୌସୁମୀ ଆରମ୍ଭ ହେଲେ ଚାରା ରୋପଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି।

# ସ୍କୁଲର ମୌଳିକ ସମସ୍ୟା ପ୍ରତି ଅଣଦେଖା

ନୂଆଗାଁ,୧୯।୫ (ଡି.ଏନ.ଏ.)

ସରକାର ଶିକ୍ଷା ଏବଂ ଶିକ୍ଷାର୍ଥୀଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନାରେ ବହୁ କୋଟି ଟଙ୍କା ବ୍ୟୟ କରୁଛନ୍ତି । ପୁରାତନ ବିଦ୍ୟାଳୟଗୁଡିକୁ ରୂପାନ୍ତରିତ କରିବା ପାଇଁ ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ ସ୍କୁଲଗୁଡିକର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ସ୍କୁଲଗୁଡିକୁ ଉଦାହରଣ ଭାବେ ନିଆଯାଇପାରେ । ନାନା ସମସ୍ୟା ମଧ୍ୟରେ ଉପରୋକ୍ତ ସ୍କୁଲଗୁଡିକ ଚାଲିଛି। ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ୨୧ ହାଇସ୍କୁଲ ରହିଥିବା ବେଳେ ସେଥିମଧ୍ୟରୁ ଅଧିକାଂଶ ସ୍କୁଲରେ ଆବଶ୍ୟକ ଭିତ୍ତିଭୂମି ନାହିଁ । କୌଣସି ସ୍କୁଲରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅଭାବ ରହିଛି । ବହୁ ସ୍କୁଲରେ


ରୂପାନ୍ତରିତ ହେଉଥିବା ଗତିକେଶ୍ୱର ବିଦ୍ୟାଳୟ ।

ପାନୀୟ ଜଳର ଅଭାବ ରହିଥିବାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଶୁଦ୍ଧ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ଚାହାଳୀ ଜନଶକ୍ତି ହାଇସ୍କୁଲକୁ ପ୍ରଥମେ ରୂପାନ୍ତରିତ ସ୍କୁଲ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ପ୍ରଧାନଶିକ୍ଷକ ପଦବୀ ପୂରଣ ହୋଇନାହିଁ। ସେହିପରି ଶ୍ରେଣୀଗୃହର ଅଭାବ ରହିଛି। ଫଳରେ ଗୋଟିଏ ଗୃହରେ ଦୁଇ ଶ୍ରେଣୀର ପିଲାଙ୍କୁ ବସାଇ ପାଠ ପଢା ଯାଉଛି । ରୂପାନ୍ତରୀକରଣର ଦ୍ୱିତୀୟ ପର୍ଯ୍ୟାୟରେ ୮ ସ୍କୁଲର ସୌନ୍ଦର୍ଯ୍ୟକରଣ ହେଉଥିଲେ

- ସୌନ୍ଦର୍ଯ୍ୟକରଣ ଲାଗି ଚାଲିଛି ଅର୍ଥ ବ୍ୟୟ
- ପୂରଣ ହେଉନି ଶିକ୍ଷକ ପଦବୀ
- ଗୋଟିଏ ପ୍ରକୋଷ୍ଠରେ ୨ ଶ୍ରେଣୀର ଛାତ୍ରୀଛାତ୍ର
- ପାନୀୟ ଜଳର ଅଭାବ ନେଇ ଚିନ୍ତା

ମଧ୍ୟ ସେଥିମଧ୍ୟରୁ ମାଳିସାହି ଗତିକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ, ଆଞ୍ଚଳିକ ବିଦ୍ୟାପୀଠ ଡିମିରିଝରୀ, ଚିନ୍ତାମଣୀ ବିଦ୍ୟାପୀଠ ସମ୍ପଡାର ପକ୍କା ଶ୍ରେଣୀ ଗୃହ ନ ଥିବା ବେଳେ ଟିଣ ଛପର ଘରେ ଚାଲିଛି ପାଠପଢ଼ା । ଗତିଶ୍ୱର ବିଦ୍ୟାଳୟର ପୁରାତନ ଟିଣ ଛପର ନଷ୍ଟ ହୋଇଯାଇଥିଲା। କିଛିଦିନ ତଳେ ହୋଇଥିବା କାଳବୈଶାଖୀ ପ୍ରବାହରେ ସେହି ଟିଣ ଛପର ଉଡିଯାଇଛି। ସେହିପରି ଡିମିରିଝରୀ ଆଞ୍ଚଳିକ ବିଦ୍ୟାପୀଠରେ କଡ଼ିବରଗାଗୁଡିକ ପୋକ ଖାଇ ନଷ୍ଟ ହୋଇଯାଇଛି । ହେଲେ ସୌନ୍ଦର୍ଯ୍ୟକରଣ ନାଁରେ ସେହି କଡିବରଗା ତଳେ ସିଲିଂ କରି ଲୁଚାଇ ଦିଆଯାଇଛି । ଚିନ୍ତାମଣୀ ବିଦ୍ୟାପୀଠରେ ଅବସ୍ଥା ମଧ୍ୟ ସେହିପରି। ରୂପାନ୍ତରିତ କରାଯାଉଥିବା ପ୍ରତିଟି ସ୍କୁଲରେ ଶିକ୍ଷକ ସମସ୍ୟା ଲାଗି ରହିଥିବା ବେଳେ ସରକାର ତାହା ପୂରଣ କରି ନାହାନ୍ତି । ବାହାଡାଝୋଲା ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୬ ବର୍ଷ ହେଲା ହିନ୍ଦୀ ଶିକ୍ଷକ ନାହାନ୍ତି । ୨ ବର୍ଷ ହେଲା ଖେଳ ଶିକ୍ଷକ ଓ ବର୍ଷେ ହେଲା ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି । ନୂଆଗାଁ ହାଇସ୍କୁଲ ବ୍ଲକର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ସେହି ସ୍କୁଲରେ ମଧ୍ୟ ୩ ଶିକ୍ଷକ ପଦବୀ ଖାଲି ରହିଛି। ଶ୍ରେଣୀ ଗୃହର ମଧ୍ୟ ଅଭାବ ରହିଛି । ଏ ସଂକ୍ରାନ୍ତରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆମେ କାମ କରୁଛୁ । ଏ ସଂକ୍ରାନ୍ତରେ ଆମେ କିଛି କରିପାରିବୁ ନାହିଁ ।

## ବୃଦ୍ଧାଙ୍କ ବେକରୁ ହାର ଲୁଟ୍

ବ୍ରହ୍ମପୁର ଅଫିସ,୧୯।୫

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ସାନବଜାର ଛକରେ ଜଣେ ବୃଦ୍ଧାଙ୍କ ବେକରୁ ଗୁରୁବାର ସକାଳ ପ୍ରାୟ ୭ଟାରେ ଦୁର୍ବୃତ୍ତମାନେ ଏକ ସୁନାହାର ଲୁଟି ନେଇଛନ୍ତି। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ଏନେଇ ପଚରାଉଚରା କରିଛି। ସେହିପରି ଲୁଟେରାଙ୍କୁ ଧରିବା ଲାଗି କେତେକ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ପ୍ରକାଶ ଯେ, ସାନବଜାର ନିକଟ ସାନ୍ତାରାଣୀ ସାହିରେ ରହୁଥିବା ଜେ. ଶ୍ୟାମଳା ଗୁରୁବାର ସକାଳେ ପରିବା ଆଣିବା ପାଇଁ ବଜାରକୁ ଯାଉଥିଲେ। ଦୁଇଜଣ ଯୁବକ ତାଙ୍କ ପିଛା କରିବା ସହ ସାନବଜାର ଛକରେ ବୃଦ୍ଧାଙ୍କୁ ଧକ୍କା ମାରି ତାଙ୍କ ବେକରୁ ପ୍ରାୟ ୩୩ ଗ୍ରାମର ଏକ ସୁନା ହାର ଝାମ୍ପି ଚମ୍ପଟ ମାରିଥିଲେ। ସେଠାରୁ ସେ ଘରକୁ ଫେରି ବଡବଜାର ଥାନାକୁ ଯାଇ ଏନେଇ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୧/୨୨ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି।

# ୫-ଟି ଅନ୍ତର୍ଭୁକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ

ନୟାଗଡ଼ ଅଫିସ/ରଣପୁର, ୧୯।୫ (ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ ବାଉଁଶଗଡ଼ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏଭଳିସ୍ଥଳେ ପ୍ରଧାନଶିକ୍ଷୟିତ୍ରୀ ବଦଳିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ପ୍ରତ୍ୟାହାର ସହ ଖାଲିଥିବା ପଦବୀ ପୂରଣ ଦାବି ନେଇ ସ୍କୁଲ ପରିଚାଳନା କମିଟି, ବାଉଁଶଗଡ

- ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ବଢୁଛି ଅଶାନ୍ତି
- ଜିଲାପାଳଙ୍କୁ ଫେରାଦ୍ ହେଲେ ୨ ପଞ୍ଚାୟତବାସୀ

ଓ ବଜ୍ରକୋଟର ଦୁଇ ପଞ୍ଚାୟତବାସିନ୍ଦା ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବାଉଁଶଗଡ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ରହିଛି । ଏଠାରେ ୪୫୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ବିଦ୍ୟାଳୟଟି ୫-ଟିରେ ଅନ୍ତର୍ଭୁକ୍ତ ହୋଇଛି। ଛାତ୍ରୀଛାତ୍ରଙ୍କ ଅନୁପାତ ଅନୁସାରେ ବିଦ୍ୟାଳୟରେ ୨୦ ଜଣ ଶିକ୍ଷକ ରହିବା କଥା । ହେଲେ ପ୍ରାଇମେରୀରେ ୩ ଓ ହାଇସ୍କୁଲରେ ୪ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କୁ କାଦୁଆ ବିଦ୍ୟାଳୟକୁ ବଦଳି କରିବା ପରେ ଏଠାରେ କେହି ନୂଆ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି । ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ, ସିବିଜେଡ ଓ ସଂସ୍କୃତ ଶିକ୍ଷକଙ୍କ ସହିତ କିରାଣୀ ପଦ ଖାଲି ପଡିଛି ।

# ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର
## କାରଣ ଅସ୍ପଷ୍ଟ, ତଦନ୍ତ ଜାରି

ବ୍ରହ୍ମପୁର ଅଫିସ,୧୯।୫

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମ ନିକଟ କୁରେଇଶୁଣି ମନ୍ଦିର ପାର୍ଶ୍ୱରେ ଥିବା ଏକ ନାଳରୁ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ସଦର ଥାନା ଅନ୍ତର୍ଗତ ନୂଆ ବଉଳଝୋଲି ଗ୍ରାମର ଦିଲୀପ ମଲିକ (୨୮) ବୋଲି ପୋଲିସ ସ୍ପଷ୍ଟ କରିଛି। ପୋଲିସଠାରୁ ଖବର ପାଇ ମୃତ ଦିଲୀପଙ୍କ ଭାଇ କାଲୁ ପହଞ୍ଚି ଭାଇଙ୍କ ମୃତଦେହ ଚିହ୍ନଟ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜଣାପଡୁନଥିବା ବେଳେ ତାଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକ ସନ୍ଦେହ କରୁଛନ୍ତି। ଅନ୍ୟପଟେ ପୋଲିସ ମୃତଦେହ ଜବତ କରି ନଂ.୨୭/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଦିଲୀପଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ସୂଚନାନୁଯାୟୀ, ଦିଲୀପ ସୁରଟରେ କାମ କରୁଥିବା ବେଳେ ଗତ ବର୍ଷେ ତଳେ ସିଦ୍ଧେଶ୍ୱର ଗ୍ରାମରେ ତାଙ୍କର ବାହାଘର ହୋଇଥିଲା। ସେ ଗତ କିଛିମାସ ହେଲା ଶ୍ୱଶୁରଘରେ ରହୁଥିଲେ। ବୁଧବାର ଦିଲୀପ ନୂଆ ବଉଳଝୋଲି ଗ୍ରାମକୁ ଆସି ଭାଇଙ୍କ ଘରେ ରହିଥିଲେ। ଅପରାହ୍ନ ୫ଟା ବେଳେ ସେ ତାଙ୍କର ଶ୍ୱଶୁର ଘର ଯିବି ବୋଲି କହି ଭାଇ କାଲୁଙ୍କୁ କହିଥିଲେ। ତେବେ ଗୁରୁବାର ପୂର୍ବାହ୍ନରେ ତାଙ୍କ ମୃତଦେହ ଗାଁଠାରୁ ପ୍ରାୟ ୯ କି.ମି. ନାରାୟଣପୁର ଗ୍ରାମ ନିକଟ ନାଳରେ ପଡ଼ିଥିବା ଜଣାପଡ଼ିଥିଲା। ତାଙ୍କ ଶରୀରରେ ଶାର୍ଟ ନ ଥିବା ବେଳେ ସେ କେବଳ ପ୍ୟାଣ୍ଟ ପିନ୍ଧି ନାଳ ଭିତରେ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣାର ଠିକ୍ ତଦନ୍ତ କରିବା ପାଇଁ କାଲୁ ଓ ଗ୍ରାମବାସୀ ପୋଲିସକୁ ନିବେଦନ କରିଛନ୍ତି ବୋଲି ଜଣାପଡ଼ିଛି।

## କାତି ଚୋଟରେ ଯୁବକ ଗୁରୁତର, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୧୯।୫ (ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ନିମଖଣ୍ଡି ପେଣ୍ଠ ଗ୍ରାମର ବିଧାନ ବଳିଆରସିଂଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୬୮/୨୨ ଦଫା - ୨୯୪/୩୨୪/୩୪୧/୫୦୬ ଆଇପିସି ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ନିମଖଣ୍ଡି ପେଣ୍ଠ ଗ୍ରାମର ସୀମା ବେହେରା ତାଙ୍କ ଘର ନିକଟ ଏକ ଗଛ ମୂଳରେ ବସିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଳିଆରସିଂ ହାତରେ କାତି ଧରି ତାଙ୍କ ଘର ପାଖକୁ ଆସି ତାଙ୍କ ବାପା ମହେନ୍ଦ୍ର ବେହେରାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପାଟି ଶୁଣି ସୀମା ସେଠାକୁ ଯାଇ ପ୍ରତିବାଦ କରିବାରୁ ବଳିଆରସିଂ ଧରିଥିବା କାତିରେ ତାଙ୍କ ଡାହାଣ ହାତ କହୁଣିକୁ ଚୋଟ ପକାଇବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଆଖପାଖରେ ଥିବା ଲୋକେ ଦୌଡ଼ି ଆସିବାରୁ ଅଭିଯୁକ୍ତ ବଳିଆରସିଂ ସେଠାରୁ ପଳାଇଥିଲେ। ସୀମାଙ୍କୁ ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ବୋଲି ଏତଲାରେ ଉଲ୍ଲେଖ ଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ସ୍ୱର୍ଣ୍ଣଲତା ପାତ୍ର ଜଣାଇଛନ୍ତି।

# ଚନ୍ଦନ ଯାତ୍ରାର ତୃତୀୟ ଦିନରେ ଜମିଲା ଦର୍ଶକଙ୍କ ଭିଡ଼

ରମ୍ଭା,୧୯।୫

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଗୁରୁବାର ତୃତୀୟ ଦିବସରେ ଆନନ୍ଦ ଉଲ୍ଲାସ ସହ ଜିଗ୍‌ଜାଗ ଲାଇଟ ମାଳରେ ସଜାଯାଇଥିବା ଲକ୍ଷ୍ୟ କରାଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ଠାକୁର ମଦନ ମୋହନଙ୍କୁ ବିମାନରେ ନିଆଯାଇ ଚାପ ଖେଳ ସହ ଚନ୍ଦନ ପୋଖରୀ ତଥା ସୁବୁଦ୍ଧି ବନ୍ଧରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଦ୍ୟ, କାହାଳି ଓ ସଂକୀର୍ତ୍ତନ ମଣ୍ଡଳୀ ମାନଙ୍କ ଦ୍ୱାରା ପହଣ୍ଡି ବିଜେ କରାଯାଉଛି। ଏଥିସହ ଠାକୁର ମଦନ ମୋହନ ସାହି ବସ୍ତି ବୁଲି ପ୍ରତ୍ୟେକ ଭକ୍ତଙ୍କ ଦ୍ୱାର ଠାରୁ ଭୋଗ ଗ୍ରହଣ କରୁଛନ୍ତି। ମଦନ ମୋହନଙ୍କ ଯାତ୍ରା ନିମନ୍ତେ ରମ୍ଭା ସହରାଞ୍ଚଳ ଚଳ ଚଞ୍ଚଳ ହୋଇପଡିଥିବା ବେଳେ ବର୍ତ୍ତମାନ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱରେ, ସ୍ୱର୍ଣକାତର ସ୍ଥାନରେ, ସାହି ଗଳି ମୁହଁରେ ଅସ୍ଥାୟୀ କଳାକୁଞ୍ଜ ମେଢ଼ ପ୍ରତ୍ୟେହ ଶୋଭା ପାଉଥିବାରୁ ଭକ୍ତ, ଦର୍ଶକ ଓ ପଥଚାରୀଙ୍କ ଭିଡ଼ ବଢ଼ିବାରେ ଲାଗିଛି। ସ୍ଥାନେ ସ୍ଥାନେ


କଳାକୁଞ୍ଜ ।

ବିଶ୍ୱରୂପ, କାଳୀ, ରାମଦରବାର, ଦୁର୍ଗାଙ୍କ ମେଢ଼ ଶୋଭା ପାଉଛି। ସେହିପରି ବିଭିନ୍ନ ଚିତ୍ରାଳୟ ପକ୍ଷରୁ ମାନସିକଧାରୀମାନେ ନିଜ ନିଜ ମାନସିକ ମୁତାବକ ବେଶ ପରିପାଟୀ ହୋଇ ମଦନ ମୋହନଙ୍କ ପାଖରେ ଦର୍ଶନ କରିବା ପରେ ସହରରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତି କମିଟି ଓ ଉଭୟ ବାଡ଼ର ସଦସ୍ୟମାନେ ସହଯୋଗ କରୁଛନ୍ତି। ମଦନ ମୋହନଙ୍କ ପରିଭ୍ରମଣ ସମୟରେ ପୋଲିସ, ଟ୍ରାଫିକ ଓ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହି ପରିଚାଳନା କରୁଥିବା ମଧ ଦେଖିବାକୁ ମିଳିଛି। ଏହି ଯାତ୍ରା ୨୩ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି କମିଟି ସୂତ୍ରରୁ ପ୍ରକାଶ। ଏତଦ ବ୍ୟତୀତ ବିଦ୍ୟୁତର ଲୁଚକାଳି ଖେଳ ଓ ଡ଼ିଜେ ସାଉଣ୍ଡର କମ୍ପନ ଛାତକୁ ଦୋହଲାଇବା ସହ ବାସିନ୍ଦାଙ୍କ ଛାତିରେ ଆଘାତ ଲାଗୁଥିବା ଘଟଣା ସ୍ଥଳରୁ ଶୁଣିବାକୁ ମିଳୁଛି। ଏହାପ୍ରତି ବିଭାଗୀୟ ପ୍ରଶାସନ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଜାତୀୟ ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମର ୫ ପ୍ରତିଯୋଗୀ

ବ୍ରହ୍ମପୁର ଅଫିସ,୧୯।୫

ଚଳିତ ମାସ ୨୦ ରୁ ୨୫ ପର୍ଯ୍ୟନ୍ତ କର୍ଣାଟକର ବେଲାରୀଠାରେ ଜତୀୟ ସ୍ତରୀୟ ଜୁନିୟର ବାଳକ ଓ ବାଳିକା ବକ୍ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟ ବକ୍ସିଂ ସଂଘ ପକ୍ଷରୁ ୧୨ ଜଣିଆ ବାଳକ ଓ ୬ ଜଣ ବାଳିକା ବିଭିନ୍ନ ବର୍ଗରେ ଜାତୀୟ ସ୍ତରରେ ରାଜ୍ୟ ଦଳର ପ୍ରତିନିଧିତ୍ୱ କରିବେ। ରାଜ୍ୟ ବକ୍ସିଂ ସଂଘ ପକ୍ଷରୁ ମନୋନୀତ ହୋଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଜୁନିୟର ବାଳକ ବର୍ଗରେ ଜିଲାର ଆକାଶ ପାଣିଗ୍ରାହୀ, ଅଖିଳେଶ ବେହେରା, ଜଗନ୍ନାଥ ମଲିକ ଓ ବାଳିକା ବର୍ଗରେ ପ୍ରତି କୁମାରୀ ବେହେରା ଓ ଆଲିଶା ନାୟକ ମୋଟ ୫ ପ୍ରତିଯୋଗୀ ଅଛନ୍ତି। ଏହି ପ୍ରତିଯୋଗୀମାନେ ଜାତୀୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିବାରୁ ସେମାନଙ୍କୁ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସମ୍ପାଦକ ଅଶୋକ କୁମାର ସାହୁ, ବକ୍ସିଂ କୋଚ ଶିଶିର କୁମାର ପାଣିଗ୍ରାହୀ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ସୁଚନଯୋଗ୍ୟ,ଗତ କିଛି ଦିନ ପୂର୍ବେ କଟକ ବାରବାଟୀ ଷ୍ଟାଡିୟମଠାରେ ରାଜ୍ୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ଏହି ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ରେଫରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଥିଲେ। ଜିଲାର ବକ୍ସିଂ ପ୍ରତିଯୋଗୀମାନେ ଗୁରୁବାର ରାଜ୍ୟ ବକ୍ସିଂ ଦଳ ସହ କର୍ନାଟକ ବେଲାରୀ ଅଭିମୁଖେ ଭୁବନେଶ୍ୱରଠାରୁ ଯାତ୍ରା ଆରମ୍ଭ କରିଛନ୍ତି।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ
### ଡକାୟତି ଉଦ୍ୟମ ମାମଲା

ବ୍ରହ୍ମପୁର ଅଫିସ,୧୯।୫

ଏସିଜେଏମ୍ ମନୋଜ କୁମାର ଗୁରୁବାର ଏକ ଡକାୟତି ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ପଞ୍ଚୁଦେଉଳ ସାହିର ମୁନା ବେହେରାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୬ ଡିସେମ୍ବର ୧୧ରେ ଫାଷ୍ଟଗେଟ ଲକ୍ଷ୍ମୀନଗର ଏକ ପରିତ୍ୟକ୍ତ ଜାଗାରେ ଡକାୟତି ଯୋଜନା ଚାଲିଥିଲା। ବଡବଜାର ଥାନା ପୋଲିସ ସେଠାରେ ଚଢ଼ାଉ କରି ମୁନାଙ୍କ ସମେତ ୬ଜଣଙ୍କୁ ମାମଲା ନମ୍ବର ୧୩୦/୧୬ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ସ୍ୱଚ୍ଛତା ସଚେତନତା ରଥ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୧୯।୫

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ସାନିଟେଶନ ବିଭାଗ ପକ୍ଷରୁ ଗୁରୁବାର ସ୍ୱଚ୍ଛତା ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଏହାକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ ଡେପୁଟି ମେୟର ଇ.. ବିବେକ ରେଡ୍ଡୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥ ୪୨ଟି ୱାର୍ଡ ବୁଲି ସଫେଇ ସମ୍ପର୍କରେ ଲୋକଙ୍କୁ ଇ-ବର୍ଜ୍ୟବସ୍ତୁ ସଂଗ୍ରହ ସମ୍ପର୍କରେ ସଚେତନ କରାଇବ ବୋଲି ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ଆଶୁତୋଷ ସାମଲ, ଡେପୁଟି କମିଶନର ଅଦ୍ୱୈତ ସ୍ୱାଇଁ, ସିଇଓ ଗୀତାଞ୍ଜଳି ସାମନ୍ତରାଏ, ସାନିଟେଶନ ଏକ୍ସପର୍ଟ ସାଗରିକା ଖଣ୍ଡୁଆଳ, ମୋନିକା ମୋନାଲି ମାନସିଂଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଭୋଜିରେ ଗଣ୍ଡଗୋଳ ମାମଲା
## ଫେରାର ୪ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୯।୫

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରୋହିଗାଁରେ ଗତ ୮ ତାରିଖ ରାତିରେ ରାଜେନ୍ଦ୍ର ମହାଙ୍କୁଡ଼ଙ୍କ ବାହାଘର ଭୋଜିରେ ହୋଇଥିବା ଗଣ୍ଡଗୋଳ ମାମଲାରେ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏହି ଗଣ୍ଡଗୋଳ ବେଳେ ରୋହିଗାଁର ଦ୍ୟୁତିକୃଷ୍ଣ ସ୍ୱାଇଁ ଗୁରୁତର ହୋଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ରୋହିଗାଁର ରାଜେନ୍ଦ୍ର ମହାଙ୍କୁଡ(୨୧), ଝଡ଼ିଆ ମହାଙ୍କୁଡ (୧୯) ଓ ରୋହିଗାଁର ଦୁଇ ଭାଇ କୃଷ୍ଣ ଗୌଡ଼(୨୪), ନାରାୟଣ ଗୌଡ଼(୧୯)। ମାମଲା ନମ୍ବର ୧୭୬/୨୨ରେ ଗୁରୁବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଏହି ମାମଲାରେ ପୋଲିସ ଖଜୁରିଆର ଶଙ୍କର ସାସମାଲ(୨୨) ଓ ବଳରାମ ସାସମଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ପ୍ରକାଶ ଯେ, ରୋହିଗାଁର ରାଜେନ୍ଦ୍ରଙ୍କର ଏକ ଭୋଜିରେ ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ଏକାଧିକ ଲୋକ ଆହତ ହୋଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ଦୁଇଟି ମାମଲା ରୁଜୁ କରିଥିଲା। ପୂର୍ବରୁ ୧୭୭ /୨୨ ରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୧୯।୫

ଏମ୍‌କେସିଜି ମେଡିକାଲ ବଞ୍ଚାଅ ଦାବି ନେଇ ଗଞ୍ଜାମ ଜିଲା ଭାଜପା ରାଜନୀତି ସରଗରମ ହୋଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନା ପରିସରରେ ୩ ଦିନଧରି ଚାଲିଥିବା ଗଣଧାରଣା ଗୁରୁବାର ସରିଛି। ୧୪ ଦଫା ସମ୍ବଳିତ ଦାବି ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ପୁଣି ଆନ୍ଦୋଳନକୁ ଜୋରଦାର କରାଯିବାକୁ ଘୋଷଣା ହୋଇଛି। ଖୁବ୍‌ଶୀଘ୍ର ଘୁମୁସର ଓ ଗଞ୍ଜାମ ସାଙ୍ଗଠନିକ ଜିଲା କାର୍ଯ୍ୟକର୍ତ୍ତାଙ୍କ ମିଳିତ ବୈଠକ ହୋଇ ଗଞ୍ଜାମ ଜିଲା ବନ୍ଦ ପାଳନ ଲାଗି ତାରିଖ ଘୋଷଣା ନିଷ୍ପତ୍ତି ନିଆଯିବ। ୩ ଦିନିଆ ଆନ୍ଦୋଳନ ଶେଷରେ ଏହି ସୂଚନା ଦେଇଛନ୍ତି ସଭାପତି ବିଭୂତି ଭୂଷଣ ଜେନା। ସ୍ୱାସ୍ଥ୍ୟସେବାରେ ଦେଖାଦେଇଥିବା ମୌଳିକ ସମସ୍ୟା


ଆନ୍ଦୋଳନ ସ୍ଥଳରେ ମେଡିକାଲ କଲେଜ ଅଧକ୍ଷଙ୍କ ସହ ନେତା ଓ କର୍ମୀଙ୍କ ଆଲୋଚନା ।

ସମାଧାନରେ ବିଜେଡି ସରକାରଙ୍କ ଚରମ ଅବହେଳାର ପ୍ରତିବାଦରେ ବୃହତ୍ ଆନ୍ଦୋଳନ ହେବ ଏବଂ ସମଗ୍ର ଜିଲାରେ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ଜେନା ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ଭାଜପା ନେତା ଓ କର୍ମୀଙ୍କ ଆନ୍ଦୋଳନର ଦ୍ୱିତୀୟ ଦିବସ ସୁଦ୍ଧା ମେଡିକାଲ କର୍ତ୍ତୃପକ୍ଷଙ୍କ ଦେଖା ନ ଥିବା ଖବର ୧୯ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ତେଣୁ ଗୁରୁବାର ଗଣଧାରଣାର ଅନ୍ତିମ ଦିବସରେ

- ଭାଜପାର ଗଞ୍ଜାମ ବନ୍ଦ ନିଷ୍ପତ୍ତି
- ୩ ଦିନିଆ ଆନ୍ଦୋଳନ ଶେଷରେ ଘୋଷଣା

ମେଡିକାଲ କଲେଜ ଅଧକ୍ଷ ତଥା ଡିନ୍ ପ୍ରଫେସର ଅବନୀ ମିଶ୍ର ଆନ୍ଦୋଳନସ୍ଥଳକୁ ଆସି ନେତାଙ୍କ ସହ ଆଲୋଚନା କରିଥିଲେ। ଭାଜପାର ୧୪ ଦଫା ଦାବି ଯୁକ୍ତିଯୁକ୍ତ ହୋଇଥିବା ସ୍ୱୀକାର କରିଥିଲେ। ଏଗୁଡ଼ିକ ପୂରଣ ପାଇଁ ସରକାରଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏକ ପ୍ରତିନିଧି ଦଳ ଛତ୍ରପୁର ଯାଇ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ଜାଗ୍ରତ ଲାଗି ଏମ୍‌କେସିଜି ସମସ୍ୟାକୁ ପ୍ରସଙ୍ଗ କରିଥିବା ମହାନଗରରେ ରାଜନୈତିକ ଚର୍ଚ୍ଚା ହେଉଛି। ଆନ୍ଦୋଳନର ଗୁରୁବାର ତୃତୀୟ ଦିନରେ ମଧ ଶତାଧିକ କର୍ମୀ ଓ ନେତା ଗଣଧାରଣା ଦେଇ ବିକ୍ଷୋଭ କରିଥିଲେ। ଏଥିରେ ଅନେକ ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା ଓ ଅନ୍ୟ ଛାମୁଆ ସଂଗଠନ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ଜିଲାର ପ୍ରମୁଖ ମେଡିକାଲରେ ଲାଗି ରହିଥିବା ମୌଳିକ ସମସ୍ୟା ସମାଧାନରେ ସରକାରୀ ଅବହେଳାକୁ କଡ଼ା ସମାଲୋଚନା କରାଯାଇଥିଲା। ଏମ୍‌କେସିଜିରୁ ବଦଳି କରାଯାଇଥିବା ଡାକ୍ତର ଓ ବିଶେଷଜ୍ଞଙ୍କୁ ତୁରନ୍ତ ଫେରାଇ ଆଣିବା ପାଇଁ ସ୍ଲୋଗାନ ଦ୍ୱାରା ପୁନର୍ବାର ଦାବି କରାଯାଇଥିଲା। ଖାଲି ପଡ଼ିଥିବା ଶତାଧିକ ଡାକ୍ତର ଓ ଅନ୍ୟ କର୍ମଚାରୀ ପଦ ଅବିଳମ୍ବେ ପୂରଣ ଲାଗି ଗୁରୁତ୍ୱ ଦିଆଯାଇଛି। ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତି ଆନ୍ଦୋଳନର ସଂଯୋଜକ ଥିଲେ।

## ସଂକ୍ଷେପରେ

### ସବ୍‌ଜେଲରେ ସ୍ୱାସ୍ଥ୍ୟ ଶିବିର



**ନୟାଗଡ଼ ଅଫିସ,୧୯।୫:** ଖୁଣ୍ଟୁବନ୍ଧସ୍ଥିତ ନୟାଗଡ଼ ସବ୍‌ଜେଲରେ ଅନ୍ତେବାସୀମାନଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨ ଦିନିଆ ସ୍ୱାସ୍ଥ୍ୟ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଅନ୍ତେବାସୀମାନଙ୍କୁ ଯକ୍ଷ୍ମା, ଏଚ୍‌ଆଇଭି ଓ ମଧୁମେହ ରୋଗ ଉପରେ ସଚେତନତା କରାଯାଇଥିଲା । ସେହିପରି ଏଚ୍‌ଆଇଭି ଓ ମଧୁମେହ ରୋଗ ଅଛି କି ନାହିଁ ଜାଣିବା ପାଇଁ ରକ୍ତ ପରୀକ୍ଷଣ କରାଯାଇଥିଲା । ବୁଧବାର ୧୪୯ ଓ ଗୁରୁବାର ୧୭୧ ଜଣ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଥିରେ ଜିଲା ଯକ୍ଷ୍ମା ଅଧିକାରୀ ଶରତ କୁମାର ଦାଶ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଜେଲ ଅଧୀକ୍ଷକ ପ୍ରଫୁଲ୍ଲ କୁମାର କବି ସହଯୋଗ କରିଥିଲେ । ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ମିତିଲତା ବିଶ୍ୱାଳ, ଦିଲ୍ଲୀପ ପ୍ରଧାନ, ରୁଦ୍ର ପ୍ରସାଦ ଜେନା, ଶରତ ଓଝା, ଦୀପକ ଦଳବେହେରା, ଅଶୋକ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

### ଯୁବତୀ ଉଦ୍ଧାର, ଯୁବକ ଅଟକ

**କାଶୀନଗର,୧୯।୫:** କାଶୀନଗର ଏନ୍‌ଏସିର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ରାୟଗଡ଼ା ଜିଲା ଗୁଣପୁର ନିକଟସ୍ଥ ଗ୍ରାମର ଜଣେ ଯୁବକ ଆନ୍ଧ୍ରର ବିଶାଖାପାଟଣା ନେଇଯାଇଥିଲେ। ପରିବାରର ଅଭିଯୋଗ ପ୍ରକାରେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉଭୟଙ୍କୁ ବିଶାଖାପାଟଣାରୁ ଉଦ୍ଧାର କରି କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତରୀ ମାଇନା କରାଇଛି। ଥାନାରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ନେଇ ନଂ.୫୩/୨୨ରେ ଏକ ମାମଲା ରୁଜୁ ହୋଇଛି।

### ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଆସିକା,୧୯।୫(ଡି.ଏନ.ଏ.):** ଗାଙ୍ଗପୁର ଥାନା ଅନ୍ତର୍ଗତ କାଳିଆଗୁଡା ଛକ ନିକଟରେ ଗୁରୁବାର ରାତି ପ୍ରାୟ ୮ଟାରେ ଏକ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ କାଳିଆଗୁଡା ଗ୍ରାମର ବିମଳ ପ୍ରଧାନ। ଦୁର୍ଘଟଣାରେ ବାଇକ ଚାଳକ ମଧ ଗୁରୁତର ଆହତ ହୋଇଛନ୍ତି। ଭଞ୍ଜନଗର ସରକାରୀ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି। ଗାଙ୍ଗପୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

### ଗୋରୁ ବୋଝେଇ ୪ ବୋଲେରୋ ଜବତ

**କାଶୀନଗର,୧୯।୫:** କାଶୀନଗର ଥାନା ପୋଲିସ ଦ୍ୱାରା ୪ଟି ବୋଲେରୋ ଗାଡ଼ିରେ ୨୮ଟି ଗାଈ ବୋଝେଇ ହୋଇ ଯାଉଥିବା ବେଳେ ଜବତ ହୋଇଛି। ଏହି ମାମଲାରେ ଗୋରୁ ଚାଲାଣକାରୀ ୪ ଜଣ ଆସାମୀ ସି. ଅର୍ଜୁନ, ନାଗାଶ୍ରୀନୁ, ଗାବରା ପ୍ରସାଦ, ୱାଇ ରାମଣାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ଆଶ୍ରମ ସ୍କୁଲରେ ଅନ୍ତେବାସୀ ଛଟପଟ

**ନୟାଗଡ଼ ଅଫିସ,୧୯।୫**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ ପଞ୍ଚାୟତର ସୁନ୍ଦରକୁମ୍ଭା ଆଶ୍ରମ ସ୍କୁଲରେ ଅନ୍ତେବାସୀ ଅଭିଶପ୍ତ ଜୀବନ ବିତାଉଛନ୍ତି । ଅସ୍ୱାସ୍ଥ୍ୟକର ପରିବେଶରେ ସେହି ପିଲାମାନଙ୍କ ଦିନ କଟୁଛି । ସରକାର ଅନ୍ତେବାସୀଙ୍କ ରହିବା, ଖାଇବା, ପୋଷାକ ଓ ପାଠପଢ଼ା ପାଇଁ ବାର୍ଷିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିଲେ ମଧ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରାଯାଉନାହିଁ । ପଇସା ଆସୁନି କହି କାମ ଚଳାଇ ନେବାକୁ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକମାନେ ପରାମର୍ଶ ଦେଉଥିବା ଅଭିଯୋଗ ହୋଇଛି । ସ୍ଥିତି ଏମିତି ହୋଇଛି ଯେ, ଅନ୍ତେବାସୀଙ୍କୁ ଜଳଖିଆ ବଦଳରେ ପଖାଳ ଦିଆଯାଉଛି। ପୁଣି ସ୍କୁଲରେ ଶିକ୍ଷକଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ଥିଲେ ମଧ୍ୟ ଅନ୍ତେବାସୀଙ୍କ ଲାଗି ନାହିଁ । ଏଣୁ ପିଲାମାନେ ନିକଟସ୍ଥ ଜଙ୍ଗଲ ଓ ନାଳକୁ ଶୌଚ ପାଇଁ ଯାଉଛନ୍ତି । ଖାଲଖମା ଚଟାଣରେ ଅନ୍ତେବାସୀ ରହୁଛନ୍ତି । ନାନା ଅସୁବିଧାରେ ରହୁଥିବା ଅନ୍ତେବାସୀଙ୍କ ଦୁଃଖ ଜିଲା ମଙ୍ଗଳ ଅଧିକାରୀଙ୍କ ନଜରକୁ ଆସୁନି । ଅନ୍ୟପକ୍ଷେ ଜିଲା ମଙ୍ଗଳ ଅଧିକାରୀ ସ୍କୁଲ ପରିଦର୍ଶନରେ ଆସୁ ନ ଥିବାରୁ ଏପରି ଅବସ୍ଥା ଦିନକୁ ଦିନ ଗୁରୁତର ରୂପ ନେଉଛି ବୋଲି ଅଭିଯୋଗ ହୋଇଛି।



ଅନ୍ତେବାସୀ ରହୁଥିବା ପ୍ରକୋଷ୍ଠ ଚଟାଣରେ ଗାତ ସୃଷ୍ଟି ହୋଇଛି ।

- ଜଳଖିଆ ବଦଳରେ ମିଳୁଛି ପଖାଳ
- ଶୌଚ ପାଇଁ ନାଳ ଓ ଜଙ୍ଗଲ ଭରସା
- ଖାଲଖମା ଚଟାଣ ହେଉନି ମରାମତି
- ପରିଦର୍ଶନ କରୁ ନାହାନ୍ତି ଜିଲା ମଙ୍ଗଳ ଅଧିକାରୀ
- ଟଙ୍କା ଆସୁନି, କାମ ଚଳାଇ ନେବାକୁ ପରାମର୍ଶ

ସୂଚନା ଅନୁଯାୟୀ, ସୁନ୍ଦରକୁମ୍ଭା ଆଶ୍ରମ ସ୍କୁଲରେ ରହି ୬୭ ଜଣ ଛାତ୍ର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଛନ୍ତି । ଅନ୍ତେବାସୀଙ୍କ ରହିବା ଓ ଖାଇବା ପାଇଁ ଆନୁଷଙ୍ଗିକ ସୁବିଧା ନାହିଁ। ସ୍କୁଲ ଭିତରେ ରହିଛି ଏକ ନଳକୂପ । ନଳକୂପରୁ ମୁନ୍ଦେ ମୁନ୍ଦେ ପାଣି ବାହାରୁ ଥିବାରୁ ଅନ୍ତେବାସୀ ଗାଁ ନଳକୂପର ଜଳକୁ ବ୍ୟବହାର କରି କାମ ଚଳାଇ ନେଉଛନ୍ତି । ଅନ୍ତେବାସୀମାନେ ଜଙ୍ଗଲକୁ ଖୋଲା ଶୌଚାଳୟ ରୂପେ ବ୍ୟବହାର କରୁଛନ୍ତି । ନିକଟସ୍ଥ ନାଳରେ ଶୌଚ ହେଉଛନ୍ତି । ଟିଣ ଛପର ଛାତ ତଳେ ପିଲାମାନେ ରହୁଛନ୍ତି । ସେମାନେ ରହୁଥିବା ଘରର ଚଟାଣରେ ଏକାଧିକ ଗାତ ସୃଷ୍ଟି ହୋଇଛି। ଏହାକୁ ମରାମତି କରାଯାଉନି । ପିଲାମାନଙ୍କୁ ସକାଳ ଜଳଖିଆ ଦିଆଯାଉନି । ସେମାନେ ଘରୁ ଆଣି ରଖିଥିବା ଶୁଖିଲା ଖାଦ୍ୟ ଖାଉଛନ୍ତି। ଅପରାହ୍ନରେ ଜଳଖିଆ ବଦଳରେ ପଖାଳ ଭାତ ଦିଆଯାଉଛି । ରାତିରେ କେବଳ ଭାତ ସହ ଡାଲି ଦିଆଯାଉଛି। ଖାଦ୍ୟ ସାରଣୀ କେବଳ ବିଜ୍ଞାପନ ଫଳକରେ ରହିଛି । ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ଅଭିଯୋଗ କଲେ ପଇସା ଆସିନି କାମ ଚଳାଇ ନିଆଯାଉଛି ବୋଲି କହୁଛନ୍ତି ।

ଏନେଇ କେତେଜଣ ଛାତ୍ର କହିଛନ୍ତି, ବାରମ୍ବାର ମାଗିବା ପରେ ତେଲ ଲଗାଇବାକୁ ମିଳୁଛି। ଏଯାବତ୍ ସାବୁନ ମିଳିନାହିଁ। ଖାଦ୍ୟ ରୁଚିକର ହେଉନି । ପେଟର ଭୋକ ମାରିବା ପାଇଁ ବାଧ୍ୟ ହୋଇ ଖାଇବାକୁ ପଡୁଛି । ପାଣିଆ ଓ ପେଜ ମିଶା ଡାଲି ଅଧିକାଂଶ ସମୟ ଆମକୁ ପରଷା ଯାଉଛି। ଜଳଖିଆ ଆଦୌ ମିଳୁନାହିଁ । ଅଣ୍ଡା ଝୋଳରେ ଆଳୁ ପଡୁନାହିଁ। ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କୁ ଏପରି ଅସୁବିଧା ସଂକ୍ରାନ୍ତରେ ଜଣାଇଲେ ବୁଝିବା କହି ପଦକ୍ଷେପ ନେଉ ନାହାନ୍ତି । ଏନେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୟାନିଧି ନାୟକ କୁହନ୍ତି, ମୁଁ ୩ରୁ ୪ମାସ ହେଲା ସ୍କୁଲ ଅନୁଧ୍ୟାନରେ ଯାଇନାହିଁ। ଅନ୍ତେବାସୀଙ୍କ ଅସୁବିଧା ସଂକ୍ରାନ୍ତରେ ଅନୁଧ୍ୟାନ କରିବି । ଏହାର ତୁରନ୍ତ ପ୍ରତିକାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ପ୍ରଧାନଶିକ୍ଷକ ନିରଞ୍ଜନ ସାହୁଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବାରୁ ଅନ୍ତେବାସୀଙ୍କ ଅସୁବିଧା କିଛି ନାହିଁ କହି ଉପରୋକ୍ତ ଅଭିଯୋଗକୁ ଏଡାଇ ଯାଇଛନ୍ତି।

## ଫାଙ୍କା ଗୁଳିଚାଳନା, ଜେଲ୍ ଗଲେ ଯୁବକ

**ଲାଇସେନ୍ସପ୍ରାପ୍ତ ବନ୍ଧୁକ ଜବତ**

**ନୟାଗଡ଼ ଅଫିସ,୧୯।୫**

ଫାଙ୍କା ଗୁଳିଚାଳନା କରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଲକ୍ଷ୍ମଣ ନଗରର ତୈଲୋକ୍ୟ ଲୋଚନ ବାଜପେୟୀ(୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ତୈଲୋକ୍ୟଙ୍କୁ ବୁଧବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ ଲକ୍ଷ୍ମଣ ନଗରର ତୈଲୋକ୍ୟ ଲୋଚନ ବାଜପେୟୀ ଓ ବିଭୁ ପ୍ରସାଦ ଶତପଥଙ୍କ ମଧ୍ୟରେ ଗତ ୧୬ ତାରିଖରେ ରାସ୍ତାକୁ ନେଇ ବିବାଦ ଦେଖା ଦେଇଥିଲା । ତୈଲୋକ୍ୟ ଉତ୍ତେଜିତ ହୋଇ ଫାଙ୍କା କୁଳି ଚାଳନା କରିଥିଲେ । ଏନେଇ ୧୭ ତାରିଖରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୋଲିସ ୬୮/୨୨ରେ ମାମଲା ରୁଜୁ କରି ବନ୍ଧୁକ ଜବତ କରିଥିଲା। ଅନ୍ୟପକ୍ଷେ ଘଟଣାର ତଦନ୍ତ କରୁଥିଲା ।

## ୨ ଗୋରୁ ବ୍ୟବସାୟୀ ଗଲେ ଜେଲ



ଗରିଫ ୨ ଗୋରୁ ବ୍ୟବସାୟୀ ।

**ନୟାଗଡ଼ ଅଫିସ,୧୯।୫**

ନୟାଗଡ଼ ସଦର ଥାନା ପୋଲିସ ଗୁରୁବାର ଦୁଇ ଗୋରୁ ବ୍ୟବସାୟୀଙ୍କୁ ଗିରଫ କରି ଜେଲ୍ ପଠାଇଛି । ଜାମିନ ନାମଞ୍ଜୁର ପରେ କାଦୁଆ ଗାଁର ସନ୍ତୋଷ କୁମାର ଭୋଳ ଓ ପ୍ରଦୀପ୍ତ କୁମାର ଭୋଳଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଗତ ଏପ୍ରିଲ ୨୦ ରାତି ପ୍ରାୟ ସାଢ଼େ ୧ଟାରେ ପେଟାପଲ୍ଲୀରୁ ୨ଟି ଗୋରୁ ବୋଝେଇ ମିନି ଟ୍ରକ ଜବତ ହୋଇଥିଲା । ପୋଲିସକୁ ଦେଖି ଗୋରୁ ବ୍ୟବସାୟୀ ତଥା ଡ୍ରାଇଭର ଦ୍ୱୟ ପଳାଇ ଯାଇଥିଲେ । ପୋଲିସ ଓଡି୦୨ବିଏଲ ୪୯୬୯ ଓ ଓଆର୦୨ ବିଡବ୍ଲୁ ୭୦୬୦ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ ୯ ଗୋରୁ ଉଦ୍ଧାର କରିଥିଲା। ଉଧାରଗୋରୁଙ୍କୁ ସେ ସମୟରେ କୋସକା ଗୋଶାଳାରେ ଛାଡିଥିଲା । ଅନ୍ୟପକ୍ଷେ ୫୯/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚାରି ରଖିଛି ।

## ଏନ୍‌ଏସି ଅଧକ୍ଷାଙ୍କ ଆହାର, ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରୁଛନ୍ତି ଏନ୍‌ଏସି ଅଧ୍ୟକ୍ଷା ।

**ଖଣ୍ଡପଡ଼ା,୧୯।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ ଗୁରୁବାର ସହଯୋଗୀ କାଉନସିଲରମାନଙ୍କ ଗହଣରେ ଖଣ୍ଡପଡ଼ା ଆହାରକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି । ଆହାର କେନ୍ଦ୍ରରେ ମିଳୁଥିବା ଖାଦ୍ୟର ମାନ ଅଧକ୍ଷା ପରୀକ୍ଷା କରିଥିଲେ । ଆହାର କେନ୍ଦ୍ର ପରିଚାଳନା ଦାୟୀତ୍ୱରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉକ୍ତ କେନ୍ଦ୍ରରେ ଦେଖା ଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଅଧକ୍ଷାଙ୍କୁ ଜଣାଇଥିଲେ । ସେହିପରି ଅଧକ୍ଷା ପ୍ରଧାନ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ୱାର୍ଡରେ ଚିକିତ୍ସା ହେଉଥିବା ରୋଗୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଡ଼ାକ୍ତର ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ । ପରେ ଅଧକ୍ଷା ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ । ସ୍ଥାନୀୟ ୱାର୍ଡବାସୀ ଡ୍ରେନେଜ, ପରିମଳ ଓ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଧକ୍ଷାଙ୍କୁ ଅବଗତ କରିଥିଲେ । ଖୁବଶୀଘ୍ର ଉପରୋକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଅଧକ୍ଷା ପ୍ରତିଶ୍ରୁତି ଦେଇଥିଲେ ।

# ବନବାସ ଗଲେ ଶ୍ରୀରାମ

**କଣ୍ଟିଲୋ ରାମଲୀଳାର ତୃତୀୟ ସନ୍ଧ୍ୟା**

- ପର୍ଶୁରାମଙ୍କ ଗର୍ବ ଭାଙ୍ଗିଲା
- ମନ୍ଥରାଙ୍କ ଯୋଗୁ ଅଯୋଦ୍ଧାରେ ଦୁଃଖ

**ଖଣ୍ଡପଡ଼ା,୧୯।୫(ସ୍ୱ.ପ୍ର.)**

କଣ୍ଟିଲୋ କଂସାରୀ ସାହି ପାଟଣା ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳାର ବୁଧବାର ଥିଲା ତୃତୀୟ ସନ୍ଧ୍ୟା । ଏହି ଅବସରରେ ପର୍ଶୁରାମ ଭେଟ ଓ ଶ୍ରୀରାମଙ୍କ ବନଗମନ ରାମଲୀଳା ପରିବେଷଣ କରାଯାଇଥିଲା । ସଂସାରରୁ ଦୃଷ୍ଟମାନଙ୍କ ବିନାଶ ନିମନ୍ତେ ଭଗବାନ ବିଭିନ୍ନ ସମୟରେ ଅବତାର ନେଇଥାଆନ୍ତି । ଦୃଷ୍ଟଙ୍କ ବିନାଶ ପାଇଁ ବିଶ୍ୱାମିତ୍ର ଋଷି ମହାରାଜା ଦଶରଥଙ୍କୁ ଅନୁରୋଧ କରି ତାଙ୍କ ଦୁଇ ଧନୁର୍ଦ୍ଧର ପୁତ୍ର ରାମ ଓ ଲକ୍ଷ୍ମଣଙ୍କୁ ବନକୁ ନେଇଥିଲେ । ଫେରିବା ବାଟରେ ଦୁଇ ଭାଇ ବିଶ୍ୱାମିତ୍ରଙ୍କ ସହ ମିଥିଳା ନଗରୀକୁ ଯାଇଥିଲେ । ସେଠାରେ ଜନକଙ୍କ ନନ୍ଦିନୀ ସୀତାଙ୍କ ସ୍ୱୟମ୍ବର ଅନୁଷ୍ଠିତ ହେଉଥିଲା । ସେହି ସ୍ୱୟମ୍ବର ସଭାରେ ରାମଚନ୍ଦ୍ର ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିଲେ । ଫେରିବା ବାଟରେ ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର ବୀର ଭାବେ ଗର୍ବ କରୁଥିବା ପର୍ଶୁରାମଙ୍କ ସହ ରାମଚନ୍ଦ୍ରଙ୍କ ଭେଟ ହୋଇଥିଲା । ନିଜ ହାତରେ ଧାରଣ କରିଥିବା ଶିବଧନୁକୁ ଅନ୍ୟ କେହି ଉଠାଇପାରିବେ ନାହିଁ ବୋଲି ମନେ କରୁଥିବା ପର୍ଶୁରାମ ରାମଚନ୍ଦ୍ରଙ୍କୁ ସେହି ଧନୁକୁ ଧାରଣ କରିବାକୁ ବାଧ କରିଥିଲେ। ମାତ୍ର ରାମଚନ୍ଦ୍ର ପର୍ଶୁରାମଙ୍କ ଧନୁକୁ ଉଠାଇ ଧାରଣ କରିବା ପରେ ପର୍ଶୁରାମଙ୍କ ଗର୍ବ ଖଣ୍ଡନ ହୋଇଥିଲା । ଇତି ମଧରେ ଅଯୋଦ୍ଧା ରାଜବାଟିରେ ମନ୍ଥରା ଦାସୀଙ୍କ କୁମନ୍ତ୍ରଣାରେ ରାଣୀ କୈକେୟୀ ଦଶରଥଙ୍କ ନିକଟରୁ ୨ ବର ମାଗି ନେଇଥିଲେ । ସେଥିମଧ୍ୟରୁ ପ୍ରଥମ ବର ଅନୁଯାୟୀ ଭରତ ଅଯୋଧ୍ୟାରେ ରାଜା ହେବେ ଓ ରାମଙ୍କୁ ୧୪ ବର୍ଷ ବନବାସ ଯିବାକୁ ହେବ । ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରି ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ବନବାସ ଯାଇଥିଲେ ।

ବୁଧବାର ମଞ୍ଚସ୍ଥ ଏହି ନାଟକ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ମଞ୍ଚସ୍ଥ ନାଟକର ଶିଶୁକଳାକାର ରାମ, ଲକ୍ଷ୍ମଣ, ସୀତା ଭୂମିକାରେ ଯଥାକ୍ରମେ ସୁରଜ, ଅସୀତ ଓ ଚିଣ୍ଟୁ ଅଭିନୟ କରିଥିବା ବେଳେ ପର୍ଶୁରାମ, ମନ୍ଥରା, ଜନକ, ଦଶରଥ, କୈକେୟୀ ଓ ବିଶ୍ୱାମିତ୍ର ଭୂମିକାରେ ଯଥାକ୍ରମେ ତାପସ କୁମାର ସାହୁ, ଦିପୁ ରଞ୍ଜନ ସାହୁ, ଭିକାରୀ ଚରଣ ସାହୁ, ଶରତ ଚନ୍ଦ୍ର ସାହୁ, ହାପି ସାହୁ ଓ ବିଭୁତି ଭୂଷଣ ସାହୁ ପ୍ରମୁଖ ଅଭିନୟ କରିଥିଲେ ।



ରାମଲୀଳାରେ ପର୍ଶୁରାମ ନିଜ ଶକ୍ତି ପ୍ରଦର୍ଶନ କରୁଛନ୍ତି ।

## ବିଲୁଆ କାମୁଡ଼ାରେ ୮ ଆହତ

**ହିଞ୍ଜିଳିକାଟୁ,୧୯।୫(ଡି.ଏନ.ଏ.)**

ହିଞ୍ଜିଳି ଥାନା ଶାସନ ଆମ୍ବଗାଁରେ ଗୁରୁବାର ବିଲୁଆ କାମୁଡ଼ାରେ ୭ ଜଣ ମହିଳା ଓ ପୁରୁଷ ଆହତ ହୋଇଛନ୍ତି। ସେମାନେ ହେଲେ ବାଦିଆମ୍ବଗାଁର ଟିନା ଗୌଡ, ଯୁଧିଷ୍ଠିର ଜେନା, ଅପୁର୍ବ ଜେନା, ବିନୋଦ ସାହୁ,ନିର ଡାକୁଆ, ଅପୁର୍ ସେଠୀ, ମେଳା ସେଠୀ ଓ ସୁଦକ୍ଷ୍ଟା ଜେନା। କେତେଜଣ ରାସ୍ତାରେ ଯାଉଥିବା ବେଳେ ଓ କେତେଜଣ ଚାଷ ଜମିରେ କାମ କରୁଥିବା ବେଳେ ଏମାନଙ୍କୁ ବିଲୁଆ କାମୁଡି ଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।

# ଦୁର୍ଗାବଜାରରେ ମଦ ବାର୍ ଖୋଲିବାକୁ ବିରୋଧ

**ଦଶପଲ୍ଲା,୧୯।୫ (ଡି.ଏନ୍.ଏ.)**

- ଜିଲାପାଳଙ୍କୁ ଚିଠି ଲେଖିଲେ ଏନ୍‌ଏସି ଅଧ୍ୟକ୍ଷା ଓ କାଉନସିଲର
- ଜନସାଧାରଣଙ୍କ ପକ୍ଷରୁ ଜୋରଦାର ବିରୋଧ

ଦଶପଲ୍ଲା ଦୁର୍ଗା ବଜାରରେ ଏକ ମଦ ବାର ଖୋଲିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ଜଣାପଡିବା ପରେ ଜନ ଅସନ୍ତୋଷ ପ୍ରକାଶ ପାଇଛି । ଏହି ମଦ ବାରକୁ ଜୋରଦାର ବିରୋଧ କରାଯାଇଛି। ଦଶପଲ୍ଲା ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶନୀ, କାଉନସିରଙ୍କ ସମେତ ଜନସାଧାରଣଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ମଦ ବାର ପାଇଁ ଚିହ୍ନଟ ହୋଇଥିବା ସ୍ଥାନଠାରୁ ୧୦୦ ମିଟର ଦୂରରେ ଶିଶୁ ବିଦ୍ୟାଳୟ, ୨୫୦ ମିଟର ଦୂରରେ ଉଚ୍ଚ ବିଦ୍ୟାଳୟ ସହ ପ୍ରାଥମିକ ବିଦ୍ୟାଳୟ ଏବଂ ଖୁବ୍ ନିକଟରେ ଶ୍ରୀରାମ ମନ୍ଦିର ରହିଛି । ଚିହ୍ନଟ ସ୍ଥାନ ଦୁର୍ଗା ବଜାର ମଧରେ ହୋଇଥିବାରୁ ସେଠାରେ ନିୟମିତ ହାଟ ବସୁଛି । ଏଭଳି ସ୍ଥାନରେ ମଦ ବାର ପାଇଁ କିଭଳି ସ୍ଥାନ ଚିହ୍ନଟ ହୋଇଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରୁ ରଖି ପ୍ରସ୍ତାବିତ ମଦ ବାରକୁ ବାତିଲ୍ କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି । ଦଶପଲ୍ଲା କାଉନସିଲର ସୁଶାନ୍ତ କୁମାର ସିଠ, ବୀଣାପାଣି ପାଣି, ମାନିନୀ ସେଠୀ, ଅରୁଣ ଦାଶ, ଅର୍ଜନା ସାହୁ, ଲକ୍ଷ୍ମୀଧର ସାହୁ ଏବଂ ବୁଦ୍ଧିଜୀବୀମାନେ ଏହାକୁ ବିରୋଧ କରିଛନ୍ତି।

# ମଧ୍ୟାହ୍ନଭୋଜନରେ ଅନିୟମିତତା ଅଭିଯୋଗ

**ନୂଆଗାଁ,୧୯।୫ (ଡି.ଏନ.ଏ.)**




ଛାତ୍ରୀଛାତ୍ରମାନଙ୍କୁ ସ୍କୁଲଭିମୁଖୀ କରିବା ପାଇଁ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ସରକାର ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି। କିନ୍ତୁ କେତେଜଣ ଅସାଧୁ କର୍ମଚାରୀଙ୍କ ଯୋଗୁ ସେଥିରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ଏପରି ଅଭିଯୋଗ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆସିଛି। ଜଗନ୍ନାଥପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୮୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ହେଲେ ପ୍ରତିଦିନ ୧୩୦ରୁ ୧୪୦ ଛାତ୍ରୀଛାତ୍ର ସ୍କୁଲ ଆସିଥାଆନ୍ତି। ସେହି ଅନୁସାରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଇଥାଏ। କିନ୍ତୁ ମଧ୍ୟାହ୍ନଭୋଜନରେ ଅନିୟମିତତା ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେତେଜଣ ଶିକ୍ଷକ ଏହାକୁ ଭିତ୍ତିହୀନ ବୋଲି କହି ଏଡାଇ ଯାଉଥିଲେ । ଅଭିଯୋଗ ପାଇ ଆମ ପ୍ରତିନିଧି ସ୍କୁଲରେ ପହଞ୍ଚି ଥିଲେ। ଏହି ସମୟରେ ସ୍କୁଲ ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁ ସ୍କୁଲରେ ପହଞ୍ଚି ମଧ୍ୟାହ୍ନ ଭୋଜନର ଅନିୟମିତତା ବାବଦରେ କେତେଜଣ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳିଥିଲା । ପ୍ରତିଦିନ ୧୮୦ ଛାତ୍ରୀଛାତ୍ର ସ୍କୁଲ ଆସୁଥିବା ବେଳେ ବୁଧବାର ୧୮୬ ଓ ଗୁରୁବାର ୧୩୩ ଛାତ୍ରୀଛାତ୍ର ଆସିଛନ୍ତି ବୋଲି ପ୍ରଧାନ ଶିକ୍ଷକ କହିଥିଲେ । ଉକ୍ତ ସ୍କୁଲର ମଧ୍ୟାହ୍ନଭୋଜନର ତଥ୍ୟ ବାବଦରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଚାରିବାରୁ ସେହି ସ୍କୁଲ ଶିକ୍ଷକ ପ୍ରତିଦିନ ତଥ୍ୟ ନ ଦେଇ ମାସ ଶେଷରେ ସମୁଦାୟ ହିସାବ ଦିଅନ୍ତି ବୋଲି କହିଥିଲେ । ସିଆରସିସି ପ୍ରସନ୍ନ କୁମାର ବେହେରାଙ୍କୁ ଏ ବାବଦରେ ପଚାରିବାରୁ ଆମେ ପ୍ରତିଦିନ ୧୫/୨୦ ଜଣ ଛାତ୍ରୀଛାତ୍ରଙ୍କ ଅଧିକ ଉପସ୍ଥାନ ପକାଉଛୁ ବୋଲି କହିଥିଲେ । ଏ ବାବଦରେ ନୂଆଗାଁ ବ୍ଲକ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ ରାଜକିଶୋର ରାଜଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ଏହି ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି ।

# ମହୁମାଛିଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ଆଜି ବିଶ୍ୱ ମହୁମାଛି ଦିବସ**

**ଖଣ୍ଡପଡ଼ା,୧୯।୫ (ସ୍ୱ.ପ୍ର.)**

ମେ ୨୦ ଅର୍ଥାତ୍ ଶୁକ୍ରବାର ବିଶ୍ୱ ମହୁମାଛି ଦିବସ । ଏହି ଅବସରରେ ଗୁରୁବାର ପୂର୍ବାହ୍ନରେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋଠାରେ ଏକ ସଚେତନତା ଶିବିର ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଶିବିରରେ ପରିବେଶ ସୁରକ୍ଷା ସହିତ ପ୍ରାଣୀ ଜଗତ ତଥା ବିଶେଷ କରି ମହୁମାଛିର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା । ଗଛଲତା ସହିତ ପଶୁପକ୍ଷୀ, ସରୀସୃପ ଓ ଉପକାରୀ କୀଟପତଙ୍ଗମାନେ ବଞ୍ଚି ନ ରହିଲେ ମାନବ ସମାଜ ତିଷ୍ଠି ରହିବା ଅସମ୍ଭବ । ଏଣୁ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ଜୀବଜନ୍ତୁଙ୍କ ସୁରକ୍ଷା ଓ ବିକାଶ ପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇ ପଡିଛି ବୋଲି ଗଛସାର କହିଥିଲେ । ଏ ଫୁଲରୁ ସେ ଫୁଲକୁ ଉଡି ବୁଲୁଥିବା ପ୍ରଜାପତି, ଭ୍ରମର ବିଶେଷ କରି ମହୁମାଛି ଫୁଲରୁ ଫଳ ହେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ବିଭିନ୍ନ ଫୁଲରୁ ମଧୁ ସଂଗ୍ରହ କରୁଥିବା ମହୁମାଛି ପ୍ରତି ଆମେ ଅନେକ ସମୟରେ ନିଷ୍ଠୁର ଭାବ ପ୍ରଦର୍ଶନ କରିଥାଉ । ଆଜିର ଦିନରେ ମନୁଷ୍ୟ ବିଜ୍ଞାନ କ୍ଷେତ୍ରରେ ବହୁ ଆଗରେ ଥିଲେ ବି ମଣିଷ ସ୍ୱାସ୍ଥ୍ୟପାଇଁ ଆବଶ୍ୟକ ହେଉଥିବା ମହୁ ମହୁମାଛି ଉପରେ ନିର୍ଭର କରେ । ମହୁଫେଣାରୁ ମହୁ ସଂଗ୍ରହ କରିବା ପାଇଁ ଅନେକ ନିର୍ମମ ଭାବେ ମହୁମାଛିମାନଙ୍କୁ ମାରି ଦେଇଥାନ୍ତି । ଫେଣାରୁ ମହୁମାଛିକୁ ଘଉଡାଇବା ପାଇଁ ଧୂଆଁ ଓ ନିଆଁର ବ୍ୟବହାର କରାଯାଇଥାଏ । ଏଣୁ ମହୁମାଛି ପରି ନିରୀହ ଜୀବଙ୍କ ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆୟୋଜିତ ଶିବିରରେ ଉପସ୍ଥିତ ଲୋକମାନଙ୍କୁ ଗଛସାର ନିବେଦନ କରିଥିଲେ । ଏହି ଶିବିରରେ ନୀଳମାଧବ ମହାବିଦ୍ୟାଳୟର ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ, କଂସାପିତଳ କାରିଗର ଅଖିଳ କୁମାର ମହାପାତ୍ର, ଅବସରପ୍ରାପ୍ତ କୃଷି ଅଧିକାରୀ ନାରାୟଣ ଦଳାଇ, ପ୍ରଧାନଶିକ୍ଷକ ସନାତନ ମହାନ୍ତି, ପ୍ରକାଶ ଚନ୍ଦ୍ର ଗୋଛି, ପ୍ରମୋଦ କୁମାର ଚିନ୍ନରା, ଜୟକୃଷ୍ଣ ରାଉତଙ୍କ ସମେତ ଉପସ୍ଥିତ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରମାନଙ୍କୁ ସାହୁ ପରିବେଶ ସୁରକ୍ଷା ସହିତ ଜୀବଜନ୍ତୁମାନଙ୍କ ବଂଶବୃଦ୍ଧି ଦିଗରେ ବିଭିନ୍ନ ଫଟୋଚିତ୍ର ଓ ପୋଷ୍ଟର ପ୍ରଦର୍ଶନ କରି ସଚେତନତା କରାଇଥିଲେ ।




ବିଶ୍ୱ ମହୁମାଛି ଦିବସ ଅବ୍ୟବହିତ ପୂର୍ବରୁ ସଚେତନତା ଶିବିର

# ବାହାରୁ ମହାକାଳପଡ଼ାକୁ ଆସୁଛି ବିଡ଼ିଂ ଯାଆଁଳ

**ମହାକାଳପଡ଼ା,୧୯।୫ (ଡି.ଏନ.ଏ.)**

- ଭାକ୍ସିନ କୃତ୍ରିମ ବିଡ଼ିଂ ମାଛ ଯାଆଁଳ
- ପସରା ମେଲାଇଛନ୍ତି ଗାଁ ଗାଁରେ ବ୍ୟବସାୟୀ
- କିଲୋ ପ୍ରତି ୨ରୁ ସାଢ଼େ ୩ ହଜାର ଟଙ୍କାରେ ବିକ୍ରି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବହୁଳ ଭାବେ ଭାକ୍ସିନ ଦ୍ୱାରା ବିଡ଼ିଂ କରାଯାଉଥିବା କୃତ୍ରିମ ମାଛ ଯାଆଁଳ ବିକ୍ରି ହେଉଛି। ଏହି ମାଛ ଯାଆଁଳକୁ କେତେଜଣ ବ୍ୟବସାୟୀ କୋଲକାତା, ବାଂଲାଦେଶ ସୀମାରୁ ଆସି ୨ ମାସରୁ ଅଧିକ ହେବ ସ୍ଥାନୀୟ ପୋଖରୀରେ ଗାଞ୍ଜି ଜାଲ ଘେରା କରି ଆଡ୍ଡା ଜମାଇଛନ୍ତି। ବିଶେଷକରି ବାଂଲାଦେଶ ସୀମା ପଶ୍ଚିମବଙ୍ଗର ଉତ୍ତର ଚବିଶ ପ୍ରଗଣା ଜିଲାର ବଡ଼ତଳା ବଜାର, ନଦୀଘାଟ ଅଞ୍ଚଳରୁ ପିକ୍‌ଅପ୍ ଭ୍ୟାନ, ବଡ ବଡ ଟ୍ରକ୍ ଦ୍ୱାରା କାନ୍ଥି ଜିଲାର କେତେଜଣ ବ୍ୟବସାୟୀ କେନ୍ଦ୍ରାପଡ଼ା ଜିଲାକୁ ଯାଆଁଳ ଚାଲାଣ କରିଥାନ୍ତି। ମହାକାଳପଡ଼ା ବ୍ଲକର ଜମ୍ବୁ, ଛପାଲୀ, ମଳାଢ଼ି, ଅରୁଣ ନଗର, ରାମନଗର ଆଦି ଅଞ୍ଚଳରେ କାନ୍ଥି ଅଞ୍ଚଳର ବ୍ୟବସାୟୀ ପୋଖରୀରେ ମାଛ ଯାଆଁଳକୁ ଗାଞ୍ଜି ଜାଲରେ ରଖି ସଂରକ୍ଷିତ ରଖନ୍ତି। ପରେ ବାଇକ୍, ସାଇକେଲ ଯୋଗେ ସିଲ୍‌ଭର ହାଣ୍ଡିରେ ସ୍ୱଳ୍ପ ପାଣି ମଧ୍ୟରେ ରୋହି, ଭାକୁର, ମିରିକାଲୀ, ରୂପଚାନ୍ଦି, ଟେମ୍ପୋ, ସିଲ୍‌ଭର କାର୍ପ, ଗ୍ରାସ କାର୍ପ, କେରାଣ୍ଡି ଆଦି ଯାଆଁଳ କିଲୋ ପ୍ରତି ୨ରୁ ସାଢ଼େ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଗାଁ ଗାଁରେ ବୁଲି ବିକ୍ରି କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ମାଛ ଯାଆଁଳ ଇଞ୍ଜେକଶନ ବା ଭାକ୍ସିନ ପ୍ରୟୋଗ ଯୋଗୁ କୃତ୍ରିମ ଉପାୟରେ ଉତ୍ପାଦନ ହେଉଥିବା କାନ୍ଥି ଅଞ୍ଚଳର ଜଣେ ବ୍ୟବସାୟୀ କହିଛନ୍ତି।

ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର ମାଛ ଚାଷୀ ଏହି ଯାଆଁଳକୁ ପୋଖରୀରେ ଛାଡ଼ିଲା ପରେ ବର୍ଷକ ମଧ୍ୟରେ ୪ରୁ ୫ ଶହ ଗ୍ରାମରୁ ଅଧିକ ମାଛ ବଢୁ ନାହାନ୍ତି ବୋଲି ବାବାଜୀ ବେହେରା, ସଦାଶିବ ରାଉତ, ଦୀନବନ୍ଧୁ ସ୍ୱାଇଁ, ଶୁକଦେବ ମଣ୍ଡଳ, ହରିପଦ ଜେନା ପ୍ରମୁଖ କେତେଜଣ ଚାଷୀ କହିଛନ୍ତି। ତେବେ ମୌସୁମୀ ବର୍ଷା ଆରମ୍ଭରେ ଉପରମୁଣ୍ଡ ହୀରାକୁଦ ଜଳଭଣ୍ଡାରରେ ମଧୁର ଜଳରେ ବଡ ମାଛଗୁଡ଼ିକ ପ୍ରାକୃତିକ ଅଣ୍ଡାଦାନ କରିଥାନ୍ତି। ଏହି ପ୍ରାକୃତିକ ମାଛ ଅଣ୍ଡା ବନ୍ୟାଜଳରେ ବଡ଼ ବଡ଼ ଫେଣ ଆକାରରେ ଭାସିଆସେ। ସ୍ଥାନୀୟ ଯାଆଁଳ ବ୍ୟବସାୟୀ ତଳମୁଣ୍ଡର ନଦୀ ନାଳରୁ ଫେଣ ସଂଗ୍ରହ କରିଥାନ୍ତି। ଏହାକୁ ସ୍ଥାନୀୟ ମାଛ ଚାଷୀଙ୍କୁ ବିକ୍ରୟ କରନ୍ତି। ପ୍ରାକୃତିକ ମାଛ ଯାଆଁଳ ପୋଖରୀରେ ଛାଡ଼ିଲେ ତାହା ବର୍ଷକ ମଧ୍ୟରେ ୨ରୁ ୩ କିଲୋ ବଢ଼ିଥାନ୍ତି ବୋଲି ଚାଷୀ ନାଥ କୁମାର ଭୋଳ, ଲକ୍ଷ୍ମୀଧର ସ୍ୱାଇଁ, ଉପେନ୍ଦ୍ର ଜେନା ପ୍ରମୁଖ କହିଛନ୍ତି। ମହାକାଳପଡ଼ା ଅଞ୍ଚଳରେ ଏହି ମାସରେ ମାଛ ଯାଆଁଳ ଉତ୍ପାଦନ ହେଉନାହିଁ। ତେଣୁ ମାଛ ଚାଷୀମାନେ ବାଧହୋଇ ପଶ୍ଚିମବଙ୍ଗ ଅଞ୍ଚଳର କୃତ୍ରିମ ଯାଆଁଳ ଉପରେ ନିର୍ଭର କରୁଥିବା ଚାଷୀମାନେ କହିଛନ୍ତି। ଜିଲା ମତ୍ସ୍ୟ ବିଭାଗ ଏଥିପ୍ରତି ଯତ୍ନବାନ ହେବା ପାଇଁ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ବର୍ଷାଋତୁରେ ମହାକାଳପଡ଼ା ଅଞ୍ଚଳରୁ ପ୍ରାକୃତିକ ଯାଆଁଳ କୋଲ୍‌କାତା ଯାଉଛି। ସେଠାରୁ କୃତ୍ରିମ ଯାଆଁଳ ଆଣି ଏଠାରେ ବିକ୍ରି କରାଯାଉଛି। ଏ ସମ୍ପର୍କରେ ମହାକାଳପଡ଼ା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କୌଶଲ୍ୟାଗଙ୍ଗରେ ମଧୁର ମାଛ ଯାଆଁଳା ଉତ୍ପାଦନ ହେଉଛି। ଖୁବ୍‌ଶୀଘ୍ର ଏହି ଅଞ୍ଚଳର ମାଛଚାଷୀଙ୍କୁ ସୁଲଭ ମୂଲ୍ୟରେ ଯାଆଁଳ ଯୋଗାଇଦେବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ମହାକାଳପଡ଼ା ବ୍ଲକ ଅଞ୍ଚଳରେ କୃତ୍ରିମ ମାଛ ଯାଆଁଳ ପୋଖରୀରେ ଗାଞ୍ଜି ଜାଲରେ ସଂରକ୍ଷିତ।

# ରାଜସ୍ୱ ନିରୀକ୍ଷକଙ୍କୁ ଅପହରଣ, ଜଣେ ଅଟକ

**ଚଣ୍ଡିଖୋଲ,୧୯।୫(ଡି.ଏନ.ଏ.)**

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକ ସୋମନାଥ ସାମଲଙ୍କୁ ଅପହରଣ କରାଯିବା ସହ ମାଡ଼ ମରାଯାଇଛି। ଏହି ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ବରଦା ଗ୍ରାମର ଅନନ୍ତ ନାରାୟଣ ଧଳଙ୍କୁ ଅଟକ ରଖିଛି।

ପୋଲିସ ସୂଚନା ମୁତାବକ, ରାଜସ୍ୱ ନିରୀକ୍ଷକ ସାମଲ ଗୁରୁବାର ବନ୍ଦରେଶ୍ୱରସ୍ଥିତ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ଅନନ୍ତଙ୍କ ନେତୃତ୍ୱରେ ୫ଜଣ ଯୁବକ ହଠାତ୍ ସେଠାରେ ପହଞ୍ଚି ଲିଗାଲହେୟାର ସାର୍ଟିଫିକେଟରେ ତଦନ୍ତ ରିପୋର୍ଟ ହେରଫେର ପାଇଁ ଧମକ ଦେଇଥିଲେ। ଏଥିରେ ସୋମନାଥ ରାଜି ନ ହେବାରୁ ସେମାନେ ତାଙ୍କୁ ଜୋରଜବରଦସ୍ତ ଏକ ଗାଡ଼ିରେ ଅପହରଣ କରିନେଇଥିଲେ। ସେଠାରେ ତାଙ୍କୁ ବନ୍ଧୁକ ଦେଖାଇ ଧମକ ଚମକ ଦେବା ସହ ମାଡ଼ ମଧ ମାରିଥିଲେ।

ଏନେଇ ରାଜସ୍ୱ ନିରୀକ୍ଷକ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କୁ ଜଣାଇଥିଲେ। ତହସିଲଦାର ଘଟଣା ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାଧିକାରୀଙ୍କୁ ଜଣାଇଥିଲେ। ପୋଲିସ ତରଫରୁ ଯୋଗାଯୋଗ କରାଯିବା ପରେ ସେମାନେ ରାଜସ୍ୱ ନିରୀକ୍ଷକଙ୍କୁ ଛାଡ଼ି ଦେଇଥିଲେ। ଏନେଇ ରାଜସ୍ୱ ନିରୀକ୍ଷକଙ୍କ ଏତଲାକ୍ରମେ ପୋଲିସ ବିକ୍ରମତିରଣ ଗ୍ରାମରେ ଚଢ଼ାଉ କରି ଅନନ୍ତଙ୍କୁ କାବୁ କରିଥିଲା। ସୂଚନାଥାଉକି, ପୂର୍ବରୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭରତପୁରଠାରେ ୨ଟି ପୋଲିସ ଗାଡ଼ି ପୋଡ଼ି ଘଟଣା ଓ ଗଣ୍ଡଗୋଳରେ ଅନନ୍ତଙ୍କ ସମ୍ପୃକ୍ତି ରହିଥିଲା। ଏହାସହ ଅନନ୍ତଙ୍କ ନାମରେ ବାଲିଚନ୍ଦ୍ରପୁର ଥାନାରେ ଏକାଧିକ ମାମଲା ରହିଛି। ବିଭିନ୍ନ ଆପରାଧିକ ମାମଲାରେ ଜଡିତ ଥିବାରୁ ଅତିରିକ୍ତ ଜିଲାପାଳଙ୍କ କୋର୍ଟରେ ପୋଲିସ ପକ୍ଷରୁ ତାଙ୍କ ନାମରେ ୧୧୦ ସିଆରପିସିରେ ମାମଲା ମଧ ରୁଜୁ କରାଯାଇଥିଲା।




# ବରିଷ୍ଠ ନାଗରିକଙ୍କୁ ପୋଲିସର ମାଡ଼

**ଯାଜପୁର ଅଫିସ,୧୯।୫**

ଯାଜପୁର ଜିଲା ଜେନାପୁର ଥାନା ସବ୍‌ଇନ୍ସପେକ୍ଟର ଜଣେ ବୃଦ୍ଧଙ୍କୁ ମାଡ଼ ମାରିବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ଜବାବ ତଲବ କରିଛନ୍ତି। ଥାନା ଅନ୍ତର୍ଗତ ଅଞ୍ଜିରା ରଘୁନାଥପୁର ଗାଁର ଇନ୍ଦ୍ରମଣି ରାଉତ (୬୨)ଙ୍କ ପକ୍ଷରୁ ଜାତୀୟ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଦ୍ୱାରା ଆଗତ ଅଭିଯୋଗକୁ ଏନ୍‌ଏଚ୍‌ଆରସି ଗମ୍ଭୀରତାର ସହ ଗ୍ରହଣ କରି ପଦକ୍ଷେପ ଭିତ୍ତିକ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ପୀଡ଼ିତ ଇନ୍ଦ୍ରମଣି ଏପ୍ରିଲ ୧୩ରେ ଜମିବାଡ଼ି ବିବାଦକୁ ନେଇ ପଡୋଶୀଙ୍କ ଦ୍ୱାରା ଗଣ୍ଡଗୋଳ ସମ୍ପର୍କରେ ଜେନାପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ଥାନାରେ ଥିବା ସବ୍‌ଇନ୍ସପେକ୍ଟର ବାସୁଦେବ ପରିଡ଼ା ଉତ୍ତ୍ୟକ୍ତ ହୋଇ ଇନ୍ଦ୍ରମଣିଙ୍କୁ ୩ ଚାପୁଡ଼ା ମାରିବା ସହ ତାଙ୍କ ଗୁପ୍ତାଙ୍ଗକୁ ଲକ୍ଷ୍ୟ କରି ଯୋତାରେ ଦୁଇ ଗୋଇଠା ଦେଇଥିଲେ। ଜମିଜମା ବିବାଦ ନେଇ ବନ୍ଦୋବସ୍ତ କମିଶନରଙ୍କ ଅଦାଲତରେ ମାମଲା ଚାଲିଥିବା ବେଳେ ତାଙ୍କ ଦଖଲରେ ଥିବା ଜମିକୁ ପ୍ରତିପକ୍ଷଙ୍କୁ ଛାଡ଼ି ଦେବାକୁ ସମ୍ପୃକ୍ତ ଅଧିକାରୀ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଏହାସହ ପୋଲିସ ବାବୁ ତାଙ୍କଠାରୁ ଜବରଦସ୍ତ ଏକ ରାଜିନାମାପତ୍ର ସ୍ୱାକ୍ଷର କରାଇ ନେଇଥିଲେ। ଏଭଳି ମାଡ଼ରେ ସେ ଆଘାତ ପ୍ରାପ୍ତ ହୋଇ ପ୍ରଥମେ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେବା ପରେ ଯନ୍ତ୍ରଣା ପ୍ରଶମିତ ନ ହେବାରୁ ସେହିଦିନ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏ ନେଇ ଇନ୍ଦ୍ରମଣି ଏପ୍ରିଲ ୨୯ରେ ଏସ୍‌ପିଙ୍କ ନିକଟକୁ ରେଜିଷ୍ଟ୍ରି ମାଧ୍ୟମରେ ଲିଖିତ ଅଭିଯୋଗ ପଠାଇଥିଲେ। ମାତ୍ର ଏସ୍‌ପିଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେ ଏନଏଚ୍‌ଆରସି କର୍ମୀ ବିଶ୍ୱାଳଙ୍କ ସହ ଯୋଗାଯୋଗ କରି ସମସ୍ୟା ଜଣାଇଥିଲେ। ବୁଧବାର ଏ ନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଏକ ପିଟିସନ (ଡ଼ାଏରୀ ସଂଖ୍ୟା-୭୭୭୬/ଆଇଏନ୍/୨୦୨୨) ଦାୟର ହୋଇଥିଲା। ଅଭିଯୋଗକୁ ଗ୍ରହଣ କରି ଗୁରୁବାର କମିଶନଙ୍କ ପକ୍ଷରୁ ଅତିରିକ୍ତ ରେଜିଷ୍ଟ୍ରାର (ଆଇନ୍) ଯାଜପୁର ଏସ୍‌ପିଙ୍କୁ ନୋଟିସ ଜାରି କରିଛନ୍ତି।







## ଶାନ୍ତିବଜାର ଦୋକାନ ଉଚ୍ଛେଦ ଉପରେ ରହିତାଦେଶ

**ଧର୍ମଶାଳା,୧୯।୫ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଶାନ୍ତିବଜାର ଉତ୍ତରପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ ଉଚ୍ଛେଦ ପାଇଁ ରାସ୍ତା ଓ ଗୃହନିର୍ମାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନୋଟିସ ଦେଇଥିଲେ। ଏ ସମ୍ପର୍କରେ ଧର୍ମଶାଳା ତହସିଲଦାରଙ୍କୁ ବିଭାଗ ପକ୍ଷରୁ ଉଚ୍ଛେଦ ପାଇଁ ଅବଗତ କରାଯାଇଥିଲା। ଏହି ନୋଟିସ ପ୍ରତିବାଦରେ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ପରିକ୍ଷିତ ରାଉତ, ବିଜୟ କୁମାର ରାଉତ, ଆଦିକନ୍ଦ ସାହୁ, ସଚ୍ଚିଦାନନ୍ଦ ସାହୁ ହାଇକୋର୍ଟରେ ସ୍ଥଗିତାଦେଶ ପାଇଁ ଅବେଦନ କରିଥିଲେ। ଏ ନେଇ କୋର୍ଟରେ ୪ଟି ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଜୀବନଜୀବିକାକୁ ଗୁରୁତ୍ୱ ଦେଇ ଦୋକାନ ଉଚ୍ଛେଦ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଛନ୍ତି। ୪୫ଦିନ ମଧ୍ୟରେ ସମସ୍ତ ତଥ୍ୟ ପ୍ରମାଣ ସହ କୋର୍ଟରେ ହାଜର ହେବାକୁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ସିଂହପୁର,୧୯।୫ (ଡି.ଏନ.ଏ.)**

ବିଞ୍ଝାରପୁର ଥାନା ସିଂହପୁର ଗାଁର ରମାକାନ୍ତ ସାହୁ (୫୨)ଙ୍କ ଗୁରୁବାର ଗଛରେ ପିଟି ହୋଇ ମୃତ୍ୟୁ ଘଟିଛି। ସେ ମଧ୍ୟାହ୍ନରେ ସିଂହପୁରରୁ ବାଇକ୍ ଚଳାଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ସିଂହପୁର କଲେଜ ଛକ ନିକଟ ଏକ ଗଛରେ ବାଡ଼େଇ ହୋଇ ପଡ଼ି ଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ରମାକାନ୍ତଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

